ମୋହନ ସ୍ମରଣିକା

(୧୮୯୧—୧୯୭୩)

ସଙ୍କଳକ :

ସୁଭଦ୍ରା-ନନ୍ଦନ

Digitized by srujanika@gmail.com

ମୋହନ ସ୍ମରଣିକା

(୧୮୯୧—୧୯୭୩)

ମୁଖବନ୍ଧ :

ମାନ୍ୟବର ପବିତ୍ରମୋହନ ପ୍ରଧାନ

(ଓଡ଼ିଶାର ଶିକ୍ଷା ଓ କୃଷିମନ୍ତ୍ରୀ)

ସଙ୍କଳକ :

ସୁଭଦ୍ରା-ନନ୍ଦନ

ପ୍ରକାଶକବୃନ୍ଦ :

କମଳାକାନ୍ତ, ଅଜିତକୁମାର, କାଶୀନାଥ, ସରୋଜିନୀ,
ହରପ୍ରିୟା, ମୁକ୍ତା, ମୀରା, ପ୍ରମୋଦିନୀ

Digitized by srujanika@gmail.com

ସଙ୍କଳକଙ୍କ ଦ୍ୱାରା ସର୍ବସ୍ୱତ୍ୱ ସଂରକ୍ଷିତ

ପ୍ରଥମ ସଂସ୍କରଣ—୧୯୬୩
(ଆଦ୍ୟ ଶ୍ରାଦ୍ଧ ଦିବସ—ତା ୬-୧୦-୬୩)

ମୁଦ୍ରକ :
ଶ୍ରୀ ନେତ୍ରାନନ୍ଦ କର
ନୀଳକଣ୍ଠ ପ୍ରେସ
କଟକ-୨

ପ୍ରଚ୍ଛଦ ଓ ପ୍ରତିକୃତି ମୁଦ୍ରକ :
ମନମୋହନ ପ୍ରେସ
କଟକ-୨

ପ୍ରାପ୍ତିସ୍ଥାନ :
ମନମୋହନ ପୁସ୍ତକାଳୟ
ଚାନ୍ଦନୀଚୌକ, କଟକ-୨
୧୨୩।୧ଏ, ବହୁବଜାର ଷ୍ଟ୍ରୀଟ୍
କଲିକତା-୧୨

ମୂଲ୍ୟ :
ମନଯୋଗ ସହ ପଠନ ଓ
ଆଗ୍ରହୀବନ୍ଧୁଙ୍କୁ ହସ୍ତାନ୍ତର

Digitized by srujanika@gmail.com

ଆମ୍ଭର ତୀର୍ଥଯାତ୍ରାରେ
ଯେଉଁମାନଙ୍କର ଜୀବନ ଦିଗନ୍ତରେ
ସିନ୍ଦୁର ସୂର୍ଯ୍ୟ ଅସ୍ତ
ହୋଇଗଲା, ସେହି ମୋର
ପରମାରାଧ୍ୟା
ସୁଭଦ୍ରା ଦାସ ଓ
କ୍ଷେତ୍ରମଣି ଦାସ
ମାତୃଦ୍ୱୟଙ୍କ
ପାଦପଦ୍ମରେ
ଉତ୍ସର୍ଗିତ

*

ସଙ୍କଳକ

Digitized by srujanika@gmail.com

RASHTRAPATI BHAVAN,
New Delhi 4.
September 12, 1963.

My dear Sri Praphulla Chandra Das,

I am very sorry to know that your father passed away. These are inevitable events for which we have to prepare ourselves. The second chapter of the Gita gives us words of comfort in such situations. Death is passing on to another stage. Life is full of changes and death is a major change. I hope you will have the courage to face this challenge and continue your service to Oriya literature.

With the best wishes,

Yours sincerely,
S. Radhakrishnan

UNITED NATIONS
New York.
19 September 1963

Dear Mr. Prafulla Chandra Das,

I am very sorry to learn of your father's death and send you my condolences.

With best wishes.

Sincerely yours,
Ralph J. Bunche
Under Secretary and
Nobel Peace Prize Laureate

Digitized by srujanika@gmail.com

September 19. 1963

Dear Mr. Das

I send my sincere condolences and I congratulate you on having such a parent, kind and understanding, as I can see he was. I am sure that the inspiration of his life and presence will continue with you always.

With kind regards, I am

Sincerely yours,
Pearl S. Buck
Nobel Literary Prize Laureate

19th September, 1963.

My dear Mr. Prafulla Chandra Das,

You may rest assured that I feel profoundly for you in the sorrow which has befallen you in the death of your revered father.

Apart from your spiritual distress I trust that you will find the material means of continuing the work which you have been doing heretofore. I can only regret, in that connection that my means do not permit me to contribute monetary help.

May I once more repeat the expression of my deep sorrow at the death of your revered father and my very deep regret that circumstances do not permit me to furnish material aid for the continuation of your work.

Yours most sincerely,
Sir Norman Angell
Nobel Peace Prize Laureate

Digitized by srujanika@gmail.com

MINISTER,
EDUCATION & CULTURAL AFFAIRS, INDIA.
New Delhi.

September 21, 1963

Dear Shri Prafulla Chandra Das,

I am very sorry to learn that you lost your father. Please accept my sincere condolences in your great bereavement.

I admire your courage and interest in cultural affairs that in such circumstances, you are compiling a volume in his memory.

Yours sincerely,
Humayun Kabir

19th September 1963.

My dear Friend,

...and I hasten to send you these few lines to express my sincere sympathy in your bereavement. May your faith sustain you and may you seek solace in the realization that to the Soul, Death ever comes as the Deliverer and the Friend. The grief is for those who remain behind and I fully appreciate the fact that on the physical plane you will miss the presence of yout beloved father.

...I wish I could send you the influence of the blessed atmosphere of this beautiful and peaceful mountain abode. I send you my best thoughts, dear Friend, and once again the assurance of my heartfelt sympathy.

With friendliest regards,

Very sincerely yours,
Sophia Wadia
Founder and Editor,
The Indinn P. E. N.

Digitized by srujanika@gmail.com

SAHITYA AKADEMI
New Delhi.
18 September 1963

Dear Sri Das,

I am deeply grieved to learn of your bereavement and offer you my heart-felt sympathies. I know what it means, for I lost my father early this year. Much as I loved him, I knew that death in his case was a release from pain and suffering—an end to be greeted as a friend and not dreaded as a foe.

My best wishes for the success of the volume you are planning in your father's memory.

With kind regards.

Yours sincerely,
K. R. Kripalini
Secretary

Calcutta, 25 September 1963.

Dear Shri Prafulla Chandra Das,

I was really shocked to learn the demise of your father on the 6th September. He is definitely one of those rare beings whose life shines always like a beacon. It reads like a romance when we learn that he purchased the building where he himself started his life at Re. 1/-. I am happy to learn that you have decided to bring out a souvenir about him on the day of his Sradha ceremony. Stories of his life should be given wide publicity as such life acts as an inspiration to the frustrated youth of the day.

I pray to God for giving you strength to bear his loss. May his soul rest in peace.

Yours sincerely,
S. N. Guha Ray

President of the Bengal Printers Association and President of the All-India Type Founders Conference.

Digitized by srujanika@gmail.com

VICE-PRESIDENT
INDIA
New Delhi
Sept. 20, 1963.

Dear Shri Das,

I am sorry to hear about the passing away of your father. My deepest sympathy in your great bereavement. It is up to you now to continue the good work that your father had been doing. In that you have my best wishes.

Yours sincerely
Zakir Husain

Digitized by srujanika@gmail.com

ମୁଖବନ୍ଧ

ସ୍ୱର୍ଗତଃ ଶ୍ରୀ ମୋହନ ଚରଣ ଦାସଙ୍କର ଆଦ୍ୟ ଶ୍ରାଦ୍ଧ ଦିବସ ଉପଲକ୍ଷେ ଏକ ସଙ୍କଳନ ଗ୍ରନ୍ଥ "ମୋହନ ସ୍ମରଣିକା" ନାମରେ ପ୍ରକାଶ କରିବା ପାଇଁ ତାଙ୍କର ସୁଯୋଗ୍ୟ ପୁତ୍ର ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଦାସ ମହୋଦୟ ଯେଉଁ ଉଦ୍ୟମ କରୁଛନ୍ତି ତାହା ଅତ୍ୟନ୍ତ ସାଧୁ ପ୍ରସଙ୍ଗ ଅଟେ । ସ୍ମରଣିକାରେ ଯେଉଁସବୁ ବିଷୟଗୁଡ଼ିକ ପ୍ରକାଶ କରିବା ପାଇଁ ପ୍ରକାଶକ ସ୍ଥିର କରିଛନ୍ତି ସେ ସବୁ ଅତ୍ୟନ୍ତ ଉପାଦେୟ । ମୋହନ ଚରଣ ଆଜି ଓଡ଼ିଶାର ପଲ୍ଲୀପଲ୍ଲୀରେ ପରିଚିତ ନ ଥିଲେ ସୁଦ୍ଧା ଦିନ ଥିଲା ଯେତେବେଳେ ସମଗ୍ର ଓଡ଼ିଶା ତଥା ଓଡ଼ିଶା ବାହାରେ ଥିବା ଶିକ୍ଷିତ ଲୋକମାନେ ତାଙ୍କ ନାମ ଜାଣି ପାରିଥିଲେ । ଯେତେବେଳେ ଓଡ଼ିଶାରେ ମୁଦ୍ରଣ ବ୍ୟବସାୟ ଓ ପୁସ୍ତକ ପ୍ରକାଶନ ଖୁବ କମ ଥିଲା ସେହି ସମୟ ମଧ୍ୟରେ ମୋହନ ଚରଣ ଏହି କାର୍ଯ୍ୟ ଗୁଡ଼ିକ ଆରମ୍ଭ କରି ଓଡ଼ିଆ ଲୋକଙ୍କର ପ୍ରଭୂତ ଉପକାର କରିବା ସଙ୍ଗେ ସଙ୍ଗେ ଓଡ଼ିଶାର ଶିକ୍ଷିତ ଲୋକଙ୍କଦ୍ୱାରା ଆଦୃତ ହୋଇଥିଲେ ।

ମୋହନ ଚରଣ ସ୍ମରଣିକା ପ୍ରକାଶନ ଦ୍ୱାରା ଆଜି ଆମ୍ଭ-, ମାନଙ୍କର ନୈରାଶ୍ୟ ଏବଂ ହତାଶ ହୃଦୟରେ ଅନୁପ୍ରାଣନ ଓ ଉଦ୍ଦୀପନା ଜାଗ୍ରତ ହେବାର ଏକ ସୁଯୋଗ ମିଳିବ । ତାଙ୍କ ଜୀବନୀ ଆଲୋଚନା କଲେ ଜଣାଯାଏ ଯେ ପୂର୍ବେ ଯେଉଁଠି ପେଟ୍ରିୟଟ ପ୍ରେସ ଥିଲା ସେହିଠାରେ ସେ ଦୁଇଟଙ୍କା ବେତନରେ ଛ'ମାସ କମ୍ପୋଜିଟରର କାର୍ଯ୍ୟ ଶିକ୍ଷା କରି କର୍ମଜୀବନ ଆରମ୍ଭ କରିଥିଲେ । ତା' ପରେ ସେ କଲିକତାରେ ଗୋଟିଏ ଛାପାଖାନାରେ ମାସିକ ପାଞ୍ଚ ଟଙ୍କା ବେତନରେ କମ୍ପୋଜିଟର ଭାବେ କାର୍ଯ୍ୟ କରିଥିଲେ । ଗୃହକର୍ତ୍ତ୍ରୀ

Digitized by srujanika@gmail.com

ଜୀବନର ପାଞ୍ଚ ବର୍ଷ ପରେ ମନମୋହନ ପୁସ୍ତକାଳୟ ଓ ପ୍ରେସ ପ୍ରତିଷ୍ଠା କରିଥିଲେ । ପ୍ରବାସୀ ଓଡ଼ିଆଙ୍କର କଲିକତାରେ ଶିକ୍ଷାର ପ୍ରସାର ଓ ଅନ୍ୟାନ୍ୟ ସୁବିଧା ପାଇଁ ସେ ମହୋଦୟ ଚେଷ୍ଟା କରୁଥିଲେ । ତେଣୁ କଲିକତାବାସୀ ଓଡ଼ିଆମାନେ ତାଙ୍କ ପ୍ରତି ବିଶେଷ ଅନୁରକ୍ତ ଥିଲେ । ମନମୋହନ ପ୍ରେସ, ପୁସ୍ତକାଳୟ, ଟାଇପ୍ ଫାଉଣ୍ଡ୍ରି ଓ ଔଷଧ ଭଣ୍ଡାର ପ୍ରତିଷ୍ଠା କରି ଓଡ଼ିଶାବାସୀଙ୍କର ଉପକାର କରିବା ସଙ୍ଗେ ସଙ୍ଗେ ପ୍ରେସ କାର୍ଯ୍ୟରେ ସେ ଅଗ୍ରଦୂତ ରୂପେ କାର୍ଯ୍ୟ କରୁଥିଲେ । ତାଙ୍କ ଜୀବନରୁ ଆଜିର ଓଡ଼ିଆମାନେ ଏହି ଶିକ୍ଷା ଗ୍ରହଣ କରିବେ ଯେ ମଣିଷ ନିଃସ୍ୱ ଏବଂ କମ ଶିକ୍ଷା ପାଇଥିଲେ ସୁଦ୍ଧା ସତ ଇଚ୍ଛା ଥିଲେ ଉପାୟ ବଳେ ଆସେ ଏବଂ ମଣିଷ ନିଜ ଜୀବନରେ ଉନ୍ନତି କରି ଅନ୍ୟକୁ ଉନ୍ନତ ହେବା ପାଇଁ ଆଦର୍ଶ ପନ୍ଥା ଦେଖାଏ । ଦୁଇଟଙ୍କା ବେତନରେ କାର୍ଯ୍ୟ କରୁଥିବା ଜଣେ ବ୍ୟକ୍ତି ଯଦି ନିଜ ପାଇଁ ତଥା ନିଜ ଜାତି ନିମନ୍ତେ ଉପକାର କରି ପାରନ୍ତି ତେବେ କୌଣସି ବ୍ୟକ୍ତି ଯେତେ କମ୍ ଶିକ୍ଷିତ ଓ ନିର୍ଦ୍ଧନ ହେଉନା କାହିଁକି ଜୀବନରେ ହତାଶ ଏବଂ ନିରାଶ ହେବା ଅନୁଚିତ । ଏହି ଆଦର୍ଶ ଶ୍ରୀ ମୋହନ ଚରଣ ଆମ୍ଭମାନଙ୍କ ପାଇଁ ରଖି ଯାଇଛନ୍ତି ।

ଶ୍ରୀ ମୋହନ ଚରଣ ରାମାୟଣ ପ୍ରକାଶ କରି ଓଡ଼ିଶାବାସୀଙ୍କର ଏକ ବଡ଼ ଅଭାବ ପୂରଣ କରି ଯାଇଛନ୍ତି । ରାମାୟଣ ପ୍ରକାଶନରୁ ଶ୍ରୀ ମୋହନ ଚରଣଙ୍କର ଧାର୍ମିକ ଓ ଆଦର୍ଶ ଜୀବନ ଯାପନ ପ୍ରମାଣିତ ହେଉଛି । ଲେଖକ ହିସାବରେ ମଧ୍ୟ ତାଙ୍କର ପ୍ରଥମ ରଚନା "ସଙ୍ଗୀତ ପାଟଲି କଦଳୀ" ପ୍ରଥମ ଥାଳୀ, ଦ୍ୱିତୀୟ ଥାଳୀ ଇତ୍ୟାଦି ସେ ସମୟରେ ବେଶୀ ଆଦୃତ ହେଉଥିଲା । ସେ ସବୁ ପ୍ରଥମେ ନୋବେଲ ସାହିତ୍ୟ ପୁରସ୍କାର ପ୍ରାପ୍ତ

Digitized by srujanika@gmail.com

ପୁସ୍ତକମାନ ଓଡ଼ିଆରେ ଅନୁବାଦ କରାଇ ପ୍ରକାଶ କରିଥିଲେ । ଏହି କାର୍ଯ୍ୟମାନଙ୍କରୁ ସେ ଜଣେ ଲେଖକ ଭାବେ ପରିଚିତ ହେବା ସଙ୍ଗେ ସଙ୍ଗେ ତାଙ୍କର ଉଚ୍ଚ ଶିକ୍ଷା ମଧ୍ୟ ପ୍ରମାଣିତ ହୋଇଥିଲା । ମୋହନ ଚରଣ ସ୍ୱର୍ଗାରୋହଣ କରିଛନ୍ତି, କିନ୍ତୁ ସେ ଆମ୍ଭମାନଙ୍କ ପାଇଁ ଏକ ଆଦର୍ଶମୟ ଜୀବନ ଦେଖାଇ ଯାଇଛନ୍ତି । ସତ୍‌ଚେଷ୍ଟା ଓ ଅଧ୍ୟବସାୟ ଦ୍ୱାରା ମନୁଷ୍ୟ ଦାରିଦ୍ର୍ୟ, ଅଭାବ ଓ ଅଶିକ୍ଷାରୂପୀ ଶତ୍ରୁକୁ ପରାହତ କରି ନିଜର ତଥା ସମାଜର କିପରି ଉପକାର କରି ପାରିବ, ମୋହନ ଚରଣଙ୍କର ଜୀବନୀରୁ ଏହା ପ୍ରମାଣିତ ହୁଏ । ପାଠକ ପାଠିକାମାନେ ଏହି ଜୀବନୀ ଦ୍ୱାରା ପ୍ରଣୋଦିତ ହୋଇ କାର୍ଯ୍ୟକଲେ ସେମାନେ ନିଜେ ଉପକୃତ ହେବା ସଙ୍ଗେ ସଙ୍ଗେ ସମାଜର ଉପକାର କରିବେ ବୋଲି ଆଶା ।

ଭୁବନେଶ୍ୱର
୧ । ୧୦ । ୧୯୬୩

ଶ୍ରୀ ପବିତ୍ର ମୋହନ ପ୍ରଧାନ
ଓଡ଼ିଶାର ଶିକ୍ଷା ଓ କୃଷିମନ୍ତ୍ରୀ

Digitized by srujanika@gmail.com

କୃତଜ୍ଞତା ସ୍ୱୀକାର

ଅଖଣ୍ଡ କର୍ମ ବ୍ୟସ୍ତତା ସତ୍ତ୍ୱେ ବି ଯେଉଁ ମାନବାତ୍ମାମାନେ ମୋ' ଭଳି ଅକିଞ୍ଚନକୁ ଅବିଚ୍ଛିନ୍ନ ଅନୁସିକ୍ତ କରି ଏହି ସଂକଳନଟି ସଫଳ କରିଛନ୍ତି ସେହି ପରମାତ୍ମାମାନଙ୍କୁ ମୁଁ ସକୃତଜ୍ଞ ଚିତ୍ତରେ ସଭକ୍ତି ପ୍ରଣାମ ଜଣାଉଛି ।

ସଂକଳକ

ଆଦ୍ୟଶ୍ରାଦ୍ଧ ଦିବସ
୭-୧୦-୧୯୭୩
"ମୋହନ ମହଲ"
ବୃଧମାଚୌକ,
କଟକ-୨

ନୂଆଦିଲ୍ଲୀ

୮।୯।୯।୬୩

କଲ୍ୟାଣେଷୁ,

ଆଜି ଖବରକାଗଜରୁ ଆପଣଙ୍କର ପିତାଙ୍କର ସ୍ୱର୍ଗାରୋହଣ ସମ୍ବାଦ ପାଇ ଦୁଃଖିତ ହେଲି ।

ମୋହନବାବୁ ୧୯୨୦, ୨୧ ବେଳୁ କଂଗ୍ରେସ କାର୍ଯ୍ୟରେ ସହାନୁଭୂତିଶୀଳ ଥିଲେ । ସେତେବେଳେ କଟକ ସହରରେ ଅତି ଅଳ୍ପ ସଂଖ୍ୟକ ବ୍ୟକ୍ତିଙ୍କର ସେଥିପାଇଁ ସାହାସ ଥିଲା । ଓଡ଼ିଶାରେ ସୁନ୍ଦର ଛାପା ପ୍ରବର୍ତ୍ତନ କରାଇବାରେ ମୋହନବାବୁ ଅଗ୍ରଣୀ ଥିଲେ । ବ୍ୟକ୍ତିଗତ ଭାବରେ ମୁଁ ତାଙ୍କଠାରୁ ଶ୍ରଦ୍ଧା ପାଇଆସିଛି ।

ଭଗବାନଙ୍କୁ ପ୍ରାର୍ଥନା—ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦାନ କରିବେ । ଇତି ।

ଆପଣଙ୍କର

ନିତ୍ୟାନନ୍ଦ କାନନଗୋ

ଭାରତର ଶିଳ୍ପ ମନ୍ତ୍ରୀ

Digitized by srujanika@gmail.com

କଟକ

ତା ୧୯।୯।୭୩

ପ୍ରିୟ ପ୍ରଫୁଲ୍ଲ,

ମୋହନବାବୁଙ୍କ ଆକସ୍ମିକ ମୃତ୍ୟୁ ସମ୍ବାଦ ମୁଁ ରୋଗଶଯ୍ୟାରେ ଥାଇ ଶୁଣିଲି । ଅବସ୍ଥା ଏପରି ଥିଲା ଯେ, ଚିଠି ଲେଖିବା ପାଇଁ ହାତରେ କଲମ୍ ଧରିବା ସୁଦ୍ଧା ସମ୍ଭବ ହେଲା ନାହିଁ । ଡାହାଣ ହାତ ପାପୁଲି ଓ ଗଣ୍ଠି ଫୁଲି ଯାଇଥିଲା । ଫାଇଲେରିଆ ଆକ୍ରମଣ ହେତୁ ଚିଠି ଲେଖିବାରେ ବିଳମ୍ବ ହେଲା ।

ତୁମ ଭାଇମାନଙ୍କ ଉପରେ ଏବେ ଯେଉଁ ଗୁରୁ ଦାୟିତ୍ୱ ପଡ଼ିଲା ସାହାସର ସହିତ ତମେମାନେ ତାହା ସମ୍ମୁଖୀନ ହେବ ବୋଲି ମୋର ଆଶା । ଏକତା ହେଉଛି ଦୁର୍ବଳର ପ୍ରଧାନ ବଳ ଓ ଅବଲମ୍ବନ । ପରିବାରର ସବୁ ସଦସ୍ୟଙ୍କ ଭିତରେ, ଭାଇମାନଙ୍କ ଭିତରେ ଏକତାର ଭିତ୍ତିକୁ ମଜବୁତ କରିବା ଦ୍ୱାରାହିଁ ତମେମାନେ ଏ ଦିଗରେ ଯଶସ୍ୱୀ ହୋଇ ପାରିବ । ତମ ପରିବାରର ଉନ୍ନତି ଦ୍ୱାରା ଓଡ଼ିଆ ଭାଷାଭାଷୀ ସାରା ଦେଶ ଉପକୃତ ହେବ । ତମେମାନେ ହୁଏତ ତାହା ଆଜି ଠିକ୍ ଉପଲବ୍ଧି କରିପାରୁ ନଥିବ । 'ଗାଁ କନ୍ୟା ସିଙ୍ଘାଣି ନାକି' । ତେଣୁ ମୋହନବାବୁ ଓ ମନମୋହନ ପ୍ରେସର ଜାତିପ୍ରତି ଅବଦାନର ମୂଲ୍ୟାଙ୍କନ ତମ ପକ୍ଷରେ ସହଜାତ ହୋଇ ପାରେ । ତେବେ ମୋର ବିଶ୍ୱାସ ବିଳମ୍ବରେ ହେଲେ ସୁଦ୍ଧା ତମେମାନେ ଏହାର ଗୁରୁତ୍ୱ ହୃଦୟଙ୍ଗମ କରିବ ।

ତମର

ଶରତ ପଟ୍ଟନାୟକ

Digitized by srujanika@gmail.com

ପାଠ୍ୟ ପୁସ୍ତକ ପ୍ରକାଶକ ସମିତି

କଟକ—୨
ତା ୧୯ । ୯ । ୬୩

ପ୍ରିୟ ପ୍ରଫୁଲ୍ଲ ବାବୁ,

ଆପଣଙ୍କର ପିତା ମୋହନଚରଣ ଦାସଙ୍କ ବିୟୋଗରେ ଶୋକ ପ୍ରକାଶ କରି ଏକ ପ୍ରସ୍ତାବ ଗତ ୧୩।୯।୬୩ ବୈଠକରେ ଆମ ପାଠ୍ୟ ପୁସ୍ତକ ପ୍ରକାଶକ ସମିତି ପକ୍ଷରୁ ଗ୍ରହଣ କରାଯାଇ ସ୍ୱର୍ଗତ ଆତ୍ମାର ଶାନ୍ତି କାମନା କରାଯାଇଥିଲା । ପ୍ରସ୍ତାବଟି ନିମ୍ନରେ ଉଦ୍ଧାର କରାଗଲା । ଦୟାକରି ଏହାକୁ ଗ୍ରହଣ କରିବେ ଏବଂ ଆପଣଙ୍କ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଜଣାଇବେ । ଇତି ।

ଆପଣଙ୍କର

ଗୋବିନ୍ଦ ଚରଣ ପାଣ୍ଡ

ପ୍ରସ୍ତାବ

"ମନମୋହନ ପ୍ରେସ ଓ ପୁସ୍ତକାଳୟର ପ୍ରୋପ୍ରାଇଟର ମୋହନ ଚରଣ ଦାସଙ୍କ ବିୟୋଗରେ ଶୋକ ପ୍ରସ୍ତାବ ଆଗତ କରାଯାଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ୧ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏ ପ୍ରସ୍ତାବର ନକଲ ତାଙ୍କ ଜ୍ୟେଷ୍ଠ ପୁତ୍ର ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଦାସଙ୍କ ନିକଟକୁ ପଠାଯିବା ନିମନ୍ତେ ସ୍ଥିର କରାଗଲା ।"

Digitized by srujanika@gmail.com

ଶ୍ରୀଶ୍ରୀ ରାଧା ମୋହନ ଜୀଉ

ଶ୍ରୀ ମା କନକ ଦୁର୍ଗା

Digitized by srujanika@gmail.com



ହିମାଳୟ ଋଷି କେଶର
୰ ଶ୍ରୀ ଶ୍ରୀ ଠାକୁର ସ୍ୱାମୀ ଶିବାନନ୍ଦ
(ମୋହନ ଚରଣ ଏହି ପ୍ରତିକୃତି ଉପରେ ଦୃଷ୍ଟି
ନିବଦ୍ଧ ରଖି ଶେଷ ନିଃଶ୍ୱାସ ତ୍ୟାଗ କଲେ)

Digitized by srujanika@gmail.com

ମୋହନ ସ୍ମରଣେ

କୁମାରୀ ତୁଳସୀ ଦାସ

(କବି ନିକେତନ, କୁଜଙ୍ଗ)

ଦୈନ୍ୟରେ ଜନମି ଯିଏ ବେଦନାରେ ପଖାଳିଲ ପାଦ
ଗତି ପଥେ ନ ମାନିଲ ବାଧା, ବିଘ୍ନ, ବାଦ, ବିସମ୍ବାଦ,
ନ ଶୁଣିଲ ପରିହାସ ନିନ୍ଦା ଅବା ପ୍ରଶଂସାର ବାଣୀ
ଅଭାବରେ ଧୀର ହେଲ ନ ଚଳିଲ ଉନ୍ମାର୍ଗରେ ଜାଣି ।

ଅପମାନେ ପୋଡିହୋଇ ନ ଲୋଡ଼ିଲ କାହାର ଆଶ୍ରୟ
ବିବେକରେ ବଳ ଦେଇ ନ କରିଲ ବିଭବ ସଂଗ୍ରହ,
ଅସାଧ୍ୟ କରିଲ ସାଧ୍ୟ ପ୍ରତ୍ୟୟ ଓ ସାଧନାର ବଳେ
ବାଣିଜ୍ୟେ ବସନ୍ତି ଲକ୍ଷ୍ମୀ ପ୍ରମାଣିଲ ସ୍ୱ-ଶ୍ରମେ ଭୂତଳେ ।

କର୍ତ୍ତବ୍ୟ, ନିଷ୍ଠାରେ ଯିଏ ହେଲ ଧନେ ମଣିଷରେ ଗଣା
ପ୍ରତିଭା-ବିକାଶ ଆଦର୍ଶ ଗଢ଼ିଥିଲ ଅମୃତ ପ୍ରେରଣା
ଭାରତୀ ସେବାରେ ମଜ୍ଜି ବର୍ଜିଲ ବିଳାସ ଲାଳସା
ଭାବୁକ ଭାବନା ରାଜ୍ୟେ ଅଜାଡ଼ିଲ ଆଶାର ବରଷା ।

ଜାତି ପ୍ରେମ-ବହ୍ନି ଯିଏ ଜାଳିଲ ବି ପ୍ରବାସରେ ଯାଇ
ଦେଲ ପୁଣି ସାରସ୍ୱତ ପ୍ରଗତିର ସରିତ ବୁହାଇ,
ସ୍ନେହ, ଶ୍ରଦ୍ଧା ଦାନେ ସଦା କିଣିଲ ବି ଜନଗଣ ମନ
ତା' ମରିବା ପ୍ରଶ୍ନ କାହିଁ ? ନ ପାରିବ ମରି ସେ 'ମୋହନ' ।

Digitized by srujanika@gmail.com

ସ୍ୱର୍ଗତ ସାଧକ ମୋହନ ଚରଣ ଦାସ

ପଣ୍ଡିତ ବିନାୟକ ମିଶ୍ର

(ଭୂତପୂର୍ବ ଅଧ୍ୟାପକ, କଲିକତା ବିଶ୍ୱବିଦ୍ୟାଳୟ)

ସାମାନ୍ୟ କମ୍ପୋଜିଟରର ବୃତ୍ତିକରୁ ଧୀରେ ଧୀରେ ଆର୍ଥିକ ଅବସ୍ଥାର ଉନ୍ନତି କରି ଛପାଖାନା ପ୍ରତିଷ୍ଠିତ କରି ଓ ଉଦୀୟମାନ ଲେଖକଙ୍କର ପୁସ୍ତକ ପ୍ରକାଶ କରି ସେ ବହୁ ସମ୍ପତ୍ତି ଅର୍ଜନ କରିଥିବାରୁ ତାହାଙ୍କୁ ସାଧକ ବୋଲି ସଭିଏଁ ସ୍ୱୀକାର କରିବେ। ପାଠ୍ୟ-ପୁସ୍ତକ ପ୍ରକାଶକମାନେ ତାହାଙ୍କ ପ୍ରକାଶିତ ପୁସ୍ତକଗୁଡ଼ିକୁ କଲିକତାର ବଟତଳା ଛପା ବଙ୍ଗଳା ପୁସ୍ତକ ଶ୍ରେଣୀରେ ଅନ୍ତର୍ଭୁକ୍ତ କରି ବିଦ୍ରୂପ କରୁଥିଲେ। ସେମାନେ ଜାଣି ନଥିଲେ ଯେ ବଟତଳା ଛପାର ଉତ୍ସାହ ଯୋଗୁଁ ବିଶାଳ ବଙ୍ଗ-ସାହିତ୍ୟ ଗଢ଼ି ଉଠିଥିଲା। ନିଜର ଲେଖା ପ୍ରକାଶିତ ହେଲେ ଲେଖକ ଯେତେ ଆନନ୍ଦିତ ହୁଏ ଅର୍ଥ ଲାଭକଲେ ତେତେ ହୁଏ ନାହିଁ। ସେ ଅନେକ ଲେଖକଙ୍କୁ ସେମାନଙ୍କ ଆଶାନୁରୂପ ଅର୍ଥ ଦେଇ ପାରି ନ ଥିବେ। କିନ୍ତୁ ଅର୍ଥର ବହୁଗୁଣ ଉତ୍ସାହ ଦେଇ ଥିଲେ।

କବି କହି ଅଛନ୍ତି, "ଜନାନୁରାଗୋ ଧନକେଷୁ କେବଳଂ।" ଅର୍ଥାତ୍ ଋଣଦାତା କେବଳ ଜନାନୁରାଗ ପାଏ। କିନ୍ତୁ ଜନାନୁରାଗ ଲାଭ ନ କଲେ କେହି ଅର୍ଥ ସଞ୍ଚୟ କରି ଅର୍ଥଦାତା ହୋଇ ନ ପାରେ। ମୋହନ ଚରଣ ଦାସଙ୍କ ଶିଷ୍ଟାଚାର ଓ ମିଷ୍ଟଭାଷା ଜନାନୁରାଗ ଆକର୍ଷଣ କରିଥିଲା। ତାହାଙ୍କ ଜୀବନର ଯାହା ଆଦର୍ଶ ସେତିକି କହି କ୍ଷାନ୍ତ ହେଲି।

Digitized by srujanika@gmail.com

ସ୍ୱର୍ଗତଃ ମୋହନ ଚରଣ

ଡକ୍ଟର ହରେକୃଷ୍ଣ ମହତାବ
(ଭୂତପୂର୍ବ ମୁଖ୍ୟମନ୍ତ୍ରୀ, ଓଡ଼ିଶା)

ଆମେ ଯେତେବେଳେ 'ଦେଶର ପ୍ରଗତି' 'ସମାଜର ପ୍ରଗତି' ବା ଯେ କୌଣସି ଆନୁଷ୍ଠାନିକ ପ୍ରଗତି ଆଲୋଚନା କରୁଁ, ସେତେବେଳେ ଆମ୍ଭେମାନେ ମନେ ପକାଉଁ କି କେତେ ଲୋକଙ୍କ ଆତ୍ମତ୍ୟାଗ ସାଧନା ଫଳରେ ସମୃଦ୍ଧ ଉନ୍ନତି ସାଧିତ ହେବାରେ ଲାଗିଛି । ବନ୍ଧୁ ବନ୍ଧୁ କରି ସମସ୍ତ ଶକ୍ତି ବ୍ୟୟ କରି ସହସ୍ର ସହସ୍ର ବ୍ୟକ୍ତି ବିଶେଷ ଜୀବନ ବ୍ୟାପି ପରିଶ୍ରମ ନ କରୁଥିଲେ କୌଣସି ଦିଗରେ ସମୃଦ୍ଧ ଉନ୍ନତି କେହି ଲକ୍ଷ୍ୟ କରି ପାରନ୍ତେ ନାହିଁ । ଏଣୁ ସେହି ବ୍ୟକ୍ତି ବିଶେଷମାନଙ୍କୁ ସ୍ମରଣ କରିବା ସେମାନଙ୍କୁ ନିଜର ହୃଦୟର ବିନମ୍ର ଅଭିନନ୍ଦନ ଜଣାଇବା ପ୍ରତ୍ୟେକ ଦେଶବାସୀଙ୍କର କର୍ତ୍ତବ୍ୟ । ଶ୍ରୀ ମୋହନ ଚରଣ ଦାସ ସେହିପରି ଏକ ବ୍ୟକ୍ତି ବିଶେଷ ଯେ ସାମାନ୍ୟ ପାଞ୍ଚଟଙ୍କା ମାସ ବେତନରେ କମ୍ପୋଜିଟର କାର୍ଯ୍ୟ କରି ଶେଷରେ କଟକ ଓ କଲିକତାରେ ପ୍ରେସ ଚଳାଇ ସେ କ୍ଷେତ୍ରରେ କୃତିତ୍ୱ ଅର୍ଜ୍ଜନ କଲେ ଓ ଯାହାଙ୍କର ସ୍ୱର୍ଗପ୍ରାପ୍ତି ଗତ ତା ୬ । ୯ । ୬୩ ରିଖ ଦିନ ଘଟିଯାଇଛି । ଶୁଣିଲେ ଉପନ୍ୟାସ ପରି ମନେହେବ କିନ୍ତୁ ଏହା ଐତିହାସିକ ସତ୍ୟ, ପ୍ରେଣ୍ଟିପୁଟ୍ ପ୍ରେସ ଯେତେବେଳେ କଟକରେ ଖୋଲୁଥିଲା, ସେତେବେଳେ ମୋହନ ଚରଣ ଦୁଇଟଙ୍କା ମାସ ପାରିଶ୍ରମିକ ପାଇ କମ୍ପୋଜ କାମ ଶିଖା କଲେ । ତା' ପରେ ୧୦ବର୍ଷ ବୟସରେ କଲିକତା ଯାଇ ସେଠି ମାସିକ ପାଞ୍ଚଟଙ୍କା ବେତନରେ କାର୍ଯ କଲେ । ପରେ ସେ ଷାଠି . ହଜାର ଟଙ୍କାରେ

Digitized by srujanika@gmail.com

ସେଣ୍ଟ ପ୍ରେଟି ଷ୍ଟ୍ରିଟ୍ ପ୍ରେସର କୋଠା କିଣି ସେଇଠି ରହିଲେ । ବଡ଼ ଆକାରରେ ପ୍ରେସ କଲେ । କଲିକତାରେ ମଧ୍ୟ ପୁସ୍ତକ ବିକ୍ରେତା ଭାବରେ ପ୍ରତିଷ୍ଠା ଅର୍ଜନ କଲେ । କଲିକତାରେ ପ୍ରବାସୀ ଓଡ଼ିଆ ଆନ୍ଦୋଳନ ସହିତ ସେ ସମ୍ପୃକ୍ତ ଥିଲେ । କଂଗ୍ରେସ ଆନ୍ଦୋଳନ ବେଳେ ମଧ୍ୟ ସେ ବହୁ ପ୍ରକାର ସାହାଯ୍ୟ ବହୁ ବ୍ୟକ୍ତିଙ୍କୁ କରିଛନ୍ତି । ଉତ୍ତରାର୍ଦ୍ଧର ଏହି ଯେ ମୋହନବାବୁ ପୂର୍ବାହ୍ଣରେ ଦୁଇ ପାଞ୍ଚଟଙ୍କାରେ ଜୀବନ ଆରମ୍ଭ କରିଥିଲେ, ଏହା ଆଜିକାଲିର ଯୁବକମାନେ ବିଶ୍ୱାସ କରିବେ କି ? ବିନା କୌଣସି ପ୍ରକାର ଆରମ୍ଭରେ ସମୃଦ୍ଧିଶାଳୀ ହେବାର ପ୍ରୟାସ ଦେଶ ଓ ସମାଜକୁ ଆଜି ଯେଉଁ ଦୁର୍ନୀତିର ଅନ୍ଧକୂପ ମଧ୍ୟରେ ପକାଇ ଦେଇଛି, ସେଥିରେ ଶ୍ରୀ ମୋହନ ଚରଣ-ଦାସଙ୍କ ପରି ସାର୍ଥକ-ଜନ୍ମା ବ୍ୟକ୍ତିଙ୍କର ଜୀବନୀ ସମ୍ବନ୍ଧେ ଜାଣିବା ଉଚିତ । ସେ ଜୀବନର ସାର୍ଥକତା ଦୃଷ୍ଟିରୁ ନମସ୍ୟ ।

ସ୍ୱର୍ଗତ ଆତ୍ମା ପ୍ରତି ମୋର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି । ମୁଁ ଜାଣିଥିଲି ତାଙ୍କୁ କଲିକତାରେ । କଲିକତାର ଓଡ଼ିଆମାନେ ମୋହନ ବାବୁଙ୍କ ଅଧ୍ୟବସାୟ ଓ କର୍ମନିଷ୍ଠା ଦ୍ୱାରା ପ୍ରଭାବିତ ହୁଅନ୍ତୁ ଓ କଲିକତାରେ ଓଡ଼ିଆ ପ୍ରଭାବ ବୃଦ୍ଧି କରନ୍ତୁ । ଓଡ଼ିଶାରେ ପ୍ରେସ ତଥା ଅନ୍ୟ ଶିଳ୍ପ କ୍ଷେତ୍ରରେ ମୋହନ ବାବୁଙ୍କ ନିଷ୍ଠା ସମସ୍ତଙ୍କର ପଥ ପ୍ରଦର୍ଶକ ହେଉ, ଏହାହିଁ ପ୍ରାର୍ଥନା ।

Digitized by srujanika@gmail.com

ଷ୍ଟେମ ଜର୍ମାନୀରୁ ଏକ ଚିଠି

ଡକ୍ଟର ଚିତ୍ତରଞ୍ଜନ ଦାସ

ବନ୍ଧୁବରେଷୁ,

ପ୍ରଣାମ । କାଲି ଆପଣଙ୍କର ଚିଠି ପାଇଲି । ସେଥିରୁ ଆପଣଙ୍କର ପିତୃଦେବଙ୍କର ମୃତ୍ୟୁସମ୍ବାଦ ଜାଣି ମର୍ମାହତ ହେଲି । କାଲିଠାରୁ ଅଧିକାଂଶ ସମୟହିଁ ମୁଁ ଆପଣଙ୍କ କଥା ଭାବୁଛି, ଆପଣଙ୍କର ସମସ୍ତ ପରିବାରର କଥା ଭାବୁଛି, ସ୍ୱର୍ଗତଃ ପିତୃଦେବଙ୍କର କଥା ଭାବୁଛି, ଓ ମନମୋହନ ପ୍ରେସ୍ କଥା ମଧ୍ୟ ଭାବୁଛି । ଆପଣଙ୍କର ପିତୃଦେବଙ୍କୁ ମୋର କେବେହେଲେ ଦେଖିବାର ସୁଯୋଗ ହୋଇ ନାହିଁ । ତାଙ୍କ ସହିତ ମୁଁ କେବେହେଲେ କୌଣସି ବ୍ୟକ୍ତିଗତ ସମ୍ବନ୍ଧରେ ଆସି-ନାହିଁ । କିନ୍ତୁ ମୁଁ ଆପଣଙ୍କୁ ଜାଣିଛି, ଆପଣଙ୍କର ମାଆଙ୍କୁ ଜାଣିଛି, ଭଉଣୀ ଓ ଭାଇମାନଙ୍କୁ ମଧ୍ୟ ଜାଣିଛି । ଏହି ଜାଣିବା ମଧ୍ୟଦେଇ ଆପଣଙ୍କର ଘର ମଧ୍ୟ କ୍ରମେ ମୋର ଆପଣାର ଘର ପରି ମନେ ହୋଇଛି । ଏବଂ ଏହି ଉପାୟରେ ଅତି ସ୍ୱାଭାବିକ ଭାବରେ ଆପଣଙ୍କର ପିତୃଦେବ ମଧ୍ୟ ମୋର ସମ୍ବନ୍ଧରାଜ୍ୟରେ ଏକ ଅତି ପରିଚିତ ସ୍ଥାନ ଅଧିକାର କରିଛନ୍ତି ।

ମନମୋହନ ପ୍ରେସ ସହିତ ମୋର ପରିଚୟ ଗତ ପ୍ରାୟ ପାଞ୍ଚବରଷର ପରିଚୟ । ଏହି ପ୍ରେସ୍‌ର ଇତିହାସ ହେଉଛି ଆପଣଙ୍କ ପିତୃଦେବଙ୍କର ମଧ୍ୟ ଜୀବନ-ଇତିହାସ । ଏହି ଶତାବ୍ଦୀର ଆରମ୍ଭରେ ଚଉଦ ବରଷର ଜଣେ ଓଡ଼ିଆପିଲା ସାହସରେ ଯେ ହାବଡ଼ା ପୋଲ ପାରିହେବାର କଳ୍ପନା ମଧ୍ୟ କରିପାରିଲା ଓ

Digitized by srujanika@gmail.com

ସେହିଦିନଠାରୁ ଆପଣାର ସ୍ୱପ୍ନ, ଅଭିଳାଷ ଓ ଉଦ୍ୟମକୁ ମିଶାଇ, ସକଳ କର୍ମ ଓ ସକଳ ଶ୍ରେୟର ଅଧିଷ୍ଠାନ ଭଗବାନଙ୍କ ଉପରେ ବିଶ୍ୱାସ ରଖି ଜୀବନର ପରିଣତି ସଙ୍ଗେ ସଙ୍ଗେ ମନମୋହନ ପ୍ରେସ୍ ଓ ପୁସ୍ତକାଳୟ ପରି ଏକ ଅନୁଷ୍ଠାନକୁ ଏକ ପରିଣତ ରୂପ ଦେଇପାରିଲେ, ଅତି ବିସ୍ମିତ ହୋଇ ମୁଁ ଅନେକଥର ଏହିକଥା ହିଁ ଭାବିଛି । ପ୍ରତ୍ୟେକ ବଡ଼ କାମ ସାନ ସ୍ତରରୁ ଆରମ୍ଭ ହୁଏ, କିଛି ନଥିବାରୁ ଏକ ସ୍ଥିତିରୁ ଭଗବାନ ଏହି ସକଳ ପୃଥିବୀର ସୃଷ୍ଟି କରିଥିବା ପରି ଅନୁକୂଳ କ୍ଷେତ୍ର ଓ ଅନୁକୂଳ ସ୍ୱୀକୃତି ପାଇଲେ ମଣିଷ ଭିତରେ ଅପେକ୍ଷା କରି ରହିଥିବା କାରିଗର ଭଗବାନ ମଧ୍ୟ ଯେକୌଣସି ଅକିଞ୍ଚିତ୍କର ମଣିଷର ଜୀବନକୁ ନିମିତ୍ତ କରି ବ୍ୟବହାର କରି କିଛି ନଥିବାରୁ କେତେ କେତେ କମିଆ ସୃଷ୍ଟି କରିଦିଅନ୍ତି । ତାଙ୍କର ଇଚ୍ଛା ଓ ମଣିଷର ଉଦ୍ୟମ ପରସ୍ପର ସହିତ ସହଯୋଗ କରିପାରିଲେ ମାସିକ ଦୁଇଟଙ୍କ ବେତନରେ ପେଟ ପୋଷିବା ଆରମ୍ଭ କରିଥିବା ଓଡ଼ିଆ ପିଲା ଜଣେ ଏକ ବିରାଟ ମୁଦ୍ରଣ ଅନୁଷ୍ଠାନ ମଧ୍ୟ ଗଢ଼ି ଥୋଇଦେଇପାରେ । ଆପଣଙ୍କର ସ୍ୱର୍ଗତଃ ପିତୃଦେବଙ୍କର ଜୀବନରେ ଲକ୍ଷ୍ମୀଙ୍କର ଅନୁଗ୍ରହ ଓ ସରସ୍ୱତୀଙ୍କର ଅଭିଳାଷ ଉଭୟେ ପରସ୍ପର ସହିତ ସହଯୋଗ କରିଥିଲେ, ଶ୍ରୀଯୁକ୍ତ ମୋହନ ଚରଣ ଆପଣା ଜୀବନକୁ ସେତୁ ପରି ପ୍ରସାରିଦେଇ ଏହି ଦୁଇ ଶକ୍ତି ମଧ୍ୟରେ ସହଯୋଗ ସମ୍ଭବ କରି ପାରିଥିଲେ ।

ଶ୍ରୀଯୁକ୍ତ ମୋହନଚରଣ କେବଳ ସଫଳ ବ୍ୟବସାୟ କରି ଜାଣି ନ ଥିଲେ, ସେ ଜଣେ କବି ହିସାବରେ ମଧ୍ୟ ଆପଣା ଜୀବନର ଅନ୍ତର୍ଗତତମ କ୍ଷେତ୍ରରେ ସାର୍ଥକତା ଲାଭ କରିବାକୁ ଆକାଂକ୍ଷା ରଖିଥିଲେ । ସମ୍ଭବତଃ ସେଇଥିଲାଗି ସେ ଲକ୍ଷ୍ମୀଙ୍କର ଆଶୀର୍ବାଦକୁ ସରସ୍ୱତୀଙ୍କର କାମରେ ଲଗାଇ ପାରିଥିଲେ । କଟକର ବାଲୁଗୋଦାମ-

Digitized by srujanika@gmail.com

ଠାରୁ ଉପକଣ୍ଠୀୟ ଯେକୌଣସି ସହରର ବିକାକିଣାର ବଡ଼ପେଣ୍ଠ ପର୍ଯ୍ୟନ୍ତ ଲକ୍ଷ୍ମୀଙ୍କର ଏକାଧିକ ବାହନଙ୍କ ସହିତ ମୋର ପରିଚୟ ଘଟିଛି । ଲାଭରୁ ସିଦ୍ଧି, ଓ ସିଦ୍ଧିରୁ ଶୁଦ୍ଧ ସମ୍ଭବ ହେବାର ଏକ ଅଲକ୍ଷଣା ଅର୍ଥକରୀ ସୂତ୍ରକୁ ତଳାରେ ଲମ୍ବାଇ ସେମାନେ ସଂସାରର ପଡ଼ିଆରେ ପଇସାର ଢେଫେରା ଗଣି ଗଣି ଖାତ କରି ରଖିବାରେ ଲାଗିଛନ୍ତି । କିନ୍ତୁ ବଡ଼ ଦୟନୀୟ ଭାବରେ ଏଣେ ବିଦ୍ୟାବିହୀନ ଓ ସରସ୍ୱତୀ-ବଞ୍ଚିତ ହୋଇ ରହିଛନ୍ତି । ଲକ୍ଷ୍ମୀଙ୍କର ଦୁଆରରେ ଅଧିଆ ପଡ଼ିବାକୁ ଯାଇ ସେମାନେ ଏଣେ ସରସ୍ୱତୀଙ୍କର ଦୁଆରକୁ ବନ୍ଦ କରି ରଖିଛନ୍ତି ।

ଅପରପକ୍ଷରେ ମୁଁ କେତେ ଲକ୍ଷ୍ମୀଛଡ଼ା ସରସ୍ୱତୀ-ପ୍ରେମୀ ବିଦ୍ୟାଭିଳାଷୀଙ୍କର ପରିଚୟରେ ମଧ୍ୟ ଆସିଛି । ଓଡ଼ିଶାର ଦାଣ୍ଡେ-ଦାଣ୍ଡେ ଏମାନଙ୍କୁ ମୁଁ ଅତି ସର୍ବସ୍ୱାନ୍ତ ଭେକରେ ବୁଲି ମଧ୍ୟ ସୃଜନ-ବିଳାସରେ ଆପଣାକୁ ସମର୍ପିତ କରି ଦେଇଥିବାର ଦେଖିଛି । ଏମାନଙ୍କର ଜୀବନକୁ ସମାଜର ଦରବାରରେ ମୁଁ ପ୍ରଧାନତଃ ଏକ ଅଭିଯୋଗ ପରି ଅନୁଭବ କରିଛି । ଯଦି ଏମାନଙ୍କର ପେଟ ପୂରୁଥାନ୍ତା, ଯଦି ଏମାନଙ୍କର ପରିବାର ଓ ପିଲାଏ ସୁନ୍ଦର ଜୀବନ ଯାପନ କରିବାର ଭାଗ୍ୟ ପାଇଥାନ୍ତେ, ତେବେ ଏମାନଙ୍କର ସୃଜନଶୀଳ ମନ ଅଧିକ କୁସୁମିତ ଓ ସୁଫଳପ୍ରସୂ ହେବାର ସୁଯୋଗ ପାଇ ନ ଥାନ୍ତା କି ? ଯେତେ ଆଗ୍ରହ ଓ ଉନ୍ମାଦନାର ସହିତ ଦଉଡ଼ିଗଲେ ମଧ୍ୟ ଏହି ପ୍ରଶ୍ନର ଉତ୍ତର ମୋ’ ଲାଗି ଏକ ସ୍ୱପ୍ନ ଭିତରେ ହିଁ ସୀମାବଦ୍ଧ ହୋଇ ରହିଯାଇଛି । ପେଟ ପୂରିଲେ ଜଣେ ସୃଷ୍ଟିଶୀଳତାର ବିକାଶ ହେବା ଅବଶ୍ୟମ୍ଭାବୀ, ସଫଳତା ମିଳିଗଲେ ଜଣେ ସାର୍ଥକତା ଲାଗି ଏକ ସବଳତର ତୃଷା ଜାଗ୍ରତ ହେବା ଆବଶ୍ୟମ୍ଭାବୀ, ଅଣ୍ଟି ଭରିଗଲେ ଜଣେ ହୃଦୟପାଶର ଚ୍ୟୁତ ହୋଇ ରହିବା ଅବଶ୍ୟମ୍ଭାବୀ—ମନ

Digitized by srujanika@gmail.com

ଭିତରେ ମୁଁ ଏହିପରି ନାନା ପ୍ରଶ୍ନ ପଚାରିଛି, କିନ୍ତୁ ସବୁ ପ୍ରଶ୍ନ କେବଳ ଆହୁରି ଅଧିକ ପ୍ରଶ୍ନ ଭିତରେ ଆପଣାକୁ ବିଚ୍ଛୁରିତ କରି ଦେବା ପରି ମନେ ହୁଏ । ମୁଁ କୌଣସି ଅନ୍ତ ପାଏ ନାହିଁ ।

କିନ୍ତୁ ଶ୍ରୀଯୁକ୍ତ ମୋହନ ଚରଣଙ୍କ ପରି କେତେକ ବିରଳ ଜୀବନର ବୃତ୍ତାନ୍ତ ଶୁଣିବାବେଳେ ମୋର ଉକ୍ତ ଜିଜ୍ଞାସା ର ହଠାତ୍ ଥଳ ପାଇ ଗଲାପରି ଲାଗେ । ମୋହନଚରଣ ଲକ୍ଷ୍ମୀଙ୍କର ଅନୁଗ୍ରହ ପାଇଛନ୍ତି, ପଇସା କମାଇଛନ୍ତି, କିନ୍ତୁ ପଇସା ଭିତରେ ଲକ୍ଷ୍ମୀଙ୍କର ବାହନ ହୋଇ ବସିବାରେ ସେ ବିଶେଷ କୌଣସି ସାର୍ଥକତା ଅଛି ବୋଲି ଅନୁଭବ କରି ନାହାନ୍ତି । ପଇସାକୁ ମଧ୍ୟ ସେ ପ୍ରକାଶର ଏକ ସାଧନ ପରି ବ୍ୟବହାର କରି ଶିଖିଛନ୍ତି । ଆପେ ଲେଖିଛନ୍ତି, ଆହୁରି କେତେଜଣଙ୍କୁ ହିମ୍ମତ ଦେଇ ଲେଖାଇଛନ୍ତି,—ଆପଣା ଘରେ ଆପଣାର ଦାୟାଦମାନଙ୍କ ଭିତରେ ମଧ୍ୟ ଏକ ଅନୁରୂପ ଆଗ୍ରହର ଉନ୍ମେଷ କରାଇ ପାରିଛନ୍ତି । ମନମୋହନ ପ୍ରେସରୁ ଓଡ଼ିଆ ରାମାୟଣ ଛପାଯାଇଛି, ସଙ୍ଗୀତ ପାରିଜାତକଦଳୀଠାରୁ ଆରମ୍ଭକରି ଶ୍ରୀକୃଷ୍ଣଙ୍କର ନାଗରବେଶ ପର୍ଯ୍ୟନ୍ତ ନାନା ବଡ଼ସାନବହି ଛପାଯାଇଛି,--ପର୍ଲ୍ ବ ଙ୍କର 'ଗୁଡ୍ ଆର୍ଥ୍'ଠାରୁ ଆରମ୍ଭ କରି ଟି. ଏସ୍. ଇଲିଅଟ୍‌ଙ୍କର କବି' ପର୍ଯ୍ୟନ୍ତ ନାନା ଜଗତର ନାନା ସାହିତ୍ୟ ଏହି ଛାପାଖାନାରୁ ହିଁ ଓଡ଼ିଆଭାଷାର ଭୂଷା ପିନ୍ଧି ବାହାରିଛି । ନାନା କାରଣରୁ ଓଡ଼ିଆ ସାହିତ୍ୟ ବଡ଼ ବ୍ୟାଧିତ ଭାବରେ ପ୍ରଧାନତଃ ଅନ୍ତର୍ମୁଖୀ ହୋଇ ରହିଛି, —ଆପଣା ଘର ଭିତରେ ବନ୍ଦୀ ହୋଇ ରହିଲେ ସାଧାରଣତଃ ଅନ୍ୟମାନଙ୍କ ସହିତ ଆପଣାକୁ ତୁଳନା କରି ବିବ୍ରତସନ୍ତ୍ରସ୍ତ ହୋଇ ରହିବାର ଯେଉଁ ସତତ ସଚେତତା ଭୋଗିବାକୁ ପଡ଼େ, ଓଡ଼ଶାରେ ହୁଏତ, ଆମେ ସାହିତ୍ୟକ୍ଷେତ୍ରରେ ପ୍ରାୟ ତାହାହିଁ ଭୋଗୁଛୁ । ପ୍ରଧାନତଃ ବଙ୍ଗସାହିତ୍ୟ ଗ୍ରାସ ମୁଖରୁ ଆପଣାକୁ ରକ୍ଷା କରିବାଲାଗି

Digitized by srujanika@gmail.com

ଉଦ୍ୟମ କରି ହିଁ ଆଧୁନିକ ଓଡ଼ିଆ ସାହିତ୍ୟର ଜନ୍ମଲାଭ ହୋଇଥିଲା, ହୁଏତ ଆଜି ମଧ୍ୟ ବିକଶିତ ହେବାର ବାସନା ନୁହେଁ, ଅନ୍ୟର ତୁଳନାରେ ଆପଣାକୁ କ୍ଷତ ଅନୁଭବ ନ କରିବାର ଏକ ଅତି ସଚେତ ପ୍ରଚେଷ୍ଟା ଆମ ସାହିତ୍ୟ-ଜୀବନରେ ସର୍ବପ୍ରଧାନ ସନ୍ତକ ହୋଇ ରହିଛି ଓ ସେଥି ଲାଗି ଆମେ କବାଟ କିଳି ବସି ଆପଣା ଘରେ ଆତ୍ମଗୌରବ ପାଇବାର ସହଜ ପନ୍ଥା ଧରିବାକୁ ମନ ବଳାଇଛୁ । ଏହିପ୍ରକାର ସର୍ବସଙ୍କୋଚ ହେତୁ ବିଶ୍ୱସାହିତ୍ୟର ଗୃହାଳୀରେ ଆମେ ଘରର ପର ହୋଇ ରହିଛୁ । ବିଶ୍ୱସାହିତ୍ୟର ନାନା ରତ୍ନକୁ ଓଡ଼ିଶାରେ ପରିଚିତ କରାଇ ମନମୋହନ ପ୍ରେସ ଆମର ଲାଜ ଛଡ଼ାଇବାରେ ଅନେକ ସାହାଯ୍ୟ କରିଛି । ସାହିତ୍ୟର ନାନା ଦ୍ୱାର ସହିତ ପରିଚିତ କରାଇଛି । ତାର ଏହି ଉଦ୍ୟମ ହୁଏତ ସବୁବେଳେ ମନୋମତ ଭାବରେ ସାର୍ଥକ ହୋଇ ପାରିନାହିଁ,—କିନ୍ତୁ ଉଦ୍ୟମ ଲାଗିରହିଛି ।

ମଣିଷର ଶରୀରକୁ ଆମେ ମୋହ ଓ ଆତୁରତାର ରଜ୍ଜୁ ଦେଇ କଦାପି ବାନ୍ଧିରଖି ପାରିବା ନାହିଁ । ସମୟ ଅନୁସାରେ ତାହା ଆମ ହାତରୁ ଅବଶ୍ୟ ଖସିଯିବ, ଆଉ ବୃନ୍ତର ପାଚିଲା ଫଳ ପରି ଏ ବୃନ୍ତରେ ଆମକୁ ଛାଡ଼ିଦେଇ ସେ ଅବଶ୍ୟ ଖସିପଡ଼ିବ । କିନ୍ତୁ ଆପଣାର ଆଗ୍ରହ ଓ ଆକାଙ୍କ୍ଷା ଦେଇ ଆମେ ଗଲା ମଣିଷର କାମକୁ ଅଖଣ୍ଡ ରଖିପାରିବ । ଏହି ହିଁ ଶ୍ରଦ୍ଧା, ଏହି ଶ୍ରଦ୍ଧାକୁ ମୂଳକରି ହିଁ ଶ୍ରାଦ୍ଧର ଉତ୍ପତ୍ତି ଏବଂ ଆପଣମାନେ ହିଁ ଏହି ଶ୍ରାଦ୍ଧ ଦେବେ ।

ଶ୍ରୀଯୁକ୍ତ ମୋହନ ଚରଣ ଆପଣାର କାମ ସାରି ଯାଇଛନ୍ତି । କିନ୍ତୁ ତାଙ୍କର ଦାୟାଦ ଆପଣମାନଙ୍କର କାମ ସରିନାହିଁ । ଆପଣମାନଙ୍କର ସ୍ୱୀକୃତି ପାଇଲେ ତାଙ୍କର ଅଭିଳାଷମାନ ଆପଣମାନଙ୍କର ଜୀବନ ଦେଇ ଅଧିକରୁ ଅଧିକ ପରିପୂର୍ଣ୍ଣତା

Digitized by srujanika@gmail.com

ଲାଭକରି ଚାଲିଥିବ, ସୃଷ୍ଟିର ଅଖଣ୍ଡ ଖିଅ ପରି ସୃଷ୍ଟିଶୀଳତାର ଖିଅ ମଧ୍ୟ ଅଖଣ୍ଡ । ଏହାର ପରିପୂର୍ଣ୍ଣତାରେ ସମାପ୍ତି ନାହିଁ, କେବଳ ପର୍ଯ୍ୟାୟବିଚ୍ଛେଦ ରହିଛି, କେବଳ ପଟବଦଳା ହିଁ ରହିଛି । ଶ୍ରଦ୍ଧା ଦ୍ୱାରା ହିଁ ଏହି ପଟବଦଳା ନୂତନ ଶ୍ରେୟର ଅବତାରଣା କରିପାରିବ । ତେଣୁ ଆପଣମାନଙ୍କର କାର୍ଯ୍ୟ ଆହୁରି ଅନେକ ବାକି ରହିଛି, କାରଣ ଓଡ଼ିଆ ସାହିତ୍ୟ ଓ ଓଡ଼ିଆ ଗ୍ରନ୍ଥାଗାର ଲାଗି ଆହୁରି ଅନେକ କାର୍ଯ୍ୟ ବାକି ରହିଛି ।

ଅବିଚ୍ଛିନ୍ନ କର୍ମରେ ହିଁ ଆପଣ ଆଜିର ବିଚ୍ଛେଦକୁ ଅତିକ୍ରମ କରିପାରିବେ ।

ଇତି

ସ୍ନେହାବନତ

ସ୍ୱର୍ଗତ ମୋହନ ବାବୁ : ମୁଦ୍ରକ ଏବଂ ପ୍ରକାଶକ ଭୂମିକାରେ

ଶ୍ରୀ ରାଜକିଶୋର ପଟ୍ଟନାୟକ
(ଆଡ୍‌ଭୋକେଟ)

ଦ୍ୱିତୀୟ ମହାଯୁଦ୍ଧର ପୃଷ୍ଠଭୂମିରେ କାଗଜ କଣ୍ଟ୍ରୋଲ ଅଧ୍ୟାୟର ପ୍ରଥମଭାଗରେ ଲେଖକର ପ୍ରଥମ ପାଣ୍ଡୁଲିପି ସିନ୍ଦୂରଗାର ମାର୍ଫତରେ ମୋହନବାବୁଙ୍କ ସହିତ ପରିଚୟ । ଆଜକୁ ପ୍ରାୟ ୪୦ବର୍ଷ ତଳର କଥା ।

ମୋହନବାବୁ ରାଜିହେଲେ । ଛାପାଖାନାର ପ୍ରକାଶନ ବିଭାଗର କର୍ମଚାରୀମାନେ ଆନ୍ତରିକ ମଞ୍ଜୁରୀ ଦେଲେ ବହି ଛପା ହୋଇ ପାରିବ । ପ୍ରଥମ ବହି ଉପରେ ମମତା ଟିକିଏ ଅଧିକ ରହେ । ବହିର ଗୁଣ ଠାରୁ ଦୋଷ ଅଧିକ ହେଉଥିଲେ ବି ମମତା ଓ ମାୟାର ଆତିଶଯ୍ୟରୁ ବହିଟି ଦୁର୍ମୂଲ୍ୟ ଜଣା ଯାଉଥାଏ । ସେ ମନା କରିଦେଲେ ଅର୍ଥାତ୍ ନଜର କରି ନ ନେଲେ ସତେ ଯେପରି ଏଇ ପୃଥିବୀ ହଠାତ୍ ମହାଶୂନ୍ୟ ହୋଇଯିବ ।

ତେଣୁ ମୋହନବାବୁଙ୍କ ସହିତ ସେଇ ପରିଚୟ ଭିତରେ ଆତ୍ମବିଶ୍ୱାସ ଓ ଅଧିକାର ଠାରୁ କାକୁତି ମିନତି ଯଥେଷ୍ଟ ଅଧିକ ଥିଲା । ମୋର ଥିଲା ନଥିଲା ବେଳେ ଅଧୁନା ପ୍ରତିଷ୍ଠିତ ତଥା ଲୁପ୍ତ କେତେକ ସମସାମୟିକ ଲେଖକ ବନ୍ଧୁ ଯାଇ ବହି ଛପାଇବା ଯତ୍ନରେ ଥାନ୍ତି । ଧାରା ସେଇ ଗୋଟିଏ — ବହିଟି ଯାହା ହୋଇ ଥାଉ ମୋହନ ବାବୁ ନେଇଗଲେ ଖଲାସ । ତାଙ୍କର କଲିକତା ଓ ଓଡ଼ିଶା ବାହାର ବଜାର ଉପରେ ଏକାଧିପତ୍ୟ ଅଛି । ତେଣୁ ସେ ବରଣୀୟ ।

Digitized by srujanika@gmail.com

ତାଙ୍କର ଏଇ ବ୍ୟବସାୟଗତ ପ୍ରତିଷ୍ଠା ସେହିନ ୧୯୪୮- ୫ ମସିହାରେ ଆଜର ତୃପ୍ତ ସାହିତ୍ୟିକମାନଙ୍କୁ ସେଠାରେ ଆଣି ପହଞ୍ଚାଇଥିଲା । ସହଳ ଉଚ୍ଛଳ ହୋଇ ସମସ୍ତଙ୍କୁ ସେ ରଖିଥିଲେ । ସେଇ ସୂତ୍ରଧାରେ ମଧ୍ୟ ବନ୍ଧୁଗଣ ଗୃହଆଡ୍ଡେ ନିଜର ସାହିତ୍ୟିକ ଯଶୋଗାନ, ଲେଖକର ଧନପ୍ରାପ୍ତି ଓ ଜୀବିକାର୍ଜନର ସମ୍ଭାବନା ବିଷୟରେ ବିଶଦ ଆଲୋଚନା କରୁଥିଲେ । ସେ ତ ଅତୀତର କଥା ।

ହଠାତ୍ କଣ ହେଲା କେଜାଣି ମୋହନବାବୁ ଏତ ଓଡ଼ିଆ ଲେଖକମାନଙ୍କ ମଧ୍ୟରୁ କେବଳ ଶ୍ରୀଯୁକ୍ତ କାହ୍ନୁଚରଣ ମହାନ୍ତିଙ୍କୁ ନିଜର ଶୁଭାନୁଧ୍ୟାୟୀ ବନ୍ଧୁ ଶ୍ରେଣୀକୁ ନେଇ ଅନ୍ୟମାନଙ୍କୁ ଛାଡିଦେଲେ । କାହ୍ନୁବାବୁଙ୍କର ଅନୁଜ ଗୋପିନାଥବାବୁ ଯଥାତଥା ରହିଥାନ୍ତି । କେତେକ ଦୁଃଖିତ ହେଲେ । ସେତେବେଳକୁ ଯୁଦ୍ଧ ଫେରନ୍ତା ସ୍ୱରସ୍ଥିତ ଜବାନମାନଙ୍କର ବନ୍ଧ ଛାଡ଼ିବାର ପ୍ରବଳ ଇଚ୍ଛା ଭିତରେ ବହି ଏଣେ ମଧ୍ୟ ଗୃନ୍ଥାଗାର ଓ ପ୍ରକାଶକ ଗଢ଼ିହେଲେ । ତେଣୁ ମୋହନ ବାବୁଙ୍କଠାରୁ ଅନ୍ୟମାନେ ଅଲଗା ହୋଇଗଲେ ।

ଯେତି ରହିଗଲେ ତାଙ୍କର ବହୁ ଦିନର ବନ୍ଧୁ ଲାଲ ନଗେନ୍ଦ୍ର କୁମାର ବାବୁ, ଦିଗାପୁ ମହାଯୁଦ୍ଧର ବନ୍ଧୁ କାହ୍ନୁଚରଣ ବାବୁ ଓ ତାଙ୍କର ଅନୁଜ ଗୋପିନାଥ ବାବୁ ।

ଏଇ ତିନିଜଣ ଅଦ୍ୟାବଧି ଓଡ଼ିଶାର ସାହିତ୍ୟର ବିଭିନ୍ନ ବିଭାଗରେ ଅପ୍ରତିହତ । ଅବଶ୍ୟ କାଳକ୍ରମେ ସେଇ ଅବସ୍ଥା ପର ହୋଇଯିବ କିନ୍ତୁ ଆଜି ମୋର ଏଇ ଅଠର ବରଷର ଅନୁଭୂତି ଭିତରେ ତାତ୍କାଳିକ ନ୍ୟାୟରେ ଦେଖି ହେଉଛି ଯେ ମୋହନବାବୁ ତାଙ୍କର ସ୍କୁଲକଲେଜର ଶିକ୍ଷାହୀନତା ଭିତରେ ଓଡ଼ିଶାର ସମସ୍ତ ଲେଖକ ସମାଜର ବିଭିନ୍ନ ଆସ୍ଫାଳନମୁଖୀ ଭିତରେ ଲୋକ ଦେଖି ଚିହ୍ନି ଉପଯୁକ୍ତ ଲୋକଙ୍କୁ ନିଜର କରି ରଖିଥିଲେ ।

Digitized by srujanika@gmail.com

ବଡ଼ ବାହାଦୁରି କଥା ଯେ ସେ ଯେଉଁମାନଙ୍କୁ ନିଜର କରିଛନ୍ତି ଶେଷ ପର୍ଯ୍ୟନ୍ତ ବ୍ୟବସାୟର ମାରପେଞ୍ଚ, ଦେଣାପାଉଣାର ହିସାବ ନିକାଶ ଭିତରେ ନିଜର ଏକାନ୍ତ ମିତ୍ର କରି ରଖିପାରିଛନ୍ତି । ଶେଷ ଦେଖା ହୋଇଥିଲା ଚଳିତ ମଇ ମାସରେ କାହ୍ନୁବାବୁଙ୍କର ଜ୍ୟେଷ୍ଠା କନ୍ୟାର ବିବାହଉତ୍ସବରେ । ମୋହନବାବୁ ତାଙ୍କର ପ୍ରକାଶିତ ସୁଦୃଶ୍ୟ ଓ ସୁପାଠ୍ୟ ବହି ବଦଳରେ ଆଣିଥିଲେ ସୁନ୍ଦର ସୁସଜ୍ଜିତ ଫୁଲ ହାର, କଲିକତାର ସନ୍ଦେଶ ଓ ବସ୍ତ୍ର । ସେଇ ଉତ୍ସବରେ ଉପଲକ୍ଷେ ତିନୋଟି ପଦାର୍ଥ ଅନ୍ୟଉପାୟରେ ଏତେ ସୁବିଧାରେ ହୋଇ ପାରିନଥାନ୍ତା । ନିଜେ ମୋହନବାବୁ ସାଙ୍ଗରେ ଆଣିଥିଲେ ।

ସଦିଚ୍ଛାର ଉପହାର ପାଇଁ ସେ ଅନ୍ୟତ୍ର ସର୍ବୋତ୍କୃଷ୍ଟ ପଦାର୍ଥ ମନୋନୟନ କରିଥିଲେ କିନ୍ତୁ ଅନ୍ୟମାନେ ତାଙ୍କର ପୁସ୍ତକାଳୟରୁ ଉତ୍କୃଷ୍ଟ ପୁସ୍ତକ ବାଛୁଥିଲେ ବିବାହରେ ଉପହାର ଦେବା ପାଇଁ ।

ସେତେବେଳେ ବୁଝାପାଉଥିଲା ମୋହନବାବୁଙ୍କର ଦୂର ଦୃଷ୍ଟି । ତାଙ୍କର ସୁପୁତ୍ର ସ୍ୱନାମଧନ୍ୟ ପ୍ରଫୁଲ୍ଲ ଚନ୍ଦ୍ର ବାବୁଙ୍କୁ ସେ ସେଇ ସମୟର ନୋବେଲ ପୁରସ୍କାର ପ୍ରାପ୍ତ ବଡ଼ ବଡ଼ ବହିର ଓଡ଼ିଆ ଅନୁବାଦ କରାଇ, ଛପାଇ, ସରବରାହ କରାଇବାରେ ଲଗାଇ ଥାନ୍ତି ।

ନାଁ ଶୁଣିଥିବା ଓ ନାଁ ଶୁଣି ନଥିବା ବହୁତ ଲେଖକଙ୍କର ସେଇ ପ୍ରକାରର ଅପରିଚିତ ଓ ଅର୍ଦ୍ଧ ପରିଚିତ ବହିପୁସ୍ତକ ଆଣି ଦଶ ସପ୍ତାହ ପନ୍ଦର ସପ୍ତାହରେ ଗୋଟିଏ ଗୋଟିଏ କାଢୁଥାନ୍ତି । ସେଇ ବହିଗୁଡ଼ିକ ହେଉଛି ବହୁ ଓଡ଼ିଆ ପଣ୍ଡିତ ଓ ଲେଖକଙ୍କର ଏକମାତ୍ର ଆଖି ଓ ଜ୍ଞାନର କାରଣ ।

ତେଣୁ ଅନ୍ୟ ଓଡ଼ିଆ ବହି ଛପା ହୋଇପାରିଲା ନାହିଁ । କଲିକତା ବଜାରର ସୁବିଧା ଗଲା । ମୋହନ ବାବୁଙ୍କର ମୁଦ୍ରଣ ଓ

Digitized by srujanika@gmail.com

ପ୍ରକାଶନ ସେତେବେଳେ ବହୁବର୍ଷ ପାଇଁ ଓଡ଼ିଶାରେ ଅପ୍ରତିଦ୍ୱନ୍ଦୀ । ତେଣୁ ମୋହନ ବାବୁଙ୍କର ପ୍ରକାଶିତ ନୋବେଲ ପୁରସ୍କୃତ ରଚନା ପ୍ରସ୍ଥ ସମସ୍ତଙ୍କୁ ଓଡ଼ିଶା ଅଧିକେ ଟଳକୁ ଠେଲ ଦେଇଥାଏ ।

ଈର୍ଷା ପ୍ରଣୋଦିତ ହୋଇ ମୁଁ ଓ ମୋର ପର କେତେକ ଆଲୋଚନା ପରସ୍ପର ଚଳାଇଲୁ । ଓଡ଼ିଆ ଲେଖାର ଶତ୍ରୁ ଏଇ ନୋବେଲ ପୁରସ୍କୃତ ଅନୁବାଦ । ତେଣୁ ଓଡ଼ିଆ ଲେଖକ ଓ ପ୍ରକାଶକଙ୍କର ଶତ୍ରୁ ହେଲେ ମୋହନ ବାବୁ ।

ସେଇ କଥାଟି ଧାର୍ଯ୍ୟ ହୋଇ ପାରିଲା ନାହିଁ । କାରଣ ସେଇ ଓଡ଼ିଆ ବହିଗୁଡିକ ଅନୁବାଦ କରୁଥାନ୍ତି ଓଡ଼ିଶାର ଯୋଗ୍ୟ ସାହିତ୍ୟିକମାନେ । ସେମାନେ ମୋହନ ବାବୁଙ୍କର ସପକ୍ଷରେ । ବହିର ପ୍ରଚ୍ଛଦ ପଟରେ ତୁଳନା ବା ପ୍ରତିଦ୍ୱନ୍ଦିତା ନାହିଁ । ମୂଲ୍ୟ ମଧ୍ୟ କମ । ଆଜି ମଧ୍ୟ ମନମୋହନ ପ୍ରକାଶନୀର ଉତ୍କୃଷ୍ଟ ପୁସ୍ତକର ସଂଖ୍ୟା ଓଡ଼ିଶାର ପ୍ରକାଶନ ବିଭାଗରେ ସର୍ବାଧିକ, ପୁସ୍ତକମାନଙ୍କର ସାଜସଜ୍ଜା ଅର୍ଥାତ୍ ବହିବାନ୍ଧଣୀ ସର୍ବୋତ୍କୃଷ୍ଟ ଓ ସୁରୁଚିସମ୍ପନ୍ନ ଓ ମୂଲ୍ୟର ଅନୁପାତ ସର୍ବନିମ୍ନ ।

ମୋହନବାବୁ ସ୍ୱଳ୍ପଭାଷୀ । ସରସ, ହସ ହସ ମୁହଁରେ କଥା କହିବାର ବ୍ୟଗ୍ରତା ଭିତରର ସଂଯମ ଓ ଶିକ୍ଷା ବଳରେ ସବୁ ଦିନେ ଧୀରେ ପ୍ରକାଶ ପାଏ । ସେ ତାଙ୍କର ନିଜ କଥା କହନ୍ତି ନାହିଁ । କ'ଣ କରିବେ, କାହିଁକି କରିବେ, କେତେଦିନ କରିବେ, ସେଇ କାମରେ ଆଗକୁ କ'ଣ ସୁବିଧା ଅସୁବିଧା ହେବ ସେ ସବୁ ଦିନେ ବି କାହାରି ସାଙ୍ଗରେ ଆଲୋଚନା କରନ୍ତି ନାହିଁ ।

ଶେଷ ବେଳକୁ ସେ ପ୍ରାୟ ବାହାରକୁ ଆସୁନଥିଲେ କିନ୍ତୁ ତାଙ୍କର ପ୍ରେସ୍ ଟେଲିଫୋନ ନମ୍ବରର ଆଉଗୋଟିଏ ଫୋନ ତାଙ୍କର

Digitized by srujanika@gmail.com

ରହିବା ଘରର ଟେବୁଲ ଉପରେ ରହୁଥିଲା । ଇଚ୍ଛାକଲେ ପ୍ରେସର କଥା ସେ ଘରେ ଶୁଣି ପାରିବେ ।

ସେ ଶୁଣି ପାରିବାର ସମ୍ଭାବନା ତାଙ୍କର ହାତଗଢ଼ା ବହୁବିଧ ବିଷୟ ପ୍ରକାଶନ ଓ ମୁଦ୍ରଣର ବିଭିନ୍ନ ଦିଗ ଚଳାଇ ନେଉଥିଲା । ଓଡ଼ିଆ ସାହିତ୍ୟିକଙ୍କର ଅଧିକାଂଶ ବ୍ୟକ୍ତି ମୋହନ ବାବୁଙ୍କର ସାହାଯ୍ୟ ସହାନୁଭୂତି ନେଇ ଆଜି ଓଡ଼ିଆ ସାହିତ୍ୟର ଗୌରବ ହୋଇଛନ୍ତି । ତାଙ୍କର ମୁଦ୍ରଣ ଓ ପରିବେଷଣ ପନ୍ଥା ଓଡ଼ିଆ ପ୍ରାଇଜ ଲାଇବ୍ରେରୀ ବିଭାଗର ପୁସ୍ତକ ପ୍ରକାଶକୁ ବାଟ ଦେଖାଇଛି । ଆଜି ଓଡ଼ିଆ ପୁସ୍ତକର ପ୍ରଚ୍ଛଦପଟ ଜାଣିତ ବା ଅଜାଣିତରେ ମୋହନ ବାବୁ ଓ ପ୍ରଫୁଲ୍ଲ ବାବୁଙ୍କୁ ସ୍ମରଣ କରି ପାଦେ ପାଦେ ଆଗଉଛି ।

ମୋହନ ବାବୁଙ୍କ ତିରୋଧାନ ପରେ ଜାଣିଲି ଯେ ମୋହନ ବାବୁଙ୍କର ଜୀବନ କେବଳ ସ୍ୱାକ୍ଷର କମ୍ପୋଜିଟରୀ ଭାବରେ ଆରମ୍ଭ ହୋଇଥିଲା । ଆଜି ଆଶ୍ଚର୍ଯ୍ୟ ହେଉଛି ଯେ ମୋର ବହୁବିଧ ପ୍ରତ୍ୟକ୍ଷ ଓ ଅପ୍ରତ୍ୟକ୍ଷ ଜ୍ଞାନର ଅହମିକା ଭିତରେ ଏହି ପ୍ରକାରର କଥାଟିଏ ଜଣା ପଡ଼ିଲା ନାହିଁ । ତେଣୁ ମୋହନ ବାବୁଙ୍କୁ ଆଜି ମନେ ପକାଇଲେ ଦେଖୁଛି ସେ ଜଣେ ବିଚକ୍ଷଣ ଲୋକ,—ସଂସାରୀ ହିସାବରେ ଯେମିତି ବଡ଼, ଜ୍ଞାନ, ବୁଦ୍ଧି, ପାଣ୍ଡିତ୍ୟ ଓ ପ୍ରତ୍ୟୁତ୍ପନ୍ନ-ମତିରେ ମଧ୍ୟ ସେମିତି ଗରୀୟାନ୍ ।

Digitized by srujanika@gmail.com

ପୁରାଣ-ପ୍ରକାଶକ ସଂଘ ଦୃଷ୍ଟିରେ ଓ ମୁଁ ତାହାଙ୍କୁ ଯେପରି ଚିହ୍ନିଛି

ଶ୍ରୀ ରଣଜିତ ସିଂହ, ବି· ଏ· (ଅନର୍ସ) ଡ଼ି. ଇଡ଼·

ଯେତେବେଳେ ମୋର କୌଣସି ପୁସ୍ତକ ପ୍ରତିଷ୍ଠାନ ସହିତ ପରିଚୟ ନଥିଲା, ଅର୍ଥାତ ମୁଁ ଯେତେବେଳେ ପିଲା ଥିଲି ; ମୁଁ ମୋହନ ଚରଣ ଦାସଙ୍କ ନାମଟି ସର୍ବଦା ବହି ଗୁଡ଼ିକରୁ ଦେଖିବାକୁ ପାଇଥିଲି । ଛୋଟ ଛୋଟ ଚଟି ବହିଠାରୁ ଆରମ୍ଭ କରି ପୁରାଣ ଉପନ୍ୟାସ ଇତ୍ୟାଦି ଅଧିକାଂଶ ଓଡ଼ିଆ ବହିରେ ପ୍ରକାଶକ ଥାଆନ୍ତି ମୋହନ ଚରଣ ଦାସ । କିଶୋର ଜୀବନର ବିସ୍ମୟ ନେଇ ମୁଁ ଏହି ମହାନ୍ ବ୍ୟକ୍ତିଙ୍କୁ ପ୍ରତ୍ୟକ୍ଷରେ ଦେଖିବି ବୋଲି ଅନେକବାର କଳ୍ପନା କରିଥାଏ । ମନରେ ଥାଏ ଗୋଟାଏ ପ୍ରଶ୍ନ ; ଏତେ ସୁନ୍ଦର ସୁନ୍ଦର ବହି ଯେଉଁ ବ୍ୟକ୍ତିଙ୍କ ତତ୍ତ୍ୱାବଧାନରେ ବାହାରିଛି, ସେ କିପରି ହୋଇଥିବେ ···ତାଙ୍କ ପ୍ରେସ୍ ଓ ଘର ଇତ୍ୟାଦି କିପରି ହୋଇଥିବ, ସେ ସବୁ କିପରି ମୁଁ ଦେଖନ୍ତି···ଇତ୍ୟାଦି । କିନ୍ତୁ ସେ ଆଶା ମୋର ଆଦୌ ପୂରଣ ହୋଇ ନ ଥାନ୍ତା, ଯଦି ମୋର ଭାଗ୍ୟଦେବୀଙ୍କ ପ୍ରସନ୍ନରେ ମୁଁ "ଓଡ଼ିଶା ଜଗନ୍ନାଥ କମ୍ପାନୀ"ରେ ସମ୍ପୃକ୍ତ ହୋଇ ନଥାନ୍ତି । ସମୟର ଘାତ ପ୍ରତିଘାତରେ ମୁଁ ଯେତେବେଳେ ବି· ଏ· ପଢ଼ିଲି, ଅବସ୍ଥା ଚକ୍ରର ଅପ୍ରତ୍ୟାଶିତ ଭାବେ ଏହି ଅନୁଷ୍ଠାନର ପରିଚାଳକ ହେଲି ଓ ସେହିଦିନଠାରୁ ଓଡ଼ିଶାର ସମସ୍ତ ପୁସ୍ତକ ବ୍ୟବସାୟୀମାନଙ୍କ ସହିତ ଘନିଷ୍ଠ ସମ୍ପର୍କରେ ଆସିଲି । ମୁଁ ୧୯୪୭ରୁ ବି· ଏ· ପାସ କରି ଏହି ପୁସ୍ତକ ବ୍ୟବସାୟ ସଂଘ କାର୍ଯ୍ୟାଳୟରେ ବିଭିନ୍ନ କାର୍ଯ୍ୟଭାର ଗ୍ରହଣ କରି ଆସିଛି ଓ ସଭ୍ୟମାନଙ୍କ ସହ ଘନିଷ୍ଠ ସୌହାର୍ଦ୍ଦ୍ୟରେ ନିଜକୁ ନିଯୋଜିତ ଦେଇଛି ।

Digitized by srujanika@gmail.com

ତଥାପି ମୋର ଇଚ୍ଛିତ ମୋହନ ଚରଣ ଦାସ, ପ୍ରୋପ୍ରାଇଟର ମନମୋହନ ପୁସ୍ତକାଳୟ କଲିକତା ଓ କଟକଙ୍କର ମହାର୍ଘ ସାକ୍ଷାତ ପାଇ ପାରିନଥିଲି । କାରଣ ମୋହନ ବାବୁ ଏତେ କର୍ମତତ୍ପର ବ୍ୟକ୍ତିଥିଲେ ଯେ ସେ କେବେ କଟକ ଆସନ୍ତି ପୁଣି କେବେ କଲିକତାରେ ରୁହନ୍ତି, ଏହା ସାଧାରଣ ବ୍ୟକ୍ତିଙ୍କ ଅଗୋଚର ଥିଲା । ଜୀବନସାରା କେବଳ ନିଜର କର୍ତ୍ତବ୍ୟ ଛଡ଼ା ସେ ଅନ୍ୟ କୌଣସି କର୍ମରେ ବ୍ରତୀ ନଥିଲେ । ତେଣୁ ରାତିର କେତେ ଗୋଟି ଘଣ୍ଟା ବିଶ୍ରାମ ଛଡ଼ା ପ୍ରାୟ ସେ ନିଜ କର୍ତ୍ତବ୍ୟରେ ନିରଳସ ଭାବେ ସର୍ବଦା ଜଡ଼ିତ ଥାଇ କାଳାତିପାତ କରୁଥିଲେ ।

ସୌଭାଗ୍ୟକ୍ରମେ କଲିକତାଠାରେ ତାଙ୍କ ସହିତ ମୋର ପ୍ରଥମ ସାକ୍ଷାତ ହୋଇଥିଲା । ସେତେବେଳେ ପୁରାଣ ପ୍ରକାଶକ ପତ୍ରର ମୁଁ ସମ୍ପାଦକ ଥାଏ । ପ୍ରଥମ ଥର ପାଇଁ ସେ ମତେ ଦେଖିଲେ ସୁଦ୍ଧା ଏପରି ଆଳାପ କଲେ ଯେ ସତେ ଯେପରି ସେ ମତେ ବହୁତ ଆଗରୁ ଚିହ୍ନନ୍ତି । ପ୍ରକୃତରେ ମଧ୍ୟ ସେ ମୋ ବିଷୟରେ ଅନେକ କିଛି ଅବଗତ ଥିଲେ । ସେଦିନ ତାଙ୍କର ସେ ସ୍ନେହଶ୍ରଦ୍ଧା ଅଦ୍ୟାପି ମୋ ସ୍ମୃତିକୋଷରେ ଅକ୍ଷୁର୍ଣ୍ଣ ଅଛି । ଆଳାପ ଛଳରେ ସେ ମତେ ପତ୍ରର ଉପାଦେୟତା ସମ୍ବନ୍ଧରେ ବହୁତ ସଦୁପଦେଶ ଦେଇ କହି ଥିଲେ, "ତୁମ୍ଭେମାନେ ଦେଶର ଭବିଷ୍ୟତ । ତେଣୁ କାର୍ଯ୍ୟଭାର ତୁମ୍ଭମାନଙ୍କ ଉପରେ ନ୍ୟସ୍ତ । ଆମେ ବାହାରେ ଥାଇଁ ତୁମ୍ଭମାନଙ୍କୁ ଲକ୍ଷ୍ୟ ରଖିଥିବୁ ।" ମୁଁ ଆଜି ଭାବୁଛି, ବାସ୍ତବିକ୍ ତାଙ୍କର ସେ ଉକ୍ତି କେତେ ସତ୍ୟ । ଦେଶର ବୟୋବୃଦ୍ଧ ସମାଜ ସ୍ୱଇଚ୍ଛାରେ ଯୁବ ସମ୍ପ୍ରଦାୟକୁ କର୍ମଭାର ଅର୍ପଣକଲେ ବୋଧହୁଏ ଦେଶର ପରିସ୍ଥିତି ଅନେକ କିଛି ଭଲ ହୁଅନ୍ତା । ଏକଥା ଆଜି କିଏ ବୁଝନ୍ତୁ ବା ନ ବୁଝନ୍ତୁ, ସେ ଭଲଭାବରେ ବୁଝିଥିଲେ । ତେଣୁ ପୁରାଣ ପ୍ରକାଶକ

Digitized by srujanika@gmail.com

ଘରର ସତ୍ତ୍ୱପତି ବା ସମ୍ପାଦକ ହେବା ପାଇଁ ସେ ଆଦୌ ଲାଳାୟିତ ନ ଥିଲେ ।

ସେଦିନର ସେ ଥମ ଦେଖାରେ ମୋର ମୁଣ୍ଡ ତାଙ୍କ ପାଖରେ ସ୍ୱତଃ ନଇଁଗଲା । ଏତେ ବଡ଼ ସଂସ୍ଥାର ମାଲିକ ହୋଇ ତାଙ୍କର ଅମାୟିକ ସ୍ୱଭାବ ତଥା ସାଧାରଣ ପୋଷାକ ପରିଚ୍ଛଦ ମତେ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା । ମୁଁ ଭାବି ନଥିଲି ଯେ ମୋର ମାନସପଟରେ ସେ ମୋହନ ବାବୁ ଏହିପରି ଜଣେ ଅତି ସାଧାରଣ ନାଗରିକ— ଅଗଣିତ ଜନ ସମୁଦ୍ରରେ ସେ ଗୋଟିଏ ସାଧାରଣ ଜଳବିନ୍ଦୁ ।

ତା'ପରେ ଦିନ କଟି ଯାଇଛି । ଷୟିଷ୍ଟ ମାନବ ଶରୀର ଆଗେଇ ଯାଇଛି କର୍ତ୍ତବ୍ୟ ପଥରେ । ଯାହାର ଶେଷ ହେବ, ଯେଉଁଠି ଆଉ ଆଗକୁ ପଥ ନ ଥାଏ···ସେଇଠି କର୍ମମୟ ଜୀବନର ହୁଏ ହିସାବ ନିକାଶ···ଆତ୍ମା ଛାଡ଼ିଯାଏ ଏଇ ନଶ୍ୱର ଶରୀରଟାକୁ··· ଯିମିତି ବସ୍ତ୍ରଟି ଜୀର୍ଣ୍ଣହେଲେ ଆମେ ତାକୁ ପରିତ୍ୟାଗ କରୁ ।

ତାଙ୍କର ଜୀବନ ପଥ ଆଉ କିଛି ଅଳ୍ପ ବାକିଥିଲା । ମୋର ପରିଚୟ ତାଙ୍କ ଜୀବନର ଶେଷ ପର୍ଯ୍ୟାୟରେ । କିନ୍ତୁ ଏହି ଶେଷ ପର୍ଯ୍ୟାୟରେ ମୁଁ ତାଙ୍କ ଜୀବନର ଆଉ କେତୋଟି ଦିଗର ପରିଚୟ ପାଇଥିଲି, ଯାହା ସମସ୍ତଙ୍କର ଅନୁକରଣୀୟ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସେ ନିଜର କର୍ତ୍ତବ୍ୟ ଚିନ୍ତା କରୁଥିଲେ । ଦିନେ ହେଲେ ତାଙ୍କୁ ମୁଁ ନିରାନନ୍ଦ ଦେଖିନାହିଁ । ସର୍ବଦା ହସ ହସ ମୁଖ···ଯେପରି କି ଜୀବନକୁ ସେ କେବଳ କର୍ତ୍ତବ୍ୟର ସମାହାର ବୋଲି ଭାବୁଛନ୍ତି—ଅନ୍ୟ କୌଣସି ଦୁଃଶ୍ଚିନ୍ତାରେ ସେ ଆଦୌ ବିଚଳିତ ନୁହନ୍ତି ।

ପୁସ୍ତକ ବ୍ୟବସାୟୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବା ସଙ୍ଗେ-ସଙ୍ଗେ ବଜାରରେ ପ୍ରତିଯୋଗୀତା ତୀବ୍ରତର ହେବାକୁ ଲାଗିଲା । ଏପରିକି

Digitized by srujanika@gmail.com

ପୁରାଣ ବସ୍ତ୍ରସବୁ ବହୁତ କମ୍ ଦରରେ କେତେକ ବ୍ୟବସାୟୀ କଲିକତା ପ୍ରଭୃତି ସ୍ଥାନକୁ ପ୍ରେରଣ କଲେ । ମୁଁ ମୋହନ-ବାବୁଙ୍କୁ ଚିଠି ଲେଖିଲି, ଆମ୍ଭମାନଙ୍କର କର୍ତ୍ତବ୍ୟ କ'ଣ ? ସେ ମତେ ନିର୍ଭର ଜବାବ୍ ଦେଲେ, ବସ୍ତ୍ରଗୁଡ଼ିକ କଲିକତାରେ ଯେତେ କମ୍ ରେଟ୍‌ରେ ପାଇଲେ ସୁଦ୍ଧା, ସେ ସଙ୍ଘର ସଭ୍ୟମାନଙ୍କ ବସ୍ତ୍ରଛଡ଼ା ଅନ୍ୟ କାହାର ବସ୍ତ୍ର ବିକ୍ରି କରିବେ ନାହିଁ । ଏହା ଦ୍ୱାରା ତାଙ୍କର କଲିକତା ବ୍ୟବସାୟ କେତେକ ପରିମାଣରେ କ୍ଷତି ଗ୍ରସ୍ତ ହୋଇଥିଲା, ତଥାପି ସେ ନିଜ ପଣରୁ ଅଟଳ ଥିଲେ । ତାଙ୍କର ବଳିଷ୍ଠ ଶାନ୍ତାଧାର ନିକଟରେ ଲାଭକ୍ଷତିର ପ୍ରଶ୍ନ ନ ଥିଲା ।

ଆଉଥରେ ତାଙ୍କ ସହିତ ମୋର "ଡାଞ୍ଜି" ସମ୍ବନ୍ଧରେ କଥାବାର୍ତ୍ତା ହୋଇଥିଲା । ମୁଁ ପତ୍ରିକା ପ୍ରକାଶକ ସମିତିର ସମ୍ପାଦକ ଥାଏ । ତାଙ୍କୁ ଅନୁରୋଧ କଲି ଯେ ସେ ଏହି ସଂଘର ପାଞ୍ଜି ଛଡ଼ା ଅନ୍ୟ କୌଣସି ପାଞ୍ଜି ବିକିବେ ନାହିଁ । ମୁଁ ଏହି ଅନୁରୋଧଟି ଅତି ସନ୍ତର୍ପଣରେ କହିଥିଲି, କାରଣ ମୁଁ ନିଶ୍ଚିତ ଭାବେ ଜାଣୁଥିଲି ଯେ ଏପରି ସର୍ତ୍ତଦ୍ୱାରା ତାଙ୍କ ବ୍ୟବସାୟର ଯଥେଷ୍ଟ କ୍ଷତି ହେବ । ମାତ୍ର ସେ ହଠାତ୍ କହିଥିଲେ, "ଏହାତ ଅତ୍ୟନ୍ତ ଉତ୍ତମ ପ୍ରସ୍ତାବ । ସଂଘ ପାଞ୍ଜି ଛଡ଼ା ଅନ୍ୟ ପାଞ୍ଜି କେତେବା ବିକ୍ରୀ ହୋଇଥାନ୍ତା । ବିକ ବିକ ୫୦୦ ବା ୧୦୦୦ ଖୁବ୍ ଜୋରରେ ବିକଥାନ୍ତି । ମାତ୍ର ତାହା ଆଗ, ନା ସଂଘ ଆଗ ।" ମୁଁ ଲଜ୍ଜିତ ହେଲି । ମୋ ଅପେକ୍ଷା ଯେ ସେ ସଂଘ କଥା ଏତେ ଭାବନ୍ତି, ମୁଁ ଆଶ୍ଚର୍ଯ୍ୟ ହେଲି ।

ବାସ୍ତବିକ୍ ତାଙ୍କ ଜୀବନରେ ସେ ନିୟମର ଖଣ୍ଡାଧାରରେ ସର୍ବଦା ଚାଲୁଥିଲେ । ଆମ୍ଭେମାନେ ପୁରାଣ ପ୍ରକାଶକ ସଂଘରେ ଯାହା-ଯାହା ନିୟମ କରୁଥିଲୁ, ତାହା ସେ ଅକ୍ଷରେ ଅକ୍ଷରେ ପାଳନ କରୁଥିଲେ । ସାଧାରଣ ବ୍ୟବସାୟୀମାନଙ୍କୁ ଯେଉଁ ହାରରେ କମିସନ

Digitized by srujanika@gmail.com

ହୋଇପାରିବାକୁ ସ୍ଥିର ହେଉଥିଲା, ତାହାଁରୁ କଦ୍ଵିନ କାଳେ ବଞ୍ଚିତ ହେଉ ନ ଥିଲେ । ଟଙ୍କାର ଲୋଭ ତାଙ୍କ ପାଖରେ ଗୌଣ ଥିଲା ! ବଡ଼ ବ୍ୟବସାୟୀ ବା କ୍ଷୁଦ୍ର ବ୍ୟବସାୟୀ ସମସ୍ତେ ସମାନ । ତେଣୁ କଲିକତାରେ ସେ ସବୁ ଟାଇକାଣ୍ଡ ପୁସ୍ତକ ବ୍ୟବସାୟୀଙ୍କ ପ୍ରିୟଭାଜନ ହୋଇ ଓଡ଼ିଆ ପୁସ୍ତକର ସର୍ବଶ୍ରେଷ୍ଠ ବିକ୍ରେତା ଥିଲେ ।

ତାଙ୍କର ପ୍ରକାଶିତ ପୁସ୍ତକଗୁଡ଼ିକ ଲକ୍ଷ୍ୟକଲେ ଜଣାଯାଏ — ସେ ଉତ୍କୃଷ୍ଟ ବହି ଛାପିବାକୁ ସର୍ବଦା ଲାଳାୟିତ ଥିଲେ । କେବଳ ଲାଭଖୋର ମନୋବୃତ୍ତିରେ ବହି ନ ଛାପି ବାଣୀପୂଜା କରିବାର ସହିତ କରୁଥିଲେ । ଓଡ଼ିଶାର ବିଶିଷ୍ଟ ଔପନ୍ୟାସିକ କାହ୍ନୁଚରଣ ଓ ଗୋପୀନାଥ ଭ୍ରାତୃଦ୍ୱୟଙ୍କ ପୁସ୍ତକାବଳୀର ସେ ଥିଲେ ସମ୍ମାନାର୍ହ ପ୍ରକାଶକ । ଓଡ଼ିଶାର ପୁସ୍ତକଗୁଡ଼ିକ ଯେତେବେଳେ ନିକୃଷ୍ଟ ଧରଣର ମୁଦ୍ରଣ ହେଉଥିଲା, ସେ ଏହି ମୁଦ୍ରଣ-କଳାକୁ ରୁଚିପୂର୍ଣ୍ଣ ଓ ସୁନ୍ଦର କରିଥିଲେ ଓ ପୁସ୍ତକ ଭିତରେ ଆକର୍ଷଣୀୟ ଛବି ଇତ୍ୟାଦି ଦେଇ ଓ ଉପର ମଲାଟକୁ ରଙ୍ଗୀନ କରି ଓଡ଼ିଆ ପାଠକଙ୍କୁ ଯଥେଷ୍ଟ ଆକୃଷ୍ଟ କରି ପାରିଥିଲେ । ତାଙ୍କର ଉପଯୁକ୍ତ ସନ୍ତାନ ରୂପେ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଦାସ ପୃଥିବୀର ଶ୍ରେଷ୍ଠ ପୁସ୍ତକଗୁଡ଼ିକ ଓଡ଼ିଆ ଭାଷାରେ ଅନୁବାଦ କରି ଉତ୍କଳ-ଭାରତୀର ଗୌରବ ସାରା ପୃଥିବୀରେ ପ୍ରଚାର କରିଅଛନ୍ତି । ଯୋଗ୍ୟ ପିତାଙ୍କର ଯୋଗ୍ୟ ସନ୍ତାନରୂପେ ସେ ମନମୋହନ ପୁସ୍ତକାଳୟର ଗୌରବମୟ ପରମ୍ପରା ଅକ୍ଷୁର୍ଣ୍ଣ ରଖିଛନ୍ତି । ମୋହନବାବୁ ପୁରାତନ ଯୁଗର ମଣିଷ ହେଲେବି ସେ ଠିକ୍ ଆଧୁନିକ ଯୁଗର ବହିଗୁଡ଼ିକ ଛାପି ନିଜର ବିକାଶ ରୁଚିଜ୍ଞାନର ଯଥେଷ୍ଟ ପରିଚୟ ଦେଇ ଅଛନ୍ତି । ଖାଲି ସେତିକି ନୁହେଁ, ସେ ଏପରି କେତେକ ବହି ଛାପି ଅଛନ୍ତି, ଯାହା ତାଙ୍କୁ ଚିର ଅମର କରି ରଖିବ । ରାମାୟଣ

Digitized by srujanika@gmail.com

ସେଠ୍, ଅଷ୍ଟାଦଶ ପର୍ବ, ସ୍ୱର୍ଥସହ ଚଣ୍ଡୀ, ଜୈମିନୀ ଭାରତ, ବୃହତ୍ ଭାଗବତ, ଗୀତା ଇତ୍ୟାଦି ନାନାବିଧ ଉପାଦେୟ ପୁସ୍ତକ ଲୋକଚକ୍ଷୁକୁ ଆଣି ଦେଶର ବହୁ ଉପକାର କରିଅଛନ୍ତି । ମୃତ୍ୟୁର ଅବ୍ୟବହିତ ପୂର୍ବରୁ ସେ ପୂର୍ଣ୍ଣାଙ୍ଗ ଭାଗବତ (ମୂଳ ସଂସ୍କୃତ ଶ୍ଳୋକ ଓ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାବାର୍ଥ) ଅତି ସୁନ୍ଦର ଭାବରେ ଛାପୁଥିଲେ । କିନ୍ତୁ ଦୁଃଖର କଥା ତାହା ସେ ଶେଷ କରିପାରି ନାହାନ୍ତି । ମୁଁ ଯେତେବେଳେ ତାଙ୍କ ପାଖକୁ ଶେଷଥର ପାଇଁ ଯାଇଥିଲି, ସେ ରୋଗକ୍ଲିଷ୍ଟ ଶୀର୍ଣ୍ଣ ଶରୀରରେ ମଧ୍ୟ ମତେ ହସି ହସି କହିଥିଲେ, "ଏହି ଅସମ୍ପୂର୍ଣ୍ଣ ଭାଗବତର ସମ୍ପୂର୍ଣ୍ଣ ଦାୟିତ୍ୱ ତୁମ୍ଭ ଉପରେ ନ୍ୟସ୍ତ କଲି । ଏହାକୁ ପୂର୍ଣ୍ଣ କରି ଯେପରି ମୋ' ଚେଷ୍ଟାକୁ ସଫଳ କରିବ ।" ସେଦିନ ତାଙ୍କର ସେ ଅନୁରୋଧଟି ଏତେ ମର୍ମସ୍ପର୍ଶୀ ଥିଲା ଯେ ମୁଁ ଉକ୍ତ ଭାଗବତ ସେଠ୍ କଳେବର ପୂର୍ଣ୍ଣ ନକଲା ପର୍ଯ୍ୟନ୍ତ ଶାନ୍ତିରେ ରହିପାରିବି ନାହିଁ । ଆଜି ମଧ୍ୟ ମୁଁ ପରିଷ୍କାର ଅନୁଭବ କରୁଛି, ସତେ ଯେପରି ତାଙ୍କର ଅତୃପ୍ତ ଆତ୍ମା ଏହି ଭାଗବତର ପୂର୍ଣ୍ଣ ସଂସ୍କରଣ ପାଇଁ ଆବେଗରେ ମତେ ଇଙ୍ଗିତ କରୁଛନ୍ତି—

ଆଉ ମାତ୍ର ଥରେ ଦେଖା··· ତାହା ଦେଖା ନ ଦେଖା ସମାନ ···ସେ କାହାକୁ କଥା କହିପାରୁ ନଥାନ୍ତି···ମୁଁ ପ୍ରଥମେ ଭାବୁଥିଲି, ତାଙ୍କ ପାଖକୁ ଯିବି କି ନାହିଁ—କାରଣ ତାଙ୍କୁ ଏତାଦୃଶ ରୋଗଶଯ୍ୟାରେ ଦେଖିବାର ଧୈର୍ଯ୍ୟ ମୋର ନଥିଲା—ତଥାପି ଏପରି କୃତୀ ବ୍ୟକ୍ତିଙ୍କର ପ୍ରେରଣା ଯେ ଆଉ ପାଇବି ନାହିଁ, ଏହା ଭାବି ଧୀର ଭାବରେ ତାଙ୍କର ପ୍ରକୋଷ୍ଠକୁ ପ୍ରବେଶ କଲି । ସେତେବେଳର ସେ କରୁଣ ଦୃଶ୍ୟଟି ଦେଖି କେବଳ ଅଶ୍ରୁମୋଚନ କରିବା ଛଡ଼ା ଉପାୟାନ୍ତର ନଥିଲା । ମୋହନବାବୁ ଆଖି ଖୋଲି ଖୁହିଁଲେ, —ବଡ଼ କାତର ଥିଲା ସେ ଚାହାଣି···ମୁଁ ବାକ୍‌ରୁଦ୍ଧ ହୋଇଥିଲି—

Digitized by srujanika@gmail.com

ମାତ୍ର ସେ ସମସ୍ତ ଶକ୍ତି ସଞ୍ଚୟ କରି ଏତିକ କହିପାରିଥିଲେ, "ରଣଜିତ୍ ···ସଂଘକୁ ଠିକ୍ ଭାବରେ ଚଳାଉ ଥିବ···ମୋର ଏତେବଡ଼ ଘର (ମୋହନ ନିକେତନ) ପଡ଼ିଛି ସଂଘର ସବୁ ମିଟିଂ, ଭୋଜି, ବନ୍ଧୁ-ମିଳନ, ଏଠାରେ ନିମିତ୍ତ ହୁଏ···ମୁଁ ଦରି ବିଗଳିତ କଣ୍ଠରେ ସମ୍ମତି ଜଣାଇଲି।···ସେ ଆଉ କିଛି କହି ନଥିଲେ···କେବଳ ହାତ-ହଲାଇ ଅସ୍ପଷ୍ଟ ଇଙ୍ଗିତ କଲେ। ବୋଧହୁଏ ତାଙ୍କର ଜୀବନର 'ସମାପ୍ତି' ସମ୍ବନ୍ଧରେ ନୀରବ ଘୋଷଣା କରିଥିଲେ ····ମୁଁ ତାଙ୍କର ପଦସ୍ପର୍ଶକରି ବିଦାୟ ନେଲି। ଆଖିଜଳରେ ମୁଁ ବାଟ ଦେଖିପାରୁ ନଥାଏ···

ସେ ଆଜି ଆଉ ନାହାନ୍ତି। ମାତ୍ର ତାଙ୍କର ଆଦର୍ଶ ଜୀବନ, କର୍ମନିଷ୍ଠା ଓ ମଧୁର ବ୍ୟବହାର ଆମ୍ଭମାନଙ୍କ ହୃଦୟ ପଟ୍ଟଭୂମିରେ ସର୍ବଦା ସଜୀବ ହୋଇ ରହିଅଛି। ତାଙ୍କର ଅବିନାଶୀ ଆତ୍ମା ଆଜି ମଧ୍ୟ ଆମ୍ଭଙ୍କୁ ଆଲୋକ ବର୍ତ୍ତିକା ଧରି ପଥ କଢ଼ାଇ ନେଉଛି। ପୁରାଣ ପ୍ରକାଶକ ସଂଘ ତାଙ୍କୁ ଆଜି ହରାଇ ପିତୃହରା ସନ୍ତାନ ପରି ଅନୁଶୋଚନା କରୁଛି। ତଥାପି ତାଙ୍କର 'ଆଦର୍ଶ ମହାନୁଭବତା' ଏହି ସଂଘର ପ୍ରତ୍ୟେକ ସଭ୍ୟଙ୍କ ଠାରେ ପ୍ରତିଫଳିତ ହେଉ ଏହାହିଁ ମୋର ଏକାନ୍ତ କାମନା।

"ଜୟ ମା କନକ ଦୁର୍ଗା"

Digitized by srujanika@gmail.com

ଶ୍ରୀ ବୃନ୍ଦାବନ ସାହୁ

ଗୁପ୍ତଦାନ ଗ୍ରହଣ କରିଥିବାରୁ, ଲକ୍ଷିତାକାରରେଥିବା ତାଙ୍କର ଶ୍ରୀ ହସ୍ତ ଲିଖିତ ପତ୍ରଟି ପ୍ରକାଶ କରିବାକୁ କୁଣ୍ଠାବୋଧ କଲିନାହିଁ। ପାଠକେ ! ଏହିଥିରୁ ତାଙ୍କର ମହତ୍ତ୍ୱ ବୁଝି ପାରିବେ ।

ଆଜକୁ ୩୫ବର୍ଷ ପୂର୍ବେ ମୋର ପିତା ସ୍ୱର୍ଗୀୟ ସତ୍ୟବାଦୀ ସାହୁ (ବହରକମ୍ପୋଜରରେ—ଅରୁଣୋଦୟ ପ୍ରେସ) କହିଥିଲେ ତମର ମହନବାବୁ ମୋ ପାଖରେ କାମ ଶିଖିଥିଲେ, ତା'ପରେ ସେ କଲିକତା କାମ କରିବାକୁ ଗଲେ ଏବଂ ମୁଁ କଲିକତା ବୁଲି ଯାଇଥିବା ସମୟରେ ସେ ଆଦରର ସହିତ ବସାକୁ ଡାକିନେଇ ଖାଇବା ପିଇବା ବ୍ୟବସ୍ଥା ସୁରୁରୁ ରୂପେ ବୁଝି ରେଲଗାଡିରେ ବସିବା ପର୍ଯ୍ୟନ୍ତ ଯତ୍ନ ନେଇଥିଲେ ।

ତା'ପରେ କେତେବର୍ଷପରେ ମୋର ମାତା ଦଶହରା ପର୍ବରେ ତାଙ୍କ କୋଠାକୁ ଦେଖିବାକୁ ଯାଇଥିଲେ, ତାଙ୍କୁ ମୋହନବାବୁ ଭୂମିଷ୍ଠ ପ୍ରଣାମ ହେବା ଦେଖି, ମନେ ମନେ ଭାବ ସ୍ଥିର କଲି ମୋହନବାବୁ ମୋର ବଡ଼ଭାଇ ଅର୍ଥାତ୍ "ଜ୍ୟେଷ୍ଠଭ୍ରାତା ସମ ପିତଃ" ସୁତରାଂ ଆଜି ପର୍ଯ୍ୟନ୍ତ ଏହି ଭାବରେ ମୁଁ ଚଳିଆସୁଛି ।

ତାଙ୍କର ପ୍ରୟାଣ ୨୦ଦିନ ପୂର୍ବରୁ ମୁଁ ଦେଖିବାକୁ ଯାଇଥିଲି, ସେ ଶଯ୍ୟାଶାୟୀ ଥିଲେ, ଉଠିବା ଶକ୍ତି ନଥିଲା । ଗୀତା ପାଠକରି ଶୁଣାଇବାକୁ ଆଗ୍ରହ ପ୍ରକାଶ କରି କହିଲେ ମୁଁ ସେହିଦିନ ପ୍ରଥମ ଅଧ୍ୟାୟଟି ପଢ଼ି ଶୁଣାଇଲି ଏହିପରି ୧୮ ଦିନରେ ଅଠର ଅଧ୍ୟାୟ ପାଠ କରି ଶୁଣାଇଲି । ଗୀତାପାଠ ସମୟରେ ସେ ସ୍ଥିର ଭାବରେ ଶୁଣୁ ଥାଆନ୍ତି ଏବଂ ଅଧ୍ୟାୟ ବଢ଼ିବା ପରେ ନମସ୍କାର ହୁଅନ୍ତି ।

Digitized by srujanika@gmail.com

ଭଗବାନଙ୍କ ଅପାର କରୁଣାରୁ ଗୀତା ପାଠ ସମାପ୍ତି ବଢ଼ିବା ପରେ ପରେ ଅକସ୍ମାତ୍ ଅଳଆ ଗଦାରୁ ଦକ୍ଷିଣାବର୍ତ୍ତ ଶଙ୍ଖଟି ପ୍ରାପ୍ତ ହୋଇ ଭଗବାନଙ୍କୁ ଧନ୍ୟ ଧନ୍ୟ ନକହି ରହିପାରିଲେ ନାହିଁ ।

ଆହୁରି ମଧ୍ୟ ଏକାଦଶ ଅଧ୍ୟାୟ ଗୀତାପାଠ ଦିନ ନବଜାତ କୁମାର (ପୌତ୍ର) ଟିଏ ପ୍ରାପ୍ତ ହୋଇ ଆନନ୍ଦ ଲଭକଲେ ଏବଂ ଏକୋଇଶା ଉତ୍ସବରେ ନବଜାତ କୁମାରର ନାମକରଣ "ମନ-ମୋହନ" ରଖାଗଲା । ଏହା ସ୍ମରଣୀୟ ହେବା ସଙ୍ଗେ ସଙ୍ଗେ ସ୍ୱର୍ଗୀୟ ମୋହନବାବୁଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଶ୍ରୀ ଗୁରୁଦେବଙ୍କୁ କୃତାଞ୍ଜଳିପୁଟରେ ପ୍ରାର୍ଥନା ।


MANMOHAN BOOK SHOP
PUBLISHERS & ORIYA BOOK SELLERS.
123/1A, BOWBAZAR STREET, CALCUTTA-12
Ref No Date

ଶ୍ରୀ ଶୁକଦେବ ସାହୁ

ମୋହନଚରଣ ଦାସ — ପ୍ରବାସୀ ଓଡ଼ିଆ ମହଲରେ ସେ ଥିଲେ ଅତି ସୁପରିଚିତ । ତାଙ୍କର ବଳିଷ୍ଠ ଚିନ୍ତାଧାରା ଓ ଜୀବନବ୍ୟାପୀ କର୍ମଯୋଜନା ତାଙ୍କୁ ବିଦେଶରେ ସୁପ୍ରତିଷ୍ଠିତ କରି ପାରିଥିଲା ବହୁ ବର୍ଷ ପୂର୍ବରୁ । ତାହାର ଉଜ୍ଜ୍ୱଳ ନିଦର୍ଶନ ସ୍ୱରୂପ ଗଢ଼ି ଉଠିଥିଲା କଲକତାର ବହୁବଜାର ଷ୍ଟ୍ରୀଟ୍‌ରେ ଥିବା ମନମୋହନ ପୁସ୍ତକାଳୟ । ଏହି ପ୍ରତିଷ୍ଠାନ ମାଧ୍ୟମରେ ସେ ପ୍ରଥମେ ଯେଉଁ କ୍ଷୁଦ୍ର କ୍ଷୁଦ୍ର ପୁସ୍ତିକା ସବୁ ପ୍ରକାଶ କରୁଥିଲେ — ତାହା ହିଁ ସେତେବେଳର ଅନ୍ଧକାରାଚ୍ଛନ୍ନ ଓଡ଼ିଆ ଭାଇମାନଙ୍କ ଜୀବନରେ ପ୍ରଥମ ସକାଳର ନୂତନ ଆଲୋଡ଼ନ ସୃଷ୍ଟି କରିଥିଲା । ପରେ ପରେ ମୋହନ ବାବୁ କଲକତାରେ ପ୍ରେସ୍ ସ୍ଥାପନ କରି ବହୁ ପୁସ୍ତକ ପ୍ରକାଶରେ ମନୋନିବେଶ କରିଥିଲେ । ଓଡ଼ିଆ ଗୀତ-କବିତା, ଗ୍ରନ୍ଥ-ପୁରାଣ, କାହାଣୀ, ଗୀତିନାଟ୍ୟ, ଗଳ୍ପ ଉପନ୍ୟାସ ପ୍ରକାଶିତ କରି ସେ ବିଦେଶରେ ଶ୍ରମଜୀବୀ ଓଡ଼ିଆମାନଙ୍କ ମଧ୍ୟରେ ପ୍ରତିଫଳିତ କରିଥିଲେ ଏକ ଅଭିନବ ଚିନ୍ତାଧାରା ଓ ଉଜ୍ଜ୍ୱଳ ଆଦର୍ଶ । ବ୍ୟବସାୟକୁ ଅଗ୍ରଗତି କରିବା ସଙ୍ଗେ ସଙ୍ଗେ ସେ ଦେଖିଥିଲେ ଜାତିର ଭବିଷ୍ୟତ ଜୀବନର ଉଜ୍ଜ୍ୱଳ ଚିତ୍ର । ସେଥିପାଇଁ ସେ ନିରବଚ୍ଛିନ୍ନ ଭାବରେ ପ୍ରବାସୀ ଓଡ଼ିଶାବାସୀଙ୍କ ସେବାରେ ନିଜକୁ ସମର୍ପଣ କରି ଦେଇଥିଲେ । ଜୀବନର ଅଧିକ ସମୟ ସେ କଲକତାରେ ବିତାଇବାକୁ ଭଲ ପାଉଥିଲେ ।

ଆଜକୁ ସତର ବର୍ଷ ତଳେ ତାଙ୍କ ସହିତ ମୋର ପ୍ରଥମ ପରିଚୟ କଲକତାସ୍ଥିତ ମନମୋହନ ପୁସ୍ତକାଳୟରେ ।

Digitized by srujanika@gmail.com

ସେତେବେଳକୁ ମୁଁ ପ୍ରବାସୀ ଓଡ଼ିଆ ଆନ୍ଦୋଳନ ସହିତ ଜଡ଼ିତ ହୋଇ ପଡ଼ିଥାଏ । ପ୍ରଥମ ପରିଚୟରେ ତାଙ୍କ ସହିତ ମୋର ଯେପରି ବହୁଦିନର ପରିଚୟ ପରି ଲାଗିଲା । ତାଙ୍କର ମଧୁର ବ୍ୟବହାର, ସରଳ ହୃଦୟର ଭାବଧାରା, ଉନ୍ନତ ଚିନ୍ତାର ବିକାଶ ଓ ଆଳାପ ଆଲୋଚନାରେ ପ୍ରଫୁଲ୍ଲତା ମୋତେ ମୁଗ୍ଧ କରିଥିଲା । ସେଥିପାଇଁ ତାଙ୍କପ୍ରତି ମୋର ହୃଦୟରେ ଅଲକ୍ଷିତରେ ଶ୍ରଦ୍ଧା ଓ ଭକ୍ତି ସେହିଦିନଠୁ ଯେପରି ଜାଗିଉଠିଥିଲା । ପ୍ରବାସୀ ଓଡ଼ିଆ ଆନ୍ଦୋଳନରେ ସେ ସକ୍ରିୟ ଭାଗ ନ ନେଉଥିଲେ ମଧ୍ୟ ପରୋକ୍ଷରେ ସମର୍ଥନ ଓ ସହାନୁଭୂତି ଜଣାଉଥିଲେ ଓ ଆର୍ଥିକ ସାହାଯ୍ୟ ମଧ୍ୟ ଦେଉଥିଲେ ।

କଲିକତା ସହର ଓ ତା'ର ଆଖପାଖ ଉପକଣ୍ଠରେ ବହୁ ଓଡ଼ିଆ ଶ୍ରମଜୀବୀ ପୂରି ରହିଛନ୍ତି । ଏମାନଙ୍କ ନିକଟରେ ମୋହନ ଚରଣ ଦାସ ଅତି ସୁପରିଚିତ । ଅତି ସ୍ୱଳ୍ପରେ ଛନ୍ଦ, ପୁରାଣ, ଗୀତିନାଟ୍ୟ, କାହାଣୀ, ଓଡ଼ିଆ ପକେଟ ସଙ୍ଗୀତ ଲେଖି ଓ ପ୍ରକାଶିତ କରି ମୋହନବାବୁ ଏମାନଙ୍କ ମନରେ ନୂତନ ଆଲୋକପାତ କରିବା ସଙ୍ଗେ ସଙ୍ଗେ ନିଜେ ଚିରଦିନ ପାଇଁ ଏମାନଙ୍କ ହୃଦୟରେ ସ୍ଥାନ ପାଇଛନ୍ତି । ଆଜି ମୋହନବାବୁ ନାହାନ୍ତି । କିନ୍ତୁ ପ୍ରବାସୀ ଓଡ଼ିଶାବାସୀଙ୍କ ମନ ଓ ହୃଦୟରେ ମୋହନବାବୁ ସବୁବେଳେ ଅଛନ୍ତି ଓ ଥିବେ । ସାରା ଜୀବନକାଳ ଭିତରେ ସେ ପ୍ରବାସୀ ଓଡ଼ିଶାବାସୀଙ୍କ ସେବାରେ ନିଜକୁ ନିୟୋଜିତ କରି ଯେଉଁ ଅସାଧାରଣ ଆଦର୍ଶ ଦେଖାଇ ଯାଇଛନ୍ତି ତାହା ଚିରଦିନ ଅମର ହୋଇ ରହିବ ।

ତାଙ୍କର ପ୍ରତିଷ୍ଠିତ ମନମୋହନ ପୁସ୍ତକାଳୟ ଓଡ଼ିଶାର ଏକ ବିଶିଷ୍ଟ ପ୍ରକାଶ-ସଂସ୍ଥା ରୂପେ ପରିଚିତ । ଏହାର ମାଧ୍ୟମରେ ସେ ବହୁ ପୁସ୍ତକ ପ୍ରକାଶିତ କରି ବ୍ୟବସାୟ ମାଧ୍ୟମରେ ଓଡ଼ିଆ ସାହିତ୍ୟର

Digitized by srujanika@gmail.com

ଅଭିବୃଦ୍ଧି କରିଯାଇ ଅଛନ୍ତି । ବହୁ ନୂତନ ଲେଖକଙ୍କୁ ଲେଖିବା ପାଇଁ ପ୍ରେରଣା ଓ ଉତ୍ସାହ ଯୋଗାଇଛନ୍ତି ଓ ତାଙ୍କର ରଚନାବଳୀ ପ୍ରକାଶିତ କରି ଅବଶେଷରେ ତାଙ୍କୁ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ପ୍ରତିଷ୍ଠିତ କରିଦେଇ ଅଛନ୍ତି । ସୁନ୍ଦର ମୁଦ୍ରଣ କ୍ଷେତ୍ରରେ ତାଙ୍କର ପ୍ରତିଷ୍ଠିତ କଟକର ମନମୋହନ ପ୍ରେସ୍‌ର ଓଡ଼ିଶାରେ ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଏହା ତାଙ୍କ ଉଜ୍ଜ୍ୱଳ କୃତିତ୍ୱର ବାସ୍ତବ ପରିଚୟ ।

ମୋହନ ଚରଣ ଦାସ ଥିଲେ କର୍ତ୍ତବ୍ୟନିଷ୍ଠ, ଉଦ୍‌ଯୋଗୀ-ସୁପୁରୁଷ । ନିଜର ଉନ୍ନତିର ସଙ୍ଗେ ସଙ୍ଗେ ସେ ଜାତିର ଉନ୍ନତିର ସ୍ୱପ୍ନ ଦେଖୁଥିଲେ । ସେଥିପାଇଁ ସ୍ୱପ୍ନ ତାଙ୍କର ସାର୍ଥକ ହୋଇଥିଲା— ଅଳ୍ପ କେତେବର୍ଷ ମଧ୍ୟରେ ବ୍ୟବସାୟରେ ନିଜକୁ ପ୍ରତିଷ୍ଠିତ କରି ସୁଖ୍ୟାତି ଅର୍ଜନ କରିଥିଲେ । ସେ ବହୁ ଅର୍ଥର ଅଧିକାରୀ ହୋଇ ମଧ୍ୟ ଗର୍ବ ଓ ଅହଙ୍କାର ତାଙ୍କୁ ସ୍ପର୍ଶ କରି ପାରି ନଥିଲା । ସେ ଥିଲେ ଅତି ଧର୍ମପରାୟଣ ବ୍ୟକ୍ତି । ତାଙ୍କ ଅଧୀନରେ ଥିବା ସମସ୍ତ କର୍ମଚାରୀମାନଙ୍କୁ ସେ ସ୍ନେହପୂର୍ଣ୍ଣ ଦୃଷ୍ଟି ଓ ଉଦାର ହୃଦୟରେ ଦେଖୁଥିଲେ ।

ସାମାନ୍ୟ ଦୁଇଟଙ୍କା ବେତନରେ ନିଜର କର୍ମମୟ ଜୀବନ ଆରମ୍ଭ କରି ନିଜର ସାଧନା ଓ ସିଦ୍ଧି ଅବଶେଷରେ ତାଙ୍କୁ ଗୌରବ ଓ ଶ୍ରୀ ମଣ୍ଡିତ କରି ଦେଇ ଯାଇଅଛି । କର୍ମମୟ ଜୀବନର ଖରସ୍ରୋତ ପ୍ରବାହରେ ସେ ଭାସି ଚାଲିଛନ୍ତି ଆଗକୁ—ଦୁଃଖ ଅବସାଦରେ ସେ ମ୍ରିୟମାଣ ହୋଇଛନ୍ତି ସତ କିନ୍ତୁ ପଛକୁ ଫେରି ଚାହିଁ ନାହାନ୍ତି । କାମ ଆଉ କାମ । ସାରା ଜୀବନ ସେ କର୍ମ ପରିସର ମଧ୍ୟରେ ହିଁ ବଜାଇ ଅଛନ୍ତି । ଏପରି ଉଜ୍ଜ୍ୱଳ ଜୀବନର ବିକାଶ ସାଧାରଣ କ୍ଷେତ୍ରରେ ଖୁବ୍ କମ ଲୋକଙ୍କୁ ଦେଖିବାକୁ ମିଳେ ।

Digitized by srujanika@gmail.com

ମୋହନ ବାବୁ ଆଜି ଦୂର ଦିଗନ୍ତ ସେପାରିରେ। କିନ୍ତୁ ତାଙ୍କର ସ୍ମୃତି ପ୍ରବାସୀ ଓଡ଼ିଆମାନଙ୍କ ଜୀବନମୁକୁଟରେ ସବୁଦିନେ ପ୍ରତିଫଳିତ ହେଉଛି ଓ ହେଉଥିବ । ମନମୋହନ ପ୍ରତିଷ୍ଠାନ ମାଧ୍ୟମରେ ନିଜେ ସେ ଜାତିର ସେବାରେ ଯେଉଁ ଆଦର୍ଶ ଓ ପ୍ରତିଭା ଦେଖାଇ ଯାଇ ଅଛନ୍ତି—ତାହା ତାଙ୍କର ସ୍ମୃତିକୁ ସବୁଦିନେ କରିବ ମହନୀୟ ଓ ଅବିସ୍ମରଣୀୟ ।

Digitized by srujanika@gmail.com

ଶ୍ରୀ ଗୋପାଳ କାନୁନଗୋ

(ଲଳିତକଳା ଏକାଡେମୀର ସଦସ୍ୟ)

ପରମ ସ୍ନେହାସ୍ପଦ ଶ୍ରୀମାନ ପ୍ରଫୁଲ୍ଲ ବାବୁ,

ଆପଣଙ୍କର ପରମପୂଜ୍ୟ ପିତୃଦେବଙ୍କ ମୃତ୍ୟୁରେ ମୁଁ ଅତ୍ୟନ୍ତ ବ୍ୟଥିତ ହୋଇ ପଡ଼ିଥିଲି । ଅର୍ଦ୍ଧଶତାବ୍ଦୀ ମଧ୍ୟରେ ଅନ୍ୟ ଜଣେ ପ୍ରକାଶକ ଉତ୍କଳର ସାହିତ୍ୟ କ୍ଷେତ୍ରରୁ ଚିରଦିନ ପାଇଁ ବିଦାୟ ନେଇ ଗଲେ । ସେ ନାନା ଦୁଃଖ ମଧ୍ୟରେ ଜୀବନ ଗଢ଼ି ଯେପରି ସ୍ୱାବଲମ୍ବୀ ହୋଇ ପାରିଥିଲେ ଏବଂ ନାନାଦିଗରୁ ସାଧାରଣ ଜନଗଣଙ୍କ ପାଇଁ ବହୁ-ଉପାଦେୟ ପୁରାଣ ଗ୍ରନ୍ଥାଦି ଛାପି ଯାଇଥିଲେ ତାହା ବର୍ତ୍ତମାନ ଯୁଗରେ ଆଉ ସମ୍ଭବ ହୋଇ ପାରିବ ନାହିଁ । ମୋହନ ବାବୁଙ୍କ ସହିତ କଲିକତାରେ ମୋର ସାକ୍ଷାତ ଓ ବନ୍ଧୁତା ଜନ୍ମିଥିଲା । ତାଙ୍କର ରୁଚିପୂର୍ଣ୍ଣ ଭଦ୍ର ବ୍ୟବହାର ମୋତେ ମୁଗ୍ଧ କରିଥିଲା । ସେତେବେଳକୁ ସେ ଧନୀ ହେବାର ସୌଭାଗ୍ୟ ଅର୍ଜନ କରି ସାରି-ଥିଲେ । ତଥାପି ମୋ ପରି ଜଣେ ନଗଣ୍ୟ ବ୍ୟକ୍ତି ପ୍ରତି ତାଙ୍କର ଅପାର ସ୍ନେହ ଓ ସୌଜନ୍ୟ ମୁଁ ଭୁଲି ପାରିବ ନାହିଁ । ତାଙ୍କର ଏହି ସୌଜନ୍ୟ ଓ ସ୍ନିଗ୍ଧ ବ୍ୟବହାର ତାଙ୍କର ଯୋଗ୍ୟପୁତ୍ର ଶ୍ରୀମାନ୍ ପ୍ରଫୁଲ୍ଲବାବୁଙ୍କଠାରେ ଦେଖି ମୁଁ ମନେ ମନେ ପରମ ସନ୍ତୋଷ ଲାଭ କରିଥାଏ ।

ପରମ୍ପରାସୂତ୍ରରେ ସେ ଯେଉଁ ରୁଚିପୂର୍ଣ୍ଣ ଭଦ୍ର ବ୍ୟବହାର ତାଙ୍କର ପୂଜ୍ୟ ପିତୃଦେବଙ୍କଠାରୁ ଲାଭ କରିଛନ୍ତି ତାହା ତାଙ୍କୁ ଜଗତ୍‌ବିଖ୍ୟାତ ବହୁ ଗୁଣବାନ୍ ମହତ୍ ବ୍ୟକ୍ତିଙ୍କ ଶ୍ରଦ୍ଧା ଆକର୍ଷଣ

Digitized by srujanika@gmail.com

କରିବାରେ ଯଶସ୍ୱୀ କରିଛି ଓ ସେହି କାରଣରୁ ସେ ଅତି ଉତ୍କୃଷ୍ଟ ଉପନ୍ୟାସ ଓ ଗ୍ରନ୍ଥାଦି ପ୍ରଣୟନ କରି ବିଶ୍ୱସାହିତ୍ୟ ପରିବେଶରେ ଯଶସ୍ୱୀ ହୋଇପାରିଛନ୍ତି । ଏ ଦେଶର ମୁଷ୍ଟିମେୟ ପାଠକଙ୍କ ପାଇଁ ପ୍ରଫୁଲ୍ଲବାବୁଙ୍କର ଏତାଦୃଶ ଗ୍ରନ୍ଥ ପ୍ରକାଶନ ପଛ ପଟରେ ମୋହନ ବାବୁଙ୍କର ପ୍ରେରଣା ଯେ ନିହିତ ଅଛି—ଏଥିରେ ସନ୍ଦେହ ନାହିଁ ।

ବିଶ୍ୱ ସାହିତ୍ୟକୁ ଏ ଦେଶର ଜନସାଧାରଣଙ୍କୁ ବାଣ୍ଟିଦେବା ପାଇଁ ଉଦ୍ୟମର ପଛପଟରେ ଯେ ମହାନୁଭବତା ଓ ନିର୍ଲୋଭ ଭାବରେ ଅର୍ଥବ୍ୟୟ କରିବାର ଯେଉଁ ପ୍ରେରଣା ତାହା ମୋହନ ବାବୁଙ୍କର ହିଁ ଆତ୍ମପରିଚୟ ।

ତାଙ୍କର ତିରୋଧାନରେ କେତେ ଗୁଣୀ, ଜ୍ଞାନୀବ୍ୟକ୍ତି ନାନା ବାର୍ତ୍ତା ପଠାଇଥିବେ । ମୋର ଏ ଦୁଇଧାଡ଼ି ଲେଖା କିଛି ନୁହେଁ କହିଲେ ଚଳେ ।

ମୋହନବାବୁ ଜଣେ ଧାର୍ମିକ ବ୍ୟକ୍ତି ହିସାବରେ ଜନସାଧାରଣଙ୍କର କିଞ୍ଚିତ୍ ଉପକାର କରିବାପାଇଁ ସର୍ବଦା ବ୍ୟାକୁଳ ଥିଲପରି ମୋର ମନେହୁଏ । କେତେବର୍ଷ ପୂର୍ବରୁ ସେ ନବଗ୍ରହ ସ୍ତୋତ୍ର ପାଠପାଇଁ ଜନଗଣଙ୍କୁ ଉଦ୍‌ବୁଦ୍ଧ କରିବା ଉଦ୍ଦେଶ୍ୟରେ ଗୋଟିଏ କ୍ୟାଲେଣ୍ଡର ପ୍ରସ୍ତୁତ କରିବା ପାଇଁ ପ୍ରତ୍ୟେକ ଗ୍ରହଙ୍କର ରୂପ-ବେଶଭୂଷା, ବାହନ ଓ ଅନ୍ୟ ବହୁ ଉପକରଣକୁ ସଂଗ୍ରହକରି ମୋ ପାଖକୁ ଗୋଟିଏ ଚିତ୍ରପଟ ପାଇଁ ଲେଖିଥିଲେ । ମାତ୍ର ମୋର ଅସୁସ୍ଥତା ଯୋଗୁଁ ତାହା ସମ୍ପୂର୍ଣ୍ଣ ହୋଇପାରି ନାହିଁ । ବୋଧହୁଏ ସେ କାର୍ଯ୍ୟଟିକୁ ସେ ସଂକ୍ଷେପ କରି ଅନ୍ୟ ଗୋଟିଏ କ୍ୟାଲେଣ୍ଡର ପ୍ରସ୍ତୁତ କରିଥିବେ ବୋଲି ଅନୁମାନ କରୁଛି । ମୋ ନିକଟରେ ସେହି ଚିତ୍ରଟି ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି ।

Digitized by srujanika@gmail.com

ସେ ଯାହାହେଉ ମୋହନବାବୁଙ୍କର ମହାନୁଭବତା ଓ ପ୍ରକାଶନ ଦିଗରୁ ଦେଶସେବା ସ୍ମରଣୀୟ ହୋଇ ରହିବ । ସାହିତ୍ୟ ଏକାଡ଼େମୀର ଶ୍ରେଷ୍ଠ ପ୍ରାଚୀନଗ୍ରନ୍ଥ ରଚୟିତାଙ୍କ ଉଦ୍ଦେଶ୍ୟରେ ତାଙ୍କ ନାମରେ ଗୋଟିଏ ସ୍ୱର୍ଣ୍ଣପଦକ ଘୋଷଣା କରି ତାଙ୍କ ନାମକୁ ସ୍ମରଣୀୟ କରି ରଖିବାପାଇଁ ପ୍ରଫୁଲ୍ଲବାବୁ ଯତ୍ନ କରିବେ ବୋଲି ମୋର ଆଶା ।

ଜ୍ଞାନକେନ୍ଦ୍ର କାର୍ଯ୍ୟାଳୟ
କଟକ-୩

Digitized by srujanika@gmail.com

ଶ୍ରୀ ପ୍ରାଣନାଥ ମହାନ୍ତ, ଏମ୍. ଏ., ଆଇ. ଏ. ଏସ୍

୧୯୬୦ ମସିହା ଜୁନ୍ ମାସ କଥା । ସେତେବେଳେ ଲ୍ୟାଣ୍ଡ ରିଫର୍ମସ୍ ଏବଂ ଏକ୍ସାଇଜ କମିସନର ପଦରେ ଅଧିଷ୍ଠିତହୋଇ ମୁଁ କଟକରେ କ୍ୟାଣ୍ଟନମେଣ୍ଟ ରୋଡ଼ର ୮ ନମ୍ବର କୋଠିରେ ଅବସ୍ଥାନ କରୁଥାଏ । ସରକାରୀ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟରୁ ଅବ୍ୟାହତି ମିଳିବାବେଳେ ଲେଖା-ଲେଖିର ଅଭ୍ୟାସ ରଖିଥାଏ । ଦିନେ ହଠାତ୍ ମନମୋହନ ପ୍ରେସ, ପୁସ୍ତକାଳୟ, ଟାଇପ୍ ଫାଉଣ୍ଡ୍ରି ଏବଂ ଔଷଧ ଭଣ୍ଡାରର ପ୍ରତିଷ୍ଠାତା ୬ ଶ୍ରୀ ମୋହନ ଚରଣ ଦାସ ମୋ ଘରେ ଉପସ୍ଥିତ । ଉଦ୍ଦେଶ୍ୟ, ପ୍ରାଚୀନ ସଂସ୍କୃତି ଓ ସାହିତ୍ୟ ବିଷୟକ କୌଣସି ଗବେଷଣାମୂଳକ ଲେଖା ଦେଲେ ସେ ତାଙ୍କ ପ୍ରେସରେ ଛପାଇଦେବେ । ଆଗରୁ ତାଙ୍କର ଓ ତାଙ୍କ ପ୍ରେସର ସୁଖ୍ୟାତି ଶୁଣିଥିଲି; କିନ୍ତୁ ତାଙ୍କ ସହିତ ପରିଚୟ ନ ଥିଲା । ଯନ୍ତ୍ର ପରିଚାଳିତ ଆଣବିକ ଯୁଗରେ ମନୁଷ୍ୟ କିପରି ଧନୋପାର୍ଜନ ସର୍ବସ୍ୱ ହୋଇ ଆଧ୍ୟାତ୍ମିକତା ଏବଂ ପ୍ରାଚୀନ ସଂସ୍କୃତି ପ୍ରତି ବୀତସ୍ପୃହ ହୋଇଯାଉଅଛି ତାହା ତାଙ୍କ ପ୍ରାଣରେ ଗଭୀର ବ୍ୟଥା ଦେଉଥିବାର ମୁଁ ହୃଦୟଙ୍ଗମ କଲି । ଭାରତୀୟ ସଂସ୍କୃତି-ସାହିତ୍ୟ ଏବଂ ଉତ୍କୃଷ୍ଟ ବିଶ୍ୱ ସାହିତ୍ୟର ପ୍ରକାଶନ ଓଡ଼ିଆଭାଷା ମାଧ୍ୟମରେ କରି ଓଡ଼ିଶାର ପୁରପଲ୍ଲୀରେ ଆଧ୍ୟାତ୍ମିକ ଭାବଧାରା ପ୍ରବାହିତ କରିବା ତାଙ୍କ ଜୀବନର ବ୍ରତ ଥିଲାପରି ଜଣାପଡ଼ିଲା । ସେ ସମୟବେଳେ ମହାକବି କାଳିଦାସଙ୍କ ଉପରେ ଏକ ସମାଲୋଚନା ଗ୍ରନ୍ଥର ଓଡ଼ିଆ ପାଣ୍ଡୁଲିପି ମୁଁ ଲେଖୁଥାଏଁ । ମୁଁ ପ୍ରସ୍ତାବ ଦେଲି ସେ ଯଦି ଆପତ୍ତି ନ ଥାଏ, ସେହି ପାଣ୍ଡୁଲିପିକୁ ଗ୍ରନ୍ଥ ଆକାରରେ

Digitized by srujanika@gmail.com



(ବାମଥାଡ଼ୁ)—ଶ୍ରୀ ନିତ୍ୟାନନ୍ଦ ଦାସ, ଶ୍ରୀ ରମାକାନ୍ତ ମହାନ୍ତି, ଶ୍ରୀ ବ୍ରଜ କିଶୋର ଦାସ,
ଶ୍ରୀ ମଦନ ମୋହନ ମହାନ୍ତି ।
(ତଳେ ଉପବିଷ୍ଟ) ବାମଥାଡ଼ୁ—ଶ୍ରୀ ନାରାୟଣ ବାରୁ ଓ ଶ୍ରୀ ଜୟରାମ ଦାସ ।

Digitized by srujanika@gmail.com



Digitized by srujanika@gmail.com

ଛପାଯାଉ । ଶ୍ରୀ ମୋହନ ଚରଣ ଦାସ ଏକଘଣ୍ଟା କାଳ ବସି ସେ ପାଣ୍ଡୁଲିପିକୁ ପରୀକ୍ଷା କଲେ ଏବଂ ପାଣ୍ଡୁଲିପିରେ କେତେକ ଗୁରୁତ୍ୱ-ପୂର୍ଣ୍ଣ ପରିବର୍ତ୍ତନର ସୂଚନା ଦେଇ ମୋ ପ୍ରସ୍ତାବରେ ତତ୍‌କ୍ଷଣାତ୍ ସ୍ୱୀକୃତ ହେଲେ । ବର୍ତ୍ତମାନ ସେ ପାଣ୍ଡୁଲିପି "ମହାକବି କାଳିଦାସ" ନାମରେ ଅଭିହିତ ହୋଇ ମନମୋହନ ପ୍ରେସରେ ଛପା ଯାଉଅଛି ଏବଂ ତାହାର ପ୍ରଥମ ଭାଗ ପ୍ରାୟ ପ୍ରକାଶୋନ୍ମୁଖ ।

ଶ୍ରୀ ମୋହନ ଚରଣ ଆଜି ଇହଜଗତରେ ନାହାନ୍ତି ; ତାଙ୍କର ଅମର ଆତ୍ମା ସ୍ୱର୍ଗଧାମରେ ; କିନ୍ତୁ ସେହି ଦିନକର ସ୍ମୃତି ଆଜି ମୋ ହୃଦୟରେ ଅମର ଅକ୍ଷରରେ ଖୋଦିତ ହୋଇ ରହିଛି । ତାଙ୍କର ଭାରତୀୟ ସଂସ୍କୃତି ପ୍ରତି ଅନାବିଳ ପ୍ରେମ ଏବଂ କାଳିଦାସ ତଥା ଉତ୍କୃଷ୍ଟ ବିଶ୍ୱ-ସାହିତ୍ୟର ଓଡ଼ିଆ ମୁଦ୍ରଣ ଓ ପ୍ରକାଶନ ପ୍ରତି ଗଭୀର ବ୍ୟାକୁଳତା ତାଙ୍କୁ ଯୁଗେ ଯୁଗେ ଅମର କରି ରଖିଥିବ । ତାଙ୍କର ପୁଣ୍ୟ ଆଦ୍ୟ ଶ୍ରାଦ୍ଧ ଦିବସରେ ଭାରତୀୟ ସଂସ୍କୃତି ଓ ସାହିତ୍ୟର ଜଣେ ପୂଜାରୀ ହିସାବରେ ମୁଁ ଆଜି ତାଙ୍କର ଅମର ଆତ୍ମାପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଅଛି । ଭଗବାନଙ୍କଠାରେ ପ୍ରାର୍ଥନା ଯେ ତାଙ୍କର ଦାୟାଦ-ମାନେ ତାଙ୍କ ମହାନ୍ ଆଦର୍ଶକୁ ପରିପୂର୍ଣ୍ଣ କରିବା ପାଇଁ ସମର୍ଥ ହୁଅନ୍ତୁ ।

ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ ।

Digitized by srujanika@gmail.com

ଅଧ୍ୟାପକ ଗୋପାଳ ଚନ୍ଦ୍ର ମିଶ୍ର, ଏମ୍. ଏ.

"ସବେ ଚଳିବେ କାଳ ବଳିଲେ
କଥା ରହିବ ମହୀତଳେ ।"

ଏହା ଯେପରି ସତ୍ୟ, ସେପରି ମଧ୍ୟ ମିଥ୍ୟା ଅନିତ୍ୟ ସଂସାରରେ ନିତ୍ୟ । ପୁରାଣ, ଗୀତା, ଭାଗବତ, କୋରାନ୍, ବାଇବଲ ପୃଥିବୀର ସମସ୍ତ ଧର୍ମଶାସ୍ତ୍ର "ସତ୍ୟହିଁ ସାର" ବୋଲି ଜାହିର କରିଛନ୍ତି । ସଂସାରରେ ସତ୍ୟ କିଅଣ, ଏବଂ ସତ୍ୟକୁ ଯେବେ ସ୍ୱୀକାର କରାଯାଏ ତେବେ ଅସତ୍ୟର ସ୍ଥାନ ରହିଲା କେଉଁଠି ? ପୁଣି ଲୋକେ ଜାଣି ଶୁଣି ଯେବେ ଅସତ୍ୟକୁ ପ୍ରଶ୍ରୟ ଦିଅନ୍ତି, ଏବଂ ନାନାବିଧ ଅମାନୁଷିକ ପନ୍ଥାରେ ରତ ହୁଅନ୍ତି ତାହାହେଲେ ସତ୍ୟର ପ୍ରଭାବ ରହିଲା କେଉଁଠି ? ମାନବ ଜୀବନ ଏକ ସମସ୍ୟା, ନୀତି, ଆଦର୍ଶ ଏବଂ ପଦ୍ଧତି ପ୍ରଣାଳୀ ଏହି ସମସ୍ୟାକୁ ଆହୁରି ଜଟିଳ କରି ପକାନ୍ତି । ଏ ସବୁ ତା ପୁଣି ମଣିଷ ସମାଜ ଅଛି ଯାହା କି ମଣିଷଠାରୁ ବଡ଼ । ଏ ମନୁଷ୍ୟ ହେଲା ସୃଷ୍ଟିର ଶ୍ରେଷ୍ଠଜୀବ, ତାର ଆତ୍ମଜ୍ଞାନ ହିଁ ହେଲା ସଂସାରକୁ ମାପିବାର ପ୍ରଥମ ମାନଦଣ୍ଡ । ସୃଷ୍ଟିର ସମସ୍ତ ତତ୍ତ୍ୱ ଜାଣିବା ଏବଂ ଜାଣିବା ପରେ ସେଥିରେ ନିମଜ୍ଜିତ ହେବାକୁ ଭଗବତ୍ ସାଧନା କୁହାଯାଏ । ସୃଷ୍ଟିରେ ଭଗବତ୍ ସାଧନା, ଜନ୍ମ ମୃତ୍ୟୁ, ସୁଖ ଦୁଃଖ ଏବଂ ନାନାବିଧ ଜଞ୍ଜାଳ ଏପରି ବହୁ ଚିନ୍ତା ମନୁଷ୍ୟକୁ ବରାବର ବ୍ୟାପୃତ କରି ରଖେ । ଏହି ବ୍ୟାପୃତ ମଧ୍ୟରୁ ସୃଷ୍ଟି ହୋଇଛି ବିଭିନ୍ନ ଧର୍ମ, ବିଭିନ୍ନ ଧର୍ମର ଭିନ୍ନ ଭିନ୍ନ ଶାଖା ପ୍ରଶାଖା, ଯେପରି ହିନ୍ଦୁ ଧର୍ମରେ ଏକେଶ୍ୱର ବାଦ

Digitized by srujanika@gmail.com

ଦ୍ୱୈତ ବାଦ ଓ ଅଦ୍ୱୈତ ବାଦ । ଏହି ମତବାଦ ସବୁ ଅବଶ୍ୟ ଜ୍ଞାନାନ୍ୱେଷଣର ଗୋଟିଏ ଗୋଟିଏ ସଙ୍କେତ । ଜୀବତତ୍ତ୍ୱ, ସୃଷ୍ଟିତତ୍ତ୍ୱ ଏବଂ ଜ୍ଞାନତତ୍ତ୍ୱ ହିଁ ଏକ ସ୍ୱୟଂ ସମ୍ପୂର୍ଣ୍ଣତତ୍ତ୍ୱର ଏକ ଏକ ଅଂଶ, ସେଥିପାଇଁ "ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ" ଏକ ପରମ ସତ୍ୟ । ଜନ୍ମର ପୂର୍ବାବସ୍ଥା ଏବଂ ମୃତ୍ୟୁର ପରବର୍ତ୍ତୀ ଅବସ୍ଥା, ମଣିଷର ଜିଜ୍ଞାସୁ ମନକୁ ବରାବର ବ୍ୟାକୁଳ କରି ରଖିଛି । ମଣିଷ ଆସିଲା କେଉଁଠୁ ? ମଣିଷ ଯାଏ କେଉଁ ବାଟରେ ? ଏହି ଆସିବା ଯିବାର ବ୍ୟବଧାନ ହିଁ ହେଉଛି ଜୀବନ, ସଂସାରରେ ନେଲ୍ ଲୁଣ ସ୍ୱଭାବ ତହସିଲ୍ ପୁରୁଣା ଫର୍ଦ୍ଦ । ଭୋଳାନାଥ ସଦାଶିବ, ତାଙ୍କୁ ଶିବା ସଂସାରର ଉତ୍ପତ୍ତି କଥା ମଧ୍ୟ ପଚାରିଥିଲେ ଆଜ ତା ଉତ୍ତରରେ କହିଥିଲେ :—

"ମହାଶୂନ୍ୟ ଯେ ଜ୍ୟୋତିରୂପ
ଜ୍ୟୋତିରୁ ଜାତ ଧୂଳ ରୂପ ।
ଧୂଳରୁ ଅର୍ଦ୍ଧମାତ୍ରା କଲା
ମାତ୍ରାରୁ ଓଁକାର ଜନ୍ମିଲା ।
ଓଁକାର ବ୍ରହ୍ମ ଏ ଜଗତ,
ଶୂନ୍ୟ ପାବଚ୍ଛ ଦେଇ ଚିତ୍ତ ।
ଅଣାକାର ଯେ ଜ୍ୟୋତି ରୂପ,
ସେଠାରେ ନାହିଁ ରୂପରେଖ ।

ଜନ୍ମ ମୃତ୍ୟୁର ଏହା ହିଁ ହେଲା ସବୁକାଳର ବ୍ୟାଖ୍ୟାନ । କିନ୍ତୁ ସବୁକାଳର ଏହି ଇଙ୍ଗିତ ମଧ୍ୟରେ ଆମ୍ଭେ "ପ୍ରାଣୀର ଭଲ ମନ୍ଦ ବାଣୀ" ଖୋଜି ବସୁ, ତାହା ପୁଣି ଠିକ୍ ମରଣ କାଳରେ । ତାହା ଜାଣୁ ପୁଣି ଠିକ୍ ପ୍ରାଣୀର ଅନ୍ତ ସମୟରେ ।

Digitized by srujanika@gmail.com

ମୋର ବନ୍ଧୁ ପ୍ରଫୁଲ୍ଲ ଚନ୍ଦ୍ର ଦାସ ଆଜ ପିତୃଶୂନ୍ୟ, ସଂସାରରେ ଯେ ଜନ୍ମ ଗ୍ରହଣ କରିଛି, ଅଧିକାଂଶ ସେଥିରୁ ପିତା ହୁଅନ୍ତି, ମାତ୍ର ସମସ୍ତେ ଦିନେନା ଦିନେ ପିତୃଶୂନ୍ୟ ହୁଅନ୍ତି । ବୁଦ୍ଧଦେବ କହିଥିଲେ "ସମସ୍ତେ ଦିନେ ଏହି ଦଶାର ଅଧୀନ ହେବେ" । ପିତୃ ବିୟୋଗ ଦୁଃଖ ସହଜରେ ଲିଭିଯିବାର ନୁହେଁ କି ତୁଟି ଯିବାର ନୁହେଁ । ହିନ୍ଦୁଧର୍ମ ମଧ୍ୟ ପିତା ପୁତ୍ରର ସମ୍ପର୍କକୁ ଏପରି ବିଶ୍ଳେଷଣ କରି ସମସ୍ତ ମାନବ ସମାଜର ଇତିହାସ ସହିତ ଜଡ଼ିତ କରାଇ ଦେଇଛି ଯେ ମୃତ୍ୟୁ ପରେ ମଧ୍ୟ ପିତା ପୁତ୍ରଠାରୁ ପିଣ୍ଡର ଆଶା ରଖିଥାଏ ଏବଂ ପୁତ୍ର ପୂର୍ବପୁରୁଷଙ୍କ ସହିତ ତାର ପିତା, ପ୍ରପିତାମହଙ୍କୁ ତିଳ ତର୍ପଣ ଦ୍ୱାରା ତୃପ୍ତ କରିବା ହେଉଛି ପୁତ୍ରର କର୍ତ୍ତବ୍ୟ । ସେଥିପାଇଁ ଶାସ୍ତ୍ରରେ ବିଧି ଖଞ୍ଜା ଯାଇଛି —

ଜପେ ହୋମେ ତଥା ଦାନେ ସ୍ୱାଧ୍ୟାୟେ ପିତୃ ତର୍ପଣେ
ନ ଶୂନ୍ୟଂ ତୁ କରଂ କୁର୍ଯ୍ୟାତ୍ ସୁବର୍ଣ୍ଣ ରଜତୈଃ କୁଶୈଃ ।

ଏହାର ଅର୍ଥ ହେଲ୍ ଜପ ହୋମ ଦାନ ବେଦଧ୍ୟୟନ ଓ ପିତୃ ତର୍ପଣରେ ହସ୍ତକୁ ଶୂନ୍ୟ ରଖିବ ନାହିଁ । ସୁନା ରୂପାର ମୁଦ୍ରିକା ବା କୁଶବଟୁ ଧାରଣ କରିବା ଉଚିତ । ପୁନଶ୍ଚ :—

ତିଳ ଦର୍ଭସମାଯୁକ୍ତ ସ୍ୱଧୟା ଯତ୍ ପ୍ରଦୀୟତେ
ତତ୍ସର୍ବମ ମୃତଂ ଭୂତ୍ୱା ପିତୃଣ ମୁପତିଷ୍ଠତେ
ଏକୈକସ୍ୟ ତିଳୈର୍ମି ଶ୍ରାଂସ୍ତ୍ରୀନଦ୍ୟାତ୍ ଜଳାଂଜଳୀନ୍
ଯାବଜ୍ଜୀବ କୃ .ଂ ପାପଂ ତତ୍କ୍ଷଣା ଦେବ ନଶ୍ୟତି ।

ରଶି ଓ କୁଶ ଏକତ୍ର କରି ଯେ ତର୍ପଣ କରେ ତାହାସବୁ ଅମୃତ ତୁଲ୍ୟ ହୋଇ ପିତୃମାନଙ୍କୁ ପ୍ରାପ୍ତି ହୋଇଥାଏ । ତିଳମିଶ୍ରିତ କରି ଯେ ତିନଥର ଜଳାଂଜଳି ଅର୍ପଣ କରେ ତାହାର କୃତପାପ ତତ୍କ୍ଷଣାତ୍ ନାଶ ହୁଏ ।

Digitized by srujanika@gmail.com

ମରଣଶୀଳ ଏହି ଦୁନିଆ, ମଣିଷର ଭାଲ ପଟରେ କେବଳ ମୃତ୍ୟୁର ହିଁ ଇସ୍ତାହାର ଲଖିତ। ସୁତରାଂ ଜନ୍ମ ହେଲେ ମୃତ୍ୟୁ ଏକମାତ୍ର ଗନ୍ତି, ଏବଂ ସେହି ମରଣ ମଧ୍ୟରେ ଅମୃତ ସନ୍ଧାନ କରିବା ପ୍ରକୃତରେ ଧର୍ମପ୍ରାଣ ପୁରୁଷର କର୍ତ୍ତବ୍ୟ। ଓଡ଼ିଶାର ଗଣସାହିତ୍ୟ—ପ୍ରକାଶକ ମୋହନ ଚରଣ ଦାସ ଜଣେ ଏହିପରି ଧର୍ମପ୍ରାଣ ବ୍ୟକ୍ତି ଥିଲେ। ଆଜ ତାଙ୍କର ବିଦାୟରେ ଜଣେ କବିଙ୍କର ରଚନାରୁ ଗୋଟିଏ ଧାଡ଼ି ମନେପଡ଼େ—

ଧର୍ମପଥେ ସତ୍ୟପଥେ ନେଇ ଯାଅ ମୋତେ
ଭସାଅ ପରାଣ ମୋର ତବ ପ୍ରେମ ସ୍ରୋତେ
ତୁମ୍ଭେ ପରମ ଶରଣ
ଏ ଜୀବନ ଶ୍ରୀଚରଣେ କଲି ସମର୍ପଣ।
ଆଜ ତାଙ୍କ ପାଇଁ ଶୂନ୍ୟ ଶୂନ୍ୟ ମହା ଶୂନ୍ୟରେ
ଏହି ପ୍ରାର୍ଥନା ହିଁ ଝଙ୍କୃତ ହେବା କଥା।

Digitized by srujanika@gmail.com

ଡକ୍ଟର ମାୟାଧର ମାନସିଂହ
(ମୁଖ୍ୟ ସମ୍ପାଦକ, ଓଡ଼ିଆ ଜ୍ଞାନକୋଷ)

୧ରେ ସମ୍ବଲପୁରରୁ ଦିଲ୍ଲୀ ଯିବା ଭିତରେ ଜଣେ ଇଂରେଜ ବ୍ୟବସାୟୀଙ୍କ ସହିତ ମୋର ପରିଚୟ ଘଟିଥିଲା । ସେ ସେତେବେଳକୁ ଭାରତର ସର୍ବାଞ୍ଚଳ ସହିତ ପରିଚିତ ହୋଇସାରିଥିଲେ ଓ ଆମ ଜାତୀୟ ଚରିତ୍ରର ଦୋଷ-ଗୁଣ ସମ୍ବନ୍ଧରେ ଅନେକ ସ୍ପଷ୍ଟ ଧାରଣା କରି ପାରିଥିଲେ । ଅନ୍ୟାନ୍ୟ କଥା ଭିତରେ ସେ କହିଲେ— "ମୁଁ ଭାରତବର୍ଷରେ ଗୋଟିଏ ଲୋକ ଦେଖିଲିନି ଯେ କି ତଳୁ ଉପରକୁ ଉଠିଛି । ଇଂଲଣ୍ଡରେ କିନ୍ତୁ ଏ ଦୃଷ୍ଟାନ୍ତ ସର୍ବତ୍ର । ଆମର ବ୍ୟବସାୟ, ଆମର ଜାତୀୟ ଚରିତ୍ର ସେହିପରି ଭାବରେ ଗଢ଼ି ଉଠିଛି ଓ ଆମକୁ ତାହା ଦକ୍ଷ, ନିପୁଣ କରେ । ଇଣ୍ଡିଆରେ ପ୍ରତ୍ୟେକ ଲୋକ ଇଚ୍ଛା କରୁଛି ଯେ କେବଳ ସାଙ୍ଗେ ସାଙ୍ଗେ ବଡ଼-ସାହେବ ହୋଇ ଖାଲି ଅର୍ଡ଼ର ଦେବ । ଏ ଦେଶର ଗ୍ରାଜୁଏଟ୍ କେବଳ ଏଇପରି ବଡ଼-ସାହେବ, ଯେଉଁମାନଙ୍କର ନିମ୍ନସ୍ତରର କୌଣସି ଅଭିଜ୍ଞତା ନାହିଁ । ଇଣ୍ଡିଆରେ ତେଣୁ କୌଣସି କାମରେ ନିପୁଣତା ଦେଖା ଯାଉନି ।"

ସେ ନିଜ ପିନ୍ଧିଥିବା ଶାର୍ଟଟି ଦେଖାଇ କହିଲେ "ଏଇ ଦେଖ ମୋର ଶାର୍ଟ । ଏପରି କନା ଇଣ୍ଡିଆରେ ମିଳିବନି । (ପ୍ରକୃତରେ ତାହା ଚିକ୍କଣ ଓ ଚକ୍ ଚକ୍ କରୁଥାଏ) । ପୁଣି ଏପରି କନାର ଶାର୍ଟ ଖଣ୍ଡିଏ ଅନ୍ତତଃ ସାତ ଆଠବର୍ଷରୁ କମ୍ ଯାଏନା । କିନ୍ତୁ ଇଣ୍ଡିଆନ୍‌ସ କପଡ଼ାର ଗୁଣ ବା ସ୍ଥାୟିତ୍ୱ କେତେ ?"

Digitized by srujanika@gmail.com

ମନମୋହନ ପ୍ରେସର ଗଠନ ଦୃଷ୍ଟିରୁ, ଶ୍ରୀ ମୋହନ ଚରଣଙ୍କ ଜୀବନ, ସାମାନ୍ୟ ଭାବରେ ହେଲେ, ଇଂରେଜ ବ୍ୟବସାୟୀଙ୍କ ମନ୍ତବ୍ୟକୁ ଯେ ମିଥ୍ୟା ପ୍ରମାଣ କରୁଛି, ଏହା ମତେ ବିଶେଷ ଆନନ୍ଦ ଦେଉଛି । ମାସକୁ ଦୁଇଟଙ୍କା ଦରମାର କମ୍ପୋଜିଟରରୁ ଜଣେ ବହୁଲକ୍ଷପତିଙ୍କର ମାଲିକ ହେବାରେ ଗୌରବ ଅଛି ଓ ମୁଁ ଆଶା କରୁଛି ଯେ ଆମ ଦେଶର ବହୁଲୋକ ଏଥିରୁ ସମୁଚିତ ଆଦର୍ଶ ଗ୍ରହଣ କରିବେ । ମୋହନ ଚରଣ ବୋଧହୁଏ ଦୃଷ୍ଟଶାଳୀ ପାଠରୁ ଉପରକୁ ଉଠି ନଥିଲେ । ତେଣୁ ଆମ ଲୋକେ ସ୍ମରଣ ରଖନ୍ତୁ ଯେ ଡିଗ୍ରୀ ଆଦୌ ବଡ଼ କଥା ନୁହେଁ । ପୁଣି ସବୁଠୁ ବଡ଼ କଥା ଏହି ଯେ, ଦୁ'ଟଙ୍କିଆ କମ୍ପୋଜିଟର କାହ୍ନୁଚରଣଙ୍କ ପରି ଔପନ୍ୟାସିକଙ୍କୁ ଜଗତ ସମକ୍ଷରେ ଠିଆ କରାଇଦେଲା, ପୁଣି ପ୍ରଫୁଲ୍ଲ ଚନ୍ଦ୍ର ଦାସଙ୍କ ପରି ଧୁଆଁ ଦେଇ ଓଡ଼ିଆ ସାହିତ୍ୟ ଭିତରକୁ ବଙ୍ଗ-ସାହିତ୍ୟର କେନାଲ ଟାଣି ଆଣିଲା, ଯାହା ଫଳରେ ଓଡ଼ିଶାର ଦୂର ମଫସଲରେ ମଧ୍ୟ ଗ୍ରାମ୍ୟ ଓ ଉତ୍କଳ-ବଧୂ ଆଇପିଲଣ୍ଡର ଶ୍ରେଷ୍ଠ ଉପନ୍ୟାସ ପଢି ଉପଭୋଗ କରି ପାରିବ ।

ମନୁଷ୍ୟର ବ୍ୟକ୍ତିତ୍ୱ ଖଣ୍ଡ ପରି ଦିଶେ, କିନ୍ତୁ ବସ୍ତୁତ ସେ ଅଖଣ୍ଡ । ଯେକୌଣସି ଦିଗରେ ଦକ୍ଷତା ଓ ବୈଶିଷ୍ଟ୍ୟ ଆସିଗଲେ, ତାର ପ୍ରଭାବ ଅଜ୍ଞାତସାରରେ ବହୁ ଦିଗକୁ ବୋହିଯାଏ । ଦକ୍ଷ କମ୍ପୋଜିଟର ମୋହନ ଚରଣ ସେହି ଯୋଗୁଁ କାହ୍ନୁଚରଣଙ୍କର ବା ଓଡ଼ିଆରେ ବଙ୍ଗ-ସାହିତ୍ୟର ପୃଷ୍ଠପୋଷକ ହୋଇ ପାରନ୍ତି । ନଚେତ୍ ଏ ବ୍ୟାପାର ଅକଳ୍ପନୀୟ ।

ମୋହନ ଚରଣ ପ୍ରତିଭାଶାଳୀ ଲୋକ ନଥିଲେ । କିନ୍ତୁ ସାଧାରଣ ନାଗରିକର ଆଦର୍ଶ ପ୍ରତିଭାଶାଳୀ ଲୋକ ନୁହେଁ, ହୋଇ ନପାରେ । ସାଧାରଣ ନାଗରିକ ପକ୍ଷରେ ମୋହନ ଚରଣଙ୍କ ଆଦର୍ଶ

Digitized by srujanika@gmail.com

ଯଥେଷ୍ଟ । କମ୍ପୋଜିଟରରୁ ଲକ୍ଷପତି ହେବାର ଏକ ସ୍ୱାଭାବିକ ସମ୍ଭାବିତ ପଥ ସେ ଦେଖାଇଗଲେ । ଡକ୍ଟର ମହେନ୍ଦ୍ର ଲାଲ ସରକାର ତାଙ୍କ ବଙ୍ଗାଳୀ କର୍ମଗୃହୀଗୋଷ୍ଠୀକୁ ନ ଅନାଇ ଉତ୍କଳାଗତ ପ୍ରାୟ—ନିରକ୍ଷର ଭୃତ୍ୟ ମୋହନ ଚରଣଙ୍କୁ ସୂତ୍ର ଧରେଇ ଦେଇଥିଲେ । ସେହି ବିଶ୍ୱସ୍ତତା, ସେହି ଦକ୍ଷତାହିଁ ଜୀବନରେ ଉନ୍ନତି ପାଇଁ ବଡ଼ କଥା । ଆଶାକରେ, ଦେଶବାସୀ ଏଥିରୁ କିଛି ଶିଖିବେ । ଭାଗବତରେ ପଢ଼ୁ ଉଦ୍ଧବଙ୍କର ୨୭, ଗୁରୁଥିଲେ; ତା ଭିତରେ ଚିଲ, ଅଜଗର ବି ଅଛନ୍ତି । ତେଣୁ କମ୍ପୋଜିଟର ମୋହନ ଚରଣ ଆମର ଗୁରୁ ହେବାରେ ଅପମାନ କିଛି ନାହିଁ । କମ୍ପୋଜିଟର ମୋହନ ଚରଣ ଓଡ଼ିଆ ଜାତି ପକ୍ଷରେ ନିଃସନ୍ଦେହରେ ଏକ ଆଦର୍ଶ ।

Digitized by srujanika@gmail.com

କାହ୍ନୁଚରଣଙ୍କ ଦୃଷ୍ଟିରେ ମୋହନ ଚରଣ

ଶ୍ରୀ କାହ୍ନୁ ଚରଣ ମହାନ୍ତି

(ସାହିତ୍ୟ ଏକାଡେମି ପୁରସ୍କାର ପ୍ରାପ୍ତ)

ସଂସାରରେ ଯିଏ ଜନ୍ମହୁଏ ସେ ପୁଣି ଦିନେ ତା'ର ଅତି ପ୍ରିୟ ସଂସାରକୁ ଛାଡ଼ି ଚାଲିଯାଏ । ଜୀବନକାଳ ମଧ୍ୟରେ ସେ ଯେଉଁ ବନ୍ଧନ ସୃଷ୍ଟି କରିଥାଏ ସେ ବନ୍ଧନ ଆପେ ଆପେ ଛିନ୍ନ ହୁଏ । ରହିଯାଏ ଖାଲି ତା'ର ଅପୂର୍ଣ୍ଣ ବାସନା । ଯେଉଁ ଆତ୍ମୀୟ ସ୍ୱଜନ ଓ ବନ୍ଧୁ ବାନ୍ଧବଙ୍କୁ ସେ ଛାଡ଼ିଯାଏ । ସେମାନଙ୍କ ମନରେ ସୁଖ ଦୁଃଖର ସ୍ମୃତି ଲାଗି ରହେ । କାଳକ୍ରମେ ସେ ସ୍ମୃତି ମଧ୍ୟ କ୍ଷୀଣରୁ କ୍ଷୀଣତର ହୁଏ ଏବଂ ସମୟର ଅତଳ ଅନ୍ଧାରି ଗହ୍ୱରରେ ଲୁଚି ଛପି ନିଶ୍ଚିହ୍ନ ହୁଏ ।

ସମସ୍ତେ ଏହା ଜାଣନ୍ତି, ତଥାପି ଆତ୍ମୀୟ ସ୍ୱଜନ ଓ ପ୍ରିୟ-ଜନଙ୍କର ତିରୋଧାନରେ ମର୍ମାହତ ହୁଅନ୍ତି । ଗୁଣ ସୁମର ବନ୍ଦନ କରନ୍ତି, ସ୍ମୃତି ମନ୍ଦିର ନିର୍ମାଣ କରନ୍ତି । ଛାଡ଼ି ଯାଇଥିବା ଆତ୍ମୀୟଙ୍କୁ ଚିରନ୍ତନ ସ୍ମୃତି ରୂପରେ ବଞ୍ଚାଇ ରଖିବାକୁ ଚେଷ୍ଟା କରନ୍ତି । ମରଣ ପରେ ମଣିଷର ଦେହକୁ ପୋଡି ଜାଳି ପାଉଁଶ କରାଯାଏ ବିଗତ ଆତ୍ମାର ଅତି ପ୍ରିୟ ନରଦେହ ସହିତ ଥିବା ସବୁ ସମ୍ପର୍କ ନିଶ୍ଚିହ୍ନ କରି ତାକୁ ମୁକ୍ତ କରିବାକୁ ।

ସତେ, ଏ ଦେହରେ ଆତ୍ମା ବୋଲି ଅବିନଶ୍ୱର କେଉଁ ଚେତନ ଶକ୍ତି ଅଛି ଓ ଦେହ ଜରା-ଜୀର୍ଣ୍ଣ ହୋଇ ଅବା ଅନ୍ୟ କେଉଁ କାରଣରୁ ଜୀବନୀଶକ୍ତି ହରାଇଲେ । ଜୀର୍ଣ୍ଣବାସ ପରିତ୍ୟାଗ

Digitized by srujanika@gmail.com

କରି ନର ନୂତନ ବାସ ଗ୍ରହଣ କଲାପରି, ନଷ୍ଟ ଦେହ ଛାଡ଼ି ସେଇ ଅବିନଶ୍ୱର ସ୍ୱତନ୍ତ୍ର ଆତ୍ମା ଜୀବନ କାଳର ଅପୂର୍ଣ୍ଣ—ବାସନା—ପରିଚାଳିତ ହୋଇ କର୍ମଫଳ ଭୋଗ କରିବାକୁ ନୂତନ ଦେହଧରି ଜନ୍ମ ହେଉଛି ? ଅଥବା, କେବଳ ମନୁଷ୍ୟ ନୁହେ ସବୁ ଜୀବିତ ଓ ନିର୍ଜୀବ ବସ୍ତୁ ସ୍ଥୂଳ ଚକ୍ଷୁରେ ସ୍ୱତନ୍ତ୍ର ପ୍ରକାଶ ପରି ଦିଶିଲେ ମଧ୍ୟ ଅନନ୍ତ ଅସୀମ ଅନ୍ତ-ଚେତନ ବିଶ୍ୱ-ଆତ୍ମା ଭିତରେ ସ୍ୱାଭାବିକ ପ୍ରକ୍ରିୟାରେ ସମୁଦ୍ରବକ୍ଷ ଜଳ ଉପରେ ଭାସମାନ ତୁଷାର ଖଣ୍ଡ ପରି ? ସ୍ଥୂଳ ଓ ସୂକ୍ଷ୍ମ ଓତପ୍ରୋତ ଭାବେ ଜଡ଼ିତ, ଭେଦା ଭେଦ ନାହିଁ, ସ୍ୱତନ୍ତ୍ର ଅତ୍ମା—ସ୍ଥୂଳ ଦେହ, ସୂକ୍ଷ୍ମତର, ସୂକ୍ଷ୍ମତମ ଇତ୍ୟାଦି ଦେହ କେବଳ କଳ୍ପନା ମାତ୍ର ?

ସେ ଯାହା ହେଉ ମଣିଷ ତା'ର ବିଶ୍ୱାସକୁ ଭଲ ପାଏ ଓ ତା'ର ବିଶ୍ୱାସ କେବଳ ମନରେ ଆନନ୍ଦ ଦିଏ ନାହିଁ । ତା'ର ବିଚଳିତ ଛଟପଟ ମନରେ ଶାନ୍ତି ଆଣେ, କର୍ମକ୍ଷେତ୍ରରେ ଆଗେଇ ଯିବାକୁ ପ୍ରେରଣା ଯୋଗାଏ, ମନକୁ ଉତ୍ସାହିତ କରେ । ମୁଁ ବିଶ୍ୱାସ କରୁଛି, ସବୁ ପ୍ରାଣୀଙ୍କ ଦେହରେ ଅନାଦି କାରଣ ନାରାୟଣଙ୍କର ସ୍ୱତନ୍ତ୍ର ପ୍ରକାଶ ଅଛି ଓ ସେଇ ସ୍ୱତନ୍ତ୍ର ନାରାୟଣ ହିଁ ସ୍ୱତନ୍ତ୍ର ଅବିନଶ୍ୱର ଆତ୍ମା । ଯିଏ ଜୀବ ଓ ଜଡ଼ ପରି ବାସନା-ପରିଚାଳିତ ହୋଇ ଜୀବନ-ମରଣର ଖେଳ ଖେଳୁଛି ।

ଏଇ ବିଶ୍ୱାସ ମୋ ମନରେ ଧାରଣା ଆଣୁଛି । ହେ ମୋହନ ଚରଣ, ତୁମେ ତୁମର ଜରା-ଜୀର୍ଣ୍ଣ ଶରୀର ତ୍ୟାଗ କରି ଚାଲି ଯାଇଛ ସତ, ତୁମର ସୂକ୍ଷ୍ମ-ଶରୀର ଆଖିକୁ ଦେଖା ନ ଯାଉପଛେ । ଏବେବି ତୁମର ଆତ୍ମା—ସ୍ୱତନ୍ତ୍ରତା ଧରି ଆତ୍ମୀୟ-ସ୍ୱଜନ, ବନ୍ଧୁ ବାନ୍ଧବ ଓ ଅନ୍ୟାନ୍ୟ ପ୍ରିୟଜନମାନଙ୍କ ପାଖରେ ଘୂରି ବୁଲୁଛି । ଅପୂର୍ଣ୍ଣ-ବାସନା ଓ ଭବିଷ୍ୟତ୍ ଯୋଜନାର ପନ୍ଥା ବର୍ଣ୍ଣନା କରୁଛି, ଅନୁନୟ କରୁଛି,

Digitized by srujanika@gmail.com

ମଉଦେହରେ ଥାଇ ଯେଉଁ ସବୁ କର୍ମ ଅଧା ରଖି ଯାଇଛ, ସେତକ ସେମାନେ ପୂର୍ଣ୍ଣ କରିବେ । ତୁମର ଆତ୍ମା ସନ୍ତୁଷ୍ଟ ହେବ । ଅପୂର୍ଣ୍ଣ କାମନାର ଘର-ମୁକ୍ତ ହୋଇ ତୁମର ନିଷ୍କଳଙ୍କ ଆତ୍ମା ସୂକ୍ଷ୍ମ ଦେହ ଗ୍ରହି ସୂକ୍ଷ୍ମ-ତର ହେବ । ଊର୍ଦ୍ଧ୍ୱଗାମୀ ହୋଇ ସଦ୍‌ଗତି ଲଭିବ, ଆଶୀର୍ବାଦର ଅଶରୀରୀର ଅମୃତ ସିଂଚିବ ସେହି ମାନଙ୍କ ଶିରରେ, ସତ୍‌ପଥଗାମୀ ହୁଅ, ଯଶସ୍ୱୀ ହୁଅ—

ଅଠରଶ ତେୟାନବେ ସାଲ ବାହୁଡ଼ା ଦଶମୀ ପବିତ୍ର ଦିନ ଶୁଭ —ମୁହୂର୍ତ୍ତରେ ତୁମେ ଜନମ ଲଭିଥିଲ । ରାଧାରାଣୀଙ୍କ କୋଳରେ, ପିତା ଶମ୍ଭୁନାଥଙ୍କର ନବମ ଓ କନିଷ୍ଠପୁତ୍ରହୋଇ । ତୁମର ପିତାମହ ଫକୀର ଚରଣ ଆଉ ରାମଙ୍କର ପୁତ୍ର । ତୁମେ ଜାଣ ଓ ଜାଣିବା କଥା ପ୍ରକାଶ କରିଛ ଯେ ତୁମର ପୂର୍ବ-ପୁରୁଷର କେହି ଜଣେ ବଙ୍ଗ-ଦେଶରୁ ଉତ୍କଳକୁ ଆସିଥିଲେ, ଓ କାଳ-କ୍ରମେ ଏଦେଶରେ ରହି ବନ୍ଧୁବାନ୍ଧବ କରି ଉତ୍କଳୀୟ ହୋଇଥିଲେ । ତୁମେ କହି ଥିଲ । ନିଜଭାଷାରେ ସାତଖଣ୍ଡ ଗ୍ରନ୍ଥମାନ ରଚନା କରିଛ, ତା ଆର ଭଣିତାରେ ତୁମେ ନିଜେ ତୁମ ହୃଦୟର କଥା, ଦେଶ-ପ୍ରାଣତାର ବାର୍ତ୍ତା ଦେଇ ଯାଇଛ—

"ମୁହିଁ ଯେ ଓଡ଼ିଆ ମୋର ଜନ୍ମ ଓଡ଼ିଶାରେ
କଟକେ ବୃନ୍ଦନଗରୀକ ଡଗର ପଡ଼ାରେ,

× × ×

ପ୍ରବାସୀ ଓଡ଼ିଆଙ୍କର ସେବାରେ ମୋ'ମନ
ଶିକ୍ଷାର ବିସ୍ତାର ସଙ୍ଗେ ଧନ ଉପାର୍ଜନ ।"

× × ×

ତୁମର ପୂର୍ବ-ପୁରୁଷମାନେ ବଙ୍ଗ ଦେଶରୁ ଆସି ଥାଇ ପାରନ୍ତି ; କିନ୍ତୁ ତୁମେ ଯେ ଖାଣ୍ଟି ଓଡ଼ିଆ ଏବଂ ପଦେ ପେଟ

Digitized by srujanika@gmail.com

ପାଠଶାଳା ବ୍ୟବସ୍ଥା କରିବାକୁ ବଙ୍ଗଦେଶକୁ ଗୃହକର କରିବାକୁ ଓ ବ୍ୟବସାୟ କରିବାକୁ ଯାଇ ତୁମର ନଜର ପରିସୀମା ମଧ୍ୟରେ ଥାଇ ପ୍ରବାସୀ ଓଡ଼ିଆଙ୍କର ସେବାରେ ଓ ଶିକ୍ଷା—ବିସ୍ତାରରେ ମନ ଦେଇଥିଲ, ଏକଥା ତୁମେ ହୃଦୟର ବ୍ୟାକୁଳତା ସହକାରେ ପ୍ରକାଶ କରିଛ । ତୁମ ସଙ୍ଗେ ଓ ତୁମର ପରିବାର ବର୍ଗଙ୍କ ସଙ୍ଗେ ବହୁବର୍ଷର ଘନିଷ୍ଠ ସମ୍ପର୍କ ସତ୍ତ୍ୱେ ମୋ ମନରେ ଭୁଲ୍‌ରେ ବି କେବେ ଧାରଣା ହୋଇ ନ ଥିଲା ଯେ ତୁମେ ଓଡ଼ିଆ ନ ହୋଇ ଆଉ କଅଣ ହୋଇ ପାର ।

ସର୍ବ ସମତାର ପ୍ରତୀକ ଶ୍ରୀ ଜଗନ୍ନାଥ ଦେଶ, ଏଇ ପୁଣ୍ୟ ଭୂମି ଉତ୍କଳ ଦେଶରେ ଭାରତର ଅନ୍ୟାନ୍ୟ ପ୍ରଦେଶମାନଙ୍କରୁ କିଏ କେବେ ଆସି ବସତି ସ୍ଥାପନ କରିଥିଲେ କେହି କହି ପାରିବେ ନାହିଁ । ମୋର ପୂର୍ବ ପୁରୁଷ ଏଇ ଭାରତ ବର୍ଷର ଉତ୍କଳ ଭୂମିର ଲୋକ କି ପଶ୍ଚିମର କାସ୍ପିୟାନ୍ ହ୍ରଦ କୂଳରୁ ପଞ୍ଜାବ ବାଟେ ଆସିଥିଲେ ଅଥବା ଆଫ୍ରିକା କି ଅଷ୍ଟ୍ରେଲିଆରୁ ଆସିଥିଲେ ସେକଥା ମୋତେ ଜଣା ନାହିଁ । ମୋର ଘର ଏଇ ଓଡ଼ିଶାରେ । ମୁଁ ଓଡ଼ିଆ ଓ ମୋର ମାତୃଭାଷା ଓଡ଼ିଆ । ସେଥିପାଇଁ ମୁଁ ଗର୍ବ ଅନୁଭବ କରେ । ତୁମେ, ହେ ଅଶୀତିପର ମୋହନ ଚରଣ, ତୁମେ ବି ସେଥି ପାଇଁ ଆନନ୍ଦ ଓ ଗର୍ବ ଅନୁଭବ କରୁଥିଲ ।

କିନ୍ତୁ, ଦେଖି ଯାଇଛି ହେ ମୋହନ ଚରଣ, ଏଇ ଓଡ଼ିଶା ଭୂଇଁରେ ଶହ ଶହ ବର୍ଷ ବାସକରି, ଦଶ ପୁରୁଷ କୋଡ଼ିଏ ପୁରୁଷଙ୍କୁ ଓଡ଼ିଶା ମାଟି ଉପରେ ଜଳାଇ, ଏଇ ଦେଶର ପାଣି ପବନ ମାଟି ଖାଇ ତମ ପୂର୍ବ-ପୁରୁଷଙ୍କ ଆଗରୁ ସେଇ ବଙ୍ଗ-ଦେଶରୁ ଆସିଥିଲେ ଯେଉଁ କୁଟୁମ୍ବମାନେ, କେବଳ ସହର ବଜାରରେ ନୁହନ୍ତି, ଦୂର ମଫସଲରେ ଯେଉଁମାନେ ଘର କରି ରହିଛନ୍ତି, ସେମାନେ କି ଭାଷା

Digitized by srujanika@gmail.com

କହନ୍ତି ଓ ନିଜକୁ କିଆଁ କେବଳ ପରିଚୟ ଦିଅନ୍ତି ? ତୁମେ ଆଜି ସେ ପୁରରେ ଅଛ । ଗୌରୀଶଙ୍କର, ରାମଶଙ୍କର, ପିଆରି ମୋହନ, ଅଶ୍ୱିନୀ-କୁମାର ଦେଶିକାଙ୍କ ସୃଷ୍ଟି-କର ଆତ୍ମାଚୁଡ଼କଙ୍କ ସଙ୍ଗେ ତୁମର ଭେଟ ହୋଇପାରେ । ସେମାନଙ୍କୁ କହିବାକୁ ଭୁଲିବ ନାହିଁ, ତାଙ୍କର ଏ ପୁରର ଦାୟାଦମାନେ ଏବେ ବି ଭାଷା, ଭାବ ଓ ଚଳନରେ ତୁମପରି କି ମୋ ପରି ଓଡ଼ିଆ ହୋଇ ପାରି ନାହାନ୍ତି । ଏବେ ବି ବଙ୍ଗ ଦେଶ ଆଡ଼କୁ ଆଙ୍ଗୁଠି ଦେଖାଇ କହୁଛନ୍ତି, ଆମ ଘର ସେଇଠି ଥିଲା, ଆମ ମାତୃଭାଷା ସେଇଆ । ଭୁଲିବନାହିଁ ମୋହନ ଚରଣ, ନିଶ୍ଚେ ସେମାନଙ୍କୁ ଥରେ କହିବ । ସେମାନଙ୍କର ପ୍ର-ପୌତ୍ରମାନେ, ଭାରତ ସ୍ୱାଧୀନ ହେଲା ପରେ ମଧ୍ୟ ଓଡ଼ିଶା ଭୂଇଁରେ ନିଜକୁ ଅଣଓଡ଼ିଆ ଓ ଏକ ଘରିଆ କରି ରଖିଛନ୍ତି ।

ଉଣେଇଶ ଛେଷଠୀ ସାଲ ସେପ୍‌ଟେମ୍ବର ମାସ ଛଅ ତାରିଖ ଶୁକ୍ରବାର ଦିନ ସକାଳ ସାତ ଘଣ୍ଟା ସମୟରେ ତୁମେ ତୁମର ଦୁଇ ପତ୍ନୀ, ଚାରି ପୁତ୍ର ଓ ପାଞ୍ଚଟି କନ୍ୟାଙ୍କୁ ଛାଡ଼ି ଏ ଦୁନିଆରେ ଏକସ୍ତରି ବର୍ଷ ଅତିବାହିତ କରି ବାସ୍ତରି ବର୍ଷ ବୟସ-ପଥରେ ଝଲିଝଲି ଗୁଳୁଣ୍ଡି ଦେହ ପକାଇ ଊର୍ଦ୍ଧ୍ୱଗତି କଲ । ପ୍ରାୟ ଛଅଟି ମାସ ମରଣ ସଙ୍ଗେ ରଣ କରିଥିଲ ଏବଂ ହେ କର୍ମବୀର, ପରାଜୟ ସୁନିଶ୍ଚିତ ଜାଣି ତିରୋଧାନର ପାଞ୍ଚଦିନ ପୂର୍ବରୁ ତୁମର ଯଶସ୍ୱୀ ଜ୍ୟେଷ୍ଠ ପୁତ୍ର ଆଗରେ ସେକଥା ପ୍ରକାଶ କରିଥିଲ । ଯେଉଁ ସ୍ଥାନରେ ତୁମେ ଅନ୍ତିମ ଶଯ୍ୟାରେ ଶୟନ କରି ଶେଷ ନିଶ୍ୱାସ ତ୍ୟାଗ କରିଥିଲ ସେହିଠାରେ ବହୁବର୍ଷ ପୂର୍ବେ ତୁମର କର୍ମ-ଜୀବନ ଆରମ୍ଭ କରିଥିଲ । ସେହି ସ୍ଥାନରେ ସେକାଳରେ ପ୍ରତିଷ୍ଠିତ ହୋଇଥିବା "ପେଟ୍ରିୟଟ୍ ପ୍ରେସ"ରେ ମାତ୍ର ମାସିକ ଦୁଇଟଙ୍କା ବେତନରେ କମ୍ପୋଜିଟରରୂପେ

Digitized by srujanika@gmail.com

କେତେମାସ କାର୍ଯ୍ୟ କରିଥିଲ । ସେହି ଆର୍ଟ ପ୍ରେସ କେବେଠୁ ଲୁପ୍ତ ହେଲଣି କିନ୍ତୁ ତା' ସ୍ଥାନରେ ତୁମର ଗୋଟିଏ ପ୍ରେସ ଏବେ ପ୍ରତିଷ୍ଠିତ ।

ଯେଉଁଠି ତୁମର କର୍ମମୟ ଜୀବନ ଆରମ୍ଭ ହୋଇଥିଲା, ସେଇଠି ସେ ଜୀବନର ଅନ୍ତ ହେଲା । ଯେଉଁ ଗୃହର କର୍ମକୁଞ୍ଜ ରୂପେ ତୁମେ କର୍ମ-ମୟ ଜୀବନ ଆରମ୍ଭ କରିଥିଲ ସେ ଗୃହଟି ଦିନେ ତୁମର ହେଲା । ସେହି ଗୃହର ନାମ ରଖିଲ 'ମୋହନନିକେତନ' ଓ ସେହି ସ୍ଥାନରେ ମା କନକ ଦୁର୍ଗା ଏବଂ ଶ୍ରୀ ରାଧାକୃଷ୍ଣଙ୍କର ମନ୍ଦିର ଓ ବିଗ୍ରହମାନ ପ୍ରତିଷ୍ଠା କରିବାର ପରମ ସୌଭାଗ୍ୟ ଲାଭ କଲ ।

ମାସିକ ମାତ୍ର ଦୁଇଟଙ୍କା ବେତନରେ ତ କର୍ମମୟ ଜୀବନ କଟକରେ ଆରମ୍ଭ କରିଥିଲ କିନ୍ତୁ ତୁମର ଉନ୍ନତି କାମୀ ମନ କ'ଣ ଏହି କ୍ଷୁଦ୍ର ପରିସ୍ଥିତି ମଧ୍ୟରେ ଆବଦ୍ଧ ହୋଇ ରହି ପାରିଲା ? ନା । ତୁମର ଦୃଷ୍ଟି ପଡ଼ିଲା ମହା-ନଗରୀ କଲିକତା ଉପରେ । ମନ କହିଲା, ଜୀବନ ପଥରେ ଆଗେଇ ଯିବାର କ୍ଷେତ୍ର କଟକ ନୁହେଁ, କଲିକତା । ସେଠାରେ ସୁବିଧା ଓ ସୁଯୋଗ ମିଳିବ, ଏବଂ ସାଧୁତା ଓ ନିଷ୍ଠାର ସହିତ କର୍ମ କଲେ, ଅବସ୍ଥାର ଉନ୍ନତି ହେବ, ନିଜର ମଙ୍ଗଳ ସଙ୍ଗେ ସଙ୍ଗେ ଦଶ ଓ ଦେଶର ମଧ୍ୟ ଉପକାର କରି ହେବ ।

ଅଳ୍ପ ବୟସରେ ତୁମେ ଉପସ୍ଥିତ ହେଲ କଲିକତା ନଗରୀରେ । ପ୍ରକୃତରେ ତୁମର କର୍ମମୟ ଜୀବନ ଆରମ୍ଭ ହେଲା ସେଇଠି । ପୁସ୍ତକ ବ୍ୟବସାୟ ଆରମ୍ଭ । ଅକ୍ଳାନ୍ତ ପରିଶ୍ରମ, କର୍ମ-ନିଷ୍ଠା, ସାଧୁତା, ଭଦ୍ରତା ଓ ଧୈର୍ଯ୍ୟ କର୍ମ-କ୍ଷେତ୍ରରେ ତୁମକୁ ଆଗେଇ ନେଲା । ଦେଶ ଓ ଜାତି-ପ୍ରୀତି ତୁମକୁ ଉଦ୍‌ବୁଦ୍ଧ କରିଥିଲା । ତୁମେ ଥିଲ ନୀରବ କର୍ମୀ ଓ ନୀରବ ସାଧକ । କଲିକତାର ଓଡ଼ିଆ ଅନୁଷ୍ଠାନ ମାନଙ୍କୁ ଯଥା ସାଧ୍ୟ ସାହାଯ୍ୟ କରି ତୁମେ ଉତ୍ସାହିତ

Digitized by srujanika@gmail.com

କରୁଥିଲ । କଟକରେ ସୁବିଖ୍ୟାତ ମନମୋହନ ପ୍ରେସ ସ୍ଥାପନ କଲ । ପୁସ୍ତକ ବ୍ୟବସାୟ ସଙ୍ଗେ ବାଲ୍ୟକାଳରୁ ସମ୍ପୃକ୍ତ ଥାଇ ଲୋକସାଧାରଣ କପରି ପୁସ୍ତକ ପଢ଼ିବାକୁ ଭଲପାଆନ୍ତି ସେ କଥା ଭଲକରି ହୃଦୟଙ୍ଗମ କରିଥିଲ । ତୁମର ତ ଅନ୍ୟାନ୍ୟ ଅନେକ ପ୍ରକାର ବ୍ୟବସାୟଥିଲା । ତା ଛଡ଼ା ପ୍ରକାଶକ ରୂପେ ତୁମେ ଓଡ଼ିଆ ସାହିତ୍ୟକୁ ଅନେକ ଉପାଦେୟ ପୁସ୍ତକ ଦାନ କରି ଯାଇଛ । ତୁମରି ପ୍ରେରଣାରେ ତୁମର ସୁଯୋଗ୍ୟ ପୁତ୍ର ପ୍ରଫୁଲ୍ଲ ଚନ୍ଦ୍ର ବିଶ୍ୱ-ସାହିତ୍ୟର କେତେ ବିଶ୍ୱବିଖ୍ୟାତ ସାହିତ୍ୟକଙ୍କର ଶ୍ରେଷ୍ଠ-କୃତିଗୁଡ଼ିକୁ ପୃଥିବୀର ବିଭିନ୍ନ ଭାଷାରୁ ଅନୁବାଦ ଓ ପ୍ରକାଶ କରି ଓଡ଼ିଆ ପାଠକ ମାନଙ୍କର ଜ୍ଞାନ ପିପାସା ମେଣ୍ଟାଇବାରେ ସକ୍ଷମ ହୋଇଛନ୍ତି ।

ମୋହନ ଚରଣ, ତୁମ ସଙ୍ଗେ ମୋ'ର ପ୍ରଥମ ପରିଚୟ ୧୯ ୧ ସାଲରେ । ଅାବାଲ୍ୟରୁ ସାହିତ୍ୟ-ସାଧନାକୁ ମୁଁ ଜୀବନର ବ୍ରତ କରିଥିଲି । ବ୍ୟାସ-କବି ଫକୀର ମୋହନଙ୍କର ସାମାନ୍ୟ ଜେଇ ଖଣ୍ଡି ଉପନ୍ୟାସ ଗୃହସ୍ଥ-ଜୀବନରେ ମୋର ଦୃଷ୍ଟିରେ ପଡ଼ିଲି ୧୯୨୭ ସାଲରେ । ସେତେବେଳେ ମୁଁ କଟକର ପି. ଏମ୍. ଏକାଡ଼େମୀର ଦଶମ ଶ୍ରେଣୀ (ସେ ସମୟରେ ୨ୟ ଶ୍ରେଣୀ ର ଛାତ୍ର ଥିଲି । ସ୍କୁଲର ତ୍ରୈମାସିକ ପତ୍ରିକା 'ସାହିତ୍ୟ-ସୋପାନ'ରେ ମୋର କେତୋଟି କବିତା ପ୍ରକାଶିତ ହୋଇଥିଲା । ପିଲାଦିନୁ ମୋର ଉଚ୍ଚାଶା ଥିଲା, ମୁଁ ଗୋଟାଏ କବି ହେବି । କାବ୍ୟ-କବିତା ସଙ୍ଗେ ମୋ'ର ପରିଚୟ ହୋଇଥିଲା ରାମାୟଣ ଓ ମହାଭାରତ ପାଠରୁ । ମୁଁ ଗୁଣୁ ଗୁଣୁ ହୋଇ କବିତା ରଚନା କରୁଥିଲି ବୋଲି ସ୍ନେହରେ ମୋର ବାପ ଦାଦି ଓ ଅନ୍ୟ ଅଭିଭାବକମାନେ ବେଳେ ବେଳେ ମୋତେ କାହ୍ନା କବି ବୋଲି ଡାକୁଥିଲେ ।

Digitized by srujanika@gmail.com

ଚର ଜୀବନରେ ଛାତ୍ରାବସ୍ଥାରେ ମୁଁ ବୁଝି ପାରୁଥିଲି, କବି ହେବାର ପ୍ରତିଭା ଓ ଯୋଗ୍ୟତା ମୋର ନାହିଁ । ଜ୍ଞାନର ପରିଧି ମୋର ସଙ୍କୀର୍ଣ୍ଣ । ଏପରି ଧାରଣା ହେବାର ପ୍ରଧାନ କାରଣ ହେଲା, ସେତେବେଳେ ମୁଁ ବୁଝିଥିଲି ଯେ ଉପେନ୍ଦ୍ର ଭଞ୍ଜ, ରାଧାନାଥ ଓ ମଧୁସୂଦନଙ୍କ ପରି ସଂସ୍କୃତଆ ଭାଷାରେ କବିତା ନ ଲେଖିଲେ ସାହିତ୍ୟ ହୋଇପାରେ ନାହିଁ । ଆହୁରି ମଧ୍ୟ ମୋର ଧାରଣା ହୋଇଥିଲା ଯେ ସାହିତ୍ୟ କେବଳ ଲେଖା ହୁଏ ସ୍କୁଲ କଲେଜର ପ୍ରଫେସର, ମାଷ୍ଟର ଓ ଛାତ୍ର ମାନଙ୍କର ପାଇଁ । ଗାଁ ଗହଳର ଲୋକଙ୍କ ପାଇଁ ସାହିତ୍ୟ ଲେଖାଯାଏ ନାହିଁ । ସେମାନଙ୍କ ପାଇଁ ଆଗକାର କବିମାନେ ରାମାୟଣ, ମହାଭାରତ, ଭାଗବତ, ଦାଣ୍ଡିଆ ଭକ୍ତି, ମଥୁରା-ମଙ୍ଗଳ ଲେଖି ଯାଇଛନ୍ତି । ସେମାନେ ସେଇଆ ପଢ଼ିବେ । ରାଧାନାଥ ଓ ମଧୁସୂଦନଙ୍କ ଠାରୁଁ କବିତା ସେମାନଙ୍କ ପାଇଁ ନୁହେଁ ।

୧୯୨୭ ସାଲର କଥା କହୁଥିଲି । ମୋର ବୟସ ଷୋହଳ । ତୁମର ବୟସ ଅଣହିଶ ହୋଇଥିବ । ତୁମ ସଙ୍ଗେ ମୋର ଦେଖା ସାକ୍ଷାତ କି ପରିଚୟ ନାହିଁ । ଏତେ କଲିକତାର ଅନ୍ଧ-କନ୍ଦରେ ପିଠିରେ ବହିଦୋକାନ ବୋହି ଗରିବ ଓଡ଼ିଆ କୁଲିଙ୍କର ଜ୍ଞାନ-ପିପାସା ମେଣ୍ଟାଇବାକୁ ଓ ନିଜର ପେଟ ପୋଷିବାକୁ ତୁମେ ଦିନ ରାତି ଅକ୍ଳାନ୍ତ ପରିଶ୍ରମ କରୁଥିବ । ସେତେବେଳେ ମୁଁ —ଦରିଦ୍ର ଛାତ୍ରଟିଏ ପରି, ମୋର ବଡ଼ଭାଇ ଯଦୁନାଥଙ୍କ ସଙ୍ଗେ ଆମ ଗ୍ରାମ ନାଗବାଲିରୁ ଚାରିକୋଶ ବାଟ ଚାଲି ଚାଲି ଆସି ପିଆରି ମୋହନ ଏକାଡେମିରେ ପାଠ ପଢ଼ୁଥିଲି । ପ୍ରତିଦିନ ସନ୍ଧ୍ୟାରେ ନାଗବାଲି ଫେରି ଯାଉଥିଲୁ ଆମେ ଦୁଇଭାଇ । ପ୍ରତିଦିନ ଆଠକୋଶ ବାଟ ଅତିକ୍ରମ କରୁଥିଲୁ । ପେଟ ପୋଷିବାକୁ ଆମେ ବି ଅକ୍ଳାନ୍ତ ପରିଶ୍ରମ କରିଥିଲୁ ।

Digitized by srujanika@gmail.com

ସେତିକି ବେଳେ ବ୍ୟାସ-କବି ଫକୀର ମୋହନଙ୍କର ଗଳ୍ପ ଉପନ୍ୟାସ ସହିତ ପରିଚୟ ହେଲା । ବାଃ, ଗଦ୍ୟରେ ବି ସାହିତ୍ୟ ଓଡ଼ିଆ ଭାଷାରେ ସୃଷ୍ଟି ହୋଇ ପାରିବ ? ସଂସ୍କୃତ ସାହିତ୍ୟରେ ବିଶେଷ ଜ୍ଞାନ ନ ଥିଲେ ବି ଯେଉଁ ଓଡ଼ିଆ ଭାଷାରେ ଆମ ଗାଁ ଗହଳିରେ ବାପଦାଦି ମଉସା ପିଉସା ଓ ଭାଇମାନେ ଏବଂ ମା ଖୁଡ଼ୀ ମାଉସୀ ଓ ଅପାମାନେ କଥାଭାଷା ହୋଇ ଭାବ ପ୍ରକାଶ କରି ପାରୁଛନ୍ତି, ସେ ଭାଷାରେ ଗଳ୍ପ ଉପନ୍ୟାସ ଲେଖି ହେବ ? ତା ଯଦି ସମ୍ଭବ ହୁଏ, ମୁଁ କବିତା ଲେଖି ଅକ୍ଷର ଗଣି ପାଦ ଓ ପଦ ମିଳାଇ ଉତ୍ପାତକରି ଏତେ ସମୟ ନଷ୍ଟ କରିବି କାହିଁକି ? ପୁଣି, ପଦ ମିଳାଇବାକୁ ଚେଷ୍ଟା କରି ଶବ୍ଦଗୁଡ଼ିକ ବାଛି ବସାଇଲା ବେଳକୁ ମୌଳିକ ଭାବ କୁଆଡ଼େ ଉଡ଼ି ହୋଇ ଯାଉଛି, ଆଉ କଣ ହୋଇ ଯାଉଛି । ପ୍ରତିଭା ତ ନାହିଁ, ଜ୍ଞାନ ଓ ଦକ୍ଷତା ନାହିଁ, କାହିଁକି ଏ କସରତ ? ବିଦାୟ ମା କବିତା, ନମସ୍କାର କରୁଛି ।

୧୯୨୩ ସାଲରେ କବିତା ଛାଡ଼ି ଗଳ୍ପ ଲେଖିବାକୁ ଆରମ୍ଭ କଲି । ପ୍ରଥମ ଗଳ୍ପଟିକୁ ବ୍ରହ୍ମପୁର 'ସାହିତ୍ୟ ସୋପାନ'ର ସମ୍ପାଦକ ନା ପସନ୍ଦକରି ମୋତେ ଫେରାଇ ଦେଲେ । ମୁଁ ଦବିଲି ନାହିଁ । ମୁଁ ଆହୁରି ଅନେକ ଗଳ୍ପ ଲେଖିଲି କିନ୍ତୁ ଅଭିମାନରେ ସାହିତ୍ୟ-ସୋପାନର ସମ୍ପାଦକଙ୍କୁ ପ୍ରକାଶ କରିବାକୁ ଦେଲି ନାହିଁ । ସେହି ବର୍ଷ ମୁଁ ମୋର ପ୍ରଥମ ଉପନ୍ୟାସ ଲେଖା ଆରମ୍ଭ କଲି । ୧୯୨୪ ସାଲରେ ସେ ଉପନ୍ୟାସ ଶେଷ ହେଲା । ମୁଁ ବାଙ୍କିପୁର ପାଟଣାର ବି: ଏନ୍: କଲେଜରେ ଆଇ: ଏସ୍: ସି: ପଢ଼ୁଥିଲି । ମୁଁ ପ୍ରତିଜ୍ଞା କରିଥିଲି, ଯେଉଁଦିନ ମୋ'ର ଗୋଟିଏ ଉପନ୍ୟାସର ଲେଖା ସରିବ, ସେହିଦିନ ନୂତନ ଉପନ୍ୟାସ ଲେଖା ଆରମ୍ଭ ହେବ । ଦ୍ୱିତୀୟ ଉପନ୍ୟାସଟି ସରିଲା ୨୦-୪-୧୯୨୬ ସାଲରେ । ସେହିଦିନ ମୋର

ଦ୍ୱିତୀୟ ଉପନ୍ୟାସ "ବାଲୁଗାଜା"ର ଲେଖା ଆରମ୍ଭ ହେଲା । ସେହି ଉପନ୍ୟାସର ଲେଖା ସରିଲା ୧୯୨୮ ସାଲରେ ।

ଅଣଗଣା ମୋହନ ଚରଣ, ମୋ'ର ପ୍ରଥମ ଦଉଟି ଉପନ୍ୟାସ ପ୍ରକାଶିତ ହୋଇନାହିଁ । 'ବାଲୁଗାଜା' ଲେଖା ସରିଲା ପରେ ବହି-ଗୁଡିକ ଛପିବାକୁ ମୋ ମନରେ ଇଚ୍ଛା ଆସିଲା । ପ୍ରକାଶକ ନଥିଲେ । ସେତେବେଳର ମୁଷ୍ଟିମେୟ ପ୍ରକାଶକମାନେ ପାଞ୍ଜି, ପୁରାଣ ଓ ପାଠ୍ୟ ପୁସ୍ତକ ଛାପିବାକୁ ଅଧିକ ଆଗ୍ରହୀ । କେବଳ କେତେଜଣ ଲବ୍ଧ-ପ୍ରତିଷ୍ଠିତ ଲେଖକ ଲେଖିକାଙ୍କର ଖଣ୍ଡିଏ ଖଣ୍ଡିଏ କାବ୍ୟକବିତା ଛାପିବାକୁ ପ୍ରସ୍ତୁତ ହେଉଥିଲେ । ସେତେବେଳେ ତୁମକୁ ବର୍ଷ । ତୁମେ ହୁଏତ କଲିକତାରେ ବହି ଦୋକାନ ଖୋଲି ସାରିବଣି । କଟକରେ ମନମୋହନ ପ୍ରେସ ପ୍ରତିଷ୍ଠିତ ହୋଇଥିଲା କି ନାହିଁ ମୁଁ ଜାଣେ ନାହିଁ ଯଦି ହୋଇଥାଏ, ଉପନ୍ୟାସ ଛାପିବାର ଧାରଣା ତୁମ ମନକୁ ଆସିନଥିଲା ।

୧୯୨୯ସାଲରେ ରେଭେନ୍ସା କଲେଜରୁ ବି: ଏ: ପାଶକଲି । କେତେମାସ ଲ-କଲେଜରେ ଅଧ୍ୟୟନ କରିଥିଲି । ଟିଉସନ୍ କରି ପେଟ ପୋଷିବା ଓ ଆଇନ୍ ଅଧ୍ୟୟନ କରିବା ମୋ ପକ୍ଷରେ ସମ୍ଭବ ହୋଇପାରିଲା ନାହିଁ । ୧୯୩୦ ସାଲରେ ଏକାଉଣ୍ଟସ୍ ପାସ୍ କରି କଟକର ଗୋଟିଏ ସରକାରୀ ଅଫିସରେ କରଣି ହେଲି । ଲ-କଲେଜ ଛାଡ଼ିଲି । ସେତେବେଳେ ମୋର ଚତୁର୍ଥ ଉପନ୍ୟାସ "ଅରୁଣା" ଓ ପଞ୍ଚମ ଉପନ୍ୟାସ 'ଦୋଳକ' ଲେଖି ସାରିଥିଲି । ୧୯୩୦ରେ ମୋ'ର ପଞ୍ଚମ ଉପନ୍ୟାସର ପ୍ରଥମ ପ୍ରକାଶ ।

ଯିଏ ମୋ'ର ପ୍ରଥମ ଉତ୍ସାହଦାତା ସେ ଅନେକ ଦିନରୁ ସ୍ୱର୍ଗାରୋହଣ କଲେଣି । ସେ ଥିଲେ ଦେଶର ସ୍ୱାଧୀନତା ଆନ୍ଦୋ-ଳନର ଜଣେ ଅତି ନିଷ୍ଠାପର କର୍ମୀ । ସେ ଜାତୀୟ କଂଗ୍ରେସର

Digitized by srujanika@gmail.com

ଜଣେ ସଦସ୍ୟ । ପ୍ରବଳ-ପ୍ରତାପୀ ବ୍ରିଟିଶ-ସରକାରଙ୍କର ସବୁ ଅତ୍ୟାଚାର ସେ ସହିଥିଲେ । ଜେଲ ବି ବରଣ କରିଥିଲେ । ସେହି ମହାତ୍ମାଙ୍କରନାମ କୃଷ୍ଣଚନ୍ଦ୍ର ପ୍ରଧାନ । କଲେଜ ପାଠ ଛାଡ଼ି ସେ ସତ୍ୟାଗ୍ରହ ଆନ୍ଦୋଳନରେ ଯୋଗ ଦେଇଥିଲେ । କାହିଁକି ମୋତେ ଓ ମୋ ଲେଖାକୁ ସେ ଏତେ ସ୍ନେହ କରୁଥିଲେ, ମୁଁ କହି ପାରିବି ନାହିଁ । ସେଇ ପୁଣି ୧୯୩୧-୩୨ ସାଲ୍‌ରେ ମୋର ଦ୍ୱିତୀୟ ଉପନ୍ୟାସ "ବାଲି ରାଜା"ର ଗୋଟିଏ ପାର୍ଟକୁ ଦୁଇଟି ବଣ୍ଡକରି ଛପାଇ ଥିଲେ । ସେ ମୋର ପ୍ରଥମ ପ୍ରକାଶକ । ଅଳ୍ପବୟସରେ ସେ ସ୍ୱର୍ଗାରୋହଣ କରିଥିଲେ । ତାଙ୍କର ନିର୍ମଳ-ପବିତ୍ର ଆତ୍ମା ସଙ୍ଗେ ଯଦି ଭୁମିରେ ଦେଖା ହୁଏ, ତାଙ୍କୁ ମୋର ପ୍ରଣତି ଜଣାଇବି । ମୋହନ ଚରଣ ଭୁମର ପରି ସେ ମଧ୍ୟ ମୋତେ ସ୍ନେହ କରୁଥିଲେ ।

'ନିଷ୍ପତ୍ତି' ମୋ'ର ଷଷ୍ଠ ଉପନ୍ୟାସ । ୧୯୩୧ ସାଲରେ ଏହାକୁ ଲେଖିଥିଲି । ସେତେବେଳେ ବାଳକୃଷ୍ଣ କର ତାଙ୍କର "ସାରସ୍ୱତ ପ୍ରେସ" ପ୍ରତିଷ୍ଠାନ କରିଥାନ୍ତି । ସେ ଭୁମର ପରି କର୍ମବୀର । ସେ ସୁପଣ୍ଡିତ, ସୁ-ସାହିତ୍ୟିକ, ଲେଖକ, ସରଳ, ସ୍ନେହୀ, ସ୍ୱାଧୀନ ନେତା ଓ ସ୍ପଷ୍ଟ-ବାଦୀ ଥିଲେ । ସେ ଲକ୍ଷ୍ମୀନାରାୟଣ ସାହୁଙ୍କର 'ସହକାର'ର ସମ୍ପାଦକତ୍ୱର ଦାୟିତ୍ୱ ଗ୍ରହଣ କରି ସହକାରକୁ ନୂତନ ଜୀବନ, ନୂତନ ରୂପ ଓ ନୂତନ ସ୍ପନ୍ଦନ ଦେଇଥିଲେ । ନିରଳସ-କର୍ମୀ ବାଳକୃଷ୍ଣ, ଓଡ଼ିଆ ଉପନ୍ୟାସର ପ୍ରକାଶ ଓ ବହୁଳ ପ୍ରଚାର ପାଇଁ "ଆନନ୍ଦ-ଲହରୀ-ଉପନ୍ୟାସ" ସିରିଜ୍ ଆରମ୍ଭ କଲେ । ସେହି ଉପନ୍ୟାସମାଳାରେ ମୋର ଚାରିଟି ଉପନ୍ୟାସ ପ୍ରକାଶିତ ହୋଇଥିଲା—'ନିଷ୍ପତ୍ତି—୧୯୩୨', 'ସ୍ୱପ୍ନ-ନା ସତ୍ୟ—୧୯୩୩', 'ଦୁଇଆର ହାଉ—୧୯୩୪' ଏବଂ 'ହା-ଅନ୍ନ—୧୯୩୫' । ବାଳକୃଷ୍ଣବାବୁ 'ଶିଶୁ-ଶଙ୍ଖାଳି' ଗ୍ରନ୍ଥ ଶିଶୁମାନଙ୍କ ପାଇଁ ଆରମ୍ଭ କଲେ

Digitized by srujanika@gmail.com

ଓ "ଆନନ୍ଦ ଲହରୀ ଉପନ୍ୟାସ ମାଳା"ର ପ୍ରକାଶ ସମ୍ଭବ ହୋଇଲେ ।

ବାଳକୃଷ୍ଣ ବାବୁଙ୍କ ପ୍ରକାଶିତ 'ହା-ଅନ୍ନ' ଛଅ ବର୍ଷ ପରେ ତୁମକୁ ଓ ମୋତେ ଏକାଠି କରିଥିଲା । ବାଳକୃଷ୍ଣ ବାବୁଙ୍କର ପବିତ୍ର ଆତ୍ମା ଆଜି ସ୍ୱର୍ଗରେ । ଓଡ଼ିଆ ସାହିତ୍ୟର ଉନ୍ନତି ପାଇଁ ତାଙ୍କର ଆଦ୍ୟ ଜୀବନରେ ସେ ବହୁତ କଷ୍ଟ କରିଯାଇଛନ୍ତି । ମୋର ବିଶ୍ୱାସ ପ୍ରକାଶକ ରୂପେ ମୋତେ ସେ ଉତ୍ସାହିତ କରି ଯାଇଛନ୍ତି । ସେ ମୋର ଭକ୍ତି-ଭାଜନ । ସେ ପୁରରେ ତାଙ୍କ ସଙ୍ଗେ ଦେଖା ହେଲେ ମୋର ପ୍ରଣତି ଜଣାଇଁ ଦେବ ! କେବେ ମୁଁ ଯାଇ ତାଙ୍କ ସଙ୍ଗେ ଦେଖା କରିବି ମୁଁ ତ ଜାଣେ ନାହିଁ । ତୁମେ ଆଗରୁ ଯାଇଛ, ମୋ'ର ହୋଇ କହିଦେବ, ଆନନ୍ଦ-ଲହରୀ-ଉପନ୍ୟାସ ମାଳାର ପ୍ରକାଶ ବନ୍ଦ କରିବା ପରେ କେତେ ତରୁଣ ଔପନ୍ୟାସିକଙ୍କର ଉତ୍ସାହ ଭାଙ୍ଗିଲା, ପ୍ରେରଣା ହଜିଲା ଓ କେତେ କଲମ ଛାଡ଼ିଲେ ।

ମୁଁ କଲମ ଛାଡ଼ି ନଥିଲି । ପୂର୍ବର ଅଭ୍ୟାସ ପ୍ରକାରେ ଗୋଟିଏ ଉପନ୍ୟାସ ଶେଷ କରି ଆଉ ଗୋଟିଏ ଆରମ୍ଭ କରୁଥିଲି । ସେ ସବୁ ଉପନ୍ୟାସ ଛପାହେବ କିପରି ? ପ୍ରକାଶକମାନଙ୍କ ପାଖକୁ ଧାଇଁ ନଥିଲି ଏପରି ନୁହେଁ, କିନ୍ତୁ ବିଶେଷ ଉତ୍ସାହିତ ହୋଇନଥିଲି । ଆତୁର ବୃଜକିଶୋର ପ୍ରକାଶକ ମୋ'ର ଗୁଡ଼ିଏ ଉପନ୍ୟାସ ୧୯୩୬ରୁ ୧୯୪୦ ମଧ୍ୟରେ ପ୍ରକାଶ କରିଥିଲେ । କେତେଦିନ ଏପରି ଚାଲିଥାଆନ୍ତା । କିଏ ଜାଣେ ? ୧୯୪୧ ସାଲରେ ଉତ୍କଳ ବିଶ୍ୱବିଦ୍ୟାଳୟ ମୋ'ର "ହା-ଅନ୍ନ"କୁ ଆଇ ଏ କ୍ଲାସର ପାଠ୍ୟ-ପୁସ୍ତକ ରୂପେ ମନୋନୀତ କଲେ । ସେହି ବର୍ଷ ମୁଁ ସବ୍-ଡେପୋଟି ହୋଇ କଟକ କଲେକ୍ଟରିଆଟରେ ଯୋଗ ଦେଇଥିଲି ।

Digitized by srujanika@gmail.com

୧୯୩୫ ସାଲରେ ବାଳକୃଷ୍ଣବାବୁ ଯେଉଁ 'ହା—ଅନ୍ନ' ପ୍ରକାଶ କରିଥିଲେ ତା'ର ପ୍ରକାଶିତ ପୁସ୍ତକଗୁଡ଼ିକ କେବଳ ଶେଷ ହୋଇଥିଲା । ଦ୍ୱିତୀୟ ସଂସ୍କରଣ ଛଅବର୍ଷ ମଧ୍ୟରେ ହୋଇପାରି ନଥିଲା । ୧୯୪୧ରେ ବହିଟି ପାଠ୍ୟପୁସ୍ତକ ରୂପେ ମନୋନୀତ ହେବାରୁ ତୁମେ ତା'ର ଦ୍ୱିତୀୟ ସଂସ୍କରଣ କରିବାକୁ ଆଗ୍ରହୀ ହୋଇ ମୋ ପାଖକୁ ପ୍ରସ୍ତାବ ପଠାଇଲ । ମୁଁ ସମ୍ମତ ହେଲି । ତୁମ ସଙ୍ଗେ ସେହି ମୋ'ର ପ୍ରଥମ ସାକ୍ଷାତ । ସେହି ଶୁଭ ମୁହୂର୍ତ୍ତ କେଉଁମାସ ଓ କେଉଁ ତାରିଖରେ ଆସିଥିଲା ଆଜି ମୋ'ର ମନେ ନାହିଁ କିନ୍ତୁ ବାଇଶି ବର୍ଷପୂରି ତେଇଶିବର୍ଷ ଚାଲିଥିଲା । ଦୁଇଟି ଯୁଗ ଶେଷ ହେବାକୁ ବସିଥିଲା । ତୁମର ଓ ମୋ'ର ସମ୍ପର୍କ କେବେ କିପରି ଏତେ ଘନିଷ୍ଠ ହୋଇ ଉଠିଲା ଠିକ୍ କହିହେବ ନାହିଁ । ଆମର ସେହି ସମ୍ପର୍କ ଛିନ୍ନ କରି ତୁମେ ସେ ପୁରକୁ ଚାଲିଯାଇଛ ସତ, କିନ୍ତୁ ତୁମର ସ୍ନେହ ସମ୍ମାନର ସ୍ମୃତି ମନରେ ଜାଗ୍ରତ ରହିଛି ଓ ରହିବ ।

୧୯୪୧ରୁ ୧୯୬୩ ସାଲ ଯାଏ କାର୍ଯ୍ୟ ଉପଲକ୍ଷ୍ୟରେ ଓଡ଼ିଶାର ବିଭିନ୍ନ ସ୍ଥାନକୁ ମୁଁ ବଦଳି ହୋଇଛି । ଶାସକ ବିଭାଗର ଶ୍ରେଷ୍ଠ ବଡ଼ ବଡ଼ ଦାୟିତ୍ୱ ମୁଣ୍ଡାଇଛି । ଏହି ସୁଦୀର୍ଘ ବାଇଶି ବର୍ଷ ମଧ୍ୟରେ ଦେଶ, ଜାତି ଓ ସମାଜ ଉପରେ ବହୁ ଝଡ଼ ଝଞ୍ଜା ବହି ଯାଇଛି । ସରକାରୀ କର୍ମଚାରୀ ରୂପେ ବ୍ରିଟିଶ ସରକାର ଅଧୀନରେ ଓ ତା' ପରେ ଜାତୀୟ ସରକାରଙ୍କ ଅଧୀନରେ କାର୍ଯ୍ୟ କରିଛି, ଏବେ ମଧ୍ୟ କରୁଛି । ପରିଶ୍ରମ କରିବାରେ ହେଳା କରି ନାହିଁ । କର୍ମକ୍ଷେତ୍ରରେ ମୋର ଅଗ୍ରଗତି ହୋଇଛି । ଦାୟିତ୍ୱ ବଢ଼ିବା ସଙ୍ଗେ ସଙ୍ଗେ ସରକାରୀ କାର୍ଯ୍ୟ କରିବାକୁ ଅଧିକ ସମୟ ବ୍ୟୟ କରିଛି । ସାହିତ୍ୟର ସେବା କରିବାକୁ ପ୍ରଚୁର ସମୟ ପାଇନାହିଁ । ଏଣେ ଗୃହ ସଂସାରର ଦାୟିତ୍ୱ ବଢ଼ିବା ସଙ୍ଗେ ସଙ୍ଗେ ନାନା କାରଣରୁ ମନ ବିଚଳିତ

Digitized by srujanika@gmail.com

ହୋଇଛୁ । ମାସ ମାସ ଧରି କଲମ ଅଟକି ରହୁଛି । ଗୋଟିଏ ବହିର ଲେଖା ସରିବା ଦିନ ଆଜ ଗୋଟିଏ ବହି ମୁଁ ଆରମ୍ଭ କରିବ ଏ ପ୍ରତିଜ୍ଞା ଭାଙ୍ଗିଛି । କେତେଥର ମୋର ମନରେ ଆଶଙ୍କା ହୋଇଛି, ଏଇଟି ମୋର ଶେଷ ପୁସ୍ତକ ପରା । ଲେଖିବାକୁ ଆଉ ବେଳ ମିଳିବ ନାହିଁ ।

ଦବ ପାଉଥିବା ମନକୁ ମୋର କିଏ ପୁଣି ସଜାଗ କରେ ? ତୁମେତ ମୋ ପାଖରୁ ବହୁ ଦୂରରେ ଥାଅ କଲିକତା ନଗରୀରେ, ଆଉ ମୁଁ ଥାଏ ଓଡ଼ିଶାର କେଉଁ ସୁଦୂର ଗ୍ରେଟ ସହର କି ମୋଫସଲରେ, ଅବା କେଉଁ ବଣ ପାହାଡ଼, ନଦୀ ନାଳରେ ବୁଲୁ ଥାଏ । ତୁମେ ଥାଅ ଆଧୁନିକତାର ବାତାବରଣ ମଝିରେ ମୁଁ ଥାଏ ହାସ୍ୟମୟୀ ପ୍ରକୃତିର କୋଳରେ । ତୁମେ ବାସ୍ତବତାକୁ ନେଇ ଖେଳ କରୁଥାଅ । ମୋ ଖେଳ ସ୍ୱପ୍ନମୟୀ ଅଥଚ ପ୍ରକୃତିର ଅନ୍ତବାସ୍ତବ କୋଳରେ । ତୁମର ଓ ମୋର କ୍ୱଚିତ ଦେଖାହୁଏ । ଚିଠି ଆସେ । "ଓଡ଼ିଆ ପାଠକେ ଆପଣଙ୍କର ନୂତନ ଉପନ୍ୟାସକୁ ଚାହିଁ ବସିଛନ୍ତି । ପ୍ରେସକୁ କେବେ ପଠାଉଛନ୍ତି ?

ସେମାନେ ଚାହିଁ ବସିଛନ୍ତି କି ତୁମେ ଚାହିଁ ବସିଥାଅ, ତୁମକୁ ଜଣା ମୋହନ ଚରଣ । କିନ୍ତୁ ତୁମେ ପୁଣି ମତେ ତପସ୍ୟା କରାଅ, କାର୍ଯ୍ୟରେ ବ୍ରତୀ କରାଅ । କର୍ମ-କ୍ଲାନ୍ତ ଦେହଟେଙ୍କ ବସାକୁ ଫେରି ଅଧା ଉପନ୍ୟାସକୁ ଆଗେଇ ନିଏ । ରାତି ଅଧ ହୁଏ ନିଦ୍ରା ଆକ୍ରମଣ କରେ, କଲମ ରଖାଏ । ଘରେ ଲେଖେ, ବାହାରେ କେଉଁ ଦୂର ଦୁରନ୍ତ ଅରଣ୍ୟ ଘେରା ପାହାଡ଼ ତଳ ଏକୁଟିଆ ବଙ୍ଗଳାରେ ଲେଖେ । ରାତିରେ ଲେଖେ ଦିନରେ ବି ଲେଖେ । ଯେବେ ସମସ୍ତ ପାଏ । ବହି ସାରିଲେ ପ୍ରେସକୁ ପଠାଇ ତୁମକୁ ଜଣାଇଁ ଦିଏ । ପ୍ରେସକୁ

Digitized by srujanika@gmail.com

ତୁମେ ନିର୍ଦ୍ଦେଶ ଦିଅ, "ଆଉ ସବୁ କାମ ପଛରେ ହେବ, ନୂଆ ଉପନ୍ୟାସ ଆରମ୍ଭ କର । କାଗଜ କିଣା ସରିଛି ।"

ଓଡ଼ିଆ ସାହିତ୍ୟର ସେବାରେ ତୁମ ସଙ୍ଗେ ସମ୍ପର୍କ ସ୍ଥାପନ ହେଲା ଦିନୁ, ଯେତେ ସମୟ ମୁଁ ବ୍ୟୟ କରିଛି, ତାର ପଛରେ ତୁମର ପ୍ରଚ୍ଛନ୍ନ ପ୍ରେରଣା ଅବଶ୍ୟ ଥିଲା । ଗତ ବାଇଶି ବର୍ଷ ମଧ୍ୟରେ ବହି ଛପାଇବା ପାଇଁ ଅନ୍ୟ କୌଣସି ପ୍ରକାଶକଙ୍କର ଦ୍ୱାରସ୍ଥ ମୁଁ ହୋଇ ନାହିଁ । ବହି ଛପା ହୋଇ ପାରିବ କି ନାହିଁ, ହେଲେ କେବେ ହେବ, କିଏ ଛାପିବ ଇତ୍ୟାଦି ଭାବନା ଆଉ କେବେ ମୋ ମନରେ ପଶି ନାହିଁ । ମୋ ମନରେ ନିର୍ଦ୍ଦିଷ୍ଟ ନିଶ୍ଚିତ ଧାରଣା ତୁମେହିଁ ସୃଷ୍ଟି କରିଥିଲ ମୋହନ ଚରଣ—ଅକ୍ଷର, କାଗଜ, କର୍ମୀ ସବୁ ପ୍ରସ୍ତୁତ ଅଛି । ଯାହା ଯେତେବେଳେ ଲେଖି ପ୍ରେସକୁ ପଠାଇବ ସେ ଛପା ହେବ । ଲେଖିବାର ଦାୟିତ୍ୱ ମୋର । ଏହି ନିଶ୍ଚିତ ଓ ନିଶ୍ଚିନ୍ତ ଧାରଣା ପ୍ରକାରାନ୍ତରରେ ତୁମେ ମୋ ମନରେ ଆଣି ଥିଲ ।

ଏହି ଧାରଣାର ପ୍ରଭାବ ମୋ ଲେଖା ଉପରେ ପଡ଼ିଥିଲା, ମୋର ଦାୟିତ୍ୱ ସମ୍ବନ୍ଧରେ ମୋତେ ସଚେତନ କରାଇ ଥିଲା— ଧୀର ସ୍ଥିର ହୋଇ ଲେଖ, ଭାବି ଚିନ୍ତି ସାବଧାନ ହୋଇ ଲେଖ । ବିଷ କି ଅମୃତ ଯାହା ତୁମେ ପରିବେଷଣ କରିବ ତୁମର ସହସ୍ର ସହସ୍ର ପାଠକ ପାଠିକା ତାକୁ ଗ୍ରହଣ କରିବେ । ସାବଧାନ ! ଯାହା ଲେଖିବ ସେ ଛପା ହେବ ।

ମୋର ବୁଦ୍ଧି ବିଦ୍ୟା, ଜ୍ଞାନ ଓ ଦକ୍ଷତାର ସମଷ୍ଟିକୁ ପ୍ରୟୋଗ କରି ଉପନ୍ୟାସ ଲେଖିଛି । ଗୋଟିକ ପରେ ଗୋଟିଏ ପାଣ୍ଡୁଲିପି ତୁମର ହାତକୁ ଟେକି ଦେଇଛି । ଗ୍ରନ୍ଥ ବହି କି ବଡ଼ ବହି ସେ ପ୍ରଶ୍ନ କାହାରିକୁ ପଚାରି ନାହିଁ । ଛାପିଛ ଓ ସହସ୍ର ସହସ୍ର ପାଠକଙ୍କ

Digitized by srujanika@gmail.com

ଆଗରେ ଥୋଇ ଦେଇଛ ! କେଉଁ ବହିର କେଉଁ ଅଂଶପାଇଁ କେତେ ପାଠକ, ଲେଖକ ଓ ପତ୍ର ପତ୍ରିକା କେବେ କେବେ ସମାଲୋଚନା କରିଛନ୍ତି । ଗ୍ରହଣ କରେ କି ନ କରେ ମନ୍ଦ ସମାଲୋଚନାର ପ୍ରଭାବ ମୋ ଉପରେ ପଡ଼ୁଛି । ମୁଁ ସତର୍କ ହେବାକୁ ଚେଷ୍ଟା କରୁଛି ।

ତୁମେ ସେ ସବୁକୁ ଦୃଷ୍ଟି ଦେଇ ନାହଁ । ଗୋଟିଏ ପୁସ୍ତକ ପ୍ରକାଶିତ ହେବା ସଙ୍ଗେ ସଙ୍ଗେ ପଚାରିଛ ନୂଆ ବହି କେତେ ଦୂର ଗଲା ? ନୂଆ ନାଟକଟି ବିଜ୍ଞାପିତ ହେଲା, ପାଠକେ ମାଗିଲେଣି ଯେ । ବାଇଶି ବର୍ଷ ଭିତରେ ନୂଆ ଓ ପୁରୁଣା ବହି ମିଶି ତୁମେ ମୋ'ର ପଚିଶିଟି ଉପନ୍ୟାସ ପ୍ରକାଶ କରିଛ । ପୂର୍ବ ମୁଦ୍ରଣତ ସଙ୍ଗେ ସଙ୍ଗେ ଚାଲିଥାଏ । କେତେ ଗୁଡ଼ିଏ ଉପନ୍ୟାସର ଷଷ୍ଠ ଓ ସପ୍ତମ ସଂସ୍କରଣ ମଧ୍ୟ କରି ସାରିଛ । ସବୁ ତୁମେ ଜାଣିଛ । ତେଣୁ ସେ ସବୁ ଉପନ୍ୟାସର ନାମ ତୁମକୁ ଶୁଣାଇବା ନିଷ୍ପ୍ରୟୋଜନ । ତୁମର ଅଶରୀରୀ ଆତ୍ମା ପାଖରେ ମୁଁ କୃତଜ୍ଞତା ଜଣାଉଛି ।

ମନେ ପଡ଼ୁଛି ମୋର ଶେଷ ଉପନ୍ୟାସ 'ଢେଉଢେଉକା' କଥା । ମେ ଟେ ମାସକତଳେ ସେହି ଉପନ୍ୟାସଟି ପ୍ରକାଶିତ ହେଲା, କିନ୍ତୁ ତୁମର ଦେହର ଅସୁସ୍ଥତା ହେତୁ ଓ ଅନ୍ୟାନ୍ୟ କେତେକ କାରଣ ହେତୁ, ପାଣ୍ଡୁଲିପି ଅନେକ ଦିନ ହେଲା ପ୍ରେସରେ ପଡ଼ି ରହିଥିଲା । ମୁଁ ଦୂରରେ ଥିବାରୁ ସବୁଗୁଡ଼ିକ ଫର୍ମାର ପେଜ-ପ୍ରୁଫ ଦେଖିପାରି ନଥିଲି । ବୋଧହୁଏ ଗତ ମେ ମାସରେ, ମୋହନ ନିକେତନରେ ଯେତେବେଳେ ଶେଷ ଫର୍ମା ଦୁଇଟି ଯାହାକି ଛପା ସରିଥିଲା, ମୁଁ ପଢ଼ିଲି, ଗୋଟିଏ ଫର୍ମାରେ କେତେଗୁଡ଼ିଏ ଭୁଲ ଦେଖିଲି ଓ ଠାଏ ଠାଏ କେତୋଟି ଶବ୍ଦ ଛପା ନ ହୋଇଥିବାର ଦେଖିଲି, ତୁମକୁ ଦେଖାଇଲି । ତୁମେ ଦୁଃଖିତ ହେଲ ଓ କର୍ମଚାରୀଙ୍କୁ ଆଦେଶ

Digitized by srujanika@gmail.com

ହେଲ ଯେ ସେଇ ଫର୍ମାଟି ଆହୁରିଥରେ ଛପା ହେବ । 'ଢେଉ-ଢେଉକାର' କଭର ଡିଜାଇନ୍ ତୁମରି କଳ୍ପନା ।

ତୁମେ ଦେହଛାଡ଼ି ଚାଲି ଯାଇଛ । ତୁମର ମୋ' ପ୍ରତି ସ୍ନେହ-ସମ୍ମାନର କଥା ମୁଁ ଭୁଲି ପାରି ନାହିଁ । ତୁମ ପ୍ରକାଶିତ ମୋ'ର 'କା' ଉପନ୍ୟାସ ଯେତେବେଳେ ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ହେଲା । ଅତି ଆନନ୍ଦରେ ତା ୫-୨-୧୯୫୯ ସାଲରେ କଲିକତାରୁ ଲେଖିଥିଲ—'କା' ବହି ଛପା ହେବା ପଦରୁ ଆପଣଙ୍କ ଅନ୍ୟାନ୍ୟ ଲୋକେ ସେ ବହିଟି ନେବାପାଇଁ ଅନୁରୋଧ କରିଥିଲେ । ଆପଣ ସେଥିପାଇଁ ଦୟାକରି ମୋତେ ପଚାରିଥିଲେ । କିନ୍ତୁ ଆପଣଙ୍କୁ କହି-ଥିଲି —'ମୋ' ଥିବାଯାଏ 'କା' ବାହାରକୁ ଯାଇ ନ ପାରେ । ଆପଣ କହିଲେ, 'ମୋର ଆଉ କିଛି କହିବାର ନାହିଁ' । ଆପଣ-ଙ୍କର ଚିଠି ପାଇ ପରମ ଆନନ୍ଦ ଅନୁଭବ କଲି ।"

'ମୋ' ମୋହନ, ତୁମେ ମର ଦେହ ଛାଡ଼ି ଚାଲିଯାଇଛ । ମୋ ପ୍ରତି ତୁମର ଯେଉଁ ଶ୍ରଦ୍ଧାଥିଲା, ସେଇକଥା ତୁମର ସ୍ମୃତ ଦେହର ମନେ ପକାଇ ଦେଉଛି । ନଜେଥିଲ କର୍ତ୍ତବ୍ୟନିଷ୍ଠ । ସେହି କାରଣରୁ ବୋଧ ହୁଏ ସେହି ପତ୍ରରେ ମୋ'ର କର୍ତ୍ତବ୍ୟ ସମ୍ବନ୍ଧରେ ତୁମେ ମୋତେ ସଚେତନ କରାଇବାକୁ ଲେଖିଥିଲ— "ଦଣ୍ଡକାରଣ୍ୟର ଲ୍ୟାଣ୍ଡ ଅଫିସର ହେବା ଅବଶ୍ୟ ସୁଖର କଥା । ଚାକିରିରେ ଉନ୍ନତି ହେଉ ବା ନ ହେଉ ଆଶ୍ରୟହୀନ, ଲୋକଙ୍କର ପ୍ରକାରାନ୍ତରରେ ଜନହିତକର କାର୍ଯ୍ୟକରି, ଅକୁଣ୍ଠିତ ମନରେ ସାହାଯ୍ୟ କରିବେ । ନିରାଶ୍ରୟଙ୍କୁ ଆଶ୍ରୟ ଦେବା ସରକାରଙ୍କର ମହତ କାର୍ଯ୍ୟ କିନ୍ତୁ ଉପଯୁକ୍ତ ସେବାବ୍ରତୀଙ୍କ ଅଭାବରେ । କ୍ୱଚିତ୍ ସଫଳ ହେବାର ଦେଖା ଯାଉଛି । ଏ ସ୍ଥଳରେ ସରକାର ପ୍ରକୃତ ଯୋଗ୍ୟ ଲୋକ ନିଯୁକ୍ତ କରିଛନ୍ତି । ଏପରି ଭାବୁକ ଲେଖକ ଓ

Digitized by srujanika@gmail.com

କବଳଙ୍କର ଦଣ୍ଡକାରଣ୍ୟରୁ ଅନେକ କିଛି ତଥ୍ୟ ଲେଖା ଆବିଷ୍କାର କରିବାର ସୁଯୋଗ ମଧ୍ୟ ଅଛି ।”

ଏବେ ମଧ୍ୟ ମୁଁ ସେହି ଦଣ୍ଡକାରଣ୍ୟ ଯୋଜନାରେ କାମ କରୁଛି । ତୁମର ସଦିଚ୍ଛା ଓ ପ୍ରକାରାନ୍ତରରେ ତୁମର ଶିକ୍ଷା ମୋର ବେଳେ ବେଳେ ମନେ ପଡ଼େ । ମୁଁ ଜୁଲାଇ ମାସରେ କଟକ ଯାଇଥିଲି । ତୁମର ଦେହ ବିଶେଷ ଅସୁସ୍ଥ ଥିବାର ଜାଣି ତୁମକୁ ଦେଖିବାକୁ ‘ମୋହନ-ନିକେତନ’କୁ ଯାଇଥିଲି । ମୋ ସ୍ତ୍ରୀ ମଧ୍ୟ ମୋ ସଙ୍ଗରେ ଯାଇଥିଲେ । ଖବର ପାଇ ରୋଗ ଶଯ୍ୟାରୁ ଉଠି ତୁମେ ମୋ ପାଖକୁ ଆସିଲ । ଦେହ ତ ଅତି ଦୁର୍ବଳ ହୋଇଥାଏ, ତୁଣ୍ଡରୁ ଯେଉଁ କଥା ବାହାରୁ ଥାଏ ସେ ମଧ୍ୟ ଦୁର୍ବଳ ଓ ରହି ରହିକା । ଏତେ ଦୁର୍ବଳତା ସତ୍ତ୍ୱେ ସବୁଦିନ ପରି କେତେ କଥାବାର୍ତ୍ତା !

କପରି ମୁଁ ଜାଣିବ ଯେ ଏ ଜନ୍ମରେ ତୁମ ସଙ୍ଗେ ସେହି ମୋ’ର ଶେଷ ଦେଖା ? ତୁମେ ବୋଧ ହୁଏ ସେହିପରି କିଛି ଅନୁମାନ କରିଥିଲ । ଆମ ଦୁହିଁଙ୍କୁ ଆଗଣରେ ଗୋଟିଏ ଟେବୁଲ ଉପରେ ପାଖା ପାଖି ଦିଓଟି ଚେୟାରରେ ବସାଇ ଜଳଯୋଗ କରାଇଲ । ମୋ ସ୍ତ୍ରୀ ନିଜ ନିଜ କହିବାରୁ ଦୋକୁ ଗଲ । ତାଙ୍କ ସଙ୍ଗେ ତୁମର ସେହି ପ୍ରଥମ ଓ ଶେଷ ଦେଖା । ଆମ ଦୁହିଁଙ୍କୁ ଏକାଠ ପୁଣି ପାଖା ପାଖି ବସିଥିବାର ଦେଖି ତୁମର ଦୁର୍ବଳ ଓ ଜ୍ୟୋତିହୀନ ଚକ୍ଷୁରେ କି ଆନନ୍ଦର ଆଭା ଫୁଟି ଉଠିଥିଲା ! ଶେଷ ଦେଖା ଓ ଶେଷ ବିଦାୟର ଦୃଶ୍ୟଟି ମୁଁ ଭୁଲି ପାରି ନାହିଁ ।

ହେ କର୍ମ-ବୀର, କର୍ମ-ନିଷ୍ଠ ମୋହନ ଚରଣ, ତୁମର ମରଦେହ ଛାଡ଼ି ଅମର ଆତ୍ମା ସେ ପୁରକୁ ଚାଲି ଯାଇଛି କିନ୍ତୁ ତୁମର ସ୍ମୃତି ଅନେକଙ୍କ ମନରେ ସଜାଗ ରହିଛି । ତୁମର ଅଶରୀରୀ ଆତ୍ମା ସ୍ୱର୍ଗ-ଗାମୀ ହେଉ, ଏହି ହିଁ ଆମର କାମନା । ତୁମର ପବିତ୍ର— ମଧୁର ସ୍ମୃତି ମନରେ ଜାଗ୍ରତ ରହୁ ।

ପ୍ରଣତ ନାଥ ।

Digitized by srujanika@gmail.com

ସାଧାରଣକର୍ମ, ନିଷ୍କାମ କର୍ମ ଓ ଭଗବତ କର୍ମ

•

ପ୍ରପତ୍ତି

ଶ୍ରୀ ଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ

ଭାରତୀୟ ଅଧ୍ୟାତ୍ମ-ସାଧନାର ଏକ ମହତ୍ତମ ଦାନ ହେଲା କର୍ମର ରହସ୍ୟ-ଉଦ୍‌ଘାଟନ । ଜୀବ ମାତ୍ରକେ କର୍ମ ଠାରୁ ଅବିଚ୍ଛିନ୍ନ । କର୍ମ ନ କରି କୌଣସି ଅବସ୍ଥାରେ କେହି ରହି ନପାରେ । ଏପରିକି ସ୍ୱପ୍ନରେ ନିଦ୍ରା ଯିବା ସମୟରେ ବି ପ୍ରାଣୀ କର୍ମ ରତ ଥାଏ । ସୁତରାଂ ଜୀବନ ଠାରୁ କର୍ମ ଅବିଚ୍ଛେଦ୍ୟ; ପୁନଶ୍ଚ କର୍ମହିଁ ମୁକ୍ତି ବା ବନ୍ଧନର କାରଣ ହୋଇଥାଏ । ଯେଉଁ କର୍ମ କରି ମନୁଷ୍ୟ ଭଗବତ୍ ପ୍ରାପ୍ତି କରେ, ସୁଖ, ଦୁଃଖ, ଭଲ, ମନ୍ଦର ଚକ୍ରରୁ ମୁକ୍ତ ହୋଇ ପରମାନନ୍ଦକୁ ଲାଭ କରେ ସେହି କର୍ମରେ ପଡ଼ି ମନୁଷ୍ୟ ନିମ୍ନରୁ ନିମ୍ନ ମାର୍ଗରେ ଯାଇପାରେ, ନରକରେ ପଡ଼ିପାରେ । ମନୁଷ୍ୟ ସମ୍ମୁଖରେ ଯଦି ଆମ୍ଭେମାନେ କର୍ମର ମୂଳ ରହସ୍ୟ ଖୋଲି ଦେବା ତେବେ ତାହାର ମୁକ୍ତିର ପଥ ସୁସ୍ପଷ୍ଟ ହୋଇପାଏ ।

ଆମ୍ଭେମାନେ ପାଶ୍ଚାତ୍ୟ ଦେଶରେ ଦେଖୁଛୁ କର୍ମର ଅତିରିକ୍ତ ପ୍ରବାହ, ଉନ୍ମତ୍ତକର୍ମ, ପ୍ରଚଣ୍ଡ କର୍ମ, କିନ୍ତୁ ସେହି କର୍ମର ବନ୍ଧନରେ ଦେଶ, ଜାତି, ବ୍ୟକ୍ତି ରସାତଳଗାମୀ ହେଉଛି । ଯଦି ପାଶ୍ଚାତ୍ୟ ଜଗତ କର୍ମ ରହସ୍ୟ ଭେଦ କରିବାର କୁଞ୍ଚିକାଠି ପାଇ ପାରେ, ତେବେ ତ' ସମଗ୍ର ଜଗତକୁ ତାହା ମୁକ୍ତି ଦାନ କରି ପାରିବ । ସେଥିପାଇଁ ସ୍ୱୟଂ ଭଗବାନ ଗୀତାରେ କର୍ମର ମୂଳ ତତ୍ତ୍ୱଗୁଡ଼ିକ ଉଦ୍‌ଘାଟନ କରି ସଂସାରରେ କର୍ମ ମଧ୍ୟରେ ସୁଖ ପ୍ରାପ୍ତିର ଉପାୟ

Digitized by srujanika@gmail.com

ବତାଇ ଦେଇ ଅଛନ୍ତି । ବର୍ତ୍ତମାନ ଆମ୍ଭେମାନେ ସେହି କର୍ମର ବିଭିନ୍ନ ସ୍ତର ବା ବିଭାଗ ସମ୍ବନ୍ଧରେ ଆଲୋଚନା କରିବା ।

ସାଧାରଣ କର୍ମ—

ପୂର୍ବରୁ କହିଛୁ ମନୁଷ୍ୟ ଜୀବନ କର୍ମଠାରୁ ଅଭିନ୍ନ, ଯେପରି ଅଗ୍ନିଠାରୁ ଦାହିକା ଶକ୍ତି ଅଭିନ୍ନ । କର୍ମଦ୍ୱାରା ଜୀବନ-ବିକାଶ ସମ୍ଭବହୁଏ । ଯଦି କୌଣସି ପ୍ରକାରେ ମନୁଷ୍ୟକୁ କର୍ମରୁ ପୃଥକ୍ କରିଦିଆଯାଏ ତେବେ ମନୁଷ୍ୟର ପୂର୍ଣ୍ଣତ୍ୱ ରହେ ନାହିଁ । ଏହି ପୃଥିବୀକୁ ଆସିବା ଉଦ୍ଦେଶ୍ୟ ମଧ୍ୟ ପୂର୍ଣ୍ଣ ହୁଏ ନାହିଁ । ସ୍ୱୟଂ ଭଗବାନ ଗୀତାରେ କହିଛନ୍ତି ଯେ କ୍ଷଣମାତ୍ର କର୍ମ ନ କରି ମୁଁ ରହିପାରେ ନାହିଁ ।

ତେବେ ଅହଂଯୁକ୍ତ, ବାସନାସହ ଯେ କୌଣସି କର୍ମ କରିଯାଏ ତାହା ସାଧାରଣ କର୍ମ । ମନୁଷ୍ୟର ବ୍ୟକ୍ତିତ୍ୱ ଅହଂ ଦ୍ୱାରା ଗଠିତ—ସୁତରାଂ ପ୍ରଥମାବସ୍ଥାରେ ସ୍ୱାଭାବିକ ଭାବେ ଯେଉଁ କର୍ମ ହୁଏ ତାହା ସାଧାରଣ କର୍ମ, ଅଜ୍ଞାନ-ପ୍ରସୂତ କର୍ମ । ଏହି କର୍ମରେ ଶୁଭ କର୍ମର ଫଳ ସୁଖ, ଅଶୁଭ କର୍ମର ଫଳ ଦୁଃଖ । କର୍ମ ମାତ୍ରକେ ଫଳ ଧାରକ । କର୍ମର ପ୍ରକାର ଉପରେ ସୁଖ ଦୁଃଖ ନିର୍ଭର କରିବ । କିନ୍ତୁ ସାଧାରଣ କର୍ମର ଫଳ ସୁଖ ହେଉ ବା ଦୁଃଖ ହେଉ, ତାହା ନିଶ୍ଚୟହିଁ ବନ୍ଧନର କାରଣ ହୋଇଥାଏ, ମୁକ୍ତିର କାରଣ ନୁହେଁ । ଏହି କର୍ମରୁ ଉତ୍ପନ୍ନ ଫଳ ଦ୍ୱାରା ଜନ୍ମ-ମରଣ ଚକ୍ରରେ ପଡ଼ିବାକୁ ହୁଏ । ନିଜ ବୁଦ୍ଧିରେ ନିଜର ସ୍ୱାର୍ଥସିଦ୍ଧି ନିମିତ୍ତ କୁଟୁମ୍ବ ପୋଷଣାର୍ଥେ ସାଧାରଣତଃ ଅଶୁଦ୍ଧ ମନୁଷ୍ୟ କାର୍ଯ୍ୟ କରେ । ଏହି କାର୍ଯ୍ୟକୁ ସେ ଭାବେ ନିଜର କର୍ତ୍ତବ୍ୟ ବୋଲି ଏବଂ ଯେତେ ନିଷ୍ଠାର ସହିତ ଏହି କର୍ମକଲେ ବି ତାହା ସାଧାରଣ କର୍ମ । କିନ୍ତୁ କେହି ଉଦାର ହୃଦୟ ବ୍ୟକ୍ତି ଦେଶସେବା, ଜନକଲ୍ୟାଣ ଆଦି କାର୍ଯ୍ୟରେ ବ୍ୟାପୃତ ରହି

Digitized by srujanika@gmail.com

ମନେ କରନ୍ତି ଯେ ତାହା ସାଧାରଣ କର୍ମ ନୁହେଁ, ବରଂ ନିଷ୍କାମ କର୍ମ । ଇଞ୍ଜିନିୟର, ଡାକ୍ତର, ନେତା ଓ ଶିକ୍ଷକମାନେ ମନେ କରନ୍ତି ଯେ ତାଙ୍କ କର୍ମ ତାଙ୍କ ନିଜ ପାଇଁ ନୁହେଁ, ସୁତରାଂ ତାହା ନିଷ୍କାମ କର୍ମ, କାରଣ ତାହା କାମନା ରହିତ କର୍ମ । ଏଥିରେ ତାଙ୍କର କୌଣସି ସ୍ୱାର୍ଥ ନାହିଁ । କିନ୍ତୁ ଏହା ପ୍ରକୃତରେ ସାଧାରଣ କର୍ମ । ଏତେକି ଦାନ, ଯଜ୍ଞ, ଜପ, ତପ ସକଳ ପ୍ରକାର ଉଚ୍ଚତର କର୍ମ ଯେବେ ତାହା ଭଗବାନଙ୍କୁ ଅର୍ପିତ ନ ହୋଇଯାଏ, ତାହାହିଁ ସାଧାରଣ କର୍ମ । ଭଗବତ ଅର୍ପଣ ନ କରି, ଭଗବତ୍ ଶକ୍ତି ଦ୍ୱାରା ପରିଚାଳିତ ନ ହୋଇ ଯେଉଁ ଦେଶସେବା, ଜନକଲ୍ୟାଣ, ଜପ, ତପ, ଧ୍ୟାନ, ଯଜ୍ଞ ଆଦି ଉତ୍କୃଷ୍ଟ କର୍ମ କରାହୁଏ, ତାହା ହିଁ ସକାମ କର୍ମ, ସାଧାରଣ କର୍ମ ।

କର୍ମର ମୂଳ ଉତ୍ପତ୍ତି ବୁଝିଲେ କର୍ମ ସାଧାରଣ କି ନିଷ୍କାମ ବୁଝିବା ସହଜ ହୁଏ । କର୍ମ ସ୍ୱାବଲମ୍ବୀ ନୁହେଁ, ଅର୍ଥାତ୍ କର୍ମର ସ୍ୱରୂପ ପ୍ରେରଣା ମନୋଭାବ ଉପରେ ହିଁ ନିର୍ଭର କରେ ।

ଯଦି କର୍ମର ପ୍ରେରଣାର ଅହଂରୁ ଆସେ, ତାହା ସାଧାରଣ କର୍ମ । ଯେତେବେଳେ ସେହି କର୍ମର ପ୍ରେରଣା ଭଗବାନଙ୍କ ଠାରୁ ଆସେ ତାହା ହୁଏ ପୂର୍ଣ୍ଣତଃ ଭଗବତ କର୍ମ । ପୁଣି ଯଦି ପ୍ରତ୍ୟେକ କର୍ମକୁ ଭଗବାନଙ୍କୁ ଅର୍ପଣ କରାଯାଏ ତେବେ ତାହା ହୁଏ ନିଷ୍କାମ କର୍ମ । ଏଠାରେ ଏ ବିଷୟ ଆହୁରି ସ୍ପଷ୍ଟଭାବେ ଆଲୋଚନା କରିବା ।

ନିଷ୍କାମ କର୍ମ :—

ସାଧାରଣ କର୍ମର କଥା କହି ସାରିଛୁ । ବର୍ତ୍ତମାନ ନିଷ୍କାମ କର୍ମର ବିଷୟ ଆଲୋଚନା କରିବା । ନିଷ୍କାମ କର୍ମର ଏତେ ବେଶୀ ବାଖ୍ୟା ଦେଖିବାକୁ ମିଳେ ଯେ ବେଳେ ବେଳେ ବ୍ୟକ୍ତି ସ୍ଥିର

Digitized by srujanika@gmail.com

କରିପାରେ ନାହିଁ ନିଷ୍କାମ କର୍ମ କଣ ? ମାୟାବାଦୀ ଜ୍ଞାନୀମାନେ କର୍ମକୁ ବନ୍ଧନର କାରଣ ଜାଣି ପ୍ରଥମରୁ ତାକୁ ଉଡ଼ାଇ ଦିଅନ୍ତି । ସଂସାର ମାୟା, ମିଥ୍ୟା, ବା ଅଳୀକ କହି ନିଜ ଭୌତିକ ଶରୀର ମାୟା ବା ମିଥ୍ୟା ବୋଲି ମନେ କରନ୍ତି । ଯଦିଓ ଶରୀରରେ ବାସ କରନ୍ତି ତଥାପି ବ୍ରହ୍ମରେ ଅବସ୍ଥିତ ରହନ୍ତି । ଚେତନା ବ୍ରହ୍ମରେ ଲିପ୍ତ ରହେ । ଏହାଦ୍ୱାରା ସେମାନେ ଶରୀରରୁ ପୃଥକ ହୋଇ ଯାଆନ୍ତି, ଶରୀରରୁ ପୃଥକ୍ ହୋଇଗଲେ ବନ୍ଧନ ସେମାନଙ୍କୁ ସ୍ପର୍ଶ କରି ପାରେ ନାହିଁ । ସୁତରାଂ ମୁକ୍ତିକୁ ପ୍ରାପ୍ତ ହୁଅନ୍ତି । କିନ୍ତୁ ପୃଥିବୀ ପୃଷ୍ଠରେ ଭାଗବତ ଜୀବନ ସ୍ଥାପନ, ସଂସାରରେ ନୂତନ ଚେତନାର ଅଭିବ୍ୟକ୍ତି ଓ ସଂପ୍ରସାରଣ ଏମାନେ ଭଗବାନଙ୍କ ଉଦ୍ଦେଶ୍ୟ ବୋଲି ଗ୍ରହଣ କରନ୍ତି ନାହିଁ । ସୁତରାଂ ଏମାନଙ୍କର ଜୀବନରେ ଭଗବତ୍ ପ୍ରାପ୍ତି କେବଳ ମୁକ୍ତିରେ ପାର୍ଯ୍ୟବସିତ ହୁଏ, ଅଭିବୃଦ୍ଧି, ଅଭିବ୍ୟକ୍ତି ବା ସମୃଦ୍ଧିରେ ନୁହେଁ । ଏଠାରେ କର୍ମ ଭଗବାନଙ୍କୁ ଅର୍ପଣ କରିବା କଥା ଉଠେ ନାହିଁ । କାରଣ ତାହା ମିଥ୍ୟା ଏହି ଆଦର୍ଶ ଦ୍ୱାରା ସଂସାରରେ ଗୋଟାଏ ପ୍ରକାର ତାମସିକତା ଓ ନିଷ୍କ୍ରିୟତା ବୃଦ୍ଧିଲାଭ କରେ ।

ଭକ୍ତମାନେ କିନ୍ତୁ ସଂସାର ବା କର୍ମକୁ ମିଥ୍ୟା ବୋଲି କହି ବର୍ଜନ କରି ନାହାନ୍ତି । ସେମାନେ ସକଳ ପ୍ରକାର କର୍ମକୁ ମଧ୍ୟ ଆବଶ୍ୟକୀୟ କର୍ମ ବୋଲି ମନେ କରନ୍ତି ନାହିଁ । ଭଗବାନଙ୍କ ସକାଶେ ଯେତିକି କର୍ମ ପ୍ରୟୋଜନ ସେମାନେ ସେତିକି କର୍ମ କଲେ, ଭଗବତ ଉଦ୍ଦେଶ୍ୟରେ ଏହି କର୍ମ ହେଉଥିବାରୁ ଏହା ନିଷ୍କାମ କର୍ମ ହେଲା ଏବଂ ଏହି କର୍ମରୁ ଫଳ ବା ପରିଣାମ ଉତ୍ପନ୍ନ ନହେବାରୁ ଏମାନେ ମୁକ୍ତି ପ୍ରାପ୍ତ ହେଲେ— ସାଲୋକ୍ୟ, ସାମୀପ୍ୟ···ଇତ୍ୟାଦି ।

Digitized by srujanika@gmail.com

ଏହା ସତ୍ୟ ହେବା ସତ୍ତ୍ୱେ ଏହି ଆଧ୍ୟାତ୍ମିକ ସାଧନା ଅପୂର୍ଣ୍ଣ, କାରଣ ଏହାଦ୍ୱାରା ଜୀବନ ଓ ସଂସାରର କୌଣସି ପରିବର୍ତ୍ତନ ଆସେ ନାହିଁ । ଏମାନଙ୍କର କର୍ମର ପ୍ରେରକ ଅହଂକାର ବିଦ୍ୟମାନଥାଏ,—କେବଳ କର୍ମର ଉଦ୍ଦେଶ୍ୟ ଭଗବତ୍ ପ୍ରାପ୍ତି ହୋଇଥିବାରୁ ତାହା ବନ୍ଧନର କାରଣ ହୁଏ ନାହିଁ । ଯେତେବେଳେ ଅହଂ କର୍ମର ପ୍ରେରକ, ଚାଳକ, କିନ୍ତୁ କର୍ମଫଳ ଭଗବାନଙ୍କ ଚରଣରେ ସମର୍ପିତ, ସେତେବେଳେ ତାହା ନିଷ୍କାମ କର୍ମ । ଏହା ଦ୍ୱାରା ମନପ୍ରାଣ-ଶରୀର ଓ ତ୍ରିଗୁଣମୟୀ ପ୍ରକୃତିର କୌଣସି ପରିବର୍ତ୍ତନ ଘଟେ ନାହିଁ । ଯେଉଁ ଆତ୍ମା ଚିରକାଳ ମୁକ୍ତ ସେହି ଆତ୍ମା ମୁକ୍ତିରେ ଚାଲି ଯାଏ । ତେବେ ସଂସାର ସୃଷ୍ଟିର ମୂଳ ରହସ୍ୟ କ'ଣ ତାହାର ପରିପୂର୍ଣ୍ଣ ଓ ସନ୍ତୋଷ ଜନକ ଉତ୍ତର ନିଷ୍କାମ କର୍ମ ମଧ୍ୟରେ ମିଳେ ନାହିଁ । ନିଷ୍କାମ କର୍ମ ପୂର୍ଣ୍ଣାଙ୍ଗ ଅଧ୍ୟାତ୍ମ-ଜୀବନ ପ୍ରାପ୍ତି ପଥରେ ଏକ ସୁଦୃଢ଼ ଏବଂ ଅପରିହାର୍ଯ୍ୟ ପାବଚ୍ଛି ।

ସାଧାରଣ କର୍ମରେ ଅହଂ ଥାଏ, କର୍ମ ଫଳର ବନ୍ଧନ ବି ଥାଏ—ସୁଖ, ଦୁଃଖ, ଜନ୍ମ-ମୃତ୍ୟୁର ଚକ୍ରରେ ବ୍ୟକ୍ତିକୁ ଘୂରିବାକୁ ହୁଏ ।

ନିଷ୍କାମ କର୍ମରେ କର୍ମଫଳ ଭଗବାନଙ୍କୁ ଅର୍ପିତ ହେବାରୁ କର୍ମ ବନ୍ଧନରୁ ବ୍ୟକ୍ତି ମୁକ୍ତ ହୋଇ ଭଗବାନଙ୍କ ଅନ୍ୟ ଲୋକରେ ପ୍ରାପ୍ତ ହୁଏ, ମାତ୍ର ପ୍ରକୃତି, ସଂସାର ଦେହ-ପ୍ରାଣ-ମନ ପୂର୍ବ ପରି ଅଶୁଦ୍ଧ ରହି ଯାଏ । ଏଠାରେ କର୍ମର ପ୍ରେରକ ଅହଂକାର ।

ଭାଗବତ କର୍ମ :—

ବର୍ତ୍ତମାନ ଭାଗବତ କର୍ମର ମୂଳତତ୍ତ୍ୱ ଉଦ୍‌ଘାଟନ କରିବା । ଯେଉଁ କର୍ମରେ ଭାଗବତ ଶକ୍ତି ବା ସ୍ୱୟଂ ଭଗବାନ କର୍ମର ପ୍ରେରକ ଓ ଚାଳକ, ବ୍ୟକ୍ତି କେବଳ ମାତ୍ର ଯନ୍ତ୍ର, ତାହାହିଁ ଭଗବତ୍ କର୍ମ ।

Digitized by srujanika@gmail.com

ସେଠାରେ କର୍ମର କର୍ତ୍ତା ନ ଥିବାରୁ କର୍ମର ଫଳ ମଧ୍ୟ ଉତ୍ପନ୍ନ ହୁଏ ନାହିଁ । ସେଠାରେ ବ୍ୟକ୍ତିର ପୂର୍ଣ୍ଣଭାର ଭଗବାନ ଗ୍ରହଣ କରି-ଥିବାରୁ ତାହାର ପ୍ରତ୍ୟେକ କର୍ମ ଭାଗବତ କର୍ମ । ପରିପୂର୍ଣ୍ଣ ସମର୍ପଣ ଫଳରେ ଭାଗବତୀ, ଆଦ୍ୟା ପରାତ୍ପର ପରମା ଦିବ୍ୟଶକ୍ତି ଅବତରଣ କରି ସାଧକର ଚେତନାକୁ ରୂପାନ୍ତରିତ କରି ନବ ଜନ୍ମ ପ୍ରଦାନ କରନ୍ତି । ଏଠାରେ ମନପ୍ରାଣ-ଶରୀର ରୂପାନ୍ତର ଯାହି ପୃଥିବୀ ଦିବ୍ୟ-ଜୀବନର ସ୍ଥାପନର, ଉପକ୍ରମ ହୁଏ । କୁରୁକ୍ଷେତ୍ର ଯୁଦ୍ଧରେ ଅର୍ଜୁନ ଭାଗବତ କର୍ମ କରିଥିଲେ; କିନ୍ତୁ ଅନେକ ମନେ କରନ୍ତି ନିଷ୍କାମ କର୍ମ ହିଁ ଗୀତାର ଶେଷବାଣୀ । ଗୀତାର ଶେଷବାଣୀ ଯେତେ ବେଶୀ ଗୁହ୍ୟ ବା ଗୋପନ ତେତେ ବେଶୀ ପ୍ରକାଶିତ ନୁହେଁ । ଗୀତା ଭାଗବତୀ ଶକ୍ତିଦ୍ୱାରା ଜୀବନର ରୂପାନ୍ତର କଥା କହି ନାହିଁ କିନ୍ତୁ ପୁରୁଷୋତ୍ତମଙ୍କର ପରାପ୍ରକୃତିର ବିଷୟ ଉଲ୍ଲେଖ କରିଛି । ଏହି ପରାପ୍ରକୃତି ଯେତେବେଳେ ନିମ୍ନ ଜଗତରେ ଅବତରଣ କରି ଜୀବର ଅଧିସ୍ତନ ମନ ପ୍ରାଣ ଶରୀରକୁ ରୂପାନ୍ତରିତ କରେ, ସେତେବେଳେ ତାହା ପୃଥିବୀ ପୃଷ୍ଠରେ ଦିବ୍ୟ-ଜୀବନ ସ୍ଥାପନା କରେ । ଏହାହିଁ ଭଗବାନଙ୍କ ସଂକଳ୍ପ ସିଦ୍ଧି । ଏହି ପୂର୍ଣ୍ଣ ରୂପାନ୍ତରିତ ଦିବ୍ୟ ପୁରୁଷହିଁ ଅତିମାନବ-ଶ୍ରୀ ଅରବିନ୍ଦଙ୍କ ଭାଷାରେ Gowstic Being (ବିଜ୍ଞାନମୟ ପୁରୁଷ) ।

ଏହିପରି ଭାବରେ ସାଧାରଣ କର୍ମ ନିଷ୍କାମ କର୍ମ ଓ ଭାଗବତ କର୍ମର ବ୍ୟାଖ୍ୟା କରାଯାଏ । ପରିଶେଷରେ କର୍ମ-ନିବେଦନ ସଂସାରରେ କୌଣସି ବିଶେଷ ପ୍ରକାର କର୍ମ ଉପରେ ନିର୍ଭର କରେ ନାହିଁ । ଶ୍ରୀ ଅରବିନ୍ଦ କହୁଛନ୍ତି ।

"ଆତ୍ମ-ନିବେଦନ କୌଣସି ବିଶେଷ କାର୍ଯ୍ୟ କରିବା ଉପରେ ନିର୍ଭର କରେନାହିଁ, ବରଂ କେଉଁ ଭାବ ସହ ପ୍ରତ୍ୟେକ କର୍ମ କରି

Digitized by srujanika@gmail.com

Digitized by srujanika@gmail.com

ତାହା ଉପରେ ନିର୍ଭର କରେ—ସେ କର୍ମ ଯେଉଁ ପ୍ରକାରର ହେଉନା କାହିଁକି । ନିଷ୍କାମ ଓ ନିରହଂକାର ହୋଇ, ସୁଖ ଦୁଃଖରେ, ଶାନ୍ତ ଓ ସ୍ଥିର ରହିବ, ମନର ସମତା ସହ ଉତ୍ତମରୂପେ ଓ ଯତ୍ନ ସହକାରେ ଯେ କୌଣସି କର୍ମ ଭଗବାନଙ୍କୁ ଯଜ୍ଞରୂପେ ଅର୍ପଣ କରାଗଲେ, ଏବଂ ଏକମାତ୍ର ଭଗବାନଙ୍କ ଉଦ୍ଦେଶ୍ୟରେ କରାଗଲେ ଏବଂ ନିଜ ସ୍ୱାର୍ଥ ନିମିତ୍ତ ନୁହେଁ, କୌଣସି ପୁରସ୍କାର ବା ପରିଣାମ ନିମିତ୍ତ ବି ନୁହେଁ ଏବଂ ଏହି ବୋଧ ସହିତ ଯେ "ସକଳ କର୍ମ ଭଗବତ୍ ଶକ୍ତିର ଆୟତ୍ତାଧୀନ"—ତେବେ ସେହି କର୍ମ ଆତ୍ମ-ନିବେଦନର ଗୋଟାଏ ଉପାୟ ହୁଏ ।"

ଶ୍ରୀ ଅରବିନ୍ଦ

Digitized by srujanika@gmail.com

କର୍ମଯୋଗୀ ମୋହନଚରଣ ଏବଂ ଉତ୍କଳର ନବ ଜାଗରଣ

ଶ୍ରୀ ବିମଳ କୃଷ୍ଣ ପାଳ
(ଅଡ୍‌ଭୋକେଟ)

କର୍ମଯୋଗୀ ମୋହନ ଚରଣଙ୍କ ମହାପ୍ରୟାଣ ହୋଇଅଛି । ଉତ୍କଳ ତଥା ଭାରତର ନବଜାଗରଣ କ୍ଷେତ୍ରରେ ମନମୋହନଙ୍କ ପରି କର୍ମଯୋଗୀଙ୍କ ଅବଦାନ କଅଣ ? ଏହି ପ୍ରଶ୍ନର ଉତ୍ତର ଆଜି ଦେଇ ହେବନି । ଅନାଗତ ଯୁଗର କର୍ମକ୍ଳିଷ୍ଟ ଖଟିଖିଆ ସମାଜର ଅନାଗତ ସାଂସ୍କୃତିକ ତଥା ଜାତୀୟ ଅଭ୍ୟୁତ୍ଥାନହିଁ ତାହାର ଉତ୍ତର ଦେବ । ପରିବାର-ସମାଜ ତଥା ଜାତିର "ପତନ ଅଭ୍ୟୁଦୟ-ବନ୍ଧୁର-ପନ୍ଥା" ଏକ ନୀତିର ପରିଚାଳିତ । ତାହା ମହାମତି Toyanbi ତାଙ୍କର ମହାଗ୍ରନ୍ଥ "Study of History" ରେ ଆଲୋଚନା କରିଅଛନ୍ତି । ପତନୋନ୍ମୁଖ ସାମନ୍ତବାଦୀ ସମାଜରେ ରାଜନୀତି—ଅର୍ଥନୀତି—ସାହିତ୍ୟ—ଧର୍ମ ଓ ସଂସ୍କୃତି—ପ୍ରକୃତିରେ ଅଧଃପତନ ଆଡକୁ ଗତିକରେ ଅର୍ଥାତ୍ ହବ୍ରା ହେହରେ ହୋ ଜାତିର ବୈଶିଷ୍ଟ୍ୟ-ହୀନ ଶ୍ରମକୁ ପରିହାର କରି ଶ୍ରମହୀନ ସାଫଲ୍ୟକୁ ଅବଲମ୍ବନ କରେ । ଏହି ଅଧଃପତନ କବଳରୁ ସମାଜକୁ ରକ୍ଷାକରିବା ନିମନ୍ତେ ଭାରତଭାଗ୍ୟବିଧାତା ଭାରତୀୟ ସମାଜରେ ବିଭିନ୍ନ ପ୍ରଦେଶ ବା ରାଜ୍ୟରେ ଯେଉଁ ଯେଉଁ କର୍ମଯୋଗୀମାନଙ୍କୁ କର୍ମରେ ନିଯୁକ୍ତ କରି ଭବିଷ୍ୟତର କର୍ମିଷ୍ଠ ଭାରତୀୟ ସମାଜର ମୂଳଦୁଆ ସ୍ଥାପନ କରି-ଅଛନ୍ତି କର୍ମଯୋଗୀ ମୋହନଚରଣ ସେମାନଙ୍କ ମଧ୍ୟରେ ଅନ୍ୟତମ ।

Digitized by srujanika@gmail.com

ସଭ୍ୟତା ଓ ସଂସ୍କୃତିକୁ ଖ୍ରୀଷ୍ଟାନୁଗ୍ରହ ବା ଖ୍ରୀଷ୍ଟୀୟ ପୃଷ୍ଠ-ପୋଷକତାର ସଂକୀର୍ଣ୍ଣ ଆବିଳମୟ ବାୟୁମଣ୍ଡଳରୁ ରକ୍ଷା କରି କେବଳ କର୍ମପ୍ରଚେଷ୍ଟା ଉପରେ ସଂସ୍କୃତିକୁ ଅଭିଷିକ୍ତ କରି ସ୍ୱାଧୀନଜାତୀୟ ରସସୃଷ୍ଟି ବା ଅଭିବ୍ୟକ୍ତିର ଯେଉଁ ଜାତୀୟ କ୍ଷେତ୍ର କର୍ମଯୋଗୀ ମୋହନଚରଣ ସୃଷ୍ଟି କରିଗଲେ ତାହା ଜାତୀୟ ଇତିହାସରେ ଅତୁଳନୀୟ ।

ବ୍ୟବହାରିକ ଜୀବନରେ ପାରଦର୍ଶୀ ନହେଲେ ଆମେ ଜାତିର ସଭ୍ୟତା ଓ ସଂସ୍କୃତିକୁ ଗଢି ପାରିବୁନାହିଁ । ଏହି ଆଦର୍ଶକୁ ପାଶ୍ଚାତ୍ୟ ଆଦର୍ଶ କହିବା ମଧ୍ୟ ଭୁଲ । ବ୍ୟବହାରିକ ଜୀବନର ପାରଦର୍ଶୀ ହେବା ଭାରତୀୟ ଜୀବନର ମଧ୍ୟ ଶ୍ରେଷ୍ଠ ଆଦର୍ଶ । ଏହି କଥା ସମ୍ୟକ୍ ଉପଲବ୍ଧି ନକଲେ ମୋହନଚରଣଙ୍କର ପ୍ରତି ଶ୍ରେଷ୍ଠ ଶ୍ରଦ୍ଧା ଅର୍ପଣ କଲୁ ବୋଲି କୁହାଯାଇ ନପାରେ ।

ଭାରତୀୟ ସଂସ୍କୃତି ଓ ବ୍ୟବହାରିକ ଜୀବନରେ ପାରଦର୍ଶିତା:

ପ୍ରତ୍ୟେକ ଯୁଗର ନିଜସ୍ୱ ସମସ୍ୟା ଅଛି । ଯୁଗ ନିର୍ବିଶେଷରେ ମାନବ ଜୀବନର ସନାତନ ଚିରନ୍ତନ ସମସ୍ୟା ମଧ୍ୟ ରହି ଅଛି । ଏହି ଚିରନ୍ତନ ମାନବୀୟ ସମସ୍ୟା, ସହିତ ମନୁଷ୍ୟର ଯୁଗୋଚିତ ସମସ୍ୟା ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ମନୁଷ୍ୟର ଦୃଷ୍ଟି ସମସ୍ୟା ଚିରନ୍ତନ, ମାତ୍ର ଦୃଷ୍ଟିଭଙ୍ଗୀର ସମସ୍ୟା ଯୁଗଧର୍ମୀ ହୋଇଥାଏ, ମନୁଷ୍ୟର ମୌଳିକ ସମସ୍ୟାମାନ ଯୁଗନିର୍ବିଶେଷରେ ଜୀବନକୁ ନିୟନ୍ତ୍ରିତ କଲେ ମଧ୍ୟ ଯୁଗ ପ୍ରୟୋଜନୀୟତା ଭେଦ ଅନୁଯାୟୀ କୌଣସି କୌଣସି ମୌଳିକ ସମସ୍ୟା ଗୋଟିଏ ନିର୍ଦ୍ଦିଷ୍ଟ ଯୁଗରେ

Digitized by srujanika@gmail.com

ପ୍ରାଧାନ୍ୟ ଲାଭ କରି ଯୁଗାନ୍ତକୁ ତାହାର ପୂର୍ବ ପ୍ରାଧାନ୍ୟ ହରାଇ ବସେ । ମୁଦ୍ରାଯନ୍ତ୍ରର ଆବିଷ୍କାରର ପୂର୍ବବର୍ତ୍ତୀ ଯୁଗରେ ଅଧିତବିଦ୍ୟା ସଂରକ୍ଷଣ ନିମନ୍ତେ ସ୍ମରଣ ଶକ୍ତିହିଁ ପ୍ରଧାନ ସହାୟ ଥିଲା । ସେ ଯୁଗର ବ୍ୟବହାରିକ ଦର୍ଶନ ଥିଲା—

"ପୁସ୍ତକ ସ୍ଥା ତୁ ଯା ବିଦ୍ୟା ପରହସ୍ତ ଗତଂ ଧନଂ,
ଆପତ୍ କାଳେହ୍ୟ ଉପସ୍ଥିତେ ନ ସା ବିଦ୍ୟାନିବେଧନଂ" ।

ମାତ୍ର ବର୍ତ୍ତମାନର ସୁଲଭ ପୁସ୍ତକ ବହୁଳ୍ୟତାର ଯୁଗରେ ସ୍ମରଣ ଶକ୍ତିର ମୌଳିକ ପ୍ରୟୋଜନୀୟତା ଥିଲେ ମଧ୍ୟ ଆଜିକାର ଶ୍ରେଷ୍ଠ ଗ୍ରନ୍ଥ ଅବସରବାଦ ଭାବରେ 'ଘୋଷବନ୍ତଃ ବଳବନ୍ତଃ' ନୁହନ୍ତି ।

ବ୍ୟବହାରିକ ଜୀବନରେ ପାରଦର୍ଶିତା ସମ୍ବନ୍ଧରେ ଆଲୋଚନାର ଆଜି କି ପ୍ରୟୋଜନ ? ପ୍ରଶ୍ନ ଉଠିପାରେ—ଅନେକଙ୍କ ଏ ପରାମର୍ଶ ଦିଅ ଯେଉଁଠିରେ ଆମ୍ଭେ ନିଜ ନିଜର ଆଦର୍ଶଗତ, ଆଧ୍ୟାତ୍ମିକ, ମାନସିକ ଅସାଧାରଣ ଜୀବନ ଗଢ଼ି ପାରିବୁ, 'ବ୍ୟବହାରିକ ଦୈନନ୍ଦିନ ଜୀବନରେ ପାରଦର୍ଶିତା ଶିକ୍ଷାର ସେହିମାନେ ଲାଭକରନ୍ତୁ ଯେଉଁମାନଙ୍କର ଉଚ୍ଚଆଦର୍ଶ ନାହିଁ—ଯେଉଁମାନେ ଅସାଧାରଣ ହେବାକୁ ଚାହୁଁନାହାନ୍ତି' ଏହି ପ୍ରଶ୍ନର ସହଜ ଉତ୍ତର ଏହିଯେ— ସାଧାରଣଙ୍କୁ ଅସ୍ୱୀକାରକରି ଅସାଧାରଣତ୍ୱ ଲାଭ ହୋଇ ନପାରେ । ସାଧାରଣତ୍ୱକୁ ଏଡ଼ିଦେଲେ—ପରିଣାମ ହୁଏ ଅସ୍ୱାଭାବିକତା । ତାହା ଶାରୀରିକ ଓ ମାନସିକ ଅସୁସ୍ଥତା ସୂଚିତ କରେ । Extra-ordinary ଓ Abnormality—ଅସାମାନ୍ୟ ବା ଅସ୍ୱାଭାବିକ ଏକ ବସ୍ତୁ ନୁହେଁ । ବିଶେଷତଃ ବ୍ୟବହାରିକ ପାରଦର୍ଶିତାହିଁ ସମସ୍ତ ଆଦର୍ଶଗତ ଭିତ୍ତି ସ୍ୱରୂପ । ଯାହାର ଠିଆ ହେବାର ଶକ୍ତି ନାହିଁ ସେ ଯଦି ଆନ୍ତର୍ଜାତିକ ଅଲିମ୍ପିକ କ୍ରୀଡ଼ାରେ ପ୍ରତିଯୋଗିତା କରିବାର

Digitized by srujanika@gmail.com

ସ୍ୱପ୍ନ ଦେଖେ ତେବେ ତାହାକୁ ଆଦର୍ଶବାଦୀ ନ କହି ସ୍ୱପ୍ନୋନ୍ମାଦିତ କଡ଼ା କଥାରେ ପାଗଳ କହିବା ଉଚିତ । ବର୍ତ୍ତମାନ ପାଶ୍ଚାତ୍ୟ ଦେଶରେ ଯେ ବିରାଟ "ପାରଦର୍ଶିତା ସାହିତ୍ୟ" ଗଢ଼ି ଉଠୁଛି ତହିଁର ବହୁଳାଂଶ ଏହି ବିକୃତ ସ୍ୱପ୍ନୋନ୍ମାଦିତା ହସ୍ତରୁ ଯୁବ-ସାଧାରଣଙ୍କୁ ଆତ୍ମରକ୍ଷା କରିବାର ଶିକ୍ଷାଦାନରେ ପର୍ଯ୍ୟବସିତ ହୋଇ ଅଛି । ବିକୃତ ଅଳସ ଅସ୍ୱାଭାବିକତା ହସ୍ତରୁ ରକ୍ଷାକରି ମାନବ ଜୀବନକୁ ପୁଷ୍ଟ ଓ ସୁନ୍ଦର କର୍ମ ପ୍ରବଣ ସାଧାରଣୀଭୂତ କରି ତାହାକୁ ସମାଜ ପରିବାର ଓ ଗୋଷ୍ଠିର କାର୍ଯ୍ୟକାରୀ ଅଙ୍ଗ ଭାବରେ ଗଠନ କରିବା କାର୍ଯ୍ୟରେ ଆଜିକାର ବିରାଟ ଓ ଅଭିନବ ପାରଦର୍ଶୀ ସାହିତ୍ୟ ବା efficiency literature ଆତ୍ମନିୟୋଗ କରିଅଛି । ବସ୍ତୁତଃ ଅସାମାନ୍ୟତାକୁ କୌଣସି ସାଧାରଣ ନିୟମରେ ବାନ୍ଧି ହେବ ନାହିଁ । ପ୍ରତିକୂଳ ଓ ପ୍ରତିଯୋଗୀ ବାତାବରଣକୁ ଭେଦ କରି ପ୍ରତିଭା ତାହାର ଆଲୋକ ରଶ୍ମି ବିକୀରଣ କରେ । ସୁତରାଂ ସାଧାରଣ ବ୍ୟବହାରିକ ଜୀବନକୁ ସୁଦୃଢ଼ ଓ ପାରଦର୍ଶୀ କରିବା କାର୍ଯ୍ୟରେ ସମାଜ ଆତ୍ମନିୟୋଗ କରିଥାଏ । ଆଜି ବ୍ୟବହାରିକ ଜୀବନକୁ ପାରଦର୍ଶୀ କରିବା କାର୍ଯ୍ୟ ଭାବବିଳାସ ନୁହେଁ ।

ଗଣତନ୍ତ୍ରର ଜାଗତିକ ଅର୍ଥନୈତିକ ପରିବେଶରେ ଆଜି ତାହା ଅବଶ୍ୟ କର୍ତ୍ତବ୍ୟ । ବ୍ୟବହାରିକ ଜୀବନକୁ ସୁଦକ୍ଷ ନ କଲେ କୌଣସି ବ୍ୟକ୍ତିଗତ ପାରିବାରିକ, ଗୋଷ୍ଠିଗତ ବା ରାଷ୍ଟ୍ରୀୟ ଜୀବନ ବର୍ତ୍ତମାନ ଯୁଗର ଜୀବନସଂଗ୍ରାମରେ ଜୟୀ ହୋଇ ପାରିବ ନାହିଁ । ଯୁଗାବର୍ତ୍ତର ଦୁର୍ନିବାର ସ୍ରୋତ ମୁହଁରେ ତିଷ୍ଠି ପାରିଲେ ତ, ଅସାମାନ୍ୟତାର ପ୍ରଶ୍ନ ଉଠିବ ? ଏହି ପ୍ରସଙ୍ଗରେ ଗୋଟିଏ ଘଟଣା ମନେ ପଡ଼ୁଛି—ପୂର୍ବବଙ୍ଗର ନଦୀ ବକ୍ଷରେ ଜଣେ ପଣ୍ଡିତ ଡଙ୍ଗାରେ ଯାଉଥିଲେ । ପଣ୍ଡିତ ମହୋଦୟଙ୍କର ନାଉରିଆ ପ୍ରତି

Digitized by srujanika@gmail.com

ଅନ୍ତ କାରୁଣ୍ୟ ଭାବ ଉଦୟ ହେଲା । ସେ ଭାବିଲେ ଆହା !— ବିଚରା କିଛି ଜାଣିନି ତାହାର ଜୀବନଟା କ ତୁଛ । ପଚାରିଲେ— "ଆରେ ନାଉରିଆ, ନ୍ୟାୟଶାସ୍ତ୍ର ପଢିଛୁ ? ନାଉରିଆ କହିଲା— "ନା ହଜୁରେ" । ପଣ୍ଡିତେ କହିଲେ--ତୋର ଜୀବନର ଚାରିଅଣା ଗଲା, ପଚାରିଲେ ଆରେ "କାବ୍ୟସାହିତ୍ୟ ପଢ଼ିଛୁ" ? ଉତ୍ତର ଦେଲା "ନା ହଜୁରେ" । ପଣ୍ଡିତେ କହିଲେ ଯାଃ ତୋ ଜୀବନର ଆଠ ଅଣାଗଲା । ପୁଣି ସେ ପଚାରିଲେ ଆରେ ଦର୍ଶନ ଶାସ୍ତ୍ର ସମ୍ବନ୍ଧରେ କିଛି ଜାଣୁ "ଉତ୍ତର ଦେଲା ନା ହଜୁରେ" । ଏହିପରି ଶୁଣି ପଣ୍ଡିତେ କହିଲେ—"ଯାଃ ତୋ ଜୀବନର ଚୌଦଅଣା ନଷ୍ଟ ହେଲା" । ଏପରି ସମୟରେ ଦୂରରେ କାଳ ବୈଶାଖୀର ଘନ ମେଘ ଦେଖାଗଲା, ପ୍ରବଳ ବେଗରେ ଉତ୍ତାଳ ତରଙ୍ଗ ଆସି ଡଙ୍ଗାରେ ଧକ୍କା ଦେବାକୁ ଆରମ୍ଭ କଲା । ନାଉରିଆ ପଚାରିଲା—ପଣ୍ଡିତେ ! ପହଁରିବାକୁ ଜାଣ ? ପଣ୍ଡିତେ ଉତ୍ତର ଦେଲେ "ନା" । ନାଉରିଆ କହିଲା ସମ୍ଭାଳ—ଏବେ ତମ ଜୀବନର ଷୋହଳଅଣା ଗଲା । ଏହା କହି ନାଉରିଆ ନଦୀକୁ ଡେଇଁ ପଡ଼ି ପହଁରି ହେଁରି କୂଳ ଆଡ଼କୁ ଗଲା ।

ଭାରତୀୟ ଆଧ୍ୟାତ୍ମ ସାହିତ୍ୟରେ ଏହି ସମସ୍ୟାକୁ ଅନ୍ୟ ଗୋଟିଏ ରୂପକ ସାହାଯ୍ୟରେ ବୁଝାଇବାର ଚେଷ୍ଟା କରା ହୋଇ-ଅଛି । ଯେ ଯୋଗୀମାନେ ତନ୍ତ୍ରୋକ୍ତ ମାର୍ଗରେ ଶବ ସାଧନା କରନ୍ତି— ସାଧନା ସମ୍ପୂର୍ଣ୍ଣ ହେଲେ ଦେବୀ ସେମାନଙ୍କର ସମସ୍ତ ମନୋବାସନା ପୂର୍ଣ୍ଣ କରନ୍ତି । ମାତ୍ର ଏହି ଅନୁଷ୍ଠାନ ମାର୍ଗଗାମୀ ଯେଉଁ ସାଧକ—ସେ ଯେତେ ବଡ଼ ହୁଅନ୍ତୁ ନା କାହିଁକି—ତାଙ୍କୁ ଗୋଟିଏ କ୍ଷୁଦ୍ର ବିଷୟରେ ଅବହିତ ହେବାକୁ ପଡ଼େ, ଶବ ସାଧନା କରୁ କରୁ ସାଧନାର ପ୍ରଥମ ବିକାଶ ହୁଏ ଶବରେ ପ୍ରେତ ଯୋନିର ଆବିର୍ଭାବ ସୂଚକ

Digitized by srujanika@gmail.com

ଶବରେ ପ୍ରାଣ ସଞ୍ଚାର । ଏହି ପ୍ରାଣ ସଞ୍ଚାର ହେଲେ—ଶବ ମୁଖ-ବ୍ୟାଦନ କରି ଆଁ କରେ, ଏହି ସମୟରେ ଚୂଡ଼ା, ଗୁଡ଼ଳ, ଗୁଡ଼ ପ୍ରଭୃତି ସାଧାରଣ ଖାଦ୍ୟ ତାହାର ମୁଖ ଗହ୍ୱରରେ ଦେବାକୁ ପଡ଼େ । ସେଥି ନିମନ୍ତେ ଅତି ଉଚ୍ଚ ତାନ୍ତ୍ରିକ ଯାଉଥିବା ସାଧକ-ମାନଙ୍କ ମଧ୍ୟ ସାଧନା-ଆସନରେ ବସିବା ପୂର୍ବରୁ ଏହି ସାମାନ୍ୟ ଆହାର୍ଯ୍ୟର ସନ୍ଧାନ କରିବାକୁ ପଡ଼େ । ଅସାଧାରଣ ମେଧା ଓ ଆଧ୍ୟାତ୍ମ ଶକ୍ତି ବିଶିଷ୍ଟ ବହୁ ସାଧକ କେବଳ ଏହି ପ୍ରଥମ ବ୍ୟବହାରିକ କ୍ଷୁଧା ମେଣ୍ଟାଇବାକୁ ଅସମର୍ଥ ହୋଇ—ଶବ ହସ୍ତରେ ପ୍ରାଣ ହରାଇ ବସନ୍ତି । କେହି କେହି ଭ୍ରଷ୍ଟ ସାଧକ ହୋଇ ପାଗଳ ହୋଇ ଯାଆନ୍ତି । ଏହି ରୂପକ ସାହାଯ୍ୟରେ ଆଧ୍ୟାତ୍ମିକବିତ୍‌ମାନେ ଏହି ଶିକ୍ଷା ଦିଅନ୍ତି । ଯେ ବ୍ୟବହାରିକ ନ୍ୟୂନତମ ପ୍ରତିଷ୍ଠା ବ୍ୟତିରେକ ଆଧ୍ୟାତ୍ମ ସାଧନ ମଧ୍ୟ ଅସମ୍ଭବ । ବିଶେଷତଃ କଳିଯୁଗରେ ଯେଉଁମାନେ ମନେ କରନ୍ତି ଯେ—ଭାରତୀୟ ଶିକ୍ଷା ଓ ସଭ୍ୟତା କେବଳ ଆଧ୍ୟାତ୍ମ ସାଧନାରେ ପର୍ଯ୍ୟବସିତ ସେମାନେ ନିଜସ୍ୱ କର୍ମ ବିମୁଖୀନତାକୁ ସମର୍ଥନ କରନ୍ତି । ମାତ୍ର ଭାରତରେ ଅତି ପ୍ରାଚୀନ କାଳରୁ ବ୍ୟବହାରିକ ଜୀବନ ଓ ଆଧ୍ୟାତ୍ମ ଜୀବନ ମଧ୍ୟରେ ଅତି ଅଦ୍ଭୁତପୂର୍ବ ଭାବରେ ସାମଞ୍ଜସ୍ୟ ବିଧାନ କରି ହୋଇଅଛି । ଉପନିଷଦରେ କୁହା ଯାଇଅଛି—

"ଅବିଦ୍ୟୟା ମୃତ୍ୟୁଂ ତୀର୍ତ୍ତ୍ୱା—
ବିଦ୍ୟୟା-ମୃତ୍ୟୁ-ମଶ୍ନୁତେ"

ଅର୍ଥାତ ବ୍ୟବହାରିକ ସମସ୍ୟା ଓ ଜାଗତିକ ସମସ୍ୟାକୁ ସମାଧାନ କରି ନିଜର ସ୍ଥାୟୀତ୍ୱକୁ ବଜାୟ ରଖି ମୃତ୍ୟୁର ଉର୍ଦ୍ଧ୍ୱର ପାଇବା ସକାଶେ ଋଷିମାନଙ୍କୁ ଅବିଦ୍ୟା । ଅର୍ଥାତ ଜାଗତିକ ବା ବ୍ୟବହାରିକ ଜ୍ଞାନର ଆଶ୍ରୟ ନେବାକୁ ପଡ଼େ । ଏହି ସମସ୍ୟାକୁ

Digitized by srujanika@gmail.com

ଅତିକ୍ରମ କରି (ଏଡ଼ି କରି ନୁହେଁ) ପୁଣି ବିଦ୍ୟା ସାହାଯ୍ୟରେ ଆଧ୍ୟାତ୍ମ ସୁଖର ଅମୃତ ପାନ କରନ୍ତି । ପୂର୍ବ ଯୁଗରେ ଯାହା ଥାଉ ବା ନହେଉନା କାହିଁକି—ଆଜିକାଲିର ତୀବ୍ର ପ୍ରତିଯୋଗିତାମୂଳକ ଜୀବନ-ଝଞ୍ଜା ମଧ୍ୟରେ ଜୀବନର ପ୍ରଥମ ସମସ୍ୟା ହେଉଛି—ତିଷ୍ଠି ରହିବା । ତାହାକୁ ସେକ୍ସପିଅର ହ୍ୟାମଲେଟ୍‌ଙ୍କ ଜରିଆରେ କହି ଅଛନ୍ତି—"To be or not to be" ଜୀବନର ଏହି ମୌଳିକ ସତ୍ୟକୁ ପ୍ରତିଧ୍ୱନିତ କରି ଆମ୍ଭମାନଙ୍କର ପ୍ରାଚୀନ କବି କହିଅଛନ୍ତି, "ଥିବା କି ନ ଥିବା କଥାରେ ସଙ୍ଗାତ" ।

ବ୍ୟବହାରିକ ଜୀବନରେ ପାରଦର୍ଶିତା ଲାଭ କରିବା ବର୍ତ୍ତମାନ ଯୁଗର ଅନ୍ୟତମ ଶ୍ରେଷ୍ଠ ସମସ୍ୟା । ସାଧାରଣ ଜୀବନର ସାଫଲ୍ୟ ଉପରେ ଗଣତନ୍ତ୍ରର ସ୍ଥିତିଶୀଳତା, ନିରାପତ୍ତା ଓ ସଫଳତା ନିର୍ଭର କରୁଅଛି । ବ୍ୟବହାରିକ ଦକ୍ଷତାଲାଭ କରି ନ ପାରିଲେ ସାଧାରଣ ସାମାଜିକ ଓ ପାରିବାରିକ ଜୀବନ ସୁଦୃଢ଼ ରାଷ୍ଟ୍ରର ମୂଳଦୁଆ ହୋଇ ପାରିବ ନାହିଁ । ଗଣତନ୍ତ୍ରର ଅନିବାର୍ଯ୍ୟ ବିକେନ୍ଦ୍ରୀଭୂତ ରାଷ୍ଟ୍ରଶକ୍ତି ସାଧାରଣୀଭୂତ ଗଣଜୀବନ ମାନଙ୍କୁ ସମ୍ବଳ କରି ଠିଆ ହେବାର ଆଶା କରୁଛି । ବିଗତ ସାମନ୍ତ ଯୁଗର ପରାନ୍ନ ପୁଷ୍ଟ ସାହିତ୍ୟିକ କଳାବିତ୍ ଓ ଧର୍ମୋପଦେଷ୍ଟା ଆଜି ସମାଜ-ପତି ନୁହନ୍ତି । ଆଳସ୍ୟ ଆଭିଜାତ୍ୟର ଆନୁକୂଲ୍ୟ ଓ ପୃଷ୍ଠପୋଷକତାରେ ଆମର ଦେଶ ଓ ସମାଜରେ ଯେଉଁ ସଂସ୍କୃତି ଗଢ଼ି ଉଠିଥିଲା ତାହାକୁ ବଞ୍ଚାଇରଖିବାକୁ ହେଲେ ବା ଉନ୍ନତତର ଗଠନମୂଳକ ସଂସ୍କୃତିରେ ଉଦ୍‌ବୋଧନ କରିବାକୁ ହେଲେ ଜୀବନର ପ୍ରତି କ୍ଷେତ୍ରରେ ବ୍ୟବହାରିକ ପାରଦର୍ଶିତାର ଆଶୁ ପ୍ରତିଷ୍ଠା ଆବଶ୍ୟକ ।

Digitized by srujanika@gmail.com

ଉତ୍କଳୀୟ ସଭ୍ୟତାରେ ଗଣ ପ୍ରଭାବ ଓ ମୋହନ ଚରଣ :

ଭାରତର ବିଭିନ୍ନ ପ୍ରାଦେଶିକ ସଂସ୍କୃତି କ୍ଷେତ୍ରରେ ଓଡ଼ିଆ ସଂସ୍କୃତିର ଅବଦାନ ସମ୍ବନ୍ଧରେ ବିଚାର କରିବାକୁ ଗଲେ ଗୋଟିଏ ବିଷୟ ପ୍ରତି ଦୃଷ୍ଟି ଦେବା ଦରକାର ! ଭାରତର ଅନ୍ୟାନ୍ୟ ବିଭିନ୍ନ ସାହିତ୍ୟ ଓ ସଂସ୍କୃତି ମୁଖ୍ୟ ଭାବରେ ଉଚ୍ଚ ଜାତିର ସୃଷ୍ଟି । ଅନ୍ୟାନ୍ୟ ପ୍ରଦେଶରେ ମୁଷ୍ଟିମେୟ ଚିନ୍ତାଶୀଳ ବ୍ୟକ୍ତି ସାହିତ୍ୟ ଓ ସଂସ୍କୃତିର ସ୍ରଷ୍ଟା ହିସାବରେ ବିବେଚିତ ହୁଅନ୍ତି । ମାତ୍ର ଉତ୍କଳରେ ଜନ ସମାଜ ମଧ୍ୟ ସାହିତ୍ୟର ସ୍ରଷ୍ଟା ଓ ରସଗ୍ରାହୀ ଅଟନ୍ତି । ଏଠାରେ ଜନ-ସମାଜର ସ୍ୱତନ୍ତ୍ର ସଂସ୍କୃତିକ ସତ୍ତା ବିଦ୍ୟମାନ । ଲକ୍ଷ ଲକ୍ଷ ପୁରାଣ ଉପପୁରାଣ, ପାଲା, କୀର୍ତ୍ତନ, ପଦ, ଛାନ୍ଦ, ଯାତ୍ରା ପ୍ରଭୃତି ବିଷୟ-ବସ୍ତୁକୁ ଅବଲମ୍ବନ କରି ଆମ୍ଭର ଜନସାଧାରଣ ମଧ୍ୟ ସ୍ୱତନ୍ତ୍ର ସାହିତ୍ୟିକ ଓ ରସଜ୍ଞ ଜୀବନ ଯାପନ କରନ୍ତି, କର୍ମଯୋଗୀ ମୋହନ ଚରଣ ଓଡ଼ିଆ ସାହିତ୍ୟରେ ବିଶ୍ୱ-ସାହିତ୍ୟ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଓଡ଼ିଆ ଗଣ-ସାହିତ୍ୟ ପ୍ରତି ଅବହେଳା ଦେଖାଇ ନାହାନ୍ତି । ଏହି ଗଣ ସାହିତ୍ୟର ପ୍ରସାରର କାର୍ଯ୍ୟରେ ସେ ଚିରସ୍ମରଣୀୟ ହୋଇ ରହିବେ ।

ଏହିପରି ବିଭିନ୍ନ ଦୃଷ୍ଟି କୋଣରୁ ଦେଖିଲେ କର୍ମୀ ମୋହନ ଚରଣ ନବୀନ ଉତ୍କଳର ଅନ୍ୟତମ ସ୍ରଷ୍ଟା ଅଟନ୍ତି ।

Digitized by srujanika@gmail.com

ବିଶ୍ୱଭାରତୀ, ଶାନ୍ତିନିକେତନରୁ ଏକ ଚିଠି

ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ

(ମୁଖ୍ୟ ଅଧ୍ୟାପକ, ବିଶ୍ୱଭାରତୀ ଓଡ଼ିଆ ବିଭାଗ)

ପ୍ରିୟ ପ୍ରଫୁଲ୍ଲବାବୁ,

ମନମୋହନ ପ୍ରେସ, ପୁସ୍ତକାଳୟ ଏବଂ ଔଷଧ ଭଣ୍ଡାର ଆପଣଙ୍କ ବାପାଙ୍କର ସ୍ୱପ୍ନ ଦୃଢ଼ତା ଓ କର୍ମନିଷ୍ଠାର ଫଳ। ଓଡ଼ିଆ ଜାତୀୟ ଓ ସାଂସ୍କୃତିକ ଜୀବନର ବିକାଶ ସହିତ ଏହାର ଯଥେଷ୍ଟ ସମ୍ବନ୍ଧ ରହିଛି। ପୁରାଣ ପ୍ରକାଶ ମାଧ୍ୟମରେ ଓଡ଼ିଶାର ଗାଁ ଗହଳରେ ଓଡ଼ିଆ ସାହିତ୍ୟର ପ୍ରଚାର ଓ ପ୍ରସାର ଦିଗରେ ଆପଣଙ୍କ ବାପାଙ୍କର ଉଦ୍ୟମକୁ ଓଡ଼ିଆଏ ସବୁଦିନ ମନେ ରଖିବେ। ପୁଣି, ପରବର୍ତ୍ତୀ କାଳରେ ବଙ୍ଗସାହିତ୍ୟର ଶ୍ରେଷ୍ଠ ଗ୍ରନ୍ଥଗୁଡ଼ିକର ଅନୁବାଦ କରିବାର ସାହସିକ ସିଦ୍ଧାନ୍ତ ଆପଣଙ୍କ ଅନୁଦ୍ଧ ନର ଜୀବନୀ-ଶକ୍ତିର ପରିଚାୟକ। ସାମାନ୍ୟ ଦୁଇଟଙ୍କା ବେତନରୁ ଆରମ୍ଭ କରି ଯେଉଁ କର୍ମଯୋଗ ସାଧନା ଦ୍ୱାରା ସେ ଏତେବଡ଼ ଅନୁଷ୍ଠାନ ଗଢ଼ିଦେଇ ଯାଇ ପାରିଲେ, ତାହା ସବୁଦିନେ ଆଦର୍ଶ ସ୍ଥାନୀୟ ହୋଇ ରହି ପାରିବ। ପ୍ରବାସୀ ଓଡ଼ିଆଙ୍କ ଉପକାର ପାଇଁ ଆପଣଙ୍କ ବାପା କଲିକତାର ପୁସ୍ତକ ଭଣ୍ଡାର ସ୍ଥାପନ କରି ଯାଇଅଛନ୍ତି। ତାଙ୍କର ଅପୂର୍ଣ୍ଣ କାର୍ଯ୍ୟକୁ ଅଧିକ ସଫଳତାର ସହିତ ଚଳାଇ ଯିବାରେ ହିଁ ତାଙ୍କର ପ୍ରକୃଷ୍ଟ ସ୍ମୃତିରକ୍ଷା ହୋଇ ପାରିବ।

Digitized by srujanika@gmail.com

ମୋହନବାବୁ ଓ ମୋର ପୂର୍ବ ଅନୁଭୂତି

ଶ୍ରୀ ରାମଚନ୍ଦ୍ର କର

("ମାତୃଭୂମି"ର ପରିଚାଳକ)

ମୋହନ ବାବୁଙ୍କ ସହ ମୋର ପ୍ରଥମେ ଜଣାଶୁଣାହେଲା ୧୯୦୨ ମସିହାରେ । ମୁଁ ପ୍ରଥମ ଥର ପାଇଁ କଲିକତା ଯାଇଥାଏ ଗୋଟିଏ ଟ୍ରିଗ' ମେସିନ କିଣିବାପାଇଁ । ସେ ବିରାଟ ସହରରେ ପହଞ୍ଚିବା ପରେ ମୋତେ ବଡ ଅଡ଼ୁଆ ଅଡ଼ୁଆ ଲାଗିଲା । ମୁଁ ଓ ମୋର ମେସିନ-ମ୍ୟାନ ଜଣେ ବନ୍ଧୁଙ୍କ ଘରେ ଶ୍ରୀଗୋପାଳ ମଲ୍ଲିକ ଲେନରେ ଥାଉଁ । ମୋହନବାବୁଙ୍କ ଦୋକାନ ୧୨"/୧ଏ ବହୁବଜାରରେ ଥାଏ । ମୋତେ ତାଙ୍କର ବହି ଦୋକାନ ବେଞ୍ଚରେ ବସାଇ ଦେଇ ଆମ ଲୋକଟି ଅନ୍ୟ କାମରେ ଚାଲିଗଲା । କିଛି ସମୟ ପରେ ଦୋକାନ ବାକ୍ସ ପାଖରେ ବସିଥିବା ଭଦ୍ରଲୋକ ମୋ ଆଡ଼କୁ ନିର୍ଦ୍ଦେଶ କରି ପଚାରିଲେ, କାହାକୁ ଅପେକ୍ଷା କରୁଛନ୍ତି । ମୋ ଚେହେରାରୁ ବୋଧ-ହୁଏ ଜାଣିଗଲେ ମୁଁ ଜଣେ ନିପଟ ଓଡ଼ିଆ । ମୁଁ ପ୍ରଥମେ ଟିକିଏ ଅପ୍ରତିଭ ହୋଇ ସଙ୍ଗେ ସଙ୍ଗେ ମୋର ପରିଚୟଟି ଦେଲି । ସେ ହଠାତ୍ ଉଠି ଆସି ମୋତେ କୁଣ୍ଢାଇ ପକାଇଲେ ଓ କହିଲେ ତୁମ ବାଳକୃଷ୍ଣ ବାବୁଙ୍କ ପୁତୁରା ସେ କଥା ନ କହି ଚୁପ ହୋଇ ବସିଛ ? ତାପରେ ମିଠାଦହି ଓ ଜଳଖିଆ ଆସିଲା ଓ ଏହାପରେ ମୋର ୧୦।୧୨ ଦିନ ରହିବା ମଧ୍ୟରେ ୫।୭ ଥର ମିଳିଛୁ । ମୁଁ ଆଗରୁ ତାଙ୍କର ପୁସ୍ତକ ବ୍ୟବସାୟରେ ବ୍ୟୁତ୍ପତ୍ତି ବିଷୟ ମୋର ପିତୃବ୍ୟଙ୍କ ନିକଟରୁ ବହୁବାର ଶୁଣିଥାଏ । ଆମର କେତେଖଣ୍ଡ ପୁରାଣ ଗ୍ରନ୍ଥ

Digitized by srujanika@gmail.com

ଥିଲା ସାହାରଙ୍କ ପ୍ରଧାନ ବିକ୍ରେତା ମନମୋହନ ପୁସ୍ତକାଳୟ । ମୋର ମନେ ହେଲା ଏପରି ଜଣେ ସାଧାରଣ ଲୋକ କଲିକତା ଭଳି ସହରରେ ପ୍ରତିଷ୍ଠିତ ହେଲେ କିପରି ? ତାଙ୍କ ଦୋକାନକୁ ଲାଗି ଆଉ ଦୁଇଟି ଓଡ଼ିଆ ବହି ଦୋକାନ ଥାଏ—ଗୋଟିଏ ଅରୁଣୋଦୟ ପ୍ରେସର ଓ ଅନ୍ୟଟି ପଣ୍ଡା ମୁଣ୍ଡାଇର ଶ୍ରୀ ଆକୁଳ ମିଶ୍ରଙ୍କର । ସେମାନଙ୍କ ଦୋକାନରେ ମୁଁ ମଧ୍ୟ ସମୟେ ସମୟେ ବସେ । ସେମାନଙ୍କଠାରୁ ଶୁଣିବାକୁ ପାଏ ମୋହନ ବାବୁଙ୍କ କାରବାର ଏଠାରେ ଆଉ କାହାର ନାହିଁ ।

ତାଙ୍କ କଟକ ପ୍ରେସ ଓ ପୁସ୍ତକାଳୟ ସହ ଆମର କାରବାର ଥାଏ । ଥରେ ଅକ୍ଷର ତିଆରି କାରଖାନା ନେଇ ତାଙ୍କ ଭାଇ ମଧ୍ୟରେ ମାମଲାମକଦ୍ଦମାରେ ସାକ୍ଷ୍ୟ ଦେବା ପାଇଁ ତାଙ୍କ ପ୍ରେସ ମ୍ୟାନେଜର ମୋତେ ଅନୁରୋଧ କଲେ । ସେ ସମ୍ପର୍କରେ ମୋହନବାବୁଙ୍କ ସହ ଦେଖାକରି ମୋ' ପରି ଜଣେ ସାଧାରଣ ଲୋକ କଚେରୀରେ ସାକ୍ଷ୍ୟ ଦେଇ ଆପଣଙ୍କର କିଛି ଉପକାର କରି ପାରିବ ନାହିଁ ବୋଲି କହିବାରୁ ସେ ଟିକିଏ ହସି କହିଲେ – ହଉ ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ—ମୋହନଚରଣ ଦାସ କେବେ ଅନ୍ୟାୟ ବାଟରେ ଯିବ ନାହିଁ—ନାନାଲୋକେ ତାଙ୍କର ବୈଷୟିକ ବୈଭବରେ ଈର୍ଷାନ୍ୱିତ ହୋଇ ଏପରି କରୁଛନ୍ତି ।"

ତା'ପରେ ସାମୟିକ ଥରେ ଅଧେ ଦେଖା ହୋଇଛି । ମୁଁ ତାଙ୍କୁ ଯାହା ଜାଣିଛି ସେ ଜଣେ ଲୋକପ୍ରିୟ, ସ୍ନେହୀ, ଆଡ଼ମ୍ବର ଶୂନ୍ୟ ଓ ଅଧ୍ୟବସାୟୀ ଲୋକ ଥିଲେ । ସହାଯକରେ କିସେ ସାମାନ୍ୟ କମ୍ପୋଜିଟରରୁ ଜଣେ ଖ୍ୟାତନାମା ଓ ବଳବଶାଳୀ ବ୍ୟବସାୟୀ ହୋଇ ପାରିଥିଲେ । ତାଙ୍କର ଆଶୀର୍ବାଦ ହିଁ ଆମ୍ଭମାନଙ୍କର ସମ୍ବଳ ହେଉ ଏତିକି ପ୍ରାର୍ଥନା ।

Digitized by srujanika@gmail.com

ଗବେଷକ ଶ୍ରୀ ସଦାଶିବ ରଥଶର୍ମା
(ନଳାଟୀଢ଼ା ରତ୍ନାକର)

ଅଲ୍ ଇଣ୍ଡିଆ ରେଡ଼ିଓ କଟକ ପକ୍ଷରୁ ଜଗନ୍ନାଥ ମନ୍ଦିରର ଗୀତଗୋବିନ୍ଦ ଗାୟକ ପଦ୍ଧତିର ଅନୁଶୀଳନ କରିବାକୁ ଶ୍ରୀ ସୁରେନ୍ଦ୍ର ମହାନ୍ତି ଆସିଥାନ୍ତି । ମୁଁ ସେହି କାର୍ଯ୍ୟର ପୂର୍ତ୍ତିତା ଦିଗରେ ସଂଗ୍ରହ ଓ ଉଦ୍ୟମ କରିବା ଦିନ ଜଣେ ବନ୍ଧୁ ମୋର ସାକ୍ଷାତ ପାଇ ଆସିଲେ । ତାଙ୍କର ସରଳ ବ୍ୟବହାର ପ୍ରଥମରୁ ମୋତେ ମୁଗ୍ଧ କରିଲା, ମାତ୍ର ମୁଁ ଠିକ୍ ଜାଣି ନଥାଏ ସେ କିଏ । ଜୟଦେବଙ୍କ ଗୀତ ଗୋବିନ୍ଦର ବିଭିନ୍ନ ଗାୟକ ପଦ୍ଧତି ଓ ଟୀକା ର ଅନୁଶୀଳନ କରାଗଲା ବେଳେ ସେ ମୋତେ ପଚାରିଲେ ଜୟଦେବ କ'ଣ ଓଡ଼ିଆ ? ମୁଁ ତାହାର ଉତ୍ତର ଦେଲି "ସେ ମହାରାଷ୍ଟ୍ର ହୁଅନ୍ତୁ, ନେପାଳ ହୁଅନ୍ତୁ ବା ବଙ୍ଗାଳ ହୁଅନ୍ତୁ ଓଡ଼ିଶା ତାଙ୍କର ଓ ତାଙ୍କ ସାଧନାର ଯେଉଁ ଉପାସନା କରିଛି ଅନ୍ୟ କେହି ବା କୌଣସି ଦେଶ ତାହା କରି ପାରି ନାହିଁ । ଓଡ଼ିଶାର ପୁରପଲ୍ଲୀରେ ଏପରି ଗୃହ ନାହିଁ ଯେଉଁଠାରେ ଗୀତଗୋବିନ୍ଦ ଗ୍ରନ୍ଥ ନାହିଁ । ପ୍ରତି ଶହକେ ୨୫ ଜଣ ଗୀତ ଗୋବିନ୍ଦର ୨ ସର୍ଗ ବା ପ୍ରଥମ ସର୍ଗ କଣ୍ଠସ୍ଥ ଜାଣନ୍ତି । ପ୍ରତି ୧୦୦ ଖଣ୍ଡ ମୂଳମାତ୍ର ପୋଥି ମଧ୍ୟରେ ୨ଟି ଟିକା ଦେଖାଯାଏ ଓ ପ୍ରତି ୧୦୦ ଖଣ୍ଡରେ ଗୋଟିଏ ସଚିତ୍ର ଗୀତଗୋବିନ୍ଦ ପୋଥି ଅଛି, ଏହା ଯେଉଁ ଦେଶରେ ସମ୍ଭବ ହେଉଛି ସେଦେଶରେ ଜୟଦେବ ନହୋଇ ଅନ୍ୟ ଦେଶର ହୋଇ ନପାରନ୍ତି ।" ଏଥିରେ ସେ ସନ୍ତୋଷ ହେଲେ ପରି ଜଣା ପଡ଼ିଲା । ସାଙ୍ଗରେ ଥିବା ସହକାରୀଙ୍କ ଠାରୁ ପାନଖଣ୍ଡିଏ ଖାଇ ସେ ଟିକିଏ ପ୍ରସନ୍ନ ହୋଇ ବସିଲେ । ଏହି ଅବକାଶରେ ମୁଁ ତାଙ୍କର ପରିଚୟ

Digitized by srujanika@gmail.com

ପାଇଲି । ବାଲ୍ମୀକ ରାମାୟଣାନୁବାଦ ପଢିବା ବେଳେ ତାଙ୍କର ନାମ ମୁଁ ସେଥିରୁ ଜାଣିଥିଲି ଏବଂ ଜାଣିଥିଲି "ପ୍ରାଚୀନ ପୁରାଣର ଅନୁବାଦ ମୁଦ୍ରଣ ଦିଗରେ ତାଙ୍କର ସ୍ୱତନ୍ତ୍ର ଅନୁରାଗ ଅଛି ।" ଏଭଳି ଏକ ବ୍ୟକ୍ତିଙ୍କୁ ମୁଁ ପାଇ ତାଙ୍କୁ ବସାରେ ଲିଭି ଓ ବନ୍ଧୁତା କ୍ରମେ ବଢ଼ିବାକୁ ଲାଗିଲା ।

ମୁଁ ପଚାରିଲି ଆପଣ ତ ଜୟଦେବ ଙ୍କ ଗୀତଗୋବିନ୍ଦ ବିଷୟରେ ଶ୍ରଦ୍ଧାଶୀଳ ଜଣାପଡ଼ୁଛନ୍ତି; କିନ୍ତୁ ଏ ଭଳି ଗୀତଗୋବିନ୍ଦ ବହି ଆପଣ ଛପାଉ ନାହାନ୍ତି ? ଯେଉଁଥିରେ ଭଲ ଭୂମିକା, ଅନୁବାଦ ଓ ଆଲୋଚନା ଥିବ । ସେ ମହାଶୟ ତାହାର ଉତ୍ତରରେ ଓଡ଼ିଶାର ଅନ୍ତର୍ମର୍ମ କଥା କହିବସିଲେ । ସେ କହିଲେ ମୁଁ ଗ୍ରେଷ୍ଠରୁ ବଡ଼ ହୋଇ ଆଜି ଏକ ପ୍ରତିଷ୍ଠିତ ପ୍ରକାଶକ ହୋଇଛି । ପ୍ରକାଶକଙ୍କର ମଧ୍ୟରେ ମୋର ଅନୁଭୂତି ବହୁତ ବେଶୀ । ଓଡ଼ିଶାର ପାଠକ ସଂଖ୍ୟା ଅନ୍ତିକମ୍ । ପୁଣି ସେଥିରୁ କେହି ବହି କିଣି ପଢିବାକୁ ଚାହାନ୍ତି ନାହିଁ । ମାଗିନେଇ ଜଣେ ପଢ଼ୁଥିବା ବେଳେ ମୁଣ୍ଡ ଗଳେଇ ଆଉଜେଇ ହୋଇ ପଢ଼ିବାର ଅଭ୍ୟାସ ଆପଣ ବହୁତ ସ୍ଥାନରେ ଦେଖିବେ । ମାଗିନେଲେ ବହି ଆଉ ମିଳିବା କଥା ନୁହେଁ । ସେଥିରେ ପୁଣି ପୁରାଣ ଧର୍ମଗ୍ରନ୍ଥ କଥା ଛାଡ଼ନ୍ତୁ ଉପନ୍ୟାସ ଓ ପାଠ୍ୟ ପୁସ୍ତକରେ ମଧ୍ୟ ଜଣାଅଧିକେ ଏହି ଦଶା । ଅବଶ୍ୟ ଦେଶରେ ଦୈନ୍ୟାବସ୍ଥା ଏହାର କାରଣ ହୋଇ ପାରେ ମାତ୍ର ଜୀବନକାଳ ମଧ୍ୟରେ ଜଣେ ୧୦,୧୫ ଟଙ୍କାର ବହି କିଣିବା ଏତେ ଅସମ୍ଭବ ବା ସାଧନାର ବିଷୟ ନୁହେଁ ।" ଦେଖିଲି କଥାଟି ଏକାନ୍ତ ସତ୍ୟ ସଦ୍‌ଗ୍ରନ୍ଥ ବା ଆଧ୍ୟାତ୍ମିକ ଗ୍ରନ୍ଥପ୍ରକାଶନରେ ଅସୁବିଧା ଆହୁରି ବେଶୀ ଥିବ ସେଥି ନିମନ୍ତେ ମୋହନବାବୁ ସଦ୍‌ଗ୍ରନ୍ଥରୁ ପ୍ରକାଶନର କ୍ଷତିକୁ ·କପୂର ପରିମାଣରେ ସହ୍ୟ କରିବାକୁ କେତେ ପାର୍ଶ୍ୱଧନ୍ଦା ଉଣ୍ଡିଥାନ୍ତି । କଥାପ୍ରସଙ୍ଗରେ ପୁଣି ଗୀତଗୋବିନ୍ଦ କଥା

Digitized by srujanika@gmail.com

ଆସିଲ । ମୋ ପାଖେ ନୀଳମଣି ଦୋକାନରୁ ପ୍ରକାଶିତ ଗୋଟିଏ ଅଶୁଦ୍ଧ ଗୀତଗୋବିନ୍ଦ ପଡ଼ିଥାଏ ଓ ବେଙ୍କଟେଶ୍ୱର ଛାପାଖାନାର ସଟୀକ ଗୀତଗୋବିନ୍ଦ ମଧ୍ୟ ଥାଏ । ଅନ୍ୟ କେତେକ ଗୀତଗୋବିନ୍ଦ ମଧ୍ୟରୁ ବଙ୍ଗଳା ବହିଗୁଡ଼ିକର ସ୍ୱରୂପ ସୁନ୍ଦର ଦେଖାଯାଉଥାଏ ।

ଏହି ସମୟରେ ସେ ଆସିଥିବାର କାରଣ ବିଷୟ ମୁଁ ଊଠ ଇଲି, ସେ କୃତ୍ତିବାସଙ୍କର ହରିବଂଶ ବିଷୟରେ ଅସିଥିବା ପ୍ରକାଶ କରି ଅପ୍ରକାଶିତ ଥିବା ବହୁ ଗ୍ରନ୍ଥର ନାମନେଲେ । ଦେଖିଲି ପ୍ରକାଶକ ରୂପେ ତାଙ୍କର ଅନୁଧ୍ୟାନ ବହୁତ ବେଶୀ । ହରିବଂଶର ଶୁଦ୍ଧପାଠ ମୁଁ କରୁଥିବା ବୋଧହୁଏ ସେ ଶୁଣିଥିଲେ ମୁଁ ୫ ଗୋଟି ପାଣ୍ଡୁଲିପି ରଖି ୨ଜଣ ପଣ୍ଡିତଙ୍କ ସହଯୋଗୀତାରେ ତାହା କରୁଥାଏ ଓ ଶୁଦ୍ଧପାଠର ପଦ୍ଧତି ବା ମୋ'ର ପଦ୍ଧତି ମୁଁ ତାଙ୍କୁ ପ୍ରଦର୍ଶନ କଲେ । ମୋର ୫ଟି କପି ବା ପୋଥି ୫ଜଣ ଧରିଥାନ୍ତି ସମସ୍ତଙ୍କ ପାଖେ ଖାତା ପେନସିଲ ଥାଏ । ତା ମଧ୍ୟରୁ ଗୋଟିଏ ପାଣ୍ଡୁଲିପି ଜଣେ ପଣ୍ଡିତ ସ୍ୱରରେ ଗାଉଥାନ୍ତି ଅନ୍ୟମାନେ ଦେଖୁଥାନ୍ତି । ଯେଉଁଠି ତାରତମ୍ୟ ଆସେ ସେଠାରେ ନୋଟ ହୋଇ ଥାଏ । ପରିଶେଷରେ ଦେଖିଲି ବେଳକୁ ପାଠରେ ଥିବା ଭିନ୍ନତା ଏକାଥରେ ଜଣାପଡ଼େ । ଏହିପଦ୍ଧତି ତାଙ୍କ ମନକୁ ପାଇଲା । ସେ ହରିବଂଶର ଶୁଦ୍ଧପାଠ ସରିଲେ ଛପାଇବ କଥା କହି ଆପଣାର ଉଦ୍ଦେଶ୍ୟ ପରିବର୍ତ୍ତନ କଲେ, ତାଙ୍କର ଶ୍ରଦ୍ଧା "ଗୀତଗୋବିନ୍ଦ ଆଡ଼କୁ ଝୁଙ୍କିଲା । ସେ ଗୀତଗୋବିନ୍ଦର କେଉଁଟୀକା ବା ଓଡ଼ିଆ ଅନୁବାଦ ଭଲ, ଜାଣିବାକୁ ଚାହିଁବାରୁ ମୁଁ ଧରଣୀଧର ଟୀକା କଥା ତାଙ୍କୁ କହିଲି ଓ ଧରଣୀଧରଙ୍କର ଟୀକାର ପ୍ରାଧାନ୍ୟତା ତାଙ୍କୁ ବୁଝାଇଲି । ଧରଣୀଧରଙ୍କର ଟୀକା ଯେପରି ସାବଲୀଳ ସେପରି ଚିତ୍ତାକର୍ଷକ ତେଣୁ ତାହାହିଁ ଦେବା କଥା ମୁଁ ଯେତେବେଳେ ଉଠାଇଲି ତାହା ତାଙ୍କର ଦ୍ୱାରା ପ୍ରକାଶିତ

Digitized by srujanika@gmail.com

ହୋଇ ଥିବା ଶୁଣି ଅତ୍ୟନ୍ତ ଖୁସୀ ହେଲେ ମାତ୍ର ସେ ବହି ସେତେ-
ବେଳକୁ ସରିଯାଇଥିଲା ।

ଗୀତଗୋବିନ୍ଦ ସମ୍ବନ୍ଧରେ ଦୁଇ ଘଣ୍ଟା ମଧ୍ୟରେ କେତେ ଆଡ଼କୁ ତାଙ୍କ ବିଚକ୍ଷଣ ମନ ଯାଉଥାଏ ମୁଁ ଏହା ଭାବୁଥାଏ । ଚଉକିରେ ଚକାସନରେ ବସି ଚଉକି ବାଡ଼ରେ ହାତବାଡ଼େଇ ବାଡ଼େଇ ମଝି ମଝିରେ ଗୋଟିଏ ନୂଆ ନୂଆ କଥା କହୁଥାନ୍ତି । ଥରେ କହିଲେ: "ଆପଣ କହିଲେ ଗୀତଗୋବିନ୍ଦର ମୂଳ ତାଳ ତାଳପତ୍ରରେ ମିଳେ ବୋଲି ଆମ ବହିରେ ଗୋଟିଏ ଦେଲେ ହୁଅନ୍ତା ନାହିଁ ।" "ମୁଁ ତତ୍କ୍ଷଣାତ୍ ଅଧିକାରୀ ବୃନ୍ଦାବନ ଦାସ ଜୀ (ବଡ଼ ଓଡ଼ିଆ ମଠ)ଙ୍କର ଆମ ଲାଇବ୍ରେରୀକୁ ଦେଇଥିବା ପତ୍ର ଗୀତଗୋବିନ୍ଦ ଟି ତାଙ୍କୁ ଦେଲି, ତାଙ୍କ କଳ୍ପନାକୁ ମୋ କାମ ଠିକ୍ ଗନ୍ତବ୍ୟପଥରେ ଚାଲୁଥାଏ । ଏହି ଅଳ୍ପ ସମୟ ମଧ୍ୟରେ ପ୍ରେସନନ୍ଦନ ପୁସ୍ତକାଳୟର ଗ୍ରନ୍ଥ ପ୍ରାଚୀର ମଧ୍ୟରେ ସେ କହି ଉଠିଲେ । ଦଶ-ଅବତାର କଅଣ "ମୁଁ ଦଶ ଅବତାରକୁ ମାନବ ବା ମାନବିକତାର କ୍ରମ ପରିଣାମ ବା କ୍ରମିକ ବିକାଶ ବୋଲି କହିଲି । ଜୀବସୃଷ୍ଟିର ସରୀସୃପ ଜଳଜୀବଙ୍କଠାରୁ ଜୀବ କପରି ଆରମ୍ଭ ହୋଇ ନୃସିଂହ ରୂପରେ ମାନବତ୍ୱର ସନ୍ଧାନ ପାଇଲା, ବାମନ କପରି ଖର୍ବ ବା ଦୁର୍ଥମ ଚନ୍ଦନର ସ୍ୱରୂପ ପ୍ରଭୃତି କହି ପୁଣି ଈର୍ଷାଦ୍ୱେଷରେ ସଂହାର ରୂପ ଆଣି ଥୋଇଲି ଏବଂ ଏହାକୁ ପରମାତ୍ମାଙ୍କର ରସାବତାର ରୂପରେ ବର୍ଣ୍ଣନା କରି ବସିଲି । ଏହି ରସାବତାର ବିଷୟ ତାଙ୍କ ମନକୁ ପାଇଲା । ଓ ଏହାରି ଫଳରେ ତାଙ୍କର ଅଧ୍ୟାୟ ସାର କଥା ତାଙ୍କ ମନକୁ ଉଠିଥିବ । ପରିଶେଷରେ ସେ କହିଲେ ମୁଁ ଗୀତଗୋବିନ୍ଦର ଖଣ୍ଡିଏ ସର୍ବାଙ୍ଗ ସୁନ୍ଦର ଓ ଗବେଷଣା ପୂର୍ଣ୍ଣ ସଙ୍କଳନ କରିବି ସେ ଆଶା ଆଜି ସୌଭାଗ୍ୟ ବଶତଃ ରୂପରେଖ ନେଲା । ତାଙ୍କର ପ୍ରଫୁଲ୍ଲ

Digitized by srujanika@gmail.com

ମୁଖମଣ୍ଡଳରୁ ସେ ଏହି କାମ ନିମନ୍ତେ କେପରି ଆଶାୟୀ ଥିଲେ ତାହା ବେଶ୍ ଫୁଟି ଉଠୁଥିଲା । ଝଣ୍ଡିଏ ଗ୍ରନ୍ଥ ପ୍ରକାଶନରେ ସେ କେପରି ଆନନ୍ଦ ପାଉଥିବେ ଏହା ଦେଖିଲେ ତାଙ୍କର ଜାଖପ୍ରୁ ପ୍ରକାଶନ ଦିଗରେ ଆନ୍ତରିକତା କେତେଥିଲା ଅନୁମାନ କରି ଯାଇପାରେ । ସେ ଜାତିର ଉଚ୍ଚକୋଟିର ଗ୍ରନ୍ଥର ସଂଖ୍ୟା ବଢ଼ିବା ଓ ପାଠକଙ୍କର ମାନ କମୁଥିବା ବିଷୟ ଯେପରି ହୃଦୟଙ୍ଗମ କରୁଥିଲେ ତାହା କୌଣସି ସାହିତ୍ୟିକଙ୍କର ଚିନ୍ତାଠାରୁ ଊଣା ନ ଥିଲା । ସେ ଉଚ୍ଚ କୋଟିର ସାହିତ୍ୟ ନିମନ୍ତେ ନୋବେଲ (ପ୍ରାଇଜ୍) ପୁରସ୍କାର ପାଇଥିବା ଗ୍ରନ୍ଥ ଅନୁବାଦ ନିମନ୍ତେ ଶ୍ରୀମାନ୍ ପ୍ରଫୁଲ୍ଲଙ୍କୁ ପ୍ରଭାବିତ କରିଥିବା ବିଷୟ ମୁଁ ଜାଣେ । ଯାହା ଫଳରେ ଆଜି ଓଡ଼ିଶାରେ ଚଢ଼ିବା ଭଳି ଔପନ୍ୟାସିକମାନଙ୍କ ପ୍ରଭାବିତ କଲାଭଳି ଅନୁବାଦ ସାହିତ୍ୟ ସୃଷ୍ଟି ହୋଇ ପାରିଛି ତାଙ୍କର ପ୍ରେରଣାରେ ଆୟୁଷ୍ମାନ ପ୍ରଫୁଲ୍ଲ ଚନ୍ଦ୍ର ଯଥେଷ୍ଟ ଆଗେଇଛନ୍ତି । ସେ ଯାହାହେଉ ଉପନ୍ୟାସ କଥାରୁ ସେ ପୁଣି ଏକ କଥା କାଢ଼ିଲେ । ସେ କୁଆଡ଼େ ଶୁଣିଛନ୍ତି ଯେତେବେଳେ ଶ୍ରୀ ଚୈତନ୍ୟଚନ୍ଦ୍ର ଓଡ଼ିଶାକୁ ଆସିବା ବାଟରେ ରାଜମହେନ୍ଦ୍ରିଠାରେ ରାୟ ରାମାନନ୍ଦଙ୍କୁ ଭେଟିଲେ ସେତେବେଳେ ରାୟରାମାନନ୍ଦ ତାଙ୍କୁ ଗୀତଗୋବିନ୍ଦ ଲେଖାଥିବା ଗ୍ରନ୍ଥ ମାଳାକାରରେ ଦେଇ ଅଭିନନ୍ଦିତ କରିଥିଲେ । ତେଣୁ ଶ୍ରୀଚୈତନ୍ୟଚନ୍ଦ୍ର ଏଥିରେ ପ୍ରୀତହୋଇ ରାୟ ରାମାନନ୍ଦଙ୍କୁ ଆପଣାର କରିନେଲେ । ଏହା ଏକ କିମ୍ବଦନ୍ତୀ ହେଲେ ମଧ୍ୟ ସେ କହିଲେ ସେ ଗ୍ରନ୍ଥ ତାଳମାଳାକାରର ଗୀତଗୋବିନ୍ଦ ଗ୍ରନ୍ଥ ଓଡ଼ିଶାରେ ଅଛି ଆପଣ ଠିକ୍ ଦେଖନ୍ତୁ । ତାଙ୍କର ଏ ସୂଚନାର ଗୁରୁତ୍ୱ ଯାହା ହେଉନା କାହିଁକି ତାଙ୍କର ସଂଗ୍ରହ ପ୍ରବୃତ୍ତିକୁ ମୁଁ ମାନ୍ୟତାର ସହିତ ଲକ୍ଷ୍ୟ କରୁଥିଲି । ସେପରି ଗ୍ରନ୍ଥ ଓଡ଼ିଶାରେ ଥିଲା । ମୁଁ ପ୍ରକାଶନର ପରେ ସନ୍ଧାନ

Digitized by srujanika@gmail.com

କରି ପାଇଲି ! ଶ୍ରୀଚୈତନ୍ୟ ଚନ୍ଦ୍ରଙ୍କର ଚରଣାଙ୍କିତ ମାର୍ଗର ପଥିକ ଓଡ଼ିଶାର ଅନ୍ୟତମ କର୍ମୀ ପ୍ରବଣ ବ୍ୟକ୍ତି ଲିଙ୍ଗରାଜ ପାଇକରାଙ୍କ (ମାନପୁର ସରଦାର) ଏକ ସହୃଦୟତାରୁ ତାହା ଆମ୍ଭମାନଙ୍କର ହସ୍ତଗତ ହେଲା । ସେ ତାହା ଚାଇଥିଲେ ପ୍ରକାଶନରେ ଦେଇ ସୁଖୀ ହୋଇଥାନ୍ତେ । ଚୈତନ୍ୟ ଚନ୍ଦ୍ରଙ୍କ ମଳା ରୂପରେ ନୁହେଁ ଅବ ଚୀନ ଛନ୍ଦ ଲିଖନର ଶୈଳୀ ରୂପରେ । ମୋଟ ଉପରେ ଅଳ୍ପ ସମୟ ମଧ୍ୟରେ ଏହି ସବୁ କଥାବାର୍ତ୍ତା ହେଉ ସାରିବାପରେ ସେ କହିଲେ ୪ ମାସ ପୂରିବା ଦିନ ସର୍ବାଙ୍ଗ ସୁନ୍ଦର "ଗୀତଗୋବିନ୍ଦ" ପ୍ରକାଶିତ ହେବ । ଆପଣ ମୁଖବନ୍ଧ ଓ ଆଲୋଚନାଗୁଡ଼ିକ ଲେଖି ଦେଇ ଦିନ ମଧ୍ୟରେ ଦିଅନ୍ତୁ । ଆପଣଙ୍କୁ ଏଥିପାଇଁ ଯଥାଶକ୍ତି 'ପୁଷ୍ପାଞ୍ଜଳି' ମୁଁ ଦେବି । ସେ ଦୃଢ଼ତା ସହିତ ପ୍ରକାଶନର ଦିନ ଯେପରି ଜୋରଦେଇ କହିଲେ ତାହା ତାଙ୍କର କର୍ମନିଷ୍ଠାର । ଏପରି ପ୍ରସ୍ତାବ ମୁଁ କୌଣସି ପ୍ରକାଶକଙ୍କ ମୁଖରୁ ଶୁଣିବା ଆଶାକରି ନ ଥିଲି । ପ୍ରେସରୁ ଖଣ୍ଡିଏ ଭଲ ବହି ବାହାରିବା ସହଜ ବିଷୟ ନୁହେଁ ଏହା ମଧ୍ୟରେ ସେ ହିସାବ କରି ସମସ୍ତ ଖରଚ ମୋଟତ ଲେଖିଦେଲେ ସେଥିରେ ମୋର ପୁଷ୍ପାଞ୍ଜଳି ଟ ୧୦୦ ଟଙ୍କା ଲେଖାଥିବା ସ୍ଥାନରେ ମୁଁ ଗାରଟିଏ ପକାଇ ତାଙ୍କର ବିଚକ୍ଷଣତା ନିକଟରେ ମୁଣ୍ଡ ନୁଆଇଲି । ବାସ୍ତବ ସ୍ୱକର୍ମ ନିଷ୍ଠାର ପରିଣତି ଏହିପରି । ଶ୍ରଦ୍ଧା ଓ ହାର୍ଦ୍ଦିକ ନିଷ୍ଠା ନ ଥିଲେ ବୃଦ୍ଧି ଅଳ୍ପ ସମୟ ର ଏତେ ଆଡ଼ିକୁ ଖେଳି ସୈଦ୍ଧାନ୍ତିକ ରୂପ ରେଖ ପାଇବା କଠିନ ।

ମୁଁ ମୋର ଲେଖା ୮ ଦିନ ଭିତରେ ଦେଲି କିଛି ଦିନ ପରେ ପତ୍ର ପାଇଲି ପ୍ରତ୍ୟେକ ସର୍ଗରେ ବିଷୟସୂଚୀ ସମ୍ବନ୍ଧୀୟ ଏକ ଅଗ୍ରଲେଖା ପ୍ରତ୍ୟେକ ସର୍ଗରେ ରହିଲେ ଭଲ ହୁଅନ୍ତା । କେବଳ ପ୍ରକାଶକଙ୍କର ଏପରି ବିଚାର ଦେଖି ମୁଁ ତାଙ୍କୁ ସାହିତ୍ୟିକରୂପେ

Digitized by srujanika@gmail.com

ବୁଝିନେଲି ଓ ସମ୍ପାଦକ ପରେ ମୋର ଇଚ୍ଛାପୂ ସୂଚନା ପଢ଼ାଇଲି ସାମାନ୍ୟ ବାକ୍ୟାଳାପ ପରେ ମୁଁ ପଚାରିଲି ତାଙ୍କର ପ୍ରକାଶନର ତାରିଖ ମୋର ବେଶ୍ ମନେଥାଏ ମୁଁ ଗୋପୀନାଥପୁର ଚନ୍ଦ୍ରସାର ଧନ ଗ୍ରହଣଟାବେଳେ ପଢ଼ାଇବା ବେଳକୁ ସେ ଭିତରେ ଥାଆନ୍ତି ୧୫ ମିନଟ ପରେ ସେ ୨ ଖଣ୍ଡ "ଗୀତଗୋବିନ୍ଦ" ବହି ମୋତେ ଉପହାର ଦେଲେ ମୁଁ ବାସ୍ତବରେ ଆପ୍ୟାୟିତ ହେଲି । ମୁଁ ଅଭିନବ ସଂସ୍କରଣ ଦେଖି ଏତେ ମୁଗ୍ଧ ହୋଇଥିଲି ଯେ ମୂଲ୍ୟଆଡ଼କୁ ଦୃଷ୍ଟି ନଥିଲି । ମୁଁ ପୂର୍ବରୁ ଏଥିରେ ହୋଇଥିବା ବ୍ୟୟ ବ୍ଲକ ତିଆରି କରାଇବାରେ ଯାହା ଖରଚ ହୋଇଥିଲା ଜାଣିଥିଲି । କେତେକ ସମୟ ପରେ ମୁଁ ମୂଲ୍ୟ ଦେଖି ଆଶ୍ଚର୍ଯ୍ୟ ହେଲି । ମୋର ଭଙ୍ଗୀରୁ ସେ ଜାଣିଗଲେ ଓ କହିଲେ ଉପନ୍ୟାସ ଯୁଗରେ ଗୀତ-ଗୋବିନ୍ଦ ନେଇ ପଢ଼ିବା ଲୋକ କେବଳ ମଧ୍ୟବିତ୍ତ ଗୃହସ୍ଥ, ବୃଦ୍ଧ ମହଲ ଓ ଯୁବକମାନଙ୍କର ଏହା ଆଦୃତ ହେବନାହିଁ । ମଧ୍ୟବିତ୍ତ ଗୃହସ୍ଥଙ୍କର ଦଶା ବର୍ତ୍ତମାନ ଯୁଗରେ ଯାହା ସେଥିରେ ସେ ଆପଣା ସମ୍ମାନ ମହତ୍ତ୍ୱ ରକ୍ଷା ରଖି ନପାରନ୍ତି ସେଥିରେ ସହରକୁ ଆସି ଟଙ୍କା ଦେଇ ଗୀତଗୋବିନ୍ଦ ବହି ନେବା କଠିନ ଯାହା ଖରଚ ହୋଇଛି ଦାମ କଷିଲେ ମୂଲ୍ୟ ୪୫ ଟଙ୍କା ହେବ ମାତ୍ର ପାଞ୍ଚଟଙ୍କା (କଲିକତା) ଦେଇ ଲୋକେ ନେବେ ନାହିଁ । ତେଣୁ ଆମର ଏତେ ଶ୍ରମର ମୂଲ୍ୟ କଅଣ ? ଗ୍ରନ୍ଥର ପ୍ରସ୍ଥର ତଥା ଆଧ୍ୟାତ୍ମିକତା ଦୃଷ୍ଟିରୁ ମୁଁ ଏହାକୁ ବିତରଣ କରୁଛି ବୋଲି ଭାବି ନେଇଛି ବାସ୍ତବରେ ବହିର ପ୍ରକାଶନ ଓ ବ୍ୟୟ ଦୃଷ୍ଟିରୁ ୨ ଟଙ୍କା ଦାମ ହେବା କଥାରୁ ସମସ୍ତେ ଏହା ଜାଣୁଥିବେ । ଜଣେ ପ୍ରକାଶକ ପୁଣି ଓଡ଼ିଶାରେ ଏଭଳି ଆନୁଷ୍ଠାନିକ ମନୋବୃତ୍ତିରେ ଗ୍ରନ୍ଥ ପ୍ରକାଶ କରିପାରନ୍ତି ଜାଣି ମୁଁ ପୁଷ୍ପାଞ୍ଜଳି ତ ଗୁଡ଼ିଥିଲି ୪୫ ଖଣ୍ଡ

Digitized by srujanika@gmail.com

ବହିଆଣି ନେଣ ଦେଣରୁ' ମୁକ୍ତ ରହିଲି । ଏଭଳି ଉଦାର ପ୍ରକାଶକଙ୍କ ନିକଟରେ ମୋର କିଛି କହିବାର ନଥିଲା; ଜଣେ ଧର୍ମାନୁରକ୍ତ ଲେଖକର ଚିନ୍ତାଠାରୁ ପ୍ରକାଶକଙ୍କ ମନୋବୃତ୍ତି ବଳିପଡ଼ିଲା । ମୁଁ ପରିତୃପ୍ତ ହେଲି । କିଏ ନହେବ ? ମୁଁ ତାଙ୍କୁ ଧନ୍ୟବାଦ ଦେବାର ବାକ୍ୟ ପାଇଲି ନାହିଁ । ସେହିଦିନ ଠାରୁ ମୁଁ ଜାଣେ ସେ ଜଣେ କେତେମଣିଷରେ ମଣିଷ । ତାଙ୍କର ବିଚକ୍ଷଣତାର ବହୁପରିଚୟ ମୁଁ ପରେ ପାଇଛି । ରାତି ରାତି ବସି ଭାଗବତ ଗ୍ରନ୍ଥ ମିଳାଇବା ବେଳେ ସେ ଉଚ୍ଚବୟସୋଚିତ କ୍ଳାନ୍ତି ଅନୁଭବ କରିବା ଦିନେ ଦେଖି ନାହିଁ । ପୂର୍ବ ଦୁଇଦିନ ଧରି "ଭଗବତ୍‌ଗୀତା" (ତାଙ୍କର ପ୍ରକାଶିତ) ସମ୍ବନ୍ଧରେ ଆଲୋଚନା କଲାବେଳେ ତାଙ୍କର ଟିପ୍‌ପଣି ମୋତେ ସତତ ଆପ୍ୟାୟିତ କରିଛି । ସେ ଦେଶର ବର୍ତ୍ତମାନ ସମସ୍ୟା ଓ ଭାରତୀୟ କୃଷ୍ଟିର ଅଧୋଗତି ଦେଖି ଗୀତାର ଏହି ଶ୍ଳୋକଟି ସବୁବେଳେ କହନ୍ତି :

ଯତ୍ର ଯୋଗେଶ୍ୱରଃ କୃଷ୍ଣୋ ଯତ୍ର ପାର୍ଥୋ ଧନୁର୍ଦ୍ଧରଃ
ତତ୍ର ଶ୍ରୀ ବିଜୟୋ ଭୂତିର୍ଧ୍ରୁବା ନୀତିର୍ମତିର୍ମମ ।

ଏହାର ଅର୍ଥ ସେ ଅତି ସାଧାରଣଭାବେ କରି କହନ୍ତି ମଣିଷର ଈଶ୍ୱର ବିଶ୍ୱାସ ଓ କର୍ମନିଷ୍ଠା । ଏହି ଦୁଇଟି ରହିଲେ ମନୁଷ୍ୟ ସବୁ କରିପାରେ । ଏଥିରେ ଈଶ୍ୱର ବିଶ୍ୱାସ ଯୋଗେଶ୍ୱର କୃଷ୍ଣ ଓ କର୍ମନିଷ୍ଠା ଅର୍ଜୁନ । ଏହାର ମିଳନ ନହେଲେ କିଛି ହୋଇ ପାରିବ ନାହିଁ । ତେଣୁ ସେ ସବୁବେଳେ ତାଙ୍କ ଇଷ୍ଟଦେବୀ ସିଂହବାହିନୀଙ୍କ ଠାରେ ଅଚଳାଭକ୍ତି ରଖି ନିଷ୍ଠାପର ଭାବେ କର୍ମମୟ ସଂସାରରେ ଜଣେ ଶ୍ରେଷ୍ଠ କର୍ମୀ ଥିଲେ । ତାଙ୍କର ଆତ୍ମା ସଦ୍‌ଗତି ସମ୍ପନ୍ନ ଏଥିରେ ସନ୍ଦେହ ନାହିଁ; ଭଗବାନ ତାଙ୍କର ପ୍ରତିଷ୍ଠିତ ଅନୁଷ୍ଠାନ ପ୍ରତି ସଦୟ ହୁଅନ୍ତୁ ଏହାହିଁ ପ୍ରାର୍ଥନା ।

Digitized by srujanika@gmail.com

'ସାହିତ୍ୟ ସମାଚାର' ଦୃଷ୍ଟିରେ ମୋହନ ଚରଣ ଦାସ

ଶ୍ରୀ ରାମନାଥ ପଣ୍ଡା

(ସଂପାଦକ, ସାହିତ୍ୟ ସମାଚାର)

ସାତବର୍ଷ ତଳର କଥା । ମୁଁ ଜାଣି ନ ଥିଲି ଯେ ସେହିବର୍ଷ ଜୟପୁର ରେ ଗୋଟିଏ ସ୍ୱୟଂ ସମ୍ପୂର୍ଣ୍ଣ ପ୍ରେସ ପ୍ରତିଷ୍ଠା କରି ପୁସ୍ତକ ପ୍ରକାଶ କରାଇବି ଓ ସେହି ପ୍ରେସରୁ ଏବେ 'ସାହିତ୍ୟ ସମାଚାର' ନିୟମିତ ପ୍ରକାଶ ପାଇବ ।

କଲିକତାରେ ସେଦିନ ଏ ପାଖ ସେପାଖ ବୁଲି ବୁଲି କରୁ କରୁ ଶଶିଭୂଷଣ ଦେ ଷ୍ଟ୍ରିଟ୍ ରେ ପହଁଚିଲି । ଓଡ଼ିଆ ନାମ ଫଳକ 'ମନମୋହନ ପୁସ୍ତକାଳୟ' ଦେଖି ଠିଆ ହେଲି । ପାଖକୁ ଯାଇ ପଚାରିଲି, ମୋହନ ବାବୁ ଅଛନ୍ତି ?

'ଆଇ ପାଖରେ ଉପରେ ଅଛନ୍ତି ।

ଉପରକୁ ଉଠିଲି । ଆଗରୁ ପରିଚୟ ଥିଲା । ତେଣୁ ଅସୁବିଧା ହେଲା ନାହିଁ ।

"ଜୟପୁର ରେ ମୁଁ ଗୋଟିଏ ପ୍ରେସ କରିବାକୁ ଚାହୁଁଛି । କରିବି କି ନାହିଁ, କଲେ କଣ କେମିତି କରିବି, କାହାଠୁଁ କଣ କିଣିବି ? କେତେ ପୁଞ୍ଜି ଦରକାର" ଏହିପରି କେତୋଟି ସାଧାରଣ ପ୍ରଶ୍ନରୁ ଆଲୋଚନା ଆରମ୍ଭ ହେଲା ।

ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସହିତ ପ୍ରବାଶରେ ଓଡ଼ିଆ ଆନ୍ଦୋଳନକୁ ସଫଳ କରିବା ଲାଗି ସେ କପରି କଲିକତାରେ ଓଡ଼ିଆ ବହିର ପ୍ରଚାର ପାଇଁ ପ୍ରଥମେ ଉଦ୍ୟମ କରିଥିଲେ ଓ କ୍ରମେ

Digitized by srujanika@gmail.com

ଦିନେ କିପରି ସେ ଏତେ ବଡ଼ ପ୍ରକାଶକ ହୋଇ ପାରିଲେ ଇତ୍ୟାଦି ବହୁ ବିଷୟରେ ଚର୍ଚ୍ଚା ହେଲା ।

ସେଦିନ ଦୁଇଘଣ୍ଟା ଧରି ମୋହନ ଚରଣ ଦାସ ମୋତେ ଓଡ଼ିଆ ବହି, ଓଡ଼ିଆ ପ୍ରେସ ଓ ଓଡ଼ିଆ ପୁସ୍ତକାଳୟ ସମ୍ପର୍କରେ ଯେଉଁ ଉଦ୍‌ବୋଧନ ବାଣୀ ଶୁଣାଇଥିଲେ ତାହା ଆଜି 'ସାହିତ୍ୟ ସମାଚାର' ଦୃଷ୍ଟିରେ ବିଚାର କରିବସିଲେ କାହା ଲାଗୁଛି । ୧୯୫୦ ସାଲ ବେଳକୁ ଯେତେବେଳେ କି ଓଡ଼ିଶାରେ ଓଡ଼ିଆ ବହିର ପ୍ରଚଳନ ନୈରାଶ୍ୟଜନକ ଜଣାଯାଏ, ସେତିକିବେଳେ ମୋହନ ଚରଣ ଦାସ କଲିକତାରେ ଗଳି କନ୍ଦି ବୁଲି ଓଡ଼ିଆ ବହି ବିକ୍ରି କରୁଥିଲେ ।

ଅକ୍ଷର ପରିଚୟ, ବର୍ଣ୍ଣବୋଧ, ଶିଶୁଶାଳୀ ପାଠ, ସହଜ ଓଡ଼ିଆ ରଚନା, କେଶବ କୋଇଲି, କମଳଲୋଚନ, ଗୋପୀ ଭାଷା, ମନବୋଧ ଚଉତିଶା ଠାରୁ ଆରମ୍ଭ କରି ରାମାୟଣ ମହାଭାରତ ଯାଏ, ସବୁ ଶ୍ରେଣୀର ଓଡ଼ିଆ ବହିର ବହୁଳ ପ୍ରଚଳନ ପାଇଁ ସେ ଅକ୍ଲାନ୍ତ ପରିଶ୍ରମ କରିଥିଲେ । ଯେତେବେଳେ ଓଡ଼ିଆ ଲୋକେ ଦେଶରେ ଓ ବିଦେଶରେ ମାତୃଭାଷା ଶିକ୍ଷା କରିବା ଲାଗି ଭଲ ଛପା ବହି ଖଣ୍ଡିଏ ପାଉ ନ ଥିଲେ, ସେତିକିବେଳେ କର୍ମବୀର ମୋହନ ଚରଣ ଦାସ ଯେଉଁ ଅକ୍ଲାନ୍ତ ପରିଶ୍ରମ କରିଛନ୍ତି, ତାହା ଭୁଲିବାର ନୁହେଁ ।

ଓଡ଼ିଆ ଲୋକଙ୍କ ପାଇଁ ଯେଉଁ ବହିଟି ଆବଶ୍ୟକ ମନେ ହେଉଥିଲା, ସେହି ବହି ନିଜେ ଲେଖକ ଯୋଗାଡ଼ କରି ଲେଖାଇ, ଛପାଇ ଘର ଘର ବୁଲି ବିକ୍ରୀ କରିବାର ଦାୟିତ୍ୱ ନେଉଥିଲେ । ବିନିମୟରେ ହୁଏତ ସେ ପ୍ରଚୁର ଅର୍ଥ ଉପାର୍ଜନ କରୁଥିଲେ; କିନ୍ତୁ ଏହା ଦ୍ୱାରା ଜାତିର ଯେ କେତେକ ଶୋଚନୀୟ ଅଭାବ ସେ ଦୂର

Digitized by srujanika@gmail.com

କରାଇ ଦେଉଥିଲେ, ଏଥିରେ ସନ୍ଦେହ ନାହିଁ ଏବଂ ସେଥିପାଇଁ ସେ ଚିର ସ୍ମରଣୀୟ ।

ଆଜି ମଧ୍ୟ ଖଣ୍ଡିଏ ଉଚ୍ଚଶ୍ରେଣୀର ସାହିତ୍ୟ ପୁସ୍ତକ ଓଡ଼ିଆରେ ପ୍ରକାଶ କରିବା, ଏକ ଦୁଃସାହସ ରୂପେ ପରିଗଣିତ ହେଉଛି । 'ପାପ ଓ ପ୍ରାୟଶ୍ଚିତ୍ତ' ଭଳି ପୃଥିବୀ ବିଖ୍ୟାତ ଉପନ୍ୟାସ ଓଡ଼ିଆରେ ପ୍ରକାଶ କରି ମଧ୍ୟ ଓଡ଼ିଶାର ସାହିତ୍ୟ ପ୍ରେମୀ ସର୍ବସ୍ୱାନ୍ତ ହୋଇ ପଡ଼ିଥିବା ଆଜିକାଲିର ଘଟଣା । ଏ ପରିସ୍ଥିତି ପୂର୍ବର ଆହୁରି ଉତ୍କଟ ପରିସ୍ଥିତିରେ ଉପାଦେୟ ଓଡ଼ିଆ ପୁସ୍ତକମାନ ପ୍ରକାଶ କରିବାରେ ମୋହନ ବାବୁ ଯେଉଁ ସାହସିକତାର ପରିଚୟ ଦେଇଛନ୍ତି, ତାର ତୁଳନା ନାହିଁ ।

ଆଜିର ବିଖ୍ୟାତ ଔପନ୍ୟାସିକ କାହ୍ନୁଚରଣଙ୍କ ପରି ପ୍ରବୀଣ ଲେଖକମାନେ ଯେତେବେଳେ ଅପରିପକ୍ୱ ଲେଖକ ଭାବରେ ସାହିତ୍ୟ କ୍ଷେତ୍ରରେ ନିତାନ୍ତ ଅପରିଚିତ ଥିଲେ, ସେତିକବେଳେ ସେମାନଙ୍କର ଉପନ୍ୟାସମାନ ପ୍ରକାଶ କରିବାର ଦାୟିତ୍ୱ ମୋହନ ବାବୁ ଯଦି ଗ୍ରହଣ କରି ନ ଥାନ୍ତେ, ଆଧୁନିକ ଓଡ଼ିଆ ସାହିତ୍ୟକୁ ଆଜି କାହ୍ନୁ ବାବୁଙ୍କ ଭଳି ଲେଖକ ମାନଙ୍କର ଦାନ କଣ ହୋଇଥାନ୍ତା, କିଏ କହି ପାରିବ ? କାହ୍ନୁଚରଣଙ୍କ ସମକାଳୀନ ଅନ୍ୟାନ୍ୟ ଅନେକ ଓଡ଼ିଆ ଲେଖକଙ୍କ ସାରସ୍ୱତ କୃତିଗୁଡ଼ିକର ଦୁର୍ଦ୍ଦଶା ବିଷୟ ଯେଉଁମାନେ ଜାଣନ୍ତି, ସେମାନେ ଏ ପ୍ରଶ୍ନର ଗୁରୁତ୍ୱ ନିଶ୍ଚୟ ବୁଝିପାରିବେ । ସେ ଯାହା ହେଉ ଆଧୁନିକ ଓଡ଼ିଆ ସାହିତ୍ୟର ନିର୍ମାତା ମାନଙ୍କ ମଧ୍ୟରୁ ଅନେକଙ୍କର ବାସ୍ତବ ପ୍ରେରଣା ଓ ଦୃଢ଼ ଅବଲମ୍ବନ ଭାବରେ ମଧ୍ୟ ପ୍ରକାଶକ ମୋହନ ଚରଣ ଦାସଙ୍କ ଦାନ ଅତୁଳନୀୟ ।

ମୋହନ ବାବୁ ଆଜି ଚାଲି ଯାଇଛନ୍ତି ସତ କିନ୍ତୁ ଓଡ଼ିଆ ସାହିତ୍ୟ ଜଗତରେ ସେ ଯେଉଁ ଦୀପ ସ୍ତମ୍ଭ ନିର୍ମାଣ କରି ଦେଇ ଯାଇଛନ୍ତି, ତାହା କେବେ ଓଡ଼ିଆ ଜାତିର ସ୍ମୃତିରୁ ଲିଭିବ ନାହିଁ ।

Digitized by srujanika@gmail.com

ମୋହନ ପୁସ୍ତକାଳୟ ମୋହନ ବାବୁଙ୍କ ଶେଷ ଜୀବନରେ ତାଙ୍କର ଜ୍ୟେଷ୍ଠ ପୁତ୍ର ପ୍ରଫୁଲ୍ଲ ଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ଯେଉଁ କେତେଖଣ୍ଡ ବଙ୍ଗ ବିଖ୍ୟାତ ପୁସ୍ତକର ଓଡ଼ିଆ ଅନୁବାଦ ସର୍ବାଙ୍ଗ ସୁନ୍ଦର କରି ପ୍ରକାଶ କରିଛନ୍ତି । ତାହା ଆଜି ଓଡ଼ିଆ ଅନୁବାଦ ସାହିତ୍ୟର ପଥ ପ୍ରଦର୍ଶକ ହୋଇଛି ।' ଏହା କଣ କମ୍ ଗୌରବର କଥା ?

ମୋ' ଉପରେ 'ସାହିତ୍ୟ ସମାଚାର' ଦୃଷ୍ଟିରେ ମୋହନ ଚରଣ ଦାସ ହେଉଛନ୍ତି, ଦୁର୍ଦ୍ଦଶାଗ୍ରସ୍ତ ଓଡ଼ିଆ ସାହିତ୍ୟ ଜଗତର ପ୍ରଗତିଶୀଳ ପ୍ରକାଶକ ହିସାବରେ ଜଣେ ନିର୍ଭିକ ସେବା-ନାୟକ ।

ଏହି କର୍ମବୀର ପ୍ରକାଶକ ସେନା-ନାୟକ ମୋହନ ଚରଣ ଦାସଙ୍କ ପବିତ୍ର ସ୍ମୃତି ଉଦ୍ଦେଶ୍ୟରେ 'ସାହିତ୍ୟ ସମାଚାର' ଆଜି ତା'ର ବିନମ୍ର ଭକ୍ତି ଓ ଶ୍ରଦ୍ଧା ଜଣାଇ ତାଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି କାମନା କରୁଛି ।

ଜୟପୁର
କୋରାପୁଟ

Digitized by srujanika@gmail.com

ଶ୍ରୀ କାଳୀ ଚରଣ ପଟ୍ଟନାୟକ

(କବିଚନ୍ଦ୍ର)

ଅନେକ ଦିନର କଥା—ଦିନ ନୁହେଁ—ବର୍ଷ । ମହାମ୍ମଦିଆ ବଜାର ଛକରୁ ଟିକିଏ ଦୂରରେ ଶୀବେନ ବାବୁ ଜମିଦରଙ୍କ ଦୁଗଣ ପକ୍କା ଘର । ତାହାର ବାହ ର ପ ଟ ଥାଏ ଗୁପାଖାନାଟିଏ । ସେତେ-ବେଳେ ତାର ନାଆଁ ଥିଲା ପେଟ୍ରିୟଟ୍ ପ୍ରେସ୍ । ସ୍ୱର୍ଗୀୟ ବ୍ରହ୍ମାନନ୍ଦ ଷଡ଼ଙ୍ଗୀ ତାର ପରିଚାଳକ ଥିଲେ । ବ୍ରହ୍ମାନନ୍ଦ ବାବୁଙ୍କ ସହିତ କବିଲେଖା ସୂତ୍ରରେ ମୋର ପରିଚୟ ଘଟେ । ଅବଶ୍ୟ ବୟସରେ ଦୁହିଙ୍କ ଭିତରେ ତଫାତ୍ ଢେର୍ । ତଥାପି ବ୍ରହ୍ମାନନ୍ଦ ବାବୁ ସାହିତ୍ୟ ସ୍ନେହୀ ହୋଇ ଥିବାରୁ ମୁଁ ତାଙ୍କ ପ୍ରେସକୁ ଯା' ଆସ କରୁଥାଏଁ । ସେଇଠି ଜଣେ କମ୍ପୋଜଟର ଟିକିଏ ଆଉ ଆଉ ମାନଙ୍କଠାରୁ— ସବୁକଥାରେ ଆଗୁଆ, ବୁଦ୍ଧିଆ ହୋଇ ଗଣା ହେଉଥିଲେ । ତାଙ୍କର ନାଆଁ ମୋ ନ ଚରଣ ଦାସ । କାହିଁକି କେଜାଣି ତାଙ୍କ ମୋ ଭିତରେ ଚଳ୍ତା ପରିଚୟଟା ଟିକିଏ ଘନେଇ ଥିଲା । ମୁଁ ଗଲେ ତାଙ୍କୁ ଖୋଜେ ।

ମଝିରେ ଢେର ଦିନ ଗୁଡ଼ ବାଡ଼ । ମୁଁ ବେଳେ ବେଳେ ତାଙ୍କ ଖବର ନେଉଥାଏଁ । ଶୁଣିଲି ମୋହନ ବାବୁ କଲିକତାରେ ଆସ୍ଥାନ ଜମାଇଲେଣି—ଖାଲି ସେତିକି ନୁହେଁ ମୂଲ୍ଦୁଆ ଦମ୍ଭ କରି ସାରିଛନ୍ତି । ସେ ଯେ କେଡ଼େ ଆତ୍ମନିର୍ଭରଶୀଳ, ନିରଳସ କର୍ମୀ ଏଇଟା ତାର ପ୍ରମାଣ ଦେଲା । ସେଇ ସମୟରୁ ମୋର

Digitized by srujanika@gmail.com

ଆଗକାଳର ପରିଚୟଟା, ଆନ୍ତରିକ ଟାଣ ହେଲା । ମୋର ତାଙ୍କ ପ୍ରତି କେବଳ ସ୍ନେହ ନଥାଇ ଶ୍ରଦ୍ଧା ବି ଜାତ ହେଲା । ଜଣେ ଓଡ଼ିଆ-ଜଣେ ସାଧାରଣ କମ୍ପୋଜିଟର—ନିଜ ଗୋଡ଼ରେ କଲିକତା ସହରରେ ବାହାପିଠି ଠିଆ ହେବା ତ ସାମାନ୍ୟ କଥା ନୁହେଁ ।

କଲିକତାରେ ତାଙ୍କର ପ୍ରତିଷ୍ଠା ଥିଲା । ଓଡ଼ିଆ ବହି ପ୍ରଚୁର ପ୍ରସାର ଦିଗରେ ମୋହନବାବୁ ନାନାମତେ ଚେଷ୍ଟା କରୁଥିଲେ ଏବଂ ତାଙ୍କ ଚେଷ୍ଟା ଫଳରୁ ବଙ୍ଗଳାରେ ମଧ୍ୟ ଓଡ଼ିଆ ବହି ପ୍ରତି ନଜର ପଡ଼ିଲା ।

୧୯୪୮ରେ ମୁଁ ମୋର ଓଡ଼ିଶା ଥିଏଟର୍ସ ଦଳ ନେଇ କଲିକତା ଯାଇଥାଏଁ । କଲିକତା ପ୍ରବାସୀ ଓଡ଼ିଆମାନଙ୍କୁ ପ୍ରବୁଦ୍ଧ କରି ମୋହନବାବୁଙ୍କ ଓଡ଼ିଆ ପ୍ରାଣର ପ୍ରଚେଷ୍ଟାରେ ତାଙ୍କର ସେ ସାହାଯ୍ୟ, ସହାନୁଭୂତି, ଅଭୁଲା ହୋଇ ରହିଛି ମୋର ।

ମୋହନବାବୁଙ୍କୁ କର୍ମୀ ରୂପେ, ସରଳ ସଦାଶୟ ବ୍ୟକ୍ତି ରୂପେ, ନିଜହାତ ଗଢ଼ା ମନୁଷ୍ୟ ରୂପେ ମୁଁ ଶ୍ରଦ୍ଧା କରୁଥିଲି ।

ଆଉ ଗୋଟିଏ ଗୁଣ ତାଙ୍କର ଥିଲା, କୌଣସି ଓଡ଼ିଆ, ଅସୁବିଧାରେ ପଡ଼ି ତାଙ୍କ ସାହାଯ୍ୟ ଚାହିଁଲେ ବିମୁଖ କରୁ ନ ଥିଲେ ସେ ।

ଓଡ଼ିଆ ଲେଖକମାନଙ୍କୁ ଅନୁପ୍ରେରଣା ଯୋଗାଇବା ତାଙ୍କ ଜୀବନର ଏକ ବ୍ରତ ଥିଲା । ବ୍ୟବସାୟୀ ହିସାବରେ ସେ ସଜାଗ, ସତର୍କ, ନିଷ୍ଠାପର ଲୋକ ।

ନିଜର କର୍ମକ୍ଷମ ଗୁଣରୁ ସେଇ କମ୍ପୋଜିଟର ମୋହନ ଚରଣ—ତାଙ୍କ ଜୀବନର ପ୍ରଥମ କର୍ମକ୍ଷେତ୍ର—ଶ୍ରୀବେନ୍ ବନ୍ଦୋପାଧ୍ୟାୟଙ୍କ ବିରାଟ ଘର ଜୀବନର ଚତୁର୍ଥ ପର୍ଯ୍ୟାୟରେ କିଣି ପାଇଛନ୍ତି ।

Digitized by srujanika@gmail.com

ତାଙ୍କ ଭଳି ଜଣେ ଏକନିଷ୍ଠ କର୍ମୀଙ୍କ ଅଭାବ ବହୁ ଲୋକ ଅନୁଭବ କରିବେ । ବିଶେଷତଃ କଲିକତା ପ୍ରବାସୀ ଉତ୍କଳୀୟମାନେ, ତାଙ୍କୁ ପାଶୋରି ପାରିବେ ନାହିଁ ବୋଲି ମୋର ବିଶ୍ୱାସ ।

ଜଗନ୍ନାଥେ ତାଙ୍କ ଆତ୍ମାର ସଦ୍‌ଗତି ବିଧାନ କରନ୍ତୁ । ତାଙ୍କର ଶକ୍ତି, ପ୍ରେରଣା, ଦମ୍ଭ ଓ ବିଶ୍ୱାସ ନେଇ ତାଙ୍କର ସୁଯୋଗ୍ୟ ପୁତ୍ରମାନେ ଜାତିର ସେବାରେ ବ୍ରତୀ ହୋଇ, ଯୋଗ୍ୟ ସନ୍ତାନ ହୋଇପାରନ୍ତୁ । ଏଇ ମୋର ଅନ୍ତରର କାମନା ।

Digitized by srujanika@gmail.com

ଓଁ ତତ୍ ସତ୍

ଶ୍ରୀ ବାଳକୃଷ୍ଣ ପଟ୍ଟନାୟକ

ଉକ୍ତ ପିତାଙ୍କ ସଂସର୍ଗରେ ମୁଁ ଅଳ୍ପଦିନ ଆସିଥିଲି । ତାଙ୍କ ସମ୍ପର୍କରେ ବେଶୀ କିଛି ଜାଣି ନାହିଁ । ତେବେ ତାଙ୍କ ସଂସର୍ଗରେ ଯେତିକି ଦିନ ଆସିଛି ଏବଂ ଖବର ନେବାରେ ଯାହା ଶୁଣିବାକୁ ପାଇଥିଲି ତହିଁରୁ ଯେତିକି ବୁଝିଲି -ସେ ଜଣେ ଉଦ୍‌ଯୋଗୀ ଆତ୍ମବିଶ୍ୱାସୀ କର୍ମୀ । ସେ ଯେଉଁ ଉଦ୍ଦେଶ୍ୟ ଜୀବନରେ ଆଦର୍ଶ ଧରି ତାଙ୍କ ଜୀବନଯାପନ କରିଅଛନ୍ତି -ସେ ତାଙ୍କ ଲକ୍ଷ୍ୟପଥରୁ ବିଚ୍ୟୁତ ହୋଇନାହାନ୍ତି ବୋଲି ବିଶ୍ୱାସ କରେ ।

ଏହି ଅବସରରେ ମଧୁବାବୁଙ୍କ ନିର୍ଦ୍ଦେଶରେ ପୁରୀଠାରୁ ୩ ମାସ ଛୁଟି ନେଇ କଟକ ଆସିଲି । ମଧୁବାବୁଙ୍କ ସଙ୍ଗେ ଦେଖା ହେଲା ।

ମୁଁ କଲିକତା ଯାଇ ଫିଲ୍‌ଗ୍ରିନ ଦାଶ ଲେନ ନ୭ମ୍ବରରେ ରତ୍ନାକର ବାବୁଙ୍କ ଘରେ ପହଞ୍ଚିଲି । ସେ ଷ୍ଟ୍ୟାନେସ୍ମି ଯୋଡ଼ା ଘରଠାରେ ରଖିବାର ବନ୍ଦୋବସ୍ତ କଲେ । ପରେ ମୁଁ ତାଙ୍କର ପତ୍ର ସ୍ୱାକ୍ଷରକାରୀ କୃଷ୍ଣମୋହନ ଓ ମତିଲାଲ ମହାରଣାଙ୍କର ସନ୍ଧାନ ନେବାକୁ ବାହାରିଲି । ସେହିଦିନ ପ୍ରଥମେ ଶାଙ୍ଖାରୀଟୋଲା ଆଡ଼କୁ ଗଲାବେଳେ ବଙ୍ଗୋତ୍କଳ ପ୍ରେସର ସାଇନ୍‌ବୋର୍ଡଟି ଦେଖି, ସେଠାରେ ବଂଗଳା ଓ ଓଡ଼ିଆ ଛପା ହେଉଥିବ ଭାବି ପ୍ରେସ ମଧ୍ୟକୁ ଯାଇ ଜଣେକ ବ୍ୟକ୍ତିଙ୍କୁ ପଚାରିଲି ଏହାର ସତ୍ତ୍ୱାଧିକାରୀଙ୍କ ନାମ କଣ ଏବଂ ତୁମ୍ଭେ ଏଠି କଣ କର ? ସେ ଉତ୍ତର ଦେଲେ ଯେ,

Digitized by srujanika@gmail.com

ସଭାଧିକାରୀଙ୍କ ନାମ ମହେନ୍ଦ୍ରନାଥ ସରକାର । ମୁଁ ଏଠାରେ କମ୍ପୋଜିଟର କାମ କରେ, ମୋର ନାମ ମୋହନ ଚରଣ ଦାସ । ମୁଁ ପଚାରିଲି ଏଠାରେ ଓଡ଼ିଆ ବହି, ବଙ୍ଗଳା ବହି ଉଭୟ ଛପା ହୁଏ କି ? ଓଡ଼ିଆ ବହି କେଉଁମାନେ ଛପାନ୍ତି ? ସେ କହିଲେ କଲିକତାରେ ଲକ୍ଷାଧିକ ଓଡ଼ିଆ ଅଛନ୍ତି ସେମାନେ ଅଶିକ୍ଷିତ, କେବଳ ମୂଲିଆ ଶ୍ରେଣୀର ଲୋକ । ତାଙ୍କର ଯେଉଁ ବହିସବୁ ଲୋଡ଼ା ତାହା କଟକରୁ ମଗାଇ ଏଠାରେ ଆମ ମାଲିକ ହଜାର ହଜାର ଛାପି ବହିପ୍ରୁ ଦରେ ଖୁବ୍ ଲାଭ କରନ୍ତି । ଅନ୍ୟ କେହି ଓଡ଼ିଆ ଛାପାଖାନା କରି ଏ ବ୍ୟବସାୟ କରୁ ନାହାନ୍ତି ? ଆଉ କଣ ଓଡ଼ିଆ ପ୍ରେସ ନାହିଁ ? ସେ କହିଲେ ଏହାର ଅଳ୍ପ ଦୂରରେ ନବମ୍ବର ସେଣ୍ଟ ଜେମସ୍ ସ୍କୋୟାରରେ ଜାଜପୁର ନିବାସୀ ମଣିଲାଲ ମହାରଣା ନାମକ ଏକବ୍ୟକ୍ତି ଝଣ୍ଡିଏ କାଠର ଦୋତାଲା ଏଠାରେ କରିଅଛି । ତଳ ମହଲାରେ ପ୍ରେସ ଝଣ୍ଡିଏ କରି କେତେ କମ୍ପୋଜିଟର ରଖି ଚଳାଉଅଛି ଓ ନିଜେ ଉପର ମହଲରେ ବସା କରି ଅଛନ୍ତି । ମୁଁ କହିଲି ତୁମ୍ଭେ କିଛି ଟଙ୍କା ସଗ୍ରହ କରି ଏହିପରି ପ୍ରେସଟିଏ ଚଳାଉ ନାହିଁ, ବେଶ ଲଭ କରିବ । ସେ କହିଲେ-ମୋର ସେ ବାସନା ଅଛି । ସୁବିଧା ପାଇଲେ କରିବ । ମୁଁ କହିଲି-ଆମେ ମଧୁବାବୁଙ୍କ ନିର୍ଦ୍ଦେଶରେ ଆସିଛୁ । ଏଠା ଓଡ଼ିଆମାନଙ୍କ ସହଯୋଗ ରେ ଉତ୍କଳ ସମ୍ମିଳନୀର ଗୋଟିଏ ଶାଖା ସଭା ରହିବ । ଏଠାରେ ଯେଉଁ ଉତ୍ସାହୀ ଓଡ଼ିଆମାନେ ଅଛନ୍ତି ସେମାନେ ପରସ୍ପର ସହଯୋଗରେ ଆମ ଶାଖା ସଭାର ସହଯୋଗ ପାଇଲେ ସ୍ୱଚ୍ଛନ୍ଦ ଭାବରେ ପ୍ରେସ କରି ଚଳାଇ ପାରିବେ । ତମର ଯଦି ପ୍ରେସ କରିବାର ବାସନା ଅଛି, ଆମ ଓଡ଼ିଆଙ୍କ ଆବଶ୍ୟକୀୟ ବହି ତୁମ୍ଭେ ନିର୍ବିଘ୍ନରେ ଚଳାଇବ ତୁମ ମଧୁବାବୁ ଆମକୁ ଦେଇ

Digitized by srujanika@gmail.com

ଥିବା ପ୍ରଚୁର ତନ୍ନ ପଢ଼ିଲେ ଜାଣିବ । ଆମ ଶାଖା ସଭାରେ ଯୋଗ ଦିଅ । ତୁମେ ଜଣେ ଦୁଇ ଜଣ ମିଳି ଖଣ୍ଡେ ଛାପାଖାନା କରି ସଭାକୁ ଚଳାଅ ଓ ନିଜେ ରୋଜଗାର କରି ବଞ୍ଚ । ଅର୍ଥାତ୍ "ନିଜେ ବଞ୍ଚ ଅନ୍ୟରେ ବଞ୍ଚାଅ" । ମୁଁ କହିଲି - ତୁମ୍ଭ ସଙ୍ଗେ ମୋର ଏ ଆଦ୍ୟ ପରିଚୟ । ଆମର ଏହି ଶାଖା ସଭାର ମେମ୍ବର ହେବ ବୋଲି ଆଶାକରେ । ସେ କହିଲେ ମୁଁ ଶାଖା ସଭାର ଉନ୍ନତି ସଙ୍ଗେ ସଙ୍ଗେ ଛାପାଖାନାର ବନ୍ଦୋବସ୍ତ ନିଶ୍ଚୟ କରିବ । ମୁଁ ଆଜିଠାରୁ ମେମ୍ବର ହେଲି ଜାଣିବେ । ଯେଉଁଠାରେ ଯେତେବେଳେ ସଭା ହେବ ଜଣାଇଲେ ମୁଁ ନିୟମିତ ରୂପେ ଯିବ ଓ ଯାହା ପାରିବ ସାହାଯ୍ୟ କରିବ । ତୁମ୍ଭେମାନେ ଏଠାରୁ ଗଲେ ସୁଦ୍ଧା ଆମ ଓଡ଼ିଆ ନେତା ମଧୁବାବୁଙ୍କୁ ନିଶ୍ଚୟ ମାନିବୁ । ଯେତେ ବାଧାବିଘ୍ନ ଆସୁ ଓଡ଼ିଆଙ୍କର ଏହି ସଭାକୁ ବଞ୍ଚାଇ ରଖିବୁ । ତହୁଁ ମଣିଲାଲ ପ୍ରେସ ଦେଖିବାକୁ ଗଲି । ତାଙ୍କୁ ନେଇ କୃଷ୍ଣମୋହନ ଯେଉଁଠି ଥିଲା ସେ ଘରରେ ନେଇ ଦେଖାଇ ଦେଲେ । କୃଷ୍ଣମୋହନ ଓ ମୋର ପରାମର୍ଶ ହେଲା ପ୍ରଥମେ ଗୋଟିଏ ସଭାର ଅଫିସ ଗୃହ ରଖିଲେ ଓଡ଼ିଆଙ୍କ ସୁବିଧା ଅସୁବିଧା ଜାଣି ପାରିବା ଓ ଅନେକ ବନ୍ଧୁ ମିଳିବେ ।

ଉଦ୍ଦେଶ୍ୟ ଯେବେ ଥିବଟି ସାଧୁ,
ଜାଣିବ ସର୍ବେ ଆମର ବନ୍ଧୁ ।

ଯେଉଁ ଉତ୍କଳ ସମ୍ମିଳନୀ ପାଇଁ ଶାଖା ସଭା ଅଫିସ କଲୁ, ତାହାର ମୋହର ସେଠାରେ ମୋ ପାଖରେ ଖଣ୍ଡିଏ ବ୍ଲକ ଥିଲା ।

ସେହିଦିନଠାରୁ ଆମ ଶାଖା ସଭାର ଯେଉଁଠାରେ ସଭା ହୁଏ, ମୋହନବାବୁ ପ୍ରାୟ ଆସନ୍ତି । ସଭାର କାର୍ଯ୍ୟ ହେଲା ପ୍ରଥମେ ପ୍ରଚାର କରିବା ।

Digitized by srujanika@gmail.com

କଲିକତା ଉତ୍କଳୀ ସଭା—ୱେଲିଙ୍ଗଟନ ଷ୍ଟ୍ରୀଟ ପଦ୍ମଲୋଚନ ମାଇତିଙ୍କ ଦୋକାନ ସାମନା—ଆଉ ମଧ୍ୟ ବଡ଼ ବଜାର



ଛକ ଭୀମନାଗ ସନ୍ଦେଶ ଦୋକାନ ନିକଟରେ ହୋଇ ଥିଲା । ତାହା ବ୍ଲକରୁ ଜଣା ପଡ଼ିବ ।

ଆମ୍ଭେମାନେ କଲିକତା ଗଲିଦିନରୁ କଲିକତାର ବିଭିନ୍ନ ଅଞ୍ଚଳରେ ପ୍ରତି ଶନିବାର ଦିନ ସଭା ହୁଏ । ପ୍ରଶ୍ନର ପରି ଛପା ହୋଇ ବଣ୍ଟା ଯାଏ । ଉକ୍ତ ସଭାରେ ତତ୍ରସ୍ଥ ମାନ୍ୟ ହେଉ ବା ଅନ୍ୟ ସ୍ଥାନୀୟ ହେଉ ବିଶିଷ୍ଟ ଓଡ଼ିଆ ବ୍ୟକ୍ତିଙ୍କ ସଭାପତିତ୍ୱରେ ସଭା ହୁଏ ଏବଂ ତହିଁର ବିବରଣୀ କଟକକୁ ମଧୁବାବୁଙ୍କ ନିକଟକୁ ସେହି ଦିନ ଡାକଯୋଗେ କଟକ ପଠାଯାଏ । ତାଙ୍କ ମତବିରୋଧ କିଛି ହେଲେ ସେ ଲେଖନ୍ତି । ଆମ୍ଭେମାନେ ଭବିଷ୍ୟତକୁ ସାବଧାନ ହୋଇ ଯାଉ ।

ଆମ୍ଭ ଓ କୃଷ୍ଣମୋହନ ଦୁଇଟି ଗାଜମାଡ କାରଣ ହେଲା ଗୋଟିଏ ସଭା ଜମାହେଉଥିଲା, ରମବାବୁଙ୍କର ହେଉଥିଲା ଗୋଟିଏ ଜାତୀୟ ସଙ୍ଗୀତ ।

"ଏକ ହେଲରେ ଭାଇ ଏକ ହେଲା,
କଲେବରେ ପୁଞ୍ଜି ପାଣ୍ଡି ସିନ୍ଧୁପାରର ଗଲା ।

Digitized by srujanika@gmail.com

ଆଜି ଗୋଟିଏ ଆମ ସଭାରେ ପ୍ରଚାର କରୁଥିଲୁ ଯେ—ଯେଉଁଠି ଥାଅ ରଜପର୍ବର ଭୂମି ଦହନ ଦିନ କେହି କେଉଁଠି କାମ କରିବେ ନାହିଁ —ମାତ୍ର ପୂଜା ମାଟି ।

ମୁଁ ତିନିମାସ ଛୁଟି ଆସିଥିଲି—ଆଉ ଏକମାସ ପାଇଁ ପ୍ରାର୍ଥନା କରିଥିଲି । ଏହି ଦୁଇଟି କାରଣକୁ ମଧୁବାବୁ ଓ ପୁରୀ କଲେକ୍ଟରଙ୍କୁ ସ୍ୱର୍ଗୀୟ ଶ୍ରୀକୃଷ୍ଣ ମହାପାତ୍ର ଲେଖି ଗୋପନ ଚିଠି ଦେଲେ ଯେ ତାଙ୍କୁ ଛୁଟି ଦିଅ ନାହିଁ । ମୁଁ କଲିକତାରେ କଲେକ୍ଟରଙ୍କ ଚିଠି ପାଇଲି ଯେ "your service no longer requried" ।

ଆମେ କଲିକତା ଛାଡ଼ିଲୁ । କିନ୍ତୁ ଖବର ପାଏ ଯେ, ସେହି ଓଡ଼ିଆ ସଭାକୁ ବାଧାବନ୍ଧ ଅତିକ୍ରମକରି ବଞ୍ଚାଇ ରଖି ଅଛନ୍ତି । ସେହି ହେଲା ପ୍ରଥମ ଓଡ଼ିଆ ଆନ୍ଦୋଳନ—ତତ୍ପରେ ଅନ୍ୟ ଅନେକ ଓଡ଼ିଆ ସଭା ଚାଲିଛି । ଶୁଣେ ଯେ, ସେହି ଓଡ଼ିଆ ସଭାର ମୋହନ ଚରଣ ବାବୁ କୋଷାଧ୍ୟକ୍ଷ cashier ଅଛନ୍ତି । ଓଡ଼ିଆ ଲୋକଙ୍କ ଆବଶ୍ୟକୀୟ ବହି ଲକ୍ଷ ଲକ୍ଷ ତାଙ୍କ ପ୍ରେସରେ ଛପାଇ ବିକ୍ରୟ କରି ବହୁ ଧନ ସମ୍ପତ୍ତି କରି ଅନେକ ଓଡ଼ିଆଙ୍କୁ ସାହାଯ୍ୟ ଓ ଚାକିରି ଦେଇ ଅଛନ୍ତି ।

ଆଜି ବଡ଼ ନାମ ହେଉଛି—ପୃଥିବୀରେ ଯେତେ ବଡ଼ ମନୀଷୀ ନୋବେଲ ପ୍ରାଇଜ ପାଇ ଅଛନ୍ତି—ସେ ଗୁଡ଼ିକର ଓଡ଼ିଆ ଅନୁବାଦ କରି ଜଗତରେ ବହୁ ସୁଖ୍ୟାତି ଅର୍ଜନ କରି ଅଛନ୍ତି ! ଆମ ଓଡ଼ିଆ ପକ୍ଷରେ ଏହା ଅପୂର୍ବ କଥା । ଏଥିରେ ଓଡ଼ିଶା କାହିଁକି ଭାରତ ଗୌରବାନ୍ୱିତ ହୋଇଛି ।

Digitized by srujanika@gmail.com

(ବାମପାର୍ଶ୍ୱରୁ) ବଡ଼ଭାଇ * କବିରାଜ କାହ୍ନୁଚରଣ ଦାସ, ପିତା * କବିରାଜ ଶମ୍ଭୁନାଥ ଦାସ ବୈଦ୍ୟଶାସ୍ତ୍ରୀ, ମଝିଆଁ ଭାଇ * କବିରାଜ ଜନାର୍ଦ୍ଦନ ଦାସ ଓ * ମୋହନ ଚରଣ ଦାସ ।

ସତ୍ୟବାଦୀର ଶ୍ମଶାନରେ ଅନ୍ତିମ ଶଯ୍ୟାରେ ମୋହନ ଚରଣ ଦାସ
(ସ୍ୱର୍ଣ୍ଣ ପ୍ରକାଶକ ସଂଘ ତରଫରୁ ଶ୍ରଦ୍ଧାଞ୍ଜଳି ପ୍ରଦତ୍ତ)

Digitized by srujanika@gmail.com

ମୋହନ ଚରଣଙ୍କ ଦ୍ୱିତୀୟ ସ୍ତ୍ରୀ ଶ୍ରୀମତୀ କ୍ଷେତ୍ରମଣୀ ଦେବୀ

ମୋହନ ଚରଣଙ୍କ ପ୍ରଥମ ସ୍ତ୍ରୀ ଶ୍ରୀମତୀ ସୁଭଦ୍ରା ଦେବୀ

Digitized by srujanika@gmail.com

ପୁସ୍ତକ ପ୍ରକାଶକ ମୋହନ ଚରଣ

ଶ୍ରୀ ଗୋପୀନାଥ ମହାନ୍ତି
(ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ)

'ମନମୋହନ ପ୍ରେସ'ର ପ୍ରତିଷ୍ଠାତା ୬ ମୋହନ ଚରଣ ଦାସ ତାଙ୍କର ବାଆସ୍ତରି ବର୍ଷ ବୟସ ନପୂରୁଣୁ ୧୯୬୩ ସେପ୍ଟେମ୍ବର ୬ ତାରିଖ ଦିନ ଏ ସଂସାରରୁ ବିଦାୟ ନେଇଛନ୍ତି । ଜନସାଧାରଣରେ ତାଙ୍କର ସ୍ମୃତି ମୁଖ୍ୟତଃ ସେହି ମୁଦ୍ରିତ ପ୍ରେସ ସହିତ ଜଡ଼ିତ, ସେହି ପ୍ରେସ ଓ ତାର ଆରମ୍ଭରୁ ଏତେ ବର୍ଷକାଳ ତାର ଉତ୍ପାଦନ ତାଙ୍କ ଜୀବନର କାହାଣୀ । କଟକରେ ଯୋଡ଼ିଏ ପ୍ରେସ ଓ କଲିକତାରେ ଗୋଟିଏ ପ୍ରେସ ସେ ବସାଇଗଲେ । ସେଥିରେ ଯେତେ ବହି ଛପା ହୋଇଛି ତାକୁ ଅଳ୍ପରେ କହିବା କଷ୍ଟ ।

ଆଗ ଛାପୁଥିଲେ ପ୍ରବାଦ, ପୁରୁଣା କାବ୍ୟ କବିତା ଓ ଗାଁ ଗହଳରେ ଯେଉଁ ସବୁ ବହିର ବେଶି ପ୍ରଚାର ହୁଏ ସେପରି ବହି । ତା'ପରେ ସେ ସବୁ ବହି ଛାପିବା ସଙ୍ଗେ ସଙ୍ଗେ ସେ କୌଣସି କୌଣସି ଆଧୁନିକ ଲେଖକମାନଙ୍କର ଲେଖା ମଧ୍ୟ ଛାପିବାକୁ ଲାଗିଲେ ଓ ପ୍ରାୟ ଧାରାବାହିକଭାବରେ ମୋର ପୂଜନୀୟ ଅଗ୍ରଜ ପ୍ରସିଦ୍ଧ ଔପନ୍ୟାସିକ ଶ୍ରୀ କାହ୍ନୁଚରଣ ମହାନ୍ତିଙ୍କର ଅଧିକାଂଶ ଉପନ୍ୟାସ ଓ ତାର ବିବିଧ ସଂସ୍କରଣ ତାଙ୍କର ପ୍ରେସରୁ ପ୍ରକାଶିତ ହୋଇଥିଲା । ମୋ ଉପନ୍ୟାସମାନଙ୍କ ମଧ୍ୟରୁ "ମନଗହିରର ଚାଷ", "ଦାଦିବୁଢ଼ା", "ପରଜା" ଓ "ଶିବଭାଇ"ର ପ୍ରଥମ ସଂସ୍କରଣ ଓ 'ପରଜା'ର ଦ୍ୱିତୀୟ ସଂସ୍କରଣ ମଧ୍ୟ ସେ ପ୍ରକାଶ କରିଥିଲେ । ମୋର ପ୍ରଥମ ଉପନ୍ୟାସ ତାଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା । ତେବେ

Digitized by srujanika@gmail.com

୰ମୋହନ ଚରଣଙ୍କ ପୁତ୍ର ଶ୍ରୀ ପ୍ରଫୁଲ୍ଲଚନ୍ଦ୍ର ଦାସ ଓଡ଼ିଆରେ ବିଦେଶୀ ଶ୍ରେଷ୍ଠ ଗ୍ରନ୍ଥମାନଙ୍କର ଅନୁବାଦ ପ୍ରକାଶ କରିବାକୁ ଲାଗିଲେ । ତନ୍ମଧ୍ୟରୁ ଅଧିକାଂଶ ମୂଳଗ୍ରନ୍ଥ ନୋବେଲ୍ ପୁରସ୍କାର ପ୍ରାପ୍ତ । ଏହା ଦ୍ୱାରା ଓଡ଼ିଆ ସାହିତ୍ୟର ଗୋଟିଏ ଅଭାବ ଦୂର ହେବାକୁ ଲାଗିଲା । ୰ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କର ଗବେଷଣାମୂଳକ ଗ୍ରନ୍ଥ "ଓଡ଼ିଶାରେ ଜୈନ ଧର୍ମ" ଏହି ପ୍ରେସରୁ ପ୍ରକାଶିତ ହୋଇଥିଲା ।

ପ୍ରକାଶିତ ପୁସ୍ତକମାନଙ୍କର ପ୍ରଚ୍ଛଦପଟ ବନ୍ଧାଇ, ଛପା ଓ ସେ ସବୁ ପୁସ୍ତକର ସଙ୍କଳନ ଓ ପ୍ରସ୍ତୁତ କାର୍ଯ୍ୟରେ ଏହି ପ୍ରେସର ଉତ୍କର୍ଷ ବିଶେଷ ଭାବରେ ଉଲ୍ଲେଖ ଯୋଗ୍ୟ । ଏ କାର୍ଯ୍ୟରେ ୰ମୋହନ ଚରଣଙ୍କର ଅଭିଜ୍ଞତା ଓ ଦକ୍ଷତା ଥିଲା ।

୰ମୋହନ ଚରଣଙ୍କ ସହିତ ମୋର ବେଶିଥର ସାକ୍ଷାତ ଘଟିବାର ସୁଯୋଗ ଘଟିନାହିଁ, ସେ ଅନେକ ସମୟରେ କଲିକତାରେ ରହୁଥିଲେ । ଯେତେବେଳେ ଦେଖିଛି ସେ ସବୁବେଳେ ହସ ହସ । ଭଦ୍ରତା ଓ ବିନୟ ସହିତ ବିଷୟ-ବୁଦ୍ଧି ଓ ଦାୟିତ୍ୱଜ୍ଞାନ ତାଙ୍କ ବ୍ୟକ୍ତିତ୍ୱ ସହିତ ଜଡ଼ିତ ଥିଲା । ଅପର ବ୍ୟକ୍ତି ପ୍ରତି ନିଜର କର୍ତ୍ତବ୍ୟ ସମ୍ପାଦନ ଉପରେ ସେ ଗୁରୁତ୍ୱ ଦେଉଥିଲେ । ଆପଣା ଅଧ୍ୟବସାୟ ଓ ବୁଦ୍ଧିବଳରେ ମୁଦ୍ରଣ ବ୍ୟବସାୟରେ ପ୍ରତିଷ୍ଠା ଅର୍ଜନ କରି ସୁଦ୍ଧା ସେ ନିଜର ପରିଶ୍ରମରତ ବିଗତ ଅତୀତକୁ ସ୍ମରଣ କରି ଆନନ୍ଦ ପାଉଥିଲେ । ଧର୍ମ ଓ ଧର୍ମଗ୍ରନ୍ଥ ପ୍ରତି ତାଙ୍କର ଆଗ୍ରହ ଥିଲା । ସେ ବାଲ୍ମୀକି ରାମାୟଣର ଅନୁବାଦ ଓ ଗୀତାର ଟୀକା ଆଦି ପ୍ରକାଶ କରିଥିଲେ । ସେ ଭାଗ୍ୟବାଦୀ ଥିଲେ ଓ ଦେବୀଭକ୍ତ ଥିଲେ ଓ ଘରେ କନକ-ଦୁର୍ଗାଙ୍କ ବିଗ୍ରହ ସ୍ଥାପନ କରି ପୂଜା କରୁଥିଲେ ।

ମୁଁ ଶୁଣିଛି, କର୍ମ କ୍ଷେତ୍ରରେ ତାଙ୍କର ପ୍ରଥମ ପ୍ରବେଶ କଲିକତାରେ ମାସିକ ପଚିଶ ଟଙ୍କା ବେତନ ପାଉଥିବା କମ୍ପୋଜିଟର

Digitized by srujanika@gmail.com

ସ୍ୱଭାବରେ । ସେହି ସ୍ତରରୁ ଉଠି ଉଠି ନାନା ସଂଘର୍ଷ-ଏମ .ୀ:ମଧ୍ୟ ବ୍ୟବସାୟ କ୍ଷେତ୍ରରେ ସେ କପରି ଭଳେ।ଟି ଛାପ ଖାନାର ଅଧିକାରୀ ହେଲେ ଓ ବିଖ୍ୟାତ ପୁସ୍ତକ ପ୍ରକାଶକ ହେଲେ ନାନା ଉପାୟ, ଚିନ୍ତା, ପରିଶ୍ରମ ଓ ଅଭିଜ୍ଞତା ସମ୍ବଳିତ ସେ କାହାଣୀ ନିଶ୍ଚୟ କୌତୁହଳପୂର୍ଣ୍ଣ ହୋଇଥିବ । ତାର ଆରମ୍ଭ ବିଷୟରେ ଶୁଣାଯାଏ ଯେ ସେ କୌଣସି ଛାପାଖାନାରେ ଅକ୍ଷର-ଖଞ୍ଜାଳି ଶ୍ରମିକ ଥିଲାବେଳେ ନିଜେ "ସଂଗୀତ ପାଗଳ କହଳା" ବୋଲି ଖଣ୍ଡିଏ ଚଟି ଗୀତ ବହି ଲେଖି ଛପାଇଥିଲେ ଓ ସେ ବହିଟି କଲିକତାରେ ଓ ଗାଁ ଗହଳରେ ବହୁତ ବିକି ହୋଇଥିଲା । ତା'ପରେ ସେପରି ଆଉ ଖଣ୍ଡିଏ ବହି ଲେଖି ଛପାଇଥିଲେ, ତା ନା 'ସଂଗୀତ ଚମତ୍କାର"। କପରି ବହି ଛପାହେଲେ କେଉଁ ଶ୍ରେଣୀର ପାଠକ ତାକୁ ଆଦରରେ କିଣିବେ ଓ କପରି ପ୍ରସ୍ତୁତ ଓ ବିଜ୍ଞାପନ କଲେ ସେ ବହି ବେଶି ବିକି ହେବ ସେ ବିଷୟରେ ତାଙ୍କର ବ୍ୟାବହାରିକ ଜ୍ଞାନ ଓ ବିଷୟବୁଦ୍ଧିର ପରିଶ ସମ୍ଭବତଃ ସେତିକେବେଳୁ ଆରମ୍ଭ ହୋଇଥିଲା ଓ ତାର ସାଫଲ୍ୟ ତାଙ୍କୁ ଆତ୍ମବିଶ୍ୱାସ ଦେଇଥିଲା ଓ ପୁସ୍ତକ ପ୍ରକାଶ ବ୍ୟବସାୟ ପ୍ରତି ତାଙ୍କର ଝୁଙ୍କ ବଢ଼ାଇଥିଲା । ଭଗବଦ୍ ଅନୁବାଦ ଗ୍ରନ୍ଥରେ ଆପଣା ଆତ୍ମବୃତ୍ତାନ୍ତ ବର୍ଣ୍ଣନାକରି ସେ ଆପଣାର ଉଦ୍ଦେଶ୍ୟ ସମ୍ବନ୍ଧରେ ଲେଖିଛନ୍ତି ।

"ଶିକ୍ଷାର ବିସ୍ତାର ସଙ୍ଗେ ଧନ ଉପାର୍ଜନ" । ଶୁଣିଛୁ ସେ ଅନ୍ୟାନ୍ୟ ବ୍ୟବସାୟ ବି କରୁଥିଲେ, ତହିଁରୁ ଯେ ଦୁଏ—ଅତର ଓ ଔଷଧ ଏବେ ବି ଚାଲିଛି ।

ବ୍ୟବସାୟରେ ସାଫଲ୍ୟ ଅନେକଙ୍କୁ ମିଳେ, କିନ୍ତୁ ମୋହନ ଚରଣ ଖାଲି ବ୍ୟବସାୟୀ ନଥିଲେ, ସେ ଥିଲେ ପୁସ୍ତକ ପ୍ରକାଶକ । ସାହିତ୍ୟକୁ ଲେଖକ ସୃଷ୍ଟି କରନ୍ତି କିନ୍ତୁ ଏ ଛାପାଖାନା ଯୁଗରେ ସେ

Digitized by srujanika@gmail.com

ପୁସ୍ତକ ପ୍ରକାଶିତ ନ ହୋଇ ପାରିଲେ ନୂଆ ସୃଷ୍ଟି ପାଇଁ ଲେଖକଙ୍କର ଉତ୍ସାହ ରହେ ନାହିଁ, ସାହିତ୍ୟ ସୃଷ୍ଟି ବ୍ୟାହତ ହୁଏ । ଅନ୍ତତଃ ଓଡ଼ିଆ ସାହିତ୍ୟର ସମସ୍ୟାର ବହୁଅଂଶ ପ୍ରକାଶର ଅଭାବ ଓ ପ୍ରଚାରର ଅଭାବଯୋଗୁଁ । ତେଣୁ ଯେଉଁମାନେ ପୁସ୍ତକ ପ୍ରକାଶକୁ ବ୍ୟବସାୟ କରି ସେଥିରେ ଅର୍ଥ ଓ ଶ୍ରମ ବିନିଯୋଗ କରିଛନ୍ତି ସାହିତ୍ୟର ବିକାଶ କ୍ଷେତ୍ରରେ ସେମାନଙ୍କର ବହୁତ ଅବଦାନ ଓ ସାହିତ୍ୟର ଇତିହାସରେ ସେମାନଙ୍କର ସ୍ୱତନ୍ତ୍ର ସ୍ଥାନ ଅଛି ଓ ମର୍ଯ୍ୟାଦା ଅଛି । ୰ମୋହନଚରଣ ଓଡ଼ିଆରେ ପୁସ୍ତକମାନ ପ୍ରକାଶ କରି ଓଡ଼ିଆ ପାଠକମାନଙ୍କୁ ଆନନ୍ଦ ଦେଇଛନ୍ତି ଓ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବାରେ ସାହାଯ୍ୟ କରିଛନ୍ତି । ତାଙ୍କ ଉତ୍ତରାଧିକାରୀମାନଙ୍କ ଦ୍ୱାରା ସେ ଉଦ୍ୟମର ଉତ୍ତରୋତ୍ତର ଅଭିବୃଦ୍ଧି ହୋଇପାରିଲେହିଁ ତାଙ୍କର ପ୍ରକୃତରେ ସ୍ମୃତିରକ୍ଷା ହେବ ।

ସ୍ୱର୍ଗତ ଆତ୍ମାପ୍ରତି ମୁଁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

Digitized by srujanika@gmail.com

କବିରାଜ ଶ୍ରୀ ବନମାଳୀ ଦାସ

(ସାଧାରଣ ସମ୍ପାଦକ, ନିଖିଳ ଉତ୍କଳ ଆୟୁର୍ବେଦ ସମ୍ମେଳନ)

ମୋହନ ଚରଣ ଦାସ ଇହଜଗତରୁ ବିଦାୟ ନେଇଛନ୍ତି । ସେ ଉପାଧି ଭୂଷିତ ବିଦ୍ୟାବାଗୀଶ ବା ମାର୍କାମାରା ରାଜନୀତିଜ୍ଞ ବା ବହୁବିଜ୍ଞାପିତ ସାମାଜିକ କର୍ମୀ ନ ଥିଲେ । ଏଥିପାଇଁ ତାଙ୍କର ଅବଚେତନ ମନରେ ମଧ୍ୟ କୌଣସି ଆକାଂକ୍ଷା ନଥିଲା । ସେ ଥିଲେ ଜୀବନର ଏକ ନିରଳସ, ନୀରବ ସାଧକ । କାହାରି ଦୟା ଦାକ୍ଷିଣ୍ୟ, ରାଜନୀତିକ ଫାଇଦା ବା ସାମୟିକ ସୁବିଧା ସୁଯୋଗରେ ସେ ବଡ଼ ହୋଇ ନଥିଲେ । ଜୀବନର ଏକ କପର୍ଦ୍ଦକ ହୀନ ଅବସ୍ଥାରୁ ଜୀବନ ସଂଗ୍ରାମ ଆରମ୍ଭ କରିଥିଲେ । ଏକ ଫେରିବାଲାର-ଜୀବନରୁ ଉନ୍ନତିର ସମସ୍ତର ଦେଇ ଓଡ଼ିଶାର ଶ୍ରେଷ୍ଠ ମୁଦ୍ରାକର ଓ ସହସ୍ରାଧିକ ପୁସ୍ତକର ପ୍ରକାଶକ ତଥା ଲକ୍ଷାଧିକ ଟଙ୍କା ମୂଲ୍ୟର ସମ୍ପତ୍ତିର ଅଧିକାରୀ ହୋଇ ପାରିଥିଲେ ।

ତାଙ୍କ ଜୀବନର ଇତିହାସ ଏକ ଯୋଗୀଜୀବନର ଇତିହାସ । ସେ ଥିଲେ, ଦୁଃଖେଷୁ ଅନୁଦ୍ୱିଗ୍ନ ମନଃ ସୁଖେଷୁ ବିଗତ ସ୍ପୃହଃ ଅର୍ଥାତ୍ ଦୁଃଖରେ ଅବିଚଳିତ ମନା ଓ ସୁଖ ସମ୍ଭୋଗରେ ବୀତସ୍ପୃହା ତାଙ୍କ ଜୀବନର ଘାତ ପ୍ରତିଘାତର ଇତିହାସ ଜାଣିଥିବେ ଖୁବ୍ ଅଳ୍ପଲୋକ କଲିକତା ପରି ବିଳାସ ବିଭବପୂର୍ଣ୍ଣ ନଗରୀରେ ଦୀର୍ଘଜୀବନ ଯାପନ କରି ମଧ୍ୟ ତାଙ୍କୁ ବିଳାସିତା ଅଣୁମାତ୍ର ସ୍ପର୍ଶ କରି ନ ଥିଲା । ସେ ଆହାର ବ୍ୟବହାରରେ ଯେପରି ସଂଯତ କଥାବାର୍ତ୍ତାରେ ତତୋଽଧିକ । ପରର ନିନ୍ଦା ବା କୁତ୍ସା ଗାନ ତାଙ୍କର ମତ ବିରୋଧୀ ।

Digitized by srujanika@gmail.com

ଏଣୁ ସେ ବହୁ ସମୟ ପାଆନ୍ତି ନିଜ ବ୍ୟବସାୟର ସୁପରିଚାଳନା ପାଇଁ । ତାଙ୍କର ପରିଚାଳନାର ବିଶେଷତ୍ୱ ହେଉଛି, ଯେ କେବେ ତାଙ୍କର ବିଷୟ କେନ୍ଦ୍ର ବା ମୁଦ୍ରଣାଳୟ ଭିତରକୁ ଯାଆନ୍ତି ନାହିଁ । ନିଜର କର୍ମଚାରୀମାନଙ୍କ ପ୍ରତି ବିଶେଷ ଆସ୍ଥାବାନ ହେବା, କାର୍ଯ୍ୟର ସଂପାଦନା ପାଇଁ ଠିକ୍ ଠିକ୍ ଉପଦେଶ ଓ ନିର୍ଦ୍ଦେଶ ଦେବା ଦ୍ୱାରା, ତାଙ୍କର କର୍ମଚାରୀ ବର୍ଗ ତାଙ୍କର ଆଜୀବନ ସାଥି ହୋଇ ଅସିଥିଲେ ଏବଂ ତାଙ୍କର ବ୍ୟବସାୟ ବାଣିଜ୍ୟ ଶୃଙ୍ଖଳିତ ମାତିରେ ଚାଲି ଆସିଥିଲା ।

ଶିଳ୍ପ ବାଣିଜ୍ୟ କ୍ଷେତ୍ରରେ ଓଡ଼ିଆ ଜାତି ଯେପରି ପଡ଼ୋଶୀ ରାଜ୍ୟ ମାନଙ୍କର ସହିତ ପ୍ରତିଯୋଗିତା କରି ପାରିବ, ତାହା ତାଙ୍କର ବିଶେଷ କଳ୍ପନାର ବିଷୟ ଥିଲା । ମୁଦ୍ରଣ ଶିଳ୍ପ ତଥା ପୁସ୍ତକ ପ୍ରକାଶନ କ୍ଷେତ୍ରରେ ସେ ସଫଳତା ଲାଭ କରିଥିଲେ ଏବଂ ନିଜର ଆକାଙ୍କ୍ଷାକୁ ଚରିତାର୍ଥ କରି ପାରିଥିଲେ ।

ଆୟୁର୍ବେଦ ଚିକିତ୍ସା ତାଙ୍କର ପାରମ୍ପରିକ ବୃତ୍ତି ଥିଲା । ଓଡ଼ିଶାରେ ଅଗଣିତ ଔଷଧୀୟ ବୃକ୍ଷଲତାରେ ପରିପୂର୍ଣ୍ଣ । ଓଡ଼ିଶାର ଏହି ବହୁଳ ଭେଷଜ ସମ୍ପଦ ଥାଇ ଥାଉ, ଓଡ଼ିଶାରେ ଗୋଟିଏ ହେଲେ ଭେଷଜ ଶିଳ୍ପ ଅନୁଷ୍ଠାନ ନ ଥିବାରୁ ସେ ମର୍ମେ ମର୍ମେ ବେଦନା ଅନୁଭବ କରୁଥିଲେ । ଆୟୁର୍ବେଦୀୟ ଔଷଧକୁ ଯୁଗୋପଯୋଗୀ, ତଥା ଦେଶର ଚାହିଦା ଅନୁଯାୟୀ ଏହାକୁ କୁଟୀର ଶିଳ୍ପ ପରିବେଶରୁ ମୁକ୍ତ କରି ଯାନ୍ତ୍ରିକ ଶିଳ୍ପ ମାଧ୍ୟମରେ ପରିବେଷଣ କରିବା ତାଙ୍କର ଥିଲା ଏକାନ୍ତ କାମନା । ଏଣେ ଏ ଦିଗରେ ଉପଯୁକ୍ତ କର୍ମୀଙ୍କର ଅଭାବ । କଲିକତାରେ ରହିବା, ତାଙ୍କର ପ୍ରଧାନ କର୍ମକ୍ଷେତ୍ର । ତଥାପି ଓଡ଼ିଶାର ବିରାଟ ପ୍ରାକୃତିକ ସମ୍ପଦର ବିନିଯୋଗ କରି

Digitized by srujanika@gmail.com

ଓଡ଼ିଆ ଜାତିର ମନରେ ପ୍ରେରଣା ସୃଷ୍ଟି କରିବା ପାଇଁ ସେ ଅର୍ଥ ବି ବ୍ୟୟ କରିଥିଲେ ।

ସେଥିପାଇଁ ବିଗତ ୧୯୩– ମସିହାରେ କଲିକତାରେ କେତେକ ଓଡ଼ିଆ ବନ୍ଧୁଙ୍କ ସହଯୋଗରେ "ଓଡ଼ିଶା ଆୟୁର୍ବେଦ ଫାର୍ମାସୀ" ନାମକ ଏକ ଅନୁଷ୍ଠାନ ଗଢ଼ି ରେଜିଷ୍ଟ୍ରି କରାଇଥିଲେ । ମାତ୍ର ଅଭିଜ୍ଞ ଲୋକଙ୍କର ସହଯୋଗ ଅଭାବରୁ ତାହା କାର୍ଯ୍ୟକାରୀ ହୋଇ ପାରିଲା ନାହିଁ । ମାତ୍ର ଏହି ବିଫଳତାରେ ମୋହନ ବାବୁ ହତାଶ ହେବାର ପାତ୍ର ନୁହନ୍ତି । ୧୯୩୮ ମସିହାରେ ପୁନଶ୍ଚ ତାଙ୍କର ସୁପ୍ତ ବାସନା ଜାଗରିତ ହେଲା । କଲିକତାର କେତେକ ବିଶିଷ୍ଟ ଡାକ୍ତର ଓ କେମିଷ୍ଟଙ୍କ ସହଯୋଗରେ ୧୯୪୮ ମସିହାରେ "ମୋହନ କେମିକାଲ ଏଣ୍ଡ ଆୟୁର୍ବେଦିକ୍ ଫାର୍ମାସ୍ୟୁଟିକାଲ୍ ୱାର୍କସ୍ ନାମକ ଏକ କମ୍ପାନୀ ଗଠନ କରିଥିଲେ । ସେଥିପାଇଁ ନିଜ ଅର୍ଥରେ ଭୁବନେଶ୍ୱର ଷ୍ଟେସନ ନିକଟରେ ୫୨ ଏକର ଜମି କିଣି କରି ଫାର୍ମାସୀ ଅଫିସ ଗୃହ ନିର୍ମାଣ କରିଥିଲେ । ବନୌଷଧି ଉଦ୍ୟାନ ପାଇଁ ବୈରାଗୀ ଷ୍ଟେସନ ନିକଟ କଳକଳା ଅଞ୍ଚଳରେ ଏକ ପ୍ରଶସ୍ତ ଜମି ଖରିଦ୍ କରିଥିଲେ । ଫାକ୍‌ଟରି ଓ ଫାର୍ମାସୀ ପାଇଁ ବହୁ ସହସ୍ର ଟଙ୍କାର ବିଭିନ୍ନ ଯନ୍ତ୍ରପାତି ଖରିଦ୍ କରିଥିଲେ ।

ସ୍ୱାଧୀନତା ପ୍ରାପ୍ତି ପରେ ନୂତନ କଂଗ୍ରେସ ମନ୍ତ୍ରୀମଣ୍ଡଳ ଭୁବନେଶ୍ୱରଠାରେ ରାଜଧାନୀ ନିର୍ମାଣ ପ୍ରସ୍ତାବ ଗ୍ରହଣ କରି ଭୁବନେଶ୍ୱର ଷ୍ଟେସନ ନିକଟବର୍ତ୍ତୀ ସମସ୍ତ ଅଞ୍ଚଳ ସରକାରୀ କର୍ତ୍ତୃତ୍ୱାଧୀନକୁ ନେଇ ଗଲେ । ଫାର୍ମାସୀ ଅଞ୍ଚଳ ବର୍ତ୍ତମାନ ନୂତନ ରାଜଧାନୀର ଗୋଲେଇ ଛକ ପର୍ଯ୍ୟନ୍ତ ବିସ୍ତୃତ ଲାଭ କରିଥିଲା । ସରକାର ଫାର୍ମାସୀ ଜମିକୁ ଅଧିକାର କରିନେବା ଫଳରେ ଏବଂ ଜମିର କ୍ଷତି ପୂରଣ ଯଥା ସମୟରେ ନ ଦେବା ହେତୁରୁ ମୋହନ ବାବୁ ଘୋର ନୈରାଶ୍ୟର

Digitized by srujanika@gmail.com

ସମ୍ବଳହୀନ ହୋଇଥିଲେ । ଉକ୍ତ ଜମି ବାବଦ୍ କ୍ଷତି ପୂରଣ ଏ ପର୍ଯ୍ୟନ୍ତ ସରକାର ଦେଇ ନ ଥିବାରୁ, ତାଙ୍କର ମୋହନ କେମିକାଲ ଏଣ୍ଡ ଫାର୍ମାସ୍ୟୁଟିକାଲ କମ୍ପାନୀର କଳ୍ପନା ମଉଳି ଯାଇଥିଲା । କେଉଁ ସହଯୋଗୀ ଅଂଶୀଦାର ଜଣ, ଏହି କମ୍ପାନୀ ଗଠନରେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତ ହୋଇଥିଲେ ସେମାନେ ନୂତନ ସ୍ଥାନ ଖୋଜି କେମିକାଲ ଏଣ୍ଡ ଫାର୍ମାସ୍ୟୁଟିକାଲ ପ୍ରତିଷ୍ଠା ଯୋଜନାରୁ ଓହରି ଗଲେ କାର୍ଯ୍ୟତଃ ମୋହନବାବୁଙ୍କର ଏହି ବିରାଟ ପରିକଳ୍ପନା ବହୁ ସହସ୍ର ଅର୍ଥବ୍ୟୟ ସତ୍ତ୍ୱେ ଅପୂର୍ଣ୍ଣ ରହିଗଲା ।

ଓଡ଼ିଶାର ବିପୁଳ ପ୍ରାକୃତିକ ସମ୍ପଦର ଯଥାର୍ଥ ବିନିଯୋଗ ପାଇଁ ପରିକଳ୍ପନା କରିବା ସଙ୍ଗେ ସଙ୍ଗେ ଓଡ଼ିଆଭାଷାରେ କଦରେ ଏକ ପ୍ରାମାଣିକ ଦ୍ରବ୍ୟଗୁଣ ଗ୍ରନ୍ଥ ପ୍ରକାଶିତ ହେବାର ଆବଶ୍ୟକତା ଅନୁଭବ କରିଥିଲେ ଏବଂ ଏହି ଗ୍ରନ୍ଥ ପ୍ରଣୟନର ଗୁରୁଦାୟିତ୍ୱ ଏହି ଲେଖକ ଉପରେ ଅର୍ପଣ କରିଥିଲେ । ମୋହନ ବାବୁଙ୍କର ମହତ୍ ପରି-କଳ୍ପନା ଅପୂର୍ଣ୍ଣ ରହିବା ସଙ୍ଗେ ସଙ୍ଗେ ଦ୍ରବ୍ୟଗୁଣ ଗ୍ରନ୍ଥ ପ୍ରଣୟନ କାର୍ଯ୍ୟ ମଧ୍ୟ ଅପୂର୍ଣ୍ଣ ରହିଗଲା ।

ମୋହନ ବାବୁ ବିରାଟ ଆୟୁର୍ବେଦ ଫାର୍ମାସୀ ବା ମୋହନ କେମିକାଲ ଏଣ୍ଡ ଆୟୁର୍ବେଦିକ ଫାର୍ମାସ୍ୟୁଟିକାଲର ପରିକଳ୍ପନା କରିବା ବହୁ ପୂର୍ବରୁ ମନମୋହନ ଔଷଧାଳୟ ପ୍ରତିଷ୍ଠା କରି ବିଭିନ୍ନ ପେଟେଣ୍ଟ ମେଡିସିନ୍ ସୁବାସିତ କେଶ ତୈଳ ପ୍ରସ୍ତୁତ କରି ବିଶେଷ ସୁନାମ ଅର୍ଜନ କରିଥିଲେ ।

ମୋହନ ବାବୁ ଜୀବନରେ ବହୁ ଧନ ସମ୍ପତ୍ତିର ଅଧିକାରୀ ହୋଇ ପାରିଥିଲେ ମଧ୍ୟ, ସେଥିରେ ତାଙ୍କର ଆତ୍ମତୃପ୍ତି ନ ଥିଲା । ଓଡ଼ିଶାର ବିପୁଳ ପ୍ରାକୃତିକ ସମ୍ପଦ ଥାଉଁ ଥାଉଁ ଓଡ଼ିଆ ଜାତି ଗରିବ ଓ ଦୂର ବିଦେଶରେ ଶ୍ରମଜୀବୀ ହୋଇ ଚଳୁଛି—ଏହା ଦେଖି ସେ

Digitized by srujanika@gmail.com

ବିଶେଷ ମର୍ମାହତ ହେଉଥିଲେ । ଏଣୁ କୌଣସି ଉତ୍ସାହୀ ଓ ଉଦ୍ୟମୀ

ବ୍ୟକ୍ତିମାନଙ୍କୁ ପାଉଥିଲେ, ପ୍ରାକୃତିକ ସମ୍ପଦର ବିନିଯୋଗ ପାଇଁ ପ୍ରବର୍ତ୍ତାଇ ଥିଲେ ଥରେ 'ଫ୍ରେସ ଫିସରିଜ' ନାମକ ଏକ ଅନୁଷ୍ଠାନ ଗଢି ଓଡ଼ିଶାର ସମୁଦ୍ର ଓ ନଦୀର ମାଛ ସଂଗ୍ରହ କରି କଲିକତାରେ ରପ୍ତାନି କରିବାର ଉଦ୍ୟମ କରିଥିଲେ ଏବଂ ବୋଟ ସାହାଯ୍ୟରେ ପରିବହନ କାର୍ଯ୍ୟ କରି ଉପ୍ରାନ୍ତ ଆମଦାନି ବାଣିଜ୍ୟକୁ ଉନ୍ନତ କରିବା ପାଇଁ ଚେଷ୍ଟା କରିଥିଲେ । ମାତ୍ର ସହଯୋଗୀ ବନ୍ଧୁମାନଙ୍କର ନିଷ୍ଠା, ଧୈର୍ଯ୍ୟ ସାଧନାର ଅଭାବରୁ ଉକ୍ତ ପରିକଳ୍ପନାଟି ଉତ୍ତକ କାର୍ଯ୍ୟକାରୀ ହୋଇ ପାରି ନ ଥିଲା ଏଥିପାଇଁ ସେ ବହୁ ଅର୍ଥବ୍ୟୟ କରିଥିଲେ ମଧ୍ୟ ସେଥିପାଇଁ ସେ ଦୁଃଖିତ ହେଉ ନ ଥିଲେ । କେବଳ ମାତ୍ର ତାଙ୍କର ଦୁଃଖ ହେଉଥିଲା, ଓଡ଼ିଆ ଜାତି ଧୈର୍ଯ୍ୟ ଓ ନିଷ୍ଠା ଅଭାବରୁ ପ୍ରତିଯୋଗିତା କ୍ଷେତ୍ରରେ ମୁଣ୍ଡ ଟେକି ପାରୁନାହିଁ ବୋଲି ।

ସ୍ୱାଧୀନତା ପରେ ଦେଶରେ ବହୁ ଶିଳ୍ପ ବାଣିଜ୍ୟ ଗଢ଼ିଛି । ସରକାରୀ ସାହାଯ୍ୟ ବା ନେତା କର୍ମୀଙ୍କର ପ୍ରସାଦରେ ଅନେକ ହଠାତ୍ ବଡ଼ଲୋକ ହୋଇଯିବାର ସୌଭାଗ୍ୟ ପାଇଛନ୍ତି । ମାତ୍ର ମୋହନବାବୁ କେବେହେଲେ ସରକାରୀ ଅଫିସ ବା ନେତା କର୍ମୀଙ୍କର ଦ୍ୱାରସ୍ଥ ହୋଇ ନ ଥିଲେ । ମଣିଷ ସାଧନାର ନିମ୍ନସ୍ତରରୁ ଦେଇ ନିଜର ଆତ୍ମଚେଷ୍ଟାରେ କିପରି ଉନ୍ନତି ଲାଭ କରି ପାରେ, ସେ ଥିଲେ ଏହି ଆଦର୍ଶର ଜ୍ୱଳନ୍ତ ଉଦାହରଣ ।

ମୋହନବାବୁ ଇହଜଗତରୁ ବିଦାୟ ନେଇଛନ୍ତି ସତ୍ୟ— ତାଙ୍କର ଆଦର୍ଶ ଓ ସାଧନାର ନିମ୍ନସ୍ତରକୁ ଓଡ଼ିଆ ଜାତିକୁ ଚିରଦିନ ପ୍ରେରଣା ଦେଉ ।

Digitized by srujanika@gmail.com

ଶ୍ରୀ ଦଣ୍ଡୀାନନ୍ଦ ସାହୁ

ରାମ ନାମ ରାମ ନାମ ରାମ ନାମୈବ କେବଳଂ ।
କଲୌ ନାସ୍ତ୍ୟେବ ନାସ୍ତ୍ୟେବ ଗତିରନ୍ୟଥା:—

କଲିକତାରେ ଥିବା ପ୍ରବାସୀ ଓଡ଼ିଆମାନଙ୍କର ଓଡ଼ିଆ ଶିକ୍ଷାପ୍ରତି ନିଷ୍ଠା ହେଉ ଏହି ଧାରଣା ନେଇ ମୋହନ ବାବୁ ସମସ୍ତ ଜୀବନ କଲିକତାରେ ଅତିବାହିତ କରିଥିଲେ । କଟକରେ କିଛିଦିନ କମ୍ପୋଜିଟରର କାମକରି ତାଙ୍କର ଅସ୍ୱଚ୍ଛଳ ଅବସ୍ଥା ସୁଧାରିବା ପାଇଁ ସେ କଲିକତାରେ ଆସିଲେ [illegible] ପ୍ରେସରେ କମ୍ପୋଜିଟରର କାମ କରି ରହିଲେ, ସେଠାରେ ରହି ସେ ଅନେକ ସମସ୍ୟା ଅନୁଭବ କଲେ ଏଠାରେ ଯେଉଁ ଓଡ଼ିଆମାନେ ବହୁ କାରଖାନାରେ କାମ କରନ୍ତି ସେମାନଙ୍କର ପଢ଼ିବାର ଇଚ୍ଛାଥିଲେ ମଧ ଓଡ଼ିଆ ବହି ପାଆନ୍ତି ନାହିଁ । ମୋହନବାବୁ ଭାବିଲେ ଯଦି କାରଖାନାମାନଙ୍କରେ କାମ କରୁଥିବା ଓଡ଼ିଆମାନଙ୍କ ପାଇଁ ମୁଁ ବହି ନେଇ ଯୋଗାଇ ଦେବି । ସେଥିରେ ଶିକ୍ଷିତ ହୋଇ ପାରିବେ ଓ ପୁରାଣ ପ୍ରଭୃତି ପଢ଼ିବା ଦ୍ୱାରା ସେମାନଙ୍କ ମନରେ ଧର୍ମଭାବ ଜାଗ୍ରତ ହେବ । ପ୍ରତି ଶନିବାର ଓ ରବିବାର ଦିନ କେତେଗୁଡ଼ିଏ ବହି ନେଇ ଓଡ଼ିଆ ବସ୍ତିମାନଙ୍କରେ ଲୋକମାନଙ୍କୁ ବୁଝାଇ ଓଡ଼ିଆ ବହି ବିକ୍ରି କରିବାକୁ ଚେଷ୍ଟା କଲେ । ଓଡ଼ିଶାରୁ ଯେଉଁ ଲୋକମାନେ ଯାଇଥାନ୍ତି ସେମାନେ ଅବସର କର୍ମ କ୍ଳାନ୍ତପରେ କୌଣସି ରାମାୟଣ ମହାଭାରତ ଇତ୍ୟାଦି ପୁରାଣମାନ ପଢ଼ି ସେମାନଙ୍କ ମନରୁ କ୍ଳାନ୍ତ ଦୂର କରନ୍ତି । ରାସ୍ତାରେ ଗୋଟିଏ

Digitized by srujanika@gmail.com

ଜାଗାରେ ପୁରାଣ ବୋଲା ହେଉଥିବାବେଳେ ସେ ପଲ୍ଲୀରେ ଥିବା ସମସ୍ତ ଓଡ଼ିଆମାନେ ଏକତ୍ର ହୋଇ ପୁରାଣ ଶୁଣନ୍ତି ଯେଉଁ ଏକତା ବଳରେ ଓଡ଼ିଆମାନଙ୍କର ପରସ୍ପର ମଧ୍ୟରେ ପ୍ରେମ ଓ ସହାନୁଭୂତି ଜାଗରିତ ଥାଏ । ମୁଁ (ମୋହନବାବୁ) ତାଙ୍କୁ ମଧ୍ୟ ବୁଝାଏ ଅମୁକ ପୁରାଣ ପଢ଼ିଲେ ଭଲ ଜ୍ଞାନ ହେବ ଏବଂ ଅନ୍ୟାନ୍ୟ ପୁରାଣ ପଢ଼ିଲେ ବହୁ ଉପଦେଶ ଜାଣିପାରିବ । ଏହିପରି ବୁଝାଇବା ଦ୍ୱାରା, ସେମାନେ ଭଲ ଭଲ ବହି ନେଇ ଯୋଗାଇବା ପାଇଁ ଅନୁରୋଧ କରନ୍ତି । ମୁଁ (ମୋହନବାବୁ) ମଧ୍ୟ ସେମାନଙ୍କୁ ଅନ୍ୟ ସମ୍ପ୍ରଦାୟରେ ବହି ନେଇ ଯୋଗାଇ ଦିଏ ଯେତେବେଳେ ମୁଁ ଦେଖିଲି କ୍ରମେ ମୋର ବ୍ୟବସାୟର ପ୍ରସାର ବଢ଼ିଲା, ସେତେବେଳେ କଟକର ଅରୁଣୋଦୟ ପ୍ରେସରୁ ଓ ଜଗନ୍ନାଥ ପ୍ରେସ ପ୍ରୋପ୍ରାଇଟର (ମୋହନ ସାହୁ, ପୁରୁଣା ବହି ବ୍ୟବସାୟୀ) ଠାରୁ ବେଶି ବେଶି ପରିମାଣରେ ନେବାକୁ ଇଚ୍ଛା କଲି । ମୋର ବସା ପାଖରେ ଗୋଟିଏ ଗ୍ରେଟ ବହି ଦୋକାନ ଖୋଲିଲି ଓ ସେମାନଙ୍କୁ କହିଲି, ମୋର ଦୋକାନକୁ ଗଲେ ନାନା ପ୍ରକାର ନୂଆ ବହି ଦେଖି ପାରିବ ଓ ନିଜ ମନ ମୁତାବକ ବହି ଆଣି ପାରିବ । ତାପରେ ୭୭ନମ୍ବର ଶଶିଭୂଷଣ ଦେ, ଷ୍ଟ୍ରିଟରେ ଖଣ୍ଡିଏ ଖପରିଲ ଘର ନେଇ ରହିବାକୁ ଚେଷ୍ଟା କଲି ଓ ନଂ ୦୮ ଶଶୀଭୂଷଣ ଦେ ଷ୍ଟ୍ରିଟରେ ବହି ଦୋକାନ କରିବା ଫଳରେ ଓଡ଼ିଆମାନେ ମୋ ବ୍ୟବହାରରେ ସନ୍ତୁଷ୍ଟ ହୋଇ ମୋର ଦୋକାନକୁ ଅଧିକାଂଶ ଆସିଲେ ମୁଁ ମଧ୍ୟ ସେମାନଙ୍କ ବରାଦ ଅନୁସାରେ ବହି ମଗାଇ ଯୋଗାଇ ଦିଏ । ଏହାପରେ ମୋର ଅନୁଭୂତି ହେଲା ଏଠାରେ ଥିବା ଓଡ଼ିଆମାନେ କିଛି ଇଂରାଜୀ ଜାଣିଲେ ତାଙ୍କର ଅନେକ ଅସୁବିଧା ଦୂର ହୋଇଯାନ୍ତା । ଏହା ଭାବି ମୁଁ ଗୋଟିଏ ସହଜ ଇଂରାଜୀ ଶିକ୍ଷା ବା ସହଜ ରାଜଭାଷା ପ୍ରକାଶ କଲି ଏବଂ

Digitized by srujanika@gmail.com

ସେମାନେ ମଧ୍ୟ ଭଲ ଶିକ୍ଷକରେ ସାଧାରଣ ଇଂରାଜୀ ଜାଣିବା ପାଇଁ ସକ୍ଷମ ହେଲେ ।

ବହୁ କଷ୍ଟରେ ମୋର ସାମାନ୍ୟ ଅର୍ଥ ବଳ ଯୋଗକରି ଗୋଟିଏ ଛାପାଖାନା କଲିକତାରେ ଆରମ୍ଭ କଲି । ଅର୍ଥାଭାବରୁ ବଡ଼ ବଡ଼ ବହି ଛାପିବାକୁ ସାହାସ ନ କରି ଶ୍ରେଷ୍ଠ ଶ୍ରେଷ୍ଠ ବହି ସବୁ ଛାପିଲି । ଓଡ଼ିଆ ଭାଇମାନଙ୍କର ଆଗ୍ରହ ଦେଖି ମୁଁ ଅନେକ ପ୍ରକାର ବାସନା ତେଲ, ଅନେକ ପ୍ରକାର ବ୍ୟବହାର୍ଯ୍ୟ ଅର୍କ ଓ ଔଷଧି ପ୍ରଭୃତି ସେମାନଙ୍କୁ ଯୋଗାଇବା ଦ୍ୱାରା ସେମାନେ କଲିକତାରୁ କୌଣସି ଦୋକାନରୁ ନ ନେଇ ମୋ' ନିକଟରୁ ଏହି ସବୁ ଜିନିଷ କିଣୁଥିବା କିଣୁ ନଥିଲ—ତାହାପରେ ଦେଖିଲି କଲିକତା ପ୍ରେସରେ ବହୁତ ଖରଚ ହେବାରୁ, ଉକ୍ତ ପ୍ରେସକୁ କଟକକୁ ନେଇ ଆସିଲି । ଯାହାର ନାମ ବର୍ତ୍ତମାନ "ମନମୋହନ ପ୍ରେସ" ହୋଇ ଅଛି । ସେହି ମନମୋହନ ପ୍ରେସରେ ଯେତେବେଳେ ବହୁତ ପ୍ରକାର ବହି ଛାପା ହେଲା ସେତେବେଳେ କଲିକତାରେ ଆଉ ଗୋଟିଏ ନୂଆ ଦୋକାନ "ମନମୋହନ ପୁସ୍ତକାଳୟ, ୧୨।୧ଏ ବହୁବଜାର ଷ୍ଟ୍ରିଟ୍"ରେ ଆରମ୍ଭ କଲି ଏବଂ ମୋର ବଡ଼ ପୁଅ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଦାସ ଏହାର ସତ୍ତ୍ୱାଧିକାରୀ ରହିଲା । ସେହି କଥା ତାଙ୍କଠାରୁ ମୁଁ ଶୁଣି ମୋତେ ବଡ଼ ଆଶ୍ଚର୍ଯ୍ୟ ଲାଗେ । ତାଙ୍କ ଜୀବନରେ ସେ ଯେତେ ସବୁ କଷ୍ଟରେ ଚଳି କଲିକତା ଓ କଟକରେ ଅନୁଷ୍ଠାନମାନ ସ୍ଥାପନ କଲେ ସେ କଥା ଅନ୍ୟମାନଙ୍କ ପକ୍ଷେ ଏକ ଆଦର୍ଶ । କଲିକତାରେ ଅରୁଣୋଦୟ, ଚନ୍ଦ୍ରୋଦୟ ଓ ଆଉ ଶ୍ରେଷ୍ଠ ଶ୍ରେଷ୍ଠ ବହି ଦୋକାନ ଥିଲେ ସୁଦ୍ଧା ମୋହନବାବୁଙ୍କ ବ୍ୟବହାରରେ ଓଡ଼ିଆମାନେ ମୁଗ୍ଧ ହୋଇ ମନମୋହନ ପୁସ୍ତକାଳୟରୁ ବହି ପୁସ୍ତକାଦି ନେବାକୁ ଇଚ୍ଛାକଲେ । କଲିକତାରେ ଅନେକ ଓଡ଼ିଆ ଅନୁଷ୍ଠାନମାନଙ୍କରେ

Digitized by srujanika@gmail.com

ସେ ସାହାଯ୍ୟ କରନ୍ତି ଓ ଓଡ଼ିଆମାନଙ୍କର ନେତା ହୋଇ ସେଠାରେ ଚଳୁଥିଲେ । କଟକର କେହି ଲୋକ ଅପରିଚିତ ହେଉ ବା ପରିଚିତ ହେଉ ତାଙ୍କୁ ଆଶ୍ରୟ ସ୍ଥଳ ହୋଇ ମଧ୍ୟ ଅନେକ ପ୍ରକାର ସାହାଯ୍ୟ କରନ୍ତି- ସେ ମୋର ଚଢ଼ୋଣି ଭାବରେ ପରିଚିତ ଥିଲେ ମଧ୍ୟ କଟକରେ ପ୍ରେସ କଲାବେଳେ ମୋତେ ରହିବା ପାଇଁ ସେ ଅନୁରୋଧ କଲେ । ମୋର ଗୃହର ଛାଡ଼ିବାର ସେତେବେଳେ ଉଦ୍ଦେଶ୍ୟ ନଥିଲା । କିନ୍ତୁ ତାଙ୍କର ଅନୁରୋଧ ଏଡ଼ି ନପାରି ସେହି ପ୍ରେସ ଓ ଦୋକାନରେ ଆଜିପର୍ଯ୍ୟନ୍ତ ତାଙ୍କର ସ୍ନେହରେ ଆବଦ୍ଧ ହୋଇ କାର୍ଯ୍ୟ କରୁଅଛି ।

ତାଙ୍କର ମୃତ୍ୟୁ ପର୍ଯ୍ୟନ୍ତ ସେ ମୋ ଅପେକ୍ଷା ବୟସ୍କ ହେଲେ ମଧ୍ୟ ମୋର ପରାମର୍ଶ ଗ୍ରହଣ କରନ୍ତି ଓ ମୋର ଅନୁପସ୍ଥିତ ହେଲେ ସେ ଅଧିକାଂଶ ସମୟ ମୋତେ ଖୋଜି ବ୍ୟସ୍ତ ହୁଅନ୍ତି । ପ୍ରେସ ଓ ଦୋକାନ କର୍ମଚାରୀମାନଙ୍କର ଅସୁବିଧା ହେଲେ ତାଙ୍କୁ ଅଭାବ ଜଣାଇଲା ମାତ୍ରେ ସେ ଦରମା ଛଡ଼ା ଅଧିକ ଟଙ୍କା ସାହାଯ୍ୟ କରନ୍ତି । ସେ ଉଚ୍ଚଶିକ୍ଷିତ ନଥିଲେ ସତ ମାତ୍ର ଉଚ୍ଚ ଶିକ୍ଷିତ ଲୋକଙ୍କର ଆଦର୍ଶ ତାଙ୍କଠାରେ ଦେଖିବାକୁ ମିଳେ । କଟକର କୌଣସି ବିଶିଷ୍ଟ ଓ ପରିଚିତ ଲୋକ କଲିକତା ଗଲେ ତାଙ୍କ ଘରକୁ ସେ ନିଶ୍ଚୟ ନିମନ୍ତ୍ରିତ କରି ନେବେ ଏହା ତାଙ୍କର ପ୍ରକୃତ ଓ ସ୍ନେହର ନିଦର୍ଶନ । ଯେଉଁମାନେ ଯାଇ ତାଙ୍କଠାରେ ଆଦର ପାଇଛନ୍ତି, କଟକରେ ହେଉ ବା କଲିକତାରେ ହେଉ ତାଙ୍କ ସମ ବ୍ୟବସାୟୀମାନଙ୍କ ପ୍ରତି ହିଂସା, ଦ୍ୱେଷ, ପରଶ୍ରୀକାତରତା ତାଙ୍କ ହୃଦୟରେ ସ୍ଥାନପାଇ ନାହିଁ । ମୁଁ ଭଲ ଭାବରେ ହୃଦୟଙ୍ଗମ କରିଛି ଓ କରିବି । ଗୋଟିଏ ଉଦାହରଣ ଦେଲି – ଅରୁଣୋଦୟ ପ୍ରେସର କଲିକତାରେ ଦୋକାନ ଥିଲେ ମଧ୍ୟ କଟକର ଅରୁଣୋଦୟ ପ୍ରେସର ପ୍ରୋପ୍ରାଇଟର ଓ

Digitized by srujanika@gmail.com

ମେନେଜରମାନେ ଯେତେବେଳେ କଲକତା ଯାଆନ୍ତି ତାଙ୍କ ପ୍ରତି ଆଦର ଓ ନିମନ୍ତ୍ରଣ କୌଣସିଥିରେ ଊଣା ନ ଥାଏ ବୋଲି ୍ସମାନଙ୍କ ଠାରୁ କେତେଥର ଶୁଣିଛି । କଲକତା ପୁସ୍ତକ ପ୍ରକାଶକ ସଂଘର ମଧ୍ୟ ସେ ସଭାପତି ଥିଲେ ।

ତାଙ୍କ ସମ୍ବନ୍ଧରେ ଅନେକ ସୁଲେଖକ ଓ ଜଣା ଶୁଣା ଲୋକ ଅନେକ କଥା ଲେଖିଲେଣି, ସେଥିପାଇଁ ମୋ ଭଳି ଅଳ୍ପ ଶିକ୍ଷିତ ଲୋକର ମତ ବେଶି ଦେବାକୁ ଇଚ୍ଛା କରୁ ନାହିଁ । ମୁଁ ତାଙ୍କ ପାଖରେ ଯେତେ ଦିନ ଚଳିଛି, ମୁଁ ତାଙ୍କ ପାଖରେ କଣି ହୋଇ ଯାଇଛି ବୋଲି ମୁଁ ନିଜକୁ ମନେ କରେ । ଭଗବାନଙ୍କୁ ପ୍ରାର୍ଥନା କରୁଛି ତାଙ୍କର ଆତ୍ମାର ସଦ୍‌ଗତି ହେଉ ଓ ତାଙ୍କର ପରିବାର ବର୍ଗଙ୍କର ମଙ୍ଗଳ ହେଉ ।

Digitized by srujanika@gmail.com

କବିରାଜ ଶ୍ରୀରାଧାରମଣ ରାୟ

(ଆୟୁର୍ବେଦ ସରସ୍ୱତୀ)

ଏଇ ଅଳ୍ପ କେଇ ଦିନ ହେଲା ପ୍ରଥମ ମହାଯୁଦ୍ଧର ପରିସମାପ୍ତି ହୋଇଛି । ଚୌରଙ୍ଗୀର ଗୋଟିଏ ଗ୍ୟାସ ଖମ୍ବରେ ଭରାଦେଇ ଗୋଟିଏ ପ୍ରବାସୀ ଯୁବକ କଲିକତାର ବ୍ୟସ୍ତ ଜନତାର ଆବେଗ ଭରା ଚଞ୍ଚଳ ଜୀବନ ସ୍ରୋତ ଦେଖି ଦେଖି ପାଖର ଗାଡ଼ିବାରନ୍ଦା ନିକଟରେ ଆସି ଠିଆ ହେଲା ଗୋଟିଏ ଦୁଇ ଅଶ୍ୱ ଯୁକ୍ତ ଲେଣ୍ଡୋ ଗାଡ଼ି । ଗାଡ଼ିରୁ ଓହ୍ଲାଇଲେ ଏକ ଦୀର୍ଘକାୟ ଗୌରବର୍ଣ୍ଣ ବିଶିଷ୍ଟ ଭଦ୍ର ବ୍ୟକ୍ତି । ପୋଷାକରେ ଥିଲା ତାଙ୍କର ପୁରାପୁରି ପାଶ୍ଚାତ୍ୟ ସଭ୍ୟତାର ନିଦର୍ଶନ । ଗୋଟିଏ ହାତରେ ଷ୍ଟିଥସ୍କୋପ୍ ଅନ୍ୟ ହାତରେ ଥିଲା ଔଷଧର ବାକ୍ସ ।

ଲେଣ୍ଡୋରୁ ଓହ୍ଲାଇ ହଠାତ୍ ନଜର ପଡ଼ିଲା ତାଙ୍କର ସେଇ ନବାଗତ ପ୍ରବାସୀ ଯୁବକଟି ଉପରେ । ଯୁବକର ସୁଡ଼ୋଳ ସୁଠାମ ଶରୀରରେ ଯେପରି ଅଭାବର ମଳିନତା, ମୁହଁରେ ଥିଲା ନିଷ୍ଠା ଓ ବଂଶ ମର୍ଯ୍ୟାଦାର ଆଭା ; ଆଉ ଆଖିରେ ଥିଲା ଆଶା ନିରାଶାର ଦ୍ୱନ୍ଦ !

କାହିଁକି କେଜାଣି ଭଦ୍ର ବ୍ୟକ୍ତିର ମୁହଁରୁ ବାହାରି ପଡ଼ିଲା, କହେ ବାବୁ ? ତୁମ ଘର କେଉଁଠି ? ତୁମର ମାନସିକ ଅବସ୍ଥା ଦେଖି ମନେ ହୁଏ କେଉଁଠି ଗୋଟାଏ ତାର ବେସୁରା ବାଜୁଛି,— ନୁହେଁ କି ?

Digitized by srujanika@gmail.com

ଅଜଣା ଅଶୁଣା ଏଇ ଅପରିଚିତ ମହାନଗରୀ ଭିତରୁ ଏକ-ଅପରିଚିତ ବ୍ୟକ୍ତିର ସହୃଦୟତା ପୂର୍ଣ୍ଣ ସମ୍ଭାଷଣରେ ଯୁବକ ଟିକିଏ ଇତସ୍ତତଃ ହୋଇ କହିଲା—ବାବୁ ମୋ ଘର ଓଡ଼ିଶା, କଟକ ! ମୁଁ ଆସିଛି କଲିକତା ଦେଖିବାକୁ । ଯଦି ଏଠାରେ ଗୋଟାଏ ଚାକରୀ-ମିଳେ ତା' ହେଲେ ମୁଁ କଲିକତାରେ କିଛି ଦିନ ରହନ୍ତି !

ଓ ! ତୁମେ କାମ ଖୋଜୁଛ ? କି କାମ କରି ପାରିବ ? ଯୁବକ—ଯାହା ଶିଖାଇ ଦେବେ, ତା' କରିବାକୁ ପ୍ରାଣ ପଣେ ଚେଷ୍ଟା କରିବି ।

ତା'—ତୁମେ କେତେ ଦୂର ପଢ଼ା ଶୁଣା କରିଛ ? ଭଦ୍ର ବ୍ୟକ୍ତି ପଚାରିଲେ, ଯୁବକ—ବାବୁ ! ପଢ଼ା ଶୁଣା ମୋର ସାଧାରଣ, କିନ୍ତୁ କାମ କରି କଣ ବେଶୀ ପଢ଼ା ଶୁଣା ହୋଇ ପାରେ ନା ?

ଯୁବକର ଉତ୍ତରରେ ଅତ୍ୟନ୍ତ ଖୁସୀ ହୋଇ ଭଦ୍ରବ୍ୟକ୍ତି କହିଲେ ହଁ,—ତୁମେ ପାରିବ, ତୁମେ ପାରିବ । ମୋର କୋଠିଏ ତୁମର ପରି ଲୋକର ଦରକାର । ଅଚ୍ଛା ତୁମେ ଏଠାରେ କିଛିକ୍ଷଣ ଅପେକ୍ଷା କର ମୁଁ ଆସିଲେ ତୁମର କାମର ବ୍ୟବସ୍ଥା କରି ଦେବି । କହି ଚାଲି ଗଲେ ସାମନାରେ ଗୋଟାଏ ପାଞ୍ଚ ମହଲା କୋଠି ଭିତରକୁ ।"

ଯୁବକ ଚାହିଁ ରହିଲା ସେ ଭଦ୍ରଲୋକ ଯେଉଁ କୋଠି ଭିତରକୁ ଗଲେ । ଆଖି ଆଗରେ ଜନଗହଳି ଭିତରେ ଚାଲି ଯାଉଥିଲେ କେତେ ରଙ୍ଗ ବେରଙ୍ଗର ପୋଷାକ ପିନ୍ଧା ସାହେବ, ମେମ୍, ଚୀନା, ଜାପାନୀ, ପଞ୍ଜାବୀ କାବୁଲି ଇତ୍ୟାଦି । କିନ୍ତୁ ଯୁବକର କାହିଁରେ ସେପରି ଦୃଷ୍ଟି ନାହିଁ । ସେ ଖାଲି ନୀରବ ନିସ୍ତବ୍ଧ ହୋଇ ଭାବୁଛି,—ଦେଖିତ ? ଭଗବାନଙ୍କର କି ଅସୀମ ଦୟା ! ଏହି

Digitized by srujanika@gmail.com

ବିଶାଳ ନଗରୀର ଜନସମୁଦ୍ର ଭିତରୁ ମୋପରି ଏକ ଅଜଣା ଅଶୁଣା ନଗଣ୍ୟ ଲୋକ ପାଇଁ କିଏ ଚାକିରୀ ରଞ୍ଜି ରଖିଥିଲା ? ଅଳି ଗଳି ଘୂରିବାକୁ ପଡ଼ି ନାହିଁ, ଦ୍ୱାରେ ଦ୍ୱାରେ ପଚାରିବାକୁ ପଡି ନାହିଁ, କି କାହାକୁ ଅନୁନୟ ବିନୟ ବା ଖୋସାମତି କରିବାକୁ ପଡ଼ି ନାହିଁ । ଖାଲି ଗୋଟାଏ କଥାରେ କଥାରେ ସବୁ ଠିକ୍ ହୋଇ ଗଲା ! ଏ ସତ୍ୟ ନା ପ୍ରହେଳିକା ! ମନ ଭିତରେ ଗୋଟାଏ ଅଜଣା ଦ୍ୱନ୍ଦର ପ୍ରବାହ ଚହଲିବାକୁ ଲାଗିଲା । ଫୁଟ ପାଥରେ ସାହାରୀ ପୋଷାକର ରଙ୍ଗୀନ ପ୍ରବାହ, ଇଭ୍‌ନିଂ ପେରିସ୍ ଟ୍ରମ୍ପୋୟା ପ୍ରଭୃତି ପାରସ୍ୟ ସୁଗନ୍ଧ ଦ୍ରବ୍ୟର ମନ ମୁଗ୍ଧକର ସୌରଭ । ଆଉ ମୂଲ୍ୟବାନ୍ ବୁଟ ଜୋତାର ସୁସଭ୍ୟ ମଚ ମଚ ଶବ୍ଦ କମ୍ପା ମଟରେ ଉତ୍ପନ୍ନ କରୁଥିଲା । ସବୁ ଦେଖି ଶୁଣି ସୁଦ୍ଧା ଯୁବକର ସେପରି କାହିଁରେ ସ୍ପୃହା ନାହିଁ, ସେ ମୂକ ବଧିର ପରି ଏକ ଦୃଷ୍ଟିରେ ଚାହିଁ ରହିଛି ସେହି କୋଠି ଆଡ଼କୁ ଭଦ୍ର ବ୍ୟକ୍ତିଙ୍କର ଫେରିବା ଆଶାରେ ।

କିଛିକ୍ଷଣ ପରେ ସିଡ଼ିରୁ ଓହ୍ଲାଇ ଆସିଲେ ସେହି ଭଦ୍ର ବ୍ୟକ୍ତି । କହିଲେ, ଆଚ୍ଛା ତୁମେ ମୋର ଏ ବ୍ୟାଗ ଧର, ଗାଡ଼ିରେ ବସ— ଚାଲ ମୋ ସାଙ୍ଗରେ ମୋ ଘରକୁ "ମନ୍ତ୍ର ମୁଗ୍ଧ ପରି ଯୁବକ ଯାଇ ବସିଲା ଲେ·ଣ୍ଡା ଗାଡ଼ି ଭିତରେ । କିଛି କ୍ଷଣପରେ ଗାଡ଼ି ଆସି ଲାଗିଲା ଏକ ବିଶାଳ ମହଲ ସାମନାରେ । ଓହ୍ଲାଇ ଯୁବକ ଦେଖିଲା ଫାଟକର ବାଁ ପାଖରେ ଗୋଟିଏ ପିତଳ ପଟାଉପରେ ଲେଖା ହୋଇଛି ଡାକ୍ତର ମହେନ୍ଦ୍ର ଲାଲ ସରକାର୍ H. M. S. ଅକ୍ଷର କେତୋଟି କଣ ଉପାଧି ।

ଏହି ଭଦ୍ର ବ୍ୟକ୍ତି ସେହି ଡାକ୍ତର ମହେନ୍ଦ୍ର ଲାଲ ସରକାର ବୋଲି ଯୁବକ ବୁଝି ପାରିଲା ଏବଂ ଡାକ୍ତର ବାବୁଙ୍କ ପଛେ ପଛେ ଚାଲିଲା ତାଙ୍କର ବୈଠକ ଖାନା ଭିତରକୁ ।"

Digitized by srujanika@gmail.com

ଆରାମ ଚୌକି ଉପରେ ବସି ଡାକ୍ତର ବାବୁ ପଚାରିଲେ—ହଁ, ତୁମର ନାମ ତ ପଚାରି ନାହିଁ ? ଯୁବକ କହିଲା ବାବୁ ମୋର ନାମ ମୋହନ ସାର !

ଓ, ମୋହନ୍ ! ବେଶ୍ ସୁନ୍ଦର ନାମ । ଦେଖ,—ଆଜିଠାରୁ ତୁମର ଚାକିରି ଏଠାରେ ଆରମ୍ଭ ହେଲା, ତୁମେ ଏଠାରେ ରହିବ ଆହାର ଇତ୍ୟାଦିର ବ୍ୟବସ୍ଥା ତୁମର ଏହିଠାରେ ହିଁ ହେବ । ତୁମେ ମନ ଦେଇ କାମ କର ତୁମର ଉନ୍ନତି ଅବଶ୍ୟ ହେବ । ଏହି ସେହି ଯୁବକ ମୋହନ ଚରଣ ଦାସ ! ଆଉ ସେହି ଡାକ୍ତର ମହେନ୍ଦ୍ର ଲାଲ୍ ସରକାରଙ୍କ ଘରେ ହେଲା ତାଙ୍କର କର୍ମ ଜୀବନର ଶୁଭାରମ୍ଭ ।

ଡାକ୍ତର ମହେନ୍ଦ୍ର ଲାଲ୍ ସେ ସମୟରେ କଲିକତାରେ ଏକ ବିଖ୍ୟାତ ହୋମିଓପ୍ୟାଥି ଡାକ୍ତର ବୋଲି ଖ୍ୟାତ ଥିଲେ । ତା' ଛଡ଼ା ଥିଲେ ତାଙ୍କର ହୋମିଓପ୍ୟାଥି ବିଜ୍ଞାନ ସମ୍ବନ୍ଧରେ ପୂର୍ଣ୍ଣ ଗବେଷଣା ଓ ନୂତନ ନୂତନ ବୈଜ୍ଞାନିକ ପୁସ୍ତକର ଲେଖକ ଓ ପ୍ରକାଶକ । ସେହି ସବୁ ପ୍ରକାଶନ କାର୍ଯ୍ୟ ଲାଗି ସେ ନିଜ ଘରେ ରଖିଥିଲେ ଗୋଟିଏ ବଡ଼ ପ୍ରେସ ଯହିଁରେ ହିନ୍ଦି, ବଙ୍ଗଳା ଓ ଇଂରାଜୀ ପୁସ୍ତକ ମୁଦ୍ରିତ ହେଉଥିଲା ।

ମୋହନ ବାବୁଙ୍କୁ ଡାକ୍ତର ସରକାର ଶିଖାଇଲେ କମ୍ପୋଜିଟର କାର୍ଯ୍ୟ । ଅଳ୍ପ କେଇ ମାସରେ ମୋହନବାବୁ ସେ ବିଦ୍ୟା ଆୟତ୍ତ କରି ଡାକ୍ତର ବାବୁଙ୍କର ଅତ୍ୟନ୍ତ ପ୍ରିୟତମ ହୋଇ ଉଠିଲେ ।

ମୋହନ ବାବୁଙ୍କ ପରାମର୍ଶରେ ଡାକ୍ତର ବାବୁ ତାଙ୍କର ହୋମିଓପ୍ୟାଥି ପୁସ୍ତକ ଛାପିବାର ମନସ୍ଥ କଲେ ।

ସେ ସମୟରେ କଟକରେ ଗୋଟିଏ ମାତ୍ର ଓଡ଼ିଆ ସାପ୍ତାହିକ ପତ୍ରିକା ପ୍ରକାଶିତ ହେଉଥିଲା, "ଉତ୍କଳ ଦୀପିକା" ଶ୍ରେଷ୍ଠ ସମ୍ବାଦ-ପତ୍ର ହିସାବରେ ଜନ ସମାଜରେ ଆଦୃତ ଥିଲା । ମୋହନ ବାବୁଙ୍କ

Digitized by srujanika@gmail.com

ଇଂଲଣ୍ଡରୁ ଚେଷ୍ଟାରେ କଷ୍ଟକରି ଓଡ଼ିଆ ଟାଇପ ଅଣାଗଲା, ଏବଂ ଡାକ୍ତର-ବାବୁଙ୍କର ହୋମିଓପ୍ୟାଥି ପୁସ୍ତକ ମୁଦ୍ରଣର କାର୍ଯ୍ୟ ଆରମ୍ଭ ହେଲା । ମୋହନବାବୁଙ୍କୁ ସାରା ବର୍ଷର କମ୍ପୋଜ କାର୍ଯ୍ୟ ଏବଂ ପ୍ରୁଫ୍ ଦେଖିବା କରିବାକୁ ପଡ଼ିଲା । କାରଣ ସେଠାରେ ଓଡ଼ିଆ ପ୍ରୁଫ୍ ରିଡ଼ର୍ କେହି ନଥିଲେ । କୌଣସିମତେ ଅଳ୍ପ ଦିନ ମଧ୍ୟରେ ପୁସ୍ତକର ମୁଦ୍ରଣ କାର୍ଯ୍ୟ ସମାପ୍ତ ହେଲା ।

ମୋହନ ବାବୁଙ୍କର ଅଗାଧ ପରିଶ୍ରମ ଓ କର୍ମ ନିଷ୍ଠାରେ ସନ୍ତୁଷ୍ଟ ହୋଇ ଡାକ୍ତରବାବୁ ତାଙ୍କୁ ତାଙ୍କର ପଦୋନ୍ନତି କରି ଦେଲେ, ଷ୍ଟୋରର ମେନେଜର ।

ଡାକ୍ତର ସରକାରଙ୍କର ସ୍ୱର୍ଗବାସ ପରେ ମୋହନ ବାବୁଙ୍କ ଉପରେ ପଡ଼ିଲା ଡାକ୍ତର ବାବୁଙ୍କର ସାରା ସଂସାରର ପରିଚାଳନା ଭାର । କିନ୍ତୁ କିଛି ଦିନ ପରେ ଡାକ୍ତର ସରକାରଙ୍କର ଅଯୋଗ୍ୟ ପୁତ୍ରମାନଙ୍କର ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ସରକାରଙ୍କ ଘରୁ ବିଦାୟ ନେଇ ବାହାରି ପଡ଼ିଲେ ନିଜର ଭାଗ୍ୟାନ୍ୱେଷଣରେ । ବୃତ୍ତି ଗଲା, କରିବେ କଣ ? କିଛି ଦିନ ବିତିଲା ଚିନ୍ତାରେ ଚିନ୍ତାରେ । ମଥାରେ ଖେଳିଲା ବ୍ୟବସାୟ ବୁଦ୍ଧି । କିନ୍ତୁ ପୁଞ୍ଜି ଅଳ୍ପ, କଲିକତା ପରି ସ୍ଥାନରେ ଅଳ୍ପ ପୁଞ୍ଜିରେ କି ବ୍ୟବସାୟ କରା-ଯାଇ ପାରେ ?

ହଠାତ୍ ଦିନେ ଦେଖାଗଲା କଲିକତାର ମିଲ ଅଞ୍ଚଳର ଓଡ଼ିଆ ଶ୍ରମିକ ମହଲରେ ଗୀତ ଗାଇ ଗାଇ ବୁଲି ବୁଲି ବିକ୍ରି କରୁ ଅଛି ସଂଗୀତ ବହି । ମାତ୍ର ଗୁରି ପଇସାରେ "ସଂଗୀତ ଚାଟିଲା କଦଳୀ ଓ "ସଂଗୀତ ଛେନା ଗୁଡ଼" ।

ଏହା ଥିଲା ମୋହନ ବାବୁଙ୍କର ପ୍ରଥମ ପ୍ରକାଶନର ପ୍ରଥମ ସଂସ୍କରଣ । ଲକ୍ଷ୍ମୀ ଦେବୀଙ୍କର କୃପାରୁ ସେହି ସଂଗୀତର ବହି

Digitized by srujanika@gmail.com

ସମ୍ବରଣ କରିବାକୁ ଚଢ଼ିଥିଲା । ଏହାର ମୂଳଧନରୁ ସହସ୍ରାଧିକ ପୁସ୍ତକରେ ପ୍ରକାଶ ଓ ମୁଦ୍ରଣ ଏବଂ କଲିକତାର ବିଶାଳ ପୁସ୍ତକ ବିକ୍ରୟ କେନ୍ଦ୍ର, କଟକର ବିରାଟ ପ୍ରେସ ଇତ୍ୟାଦି ସବୁ ସେହି ଗୋଟିଏ ଉଚ୍ଚାଭିଳାଷି, ସାହିତ୍ୟ ପ୍ରେମୀ, ସରଳତାର ଆଦର୍ଶ ଓ ଉଦାର ହୃଦୟବାନ ମନୀଷୀ ମୋହନ ବାବୁଙ୍କର କୃତିତ୍ୱ ।

ତାଙ୍କର ଆଦର୍ଶ ମନୋଭାବର ଆଭାଷ ପାଇଲି ତାଙ୍କ ସହିତ ପ୍ରଥମ ସାକ୍ଷାତରେ ୧୯୩୫ ସାଲରେ ।

ବ୍ୟବସାୟୀ ଛଡ଼ା ଗାନ୍ଧୀବାଦରେ ତାଙ୍କର ବିଶ୍ୱାସ ଥିଲା ଗଭୀର । ଦୈନନ୍ଦିନ ଜୀବନ ଯାପନ ଥିଲା ଅତି ସାଧାରଣ । ଅଗାଧ ସମ୍ପତ୍ତିର ସତ୍ତ୍ୱାଧିକାରୀ ହେଲେ କଣ ହେବ ତାଙ୍କ ମନରେ ଗର୍ବ ଅହଂକାର ନ ଥିଲା । ସେ ଥିଲେ ଜଣେ—ଯାହାକୁ କୁହାଯାଏ ମାଟିର ମଣିଷ !

ଅବଶ୍ୟ ସଙ୍ଗୀତ ନାଟକ ପ୍ରଭୃତି କଳା ବିଦ୍ୟାରେ ତାଙ୍କର ଆନ୍ତରିକତା କମ ନ ଥିଲା । ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କର 'ସୀତା ବିବାହ' ଫିଲ୍ମ ଦେଖି ତାଙ୍କ ମନରେ ଭୀଷଣ ପରିତାପ ଓ ଆଘାତ ଲାଗିଥିଲା । ଠିକ୍ ସେତିକିବେଳେ ସେ ଚିନ୍ତା କଲେ ଯେ ଓଡ଼ିଶାର ଗୋଟିଏ ନିଜସ୍ୱ ଚିତ୍ର ପ୍ରତିଷ୍ଠାନ ହେବା ଉଚିତ । ଲାଗି ପଡ଼ିଲେ କାୟମନ ବାକ୍ୟରେ "ଓଡ଼ିଶା ଫିଲ୍ମ କରପୋରେଶନ୍" ଗଠନ ଲାଗି । ଦୁଃଖର ବିଷୟ ଏଥିରେ ଭାଗ୍ୟ ତାଙ୍କୁ ସହଯୋଗ ଦେଲା ନାହିଁ । ଆରମ୍ଭ ହେଲା ଦ୍ୱିତୀୟ ମହାଯୁଦ୍ଧ । ବିଷମ ପ୍ରତିକ୍ରିୟା ସାରା ଦେଶରେ । ଦାରୁଣ ବିଶୃଙ୍ଖଳା ଓ ଅସୁସ୍ଥ ପରିବେଶରେ ଦେଶ ଭରି ଉଠିଲା । ଏହି ସବୁ ଦୈବ ଦୁର୍ବିପାକରୁ ତାଙ୍କର ଚଳଚିତ୍ର ପ୍ରତିଷ୍ଠାନର ସ୍ୱପ୍ନ ସଫଳ ହୋଇ ପାରିଲା ନାହିଁ ।

Digitized by srujanika@gmail.com

ଦ୍ୱିତୀୟ ମହାଯୁଦ୍ଧର ଯବନିକାପାତ ହେଉ ନ ହେଉ ସେ ତାଙ୍କ ମଥାରେ ଆବିର୍ଭାବ ହେଲା ଆଉ ଗୋଟିଏ ନୂତନ କଳ୍ପନା । ଦେଶରେ ଗୋଟିଏ ଆୟୁର୍ବେଦୀୟ ଔଷଧର ନିର୍ମାଣଶାଳା ।

"ଓଡ଼ିଶା ଆୟୁର୍ବେଦ ଫାର୍ମାସୀ ଲିମିଟେଡ୍" ଗଠନ ଲାଗି ଖୁବ ଉତ୍ସାହ ସହିତ ମାତିଉଠିଲେ ମୋହନ ବାବୁ । କାରଖାନା ପାଇଁ ଭୁବନେଶ୍ୱର ଷ୍ଟେସନ ସଂଲଗ୍ନ ପ୍ରାୟ ୧୦୦ ଏକର ଜମି ଖାସ ମହାଲରୁ ଲିଜ୍ ନେଇଥିଲେ । କାରଖାନାର ଉପଯୋଗୀ ବହୁ ମେସିନ୍ ଯନ୍ତ୍ର ପାତି କିଣି ସାରିଥିଲେ । ସରକାରଙ୍କ ନିକଟରେ ଭାରତୀୟ ଯୌଥ ଆଇନ ଅନୁସାରେ ରେଜିଷ୍ଟ୍ରାରୀ କରିବା ପର୍ଯ୍ୟନ୍ତ ଯାବତୀୟ ପ୍ରାଥମିକ କାର୍ଯ୍ୟ ସୁସମ୍ପନ୍ନ କରି ଆଣିଥିଲେ । କିନ୍ତୁ ତାଙ୍କର ଏକ ପରମ ବିଶ୍ୱାସୀ ବନ୍ଧୁ ତାଙ୍କର ସରଳତାର ସୁଯୋଗ ନେଇ ପ୍ରତାରଣା କରିବାରୁ ସେ ଭଗ୍ନୋତ୍ସାହ ହୋଇ ସବୁ ବନ୍ଦ କରିଦେଲେ । ଦୁଇ ଦୁଇଟି ମହତ୍ କାର୍ଯ୍ୟରେ ହାତଦେଇ ଅକୃତକାର୍ଯ୍ୟ ହୋଇ ସୁଦ୍ଧା ମୋହନ ବାବୁଙ୍କ ମନରେ କୌଣସି ଦୁଃଖର ଲେଶ ନଥିଲା । ସେ ତାଙ୍କର ନିଜର କର୍ମମୟ ଜୀବନରେ ନିଜକୁ ଉଡ଼ାଇ ଦେଇ ସବୁ ଭୁଲିଯାଇଥିଲେ ।

ଉଚ୍ଚଶିକ୍ଷାର ଅନଧିକାରୀ ହେଲେ କଣ ହେବ, ବୈବସାୟୀକ ବିଚକ୍ଷଣତା, ବ୍ୟବସାୟ ପରିଚାଳନା ଓ ଯୋଜନା ଜ୍ଞାନ, ନିଷ୍ଠା ଓ ମଧୁର ବ୍ୟବହାର ଦ୍ୱାରା ସେ କଲିକତା ମହାନଗରୀରେ ବିଶିଷ୍ଟ ବ୍ୟବସାୟୀ ମହଲରେ ଉତ୍କଳୀୟ ବ୍ୟବସାୟୀ ସମାଜର ପ୍ରତିଷ୍ଠା ଓ ଉଚ୍ଚ ମାନ ରକ୍ଷା କରିପାରିଥିଲେ ।

ମୁଁ ମୋର ଜୀବନରେ ଏକ ଅପୂର୍ବ ବ୍ୟକ୍ତିତ୍ୱର ସମ୍ପର୍କରେ ଆସି ଦେଖିଲି ସେ କି ନିଜର ନିରଳସ ସରଳ ଜୀବନରେ କର୍ମନିଷ୍ଠା

Digitized by srujanika@gmail.com

ଓ ଅଧ୍ୟବସାୟ ଦ୍ୱାରା କାକର ବିନ୍ଦୁରୁ ସାଗର ସୃଷ୍ଟି କରି ପାରିଥିଲେ ।

ଆଜି ସେ ମରଜଗତରେ ନଥିଲେ କଣ ହେବ, ତାଙ୍କର ଅମର କୀର୍ତ୍ତି ଓ ଆଦର୍ଶ ଯାହା ସେ ଦେଶ ବାସୀଙ୍କ ଆଗରେ ରଖି ଯାଇଛନ୍ତି ତାହା ଉତ୍କଳ ଇତିହାସର ପୃଷ୍ଠାରେ ଚିର ଅମର ।

ହେ ମନସ୍ୱୀ ସ୍ଥାନ ତବ ପ୍ରେମର ଆସନେ,
ମୁକ୍ତି ନେଲ ଛିନ୍ନ କରି ପାର୍ଥିବ ବନ୍ଧନେ;
ଧରଣୀର ବନ୍ଧୁ ସିନା ନେଇଛୁ ଶମନ,
କର୍ମ ତବ ଲକ୍ଷ ବକ୍ଷେ ପାତିଛୁ ଆସନ ।।

Digitized by srujanika@gmail.com

ଶ୍ରୀ ସୀତାକାନ୍ତ ମହାପାତ୍ର

(ସହକାରୀ କଲେକ୍ଟର, ଛତ୍ରପୁର)

ମୋହନବାବୁଙ୍କ ମୃତ୍ୟୁରେ ଗୋଟିଏ କର୍ମନିଷ୍ଠ, ସରଳ ଓ ଅଧ୍ୟବସାୟୀ ପୂର୍ଣ୍ଣ ଜୀବନର ପରିସମାପ୍ତି ଘଟିଲା । ମନମୋହନ ପ୍ରେସ ଓ ପୁସ୍ତକାଳୟର ପ୍ରତିଷ୍ଠାତା ଓ ପ୍ରକାଶକ ହିସାବରେ ଓଡ଼ିଶାର ପ୍ରକାଶନ-ଇତିହାସରେ ତାଙ୍କର ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନ ସର୍ବଦା ରହିବ । ଜଣେ ନିରଡ଼ମ୍ବର, ଏକନିଷ୍ଠ, ଉଦ୍‌ଯୋଗୀ ଓ ପ୍ରାଣବନ୍ତ ପ୍ରକାଶକ ହିସାବରେ, ଅମାୟିକ, କର୍ତ୍ତବ୍ୟପରାୟଣ ବ୍ୟକ୍ତି ହିସାବରେ ଏବଂ ସର୍ବୋପରି ଲବ୍ଧ ଲୋକପ୍ରିୟ କବିତାର କବି ହିସାବରେ ତାଙ୍କର ଜୀବନ ଥିଲା ବେଶ୍ ସାଧାରଣ ଅଥଚ ଅସାଧାରଣ, ସରଳ ଅଥଚ ଗମ୍ଭୀର ଆତ୍ମନିବେଶରେ ଜଟିଳ ଓ ବହୁଧା-ବିଭକ୍ତ, ସଂଯୋଜିତ ଅଥଚ ଜୀବନର ବହୁ ଦାଉ ଧକ୍‌କା ଭିତରେ ବ୍ୟଥିତ, ନିଯୋଜିତ ଓ ଶ୍ରାନ୍ତ । ଅଧୁନାତନ ଲୁପ୍ତ ପେଟ୍ରିୟଟ୍ ପ୍ରେସରେ ତାଙ୍କର କର୍ମମୟ ଜୀବନର ଆରମ୍ଭ—ମାସିକ ଦୁଇଟଙ୍କା ବେତନୋ-ଭୋଗୀ କର୍ମୀ ହିସାବରେ—ସେଇ ଅଙ୍କାଳିକାରେ ଯାହାକୁ ଅର୍ଦ୍ଧ ଶତାବ୍ଦୀପରେ ବହୁ ସହସ୍ର ଅର୍ଥବ୍ୟୟରେ ସେ କ୍ରୟ କରିଥିଲେ । ୧୯୧୯ ରେ କମ୍ପୋଜିଟର ଚାକିରି ଛାଡ଼ି ସେ ପ୍ରତିଷ୍ଠା କଲେ କଲି-କତାରେ ସର୍ବପ୍ରଥମ ମନମୋହନ ପୁସ୍ତକାଳୟ, ତା'ର ୨।୩ବର୍ଷପରେ ମନମୋହନ ପ୍ରତିଷ୍ଠାନ । ପରେ ୧୯୨୧ ରେ ମନମୋହନ ପ୍ରେସ ଓ ପୁସ୍ତକାଳୟର ଶାଖା ଆସିଲା କଟକକୁ ଉଠି ।

Digitized by srujanika@gmail.com

ଅନୂ୍ୟନ ପାଞ୍ଚଶତ ପୁସ୍ତକର ପ୍ରକାଶକ ମୋହନବାବୁ ପୁସ୍ତକ-ପ୍ରକାଶନ ଦୃଷ୍ଟିରୁ ତାଙ୍କ ସମୟର ଶାନ୍ତ ଓ ଚଳନ୍ତ ଅନୁଯାୟୀ ବେଶ୍ ଅଗ୍ରଗାମୀ ଓ ଉନ୍ନତ ରୁଚିସମ୍ପନ୍ନ ଥିଲେ ବୋଲି କହିବାକୁ ହେବ । 'କାମ ବଞ୍ଜନ' ଓ 'ବିବାହ ବଞ୍ଜନ' ଠାରୁ ଆରମ୍ଭ କରି 'ବିବିଧ ଛନ୍ଦ ସଂଗ୍ରହ' 'ଦୃଷ୍ଟାନ୍ତ ଗୀତ' ଓ 'ଗୀତଗୋବିନ୍ଦ'ର ଦୁର୍ଲଭ ସଂସ୍କରଣ ପର୍ଯ୍ୟନ୍ତ ବ୍ୟାପିଥିଲା ତାଙ୍କର ପ୍ରକାଶନ-ପିପାସା । ଅର୍ଥ ସମ୍ବଳର କ୍ରମୋନ୍ନତି ସହିତ ତାଙ୍କର ପ୍ରକାଶକ ଦୂରଦୃଷ୍ଟି, ପ୍ରବଣତା ଓ କଳ୍ପନାର ନୂତନରୂପ ପ୍ରକାଶ ପାଇଥିଲା । ଆଧୁନିକ ଓଡ଼ିଆ ଉପନ୍ୟାସର ଦୁଇ ରଥୀ ଗୋପୀନାଥ ମହାନ୍ତି ଓ କାହ୍ନୁଚରଣ ମହାନ୍ତିଙ୍କର ଅଧିକାଂଶ ଉପନ୍ୟାସ ପ୍ରକାଶ କରିଥିଲେ ମନମୋହନ ପ୍ରତିଷ୍ଠାନ ।

ଲଘୁ ଅଥଚ ପ୍ରାଣସ୍ପର୍ଶୀ ସରଳ କବିତା (ଯାହାଙ୍କ ଆକର ଚରିତ୍ର ଧର୍ମୀ । ମନଃ-ସଂସ୍କୃ ସାହିତ୍ୟ ଜଗତରେ ପ୍ରାୟଶଃ ଅନାଦୃତ) ର କବି ହିସାବରେ ତାଙ୍କର ଅବଦାନ କିଛି କମ୍ ନୁହେଁ । 'ସଙ୍ଗୀତ ପାଚିଲା କଦଳୀ', 'ସଙ୍ଗୀତ ଚମ୍ପକହାର' ଓ 'ସଙ୍ଗୀତ ମନମୋହନ' ସେ ଭିତରୁ କେତୋଟି ଆତ୍ମ-ବିଶ୍ୱର ରଚନା ।

ଯେ କୌଣସି ସାହିତ୍ୟ ଓ ଭାଷାର ଅଭିବୃଦ୍ଧିରେ ପ୍ରକାଶକ ଓ ପୁସ୍ତକାଳୟର ଭୂମିକା ଯେ କେତେ ଗୁରୁତ୍ୱପୂର୍ଣ୍ଣ ତା' ହୁଏତ ଅନେକ ସମୟରେ ଆମେ ଭୁଲିଯାଉ । ଲେଖକ, ପ୍ରକାଶକ ଓ ପାଠକ ଏ ତିନୋଟି ଗୋଷ୍ଠୀର ପରସ୍ପର-ନିର୍ଭରଶୀଳତା ଏବଂ ସୁସ୍ଥ ଓ ସଂସ୍କୃତ, ରୁଚିବନ୍ତ ଓ ଗମ୍ଭୀର, ସଂସ୍କାର-ମୁଖାପେକ୍ଷୀ ଓ ପ୍ରଗତିଶୀଳ ସାହିତ୍ୟ ସୃଷ୍ଟି କରି ସମାଜର କଲ୍ୟାଣ ସାଧନାରେ ପ୍ରତ୍ୟେକଙ୍କର ଦାୟିତ୍ୱପୂର୍ଣ୍ଣ ଅବଦାନ ସର୍ବଥା ଅନସ୍ୱୀକାର୍ଯ୍ୟ । ଲେଖକ ଗୋଷ୍ଠୀ କହନ୍ତି ପ୍ରକାଶକମାନେ କେବଳ "ବଜାର ଭାଉ" ବା 'ଲୁହାଭା'

Digitized by srujanika@gmail.com

ଦେଖି ବଗ୍‌ବଗ୍‌ଆ ଲେଖା, ଗୃହାନ୍ତ ଯେଉଁଥିରୁ ସେମାନେ କେବଳ ଅର୍ଥ ଉପାର୍ଜନ କରିପାରିବେ । ମୌଳିକ ଦୃଷ୍ଟିଭଙ୍ଗୀର ବଳିଷ୍ଠ ଓ ଅସାଧାରଣ ପ୍ରକାଶନର ସାହସ ବା କଳ୍ପନାଶକ୍ତି ସେମାନଙ୍କର ନାହିଁ । ଲେଖକମାନଙ୍କୁ ସେମାନେ ସମ୍ମାନ ଦିଅନ୍ତି ନାହିଁ, ରୟାଲ୍‌ଟିରେ ହଇରାଣ କରନ୍ତି । ପ୍ରକାଶକମାନେ କହନ୍ତି ନୂତନ ଦୃଷ୍ଟିଭଙ୍ଗୀ ନେଇ ପ୍ରକାଶନକଲେ ଆମେ ଦେବାଳିଆ ହୋଇଯିବୁ । ପାଠକଗୋଷ୍ଠୀ କହନ୍ତି ପଢ଼ିଲା ଉପଯୋଗୀ ସୁରୁଚିପୂର୍ଣ୍ଣ ଲେଖା ନାହିଁ, ଯାହା କିଛି ତା' ଅତି ନିମ୍ନସ୍ତରର ସାହିତ୍ୟକୃତି, ନଚେତ ଭୟଙ୍କର, ନୈତିକତାହୀନ, ଆତ୍ମାହୀନ ସାହିତ୍ୟ, ଓଡ଼ିଶାରେ ଲୋକସଂଖ୍ୟା କମ୍, ପାଠକ ଓ ଶିକ୍ଷିତ ଗୋଷ୍ଠୀ ଆହୁରି କମ ଓ ସେମାନେ ବି ଓଡ଼ିଆ ବହି ବା ପତ୍ରିକା କିଣନ୍ତି ନାହିଁ ଏହା ପ୍ରାୟଶଃ ସତ୍ୟ । ବିବାହ, ଜନ୍ମଦିନ ବା ବନ୍ଧୁ ସଙ୍ଗେ ଭେଟିବା ଶୁଭ ଅବସରରେ ବହି ଉପହାର ଦେବା ଏକ ରୁଚିସଂପନ୍ନ ଅଭ୍ୟାସ ହେଲାଣି —ବଙ୍ଗଳା ଭାଷାର କବିତା ଉପନ୍ୟାସ ଓ କ୍ଷୁଦ୍ର ଗଳ୍ପ ପୁସ୍ତକ । କିନ୍ତୁ ଓଡ଼ିଶାରେ ଆମେ ଉପହାର ଦେଉ ଭ୍ୟାନିଟି ବ୍ୟାଗ୍, ସୁନା ମୁଦି ନୋହିଲେ ଶାଢ଼ି ! ସଂସ୍କୃତି ଓ ସାମାଜିକ ମୂଲ୍ୟବୋଧର ଏ ତ ଏକ ନମୁନା । ଆଉ ଯିଏ ବି ଶିକ୍ଷିତ ଶ୍ରେଣୀର ଲୋକ ବହି ଉପହାର ଦେବେ ସେଇଟା ଓଡ଼ିଆ ବହି କଷ୍ଟରୁ ହେବନି । ସେଇଟା ହେବ ମମ୍, ମୋରାଭିଆ, ଲରେନ୍‌ସ ଡରେଲ୍ ବା ହକସ୍ଲି । ଏକଥା ସ୍ୱୀକାର କଲେ ମଧ୍ୟ ପ୍ରକାଶକ—ଅନ୍ତତଃ ଦୂରଦୃଷ୍ଟି ସଂପନ୍ନ କଳ୍ପନାଶକ୍ତି ବିଶିଷ୍ଟ ପ୍ରକାଶକ—ସାହିତ୍ୟର ମାନ ଓ ସାହିତ୍ୟିକର ମର୍ଯ୍ୟାଦା ତଥା ସାହିତ୍ୟସୃଷ୍ଟି ପ୍ରତି ନିଜର କର୍ତ୍ତବ୍ୟ-ପ୍ରତି ଅବହିତ ହେବା ଏକାନ୍ତ ପ୍ରୟୋଜନ । ସାହିତ୍ୟରୁଚି ଓ ପାଠକବର୍ଗମାନଙ୍କର ରୁଚିବୋଧର ଉନ୍ନତି ନିଶ୍ଚୟ କିୟଦଂଶରେ ପ୍ରକାଶକମାନଙ୍କର ପ୍ରଚେଷ୍ଟା ଉପରେ ନିର୍ଭର କରେ । କେହି କହିବ ନାହିଁ

Digitized by srujanika@gmail.com

ଯେ ପ୍ରକାଶକମାନେ ଯଥେଷ୍ଟ ଅର୍ଥ ଉପାର୍ଜନ ନ କରନ୍ତୁ ବା ଦେବାଳିଆ ହୁଅନ୍ତୁ । କିନ୍ତୁ ଉନ୍ନତ, ରୁଚିସଙ୍ଗତ ଓ ବଳିଷ୍ଠ ପ୍ରକାଶନ ପରମ୍ପରା ଯେ ଅର୍ଥ ଉପାର୍ଜନର ଏବଂ ପ୍ରକାଶକ ହିସାବରେ ଖ୍ୟାତି ଓ ପ୍ରତିଷ୍ଠାର ସର୍ବୋତ୍କୃଷ୍ଟ ଉପାୟ ଏହା ସର୍ବପ୍ରଥମେ ସ୍ୱୀକୃତ ହେବ ଉଚିତ । ପାଶ୍ଚାତ୍ୟ ଦେଶମାନଙ୍କରେ ପ୍ରତିଷ୍ଠିତ ପ୍ରକାଶ-ପ୍ରତିଷ୍ଠାନମାନେ ଉଚ୍ଚଖ୍ୟାତି ସଂପନ୍ନ ଲେଖକ ଓ ସାହିତ୍ୟିକଙ୍କୁ ନିଜର ପ୍ରକାଶନ ଉପଦେଷ୍ଟା କରିଥାନ୍ତି । ଏ ପ୍ରସଙ୍ଗରେ ଫେବର ଓ ଫେବର୍ ପ୍ରକାଶନ ସହିତ ଟି: ଏସ: ଇଲିୟଟ୍‌ଙ୍କର ସମ୍ପର୍କ ଅନୁଧ୍ୟେୟ । ସେହିପରି ସେ ଦେଶମାନଙ୍କରେ ପ୍ରତିଷ୍ଠିତ ପୁସ୍ତକାଳୟମାନେ ମଧ୍ୟ ଏବଂ ବିଧି ରୁଚିସମ୍ପନ୍ନ ଓ ଚିନ୍ତାଶୀଳ ପନ୍ଥା ଗ୍ରହଣ କରିଥାନ୍ତି । ଅବଶ୍ୟ ଆମର ପରିବେଶ ଓ ପରିପ୍ରେକ୍ଷୀ ଭିନ୍ନ ଏବଂ ସେଥିରେ ଏତାଦୃଶ ଚିନ୍ତାର ପ୍ରୟୋଗ ହୁଏତ ସଂଭବ ନୁହେଁ । କିନ୍ତୁ ପ୍ରତିଷ୍ଠିତ ପ୍ରକାଶକମାନେ ଏବଂ ବିଧି ଓ ଈଦୃଶ ଦୂରଦୃଷ୍ଟି, ନୂତନ ଦୃଷ୍ଟିଭଙ୍ଗୀ ଓ ପ୍ରଚେଷ୍ଟାରେ ସୂଚନା ଦେବା ଉଚିତ ହେବ । ତା' ନ ହେଲେ ପାଠକ ଯାହା ଗୃହେଁ ଆମେ ତା ପ୍ରକାଶ କରିବୁ" କହି କେବଳ ନିଜକୁ ଠକିବା ହିଁ ସାର ହେବ ।

ବିଶ୍ୱସାହିତ୍ୟର ଅନବଦ୍ୟ ଓ ଚିନ୍ତାପ୍ରସୂତ ମୌଳିକ ଉପନ୍ୟାସ, କବିତା, କ୍ଷୁଦ୍ରଗଳ୍ପ, ପ୍ରବନ୍ଧ ଓ ଆଲୋଚନାର ଓଡ଼ିଆ ଅନୁବାଦ ଓ ତା'ର ପ୍ରକାଶନ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ଏ ଦିଗରେ ମନମୋହନ ପ୍ରତିଷ୍ଠାନର ଏକ ପ୍ରଶଂସାର୍ହ ଅବଦାନ ଅଛି । ଏଲିଅଟ୍, ପାଉଣ୍ଡ, ହ୍ୱିଟ୍‌ମାନ, ଆଁଦ୍ରେ ଜିଦ୍, ହେସ୍, ଇଭାନ୍ ବୁନିନ୍, ଶ', ହାମ୍‌ସୁନ୍, ଲକ୍‌ସନେସ୍, ହେମିଂୱେ, କାମ୍ୟୁ ଇତ୍ୟାଦିଙ୍କର କେତେକ ଗ୍ରନ୍ଥର ଅନୁବାଦ ପ୍ରକାଶନ କରିଛନ୍ତି ମନମୋହନ ପ୍ରତିଷ୍ଠାନ । ଅନୁବାଦ ଏକ ଆୟାସସାଧ୍ୟ ସାହିତ୍ୟ କୃତି । ଅନୁବାଦକ ନିଜେ ଜଣେ

Digitized by srujanika@gmail.com

ସାହିତ୍ୟ ସେବୀ, ଭାଷାଜ୍ଞାନପ୍ରବୀଣ ହେବା ଉଚିତ ଓ ଯେଉଁ ଭାଷାରୁ ଅନୁବାଦ ହେବ ସେ ଭାଷା ଉପରେ ବେଶ୍ ଦଖଲ ରହିବା ଉଚିତ । ସଫଳ ଅନୁବାଦ ଏକ ପ୍ରକାରର ନୂତନ ସାହିତ୍ୟ ସୃଷ୍ଟି; ଏହା କେବଳ ଏକ ମୌଳିକତାହୀନ, ଦ୍ୱିତୀୟ ଶ୍ରେଣୀୟ ସାହିତ୍ୟ କୃତି ନୁହେଁ । ସେ ଦକ୍ଷତା ନ ଥିଲେ ଅନୁବାଦ ଆକ୍ଷରିକ ଅନୁବାଦ, ଅର୍ଥହୀନ ଶବ୍ଦଯୋଜନା ଓ ରୂପ (Pastische)ରେ ପରିଣତ ହୁଏ । ଓଡ଼ିଆରେ ଅନ୍ୟଭାଷାରୁ ସଫଳ ଅନୁବାଦ ଅତି ନଗଣ୍ୟ ଓ ମୁଷ୍ଟିମେୟ । ଏହି ପରିପ୍ରେକ୍ଷୀରେ, ମନମୋହନ ପ୍ରତିଷ୍ଠାନଙ୍କର ସମସ୍ତ ଅନୁବାଦ ଯେ ଆଶାନୁରୂପ ହୋଇଛି ବା ସଫଳକାମ ହୋଇଛି ତା' ନୁହେଁ; କିନ୍ତୁ କାମ ଆରମ୍ଭ ହୋଇଛି । ଏହାକୁ ଅଧିକ ବାଧ୍ୟବଦ୍ଧ, ଅଧିକ ଚିନ୍ତାପ୍ରସୂତ ରୀତିରେ ଯୋଜନା କରିବା ନିତାନ୍ତ ଦରକାର । ପ୍ରକାଶକମାନଙ୍କର ଏ ଦିଗରେ ବିଶେଷ ଚିନ୍ତା ଓ ଅନୁଧ୍ୟାନର ଆବଶ୍ୟକତା ରହିଛି ।

Digitized by srujanika@gmail.com

ମୋହନ ସ୍ମୃତିଶିଳା ଉଦ୍ଦେଶ୍ୟରେ

ଶ୍ରୀ ନଟବର ହରିଚନ୍ଦନ

ଗତ ତା ୨୮ । ୮ । ୬୩ରେ ଏକ ଦିନ ଯାଇଲି ମୋହନବାବୁ ଶଯ୍ୟାଶାୟୀ, ଦେଖିବାକୁ ଆଶା ଥିଲେ ଆସ । କିନ୍ତୁ ମୋ ପୁଅଟିକୁ ଟାଇଫଏଡ୍ ହୋଇଥିବାରୁ ମୋର କଟକ ଯିବା ୨୭ଦିନ ଡେରି ହୋଇଗଲା । ତା ୩୦ । ୮ । ୬୩ରେ ମୋହନ ନିକେତନରେ ପହଞ୍ଚି ପୋଖତ କଳାକାର ଓ କଟକର ସୁନାମଧନ୍ୟ ବରିଷ୍ଠ ବ୍ୟବସାୟୀ ଓ ପୁସ୍ତକ ପ୍ରକାଶକ ଶ୍ରୀ ମୋହନ ଚରଣ ଦାସଙ୍କର ଶେଷାବସ୍ଥା ଉପଲବ୍ଧି କଲି । ମାତ୍ର କଙ୍କାଳ ସାର ଦେହ ଯେପରି ବାକ୍ଶକ୍ତି ହୀନ ହୋଇ ପଡ଼ିଛନ୍ତି ମୋହନବାବୁ । ମୋତେ ସେ ଦେଖିଲେ । ମୁଁ ତାଙ୍କୁ ଦେଖିଲି । ଦୁହିଙ୍କ ଚକ୍ଷୁରୁ ଗଡ଼ିପଡ଼ିଲା ଲୋତକ ବିନ୍ଦୁ । ସେ ମୋତେ ଠାରି କୁଶଳ ସମ୍ବାଦ ପଚାରିଲେ । ମୁଁ ବସି ଗୋଡ଼ ଆଉଁସୁ ଥାଏ । ସେ କେତେ କଥା କହିବାକୁ ଚେଷ୍ଟା କରି କହି ପାରୁ ନ ଥାନ୍ତି । ଦୁଇ ତିନିଦିନ ତାଙ୍କ ନିକଟରେ ରହି ମୁଁ ଫେରି ଆସିଲି ଘରକୁ ।

ଆଜି ଘରେ ବସି ତା ୭ । ୯ । ୬୩ର ସମାଜ ଖୋଲି ଦେଲି ବେଳକୁ ପ୍ରଥମେ ଆଖିରେ ପଡ଼ିଗଲା ମୋହନ ବାବୁଙ୍କ ଫଟୋ । ଯାହା ଦେଖି ଓ ପଢ଼ି ମୁଁ ଶୋକାଭିଭୂତ ହୋଇଗଲି । ରାତ୍ରରେ ଶୋଇଲାବେଳେ ତାଙ୍କର ପବିତ୍ର ସ୍ମୃତି ମୋର ହୃଦୟକୁ ଆନ୍ଦୋଳିତ କଲା । ରାତ୍ର ଅଧରେ ଉଠି ଗୋଟିଏ ଅଖା ବ୍ୟାଗରୁ ବାହାର କଲି ଗତ ୩୪ବର୍ଷରେ ପ୍ରାୟ ପାଞ୍ଚ ଶତାଧିକ ଚିଠି ।

Digitized by srujanika@gmail.com

ହେଥିରୁ କେତେକ ଉପରେ ଦୃଷ୍ଟି ପକାଇଲି । ସେ ସବୁକୁ ବର୍ଣ୍ଣନା କରିବାକୁ ମୁଁ ଅକ୍ଷମ । ଦୁଇ ଏକଟି ଚିଠିର ଅଂଶ ନମୁନାରେ ବର୍ଣ୍ଣନା କଲି :

ତା ୭ । ୫ । ୫୮ କଲିକତା :— ...ଘରୁ ପଇସାଏ ସମସ୍ତେ ଲୁଟିଲେ କମ୍ପାନୀ ମାଲ...

ଆନ୍ତରିକ ଚେଷ୍ଟା କରି ମାସଟିଏ ପରିଶ୍ରମ କଲେ କାମ ଉଦ୍ଧାର ହୋଇ ଯାନ୍ତା—ସେଥିର କାମ ଆପଣଙ୍କ ଛଡ଼ା ଅଚଳ ହେବ......ଏଠାରୁ ମୁଁ ଗଲେ ଏଠା କାମ ଅଚଳ ହେଉଛି.... ଜଗତରେ କାହାକୁ ମୁଁ ବିଶ୍ୱାସ କରିବି ? ଆପଣ ତ ମୋର ପୁଅଙ୍କଠାରୁ ବଳି ସୀ... ।

ମନ:ପଢେ... ଆଜି ମାଲିକ! ସେମିତିକୁ ଆହୁରି କେତେ ଘଟଣା ଯେ ମନେ ପଡ଼ୁଛି ତାହା ସାମାନ୍ୟ ଘଟଣା ହେଲେ ସୁଦ୍ଧା ବର୍ଣ୍ଣନାତୀତ ।

୧୯୫୦ ମସିହାରେ ମୁଁ କଲିକତା ଦୋକାନକୁ ୪ମାସ ପାଇଁ ଯାଇ ଥାଏ । ରାତି ୧୦ଟା ପରେ ଦୋକାନ ବନ୍ଦକରି ମୁଁ କେଶବ୍ ହାତକୁ ବଢ଼ାଇ ଦେଇ ଲକ୍ଷ୍ମୀ ଦୁହିଁଙ୍କ ପାଇଁ ଖାଇବା ବଢ଼ା ହୁଏ । ଦୁହେଁ ଖାଇ ବସୁ । ମା' ଏହା ଦେଖି ତା ହଅ ବୋଲି ବରାଦ କରନ୍ତି । ଖାଉଁସାରି ଥାଳି ଗୋଟାଇ ତଳକୁ ଥୋଇଦବାକୁ ଗଲାବେଳି ମୋହନବାବୁ ମୋ ଥାଳିଟା ମଧ୍ୟ ଉଠାଇ ଏକଠି କରି ତଳକୁ ଥୋଇ ଦିଅନ୍ତି । ମୋତେ ଭାରି ସଙ୍କୋଚ ଲାଗେ । ଏହିପରି ଦୁଇ ତିନିଥର ଘଟିବାରୁ ମୁଁ ଦୂରେଇ ହୋଇ ଖାଇ ବସିବାକୁ ବାଧ୍ୟ ହେଲି ।

ମୁଁ ପ୍ରଥମେ ନୂଆ କରି କଲିକତା ଯାଇ ଥାଏ । ବାଟଘାଟ ସେତେଶ ଚିହ୍ନି ନ ଥାଏ । ମୋତେ ପଠାଇଲେ ସିଆଲ୍ ଦହ

Digitized by srujanika@gmail.com

ମାର୍କେଟକୁ ୨ପୁଞ୍ଜା ପଇଡ଼ ଗଣିବାକୁ । ମୋତେ ଏତେଣ . ଫଠାଇ ଦେଇ ଆଜ୍ଞ ଅପ୍ସ ହୋଇ ରହିଗାଇଲେ ନାହିଁ । କାରଣ ବୋଧ ହୁଏ ମୁଁ କଲକତାରେ ନୂଆ ବୋଲି କ କଣ । ମୁଁ ଦୁଇ ହାତରେ ପଇଡ଼ ଧରି ଆସି ବନ୍ଧୁ ବଜାର ମୋଡ଼ରେ ହେବା କ୍ଷଣି ପଛଆଡ଼ୁ ଆସି ମୋର ଗୋଟାଏ ହାତରୁ ପଇଡ଼ ପୁଞ୍ଜାଟା ନେଇ ଯେଉଁ ମଧୁର ଭର୍ତ୍ସନା କଲେ ତାହା ଆଜି ଯାଏ ମନେଅଛି । କହିଲେ "କିଣ ମୋଟିଆ ମିଳିଲ ନାହିଁ ? ହାତରେ ଓହଳାଇ ଅଣୁଛ ?" ଦୁଇଜଣ ଯାକ ପଇଡ଼ ନେଇ ବସାକୁ ଗଲୁ ।

୧୯୮୯ ମସିହାରେ ମୋତେ ମୁଣ୍ଡବୁଲା ରୋଗ ଧରି ମୁଁ ୯ମାସ କାଳ ଘରେ ପଡ଼ିଥିଲି । ଦିଲ୍ଲୀର ହାମଦର୍ଦ୍ଦ ଦବାଖାନା ଓ କଲିକତାର ବଡ଼ ବଡ଼ କବିରାଜ ଔଷଧ, ତୈଳ, ଘୃତ, ସାଲସା ଇତ୍ୟାଦି କେତେ ପାର୍ଶଲ ଯେ ମୋ ପାଖକୁ ଆସିଛି ତାହା କହି ହେବ ନାହିଁ । ଯେଉଁ ସମବେଦନା ଏବଂ ମୋ ଅନୁପସ୍ଥିତି ଯୋଗୁ ପ୍ରେସର କ୍ଷତି ହେଉଛି ବୋଲି ଚିଠିରେ ଯାହା ଲେଖା ହୋଇ ଆସେ ତାହା ଭୁଲି ହେଉନାହିଁ । ଏଣୁ ୩୦ ବର୍ଷର ଏ ଚିଠିଗୁଡ଼ିକ ପାଣିରେ ଭସେଇ ନ ଦେଇ ସ୍ମୃତି ସ୍ୱରୂପ ମୋର ଶେଷ ଜୀବନର ସାଥି କରି ରଖିଲି ।

କାମ ବିଜ୍ଞାନ ୨ୟ ଓ ୩ୟ ସଙ୍କଳନ ବେଳେ ସେ ଯେପରି ବାତ୍ସ୍ୟାୟନ ମୁଁ ଯେପରି ତାଙ୍କର ଶିଷ୍ୟ । ଜଣେ ମାଲିକ ଓ କର୍ମଚାରୀ ମଧ୍ୟରେ ଯେ ଯୌନ ଚର୍ଚ୍ଚା ସମ୍ବନ୍ଧେ ଏତେ ଖୋଲା ଖୋଲି ଭାବରେ ଆଲୋଚନା ହୋଇ ପାରେ ତାହା କଳ୍ପନାତୀତ । ପୁଣି କହନ୍ତି, ଏହା ଗୋଟିଏ ଶାସ୍ତ୍ର, ଏ ଗୁଡ଼ିକ ବିଷଦ ଭାବରେ ଆଲୋଚନା ନ ହେଲେ ଆଉ ଫଇଦ କରିବ କଣ ? ମୁଁ ସେତେବେଳେ ମନେ କରେ ସେ ଯେପରି ମୋର ଜଣେ ମନପସନ୍ଦ ବନ୍ଧୁ ।

Digitized by srujanika@gmail.com

ଯେ ଗାଳି ଦିଅନ୍ତି, ପୁଅକୁ ପିତା ଯେପରି ଗାଳିଦିଏ, କୌଣସି ବିଷୟରେ ତ୍ରୁଟି କଲେ ରାଗି ଯାଆନ୍ତି କିନ୍ତୁ ତାହା କ୍ଷଣ ସ୍ଥାୟୀ । ମୋହନବାବୁଙ୍କର ସ୍ନେହ ମଧୁର ବ୍ୟବହାର ମୋତେ ଦୀର୍ଘ ୩୦ ବର୍ଷ କାଳ ବାନ୍ଧି ରଖିଥିଲା ।

ଯେଉଁ ଦିନ ଏହି ବନ୍ଧନ ଶିଥିଳ ହେବାର ଆଶଙ୍କା ହେଲା । ସେଇଦିନୁ ମୁଁ ଦୂରେଇ ଆସିଲି ।

ପରିଶେଷରେ ଭଗବାନଙ୍କୁ ପ୍ରାର୍ଥନା ତାଙ୍କ ଅନ୍ତେ ତାଙ୍କର ଉତ୍ତରାଧିକାରୀମାନେ ପିତୃ ଗୌରବକୁ ଅକ୍ଷୁର୍ଣ୍ଣ ରଖି ତାଙ୍କର ସ୍ୱର୍ଗତ ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ ।

Digitized by srujanika@gmail.com

ବାହୁଡ଼ା ଯାତ୍ରା ପର ଚିନ୍ତା

ଶ୍ରୀଧର ମହାପାତ୍ର

ତାଙ୍କ ବାହୁଡ଼ା ଯାତ୍ରା ଆଜି ଦଶ ଦିନ ଥିଲା । ଖବର ପାଇଲି ମୋହନ ବାବୁ ଡାକୁଛନ୍ତି । ସଂଠା ବେଳେ ଯାଇ ପହଞ୍ଚିଲି । ହୁଏତ କଟକର ପ୍ରେସ ଓ ପ୍ରକାଶନ ସଂସ୍ଥାରେ ଉପୁଜିଥିବା କୌଣସି ସମସ୍ୟାର ଆଲୋଚନା ଆବଶ୍ୟକ ହୋଇଥିବ ମନେକଲି । କିନ୍ତୁ ଦେଖି ବିସ୍ମିତ ହେଲି ମୋହନ ବାବୁ ଖଟ ଉପରେ ପ୍ରାୟ ଗୋଟିଏ ଦୁଗ୍ଧ-ପୋଷ୍ୟ ଶିଶୁର ସ୍ଥାନ ଦଖଲ କରି ଶୋଇଲା ଭଳି ଦେଖା ଯାଉଛନ୍ତି ଏବଂ ଜଣେ ଆତ୍ମୀୟ ଶାମୁକାରେ ପାଣି ମିଶା ଦୁଧ ପାଟିରେ ଦେଉଛନ୍ତି । ତିନି ଘୁମର ପରେ ମୁହଁ ବୁଲାଇ କହିଲେ 'ନା ଆଉ ନୁହେଁ' ।

ସହସ୍ର ସଭ୍ୟତା ଭିତରେ ଅନେକ ଗଢ଼ି ଉଠିଛି କିନା, ପଢ଼ଶା ଘରେ କିଏ ଅଛି, କିପରି ଅଛି ଆମର ଜାଣିବା ଆବଶ୍ୟକ ହେଉ ନାହିଁ ବା ଆଗ୍ରହ ଉପୁଜୁ ନାହିଁ । ମୋହନ ବାବୁ ଯେ କିଛି ଦିନ ହେଲା ରୋଗ ଶଯ୍ୟାରେ ପଡ଼ି ବାହୁଡ଼ା ପାଇଁ ପ୍ରସ୍ତୁତ ହେଲେଣି ସେ ଖବର ମୁଁ ପାଇ ନ ଥିଲି । ତେଣୁ ନିଜେ ଲଜ୍ଜା ବୋଧକରି ରୋଗ ଶଯ୍ୟା ପାଖରେ ବସିଲି । ସେ ଅବସ୍ଥାରେ ମଧ୍ୟ ମୋହନ ବାବୁ ହାତ ଯୋଡ଼ି କ୍ଷୀଣ କଣ୍ଠରେ କହିଲେ "ଅଜ୍ଞା ଫେରିବା ସମୟ ହୋଇଗଲା, ବିଦାୟ ନେବା ଉଦ୍ଦେଶ୍ୟରେ ଡାକିଲି" ତାଙ୍କର ବିନୟ ନମ୍ରସ୍ୱର ଟିକିଏ ଭାରାକ୍ରାନ୍ତ ହୋଇ ପଡ଼ିଲା । ମୋର ଚକ୍ଷୁ ଲୋତକ ସିକ୍ତ ହୋଇ ଉଠିଲା ।

ଟିକିଏ ନୀରବ ରହି ସେ ପୁଣି କହିଲେ, 'ବହୁତ କାମ ଖଣ୍ଡିଆ କରି ପକାଇ ରହିଲା । ପୂର୍ଣ୍ଣ ହେବାର ଆଉ ଆଶା ନାହିଁ । ସମୟ ହୋଇଗଲା ।"

Digitized by srujanika@gmail.com

କଟକ ମନମୋହନ ମୁଦ୍ରାଳୟର କର୍ମୀମାନେ
(ବାମଆଡ଼ୁ) ବିଶ୍ୱନାଥ ତ୍ରିପାଠୀ, ବୃନ୍ଦାବନ ପାଢ଼ୀ, ଦଶରଥ ସିଂହ, ପୂର୍ଣ୍ଣଚନ୍ଦ୍ର ସାହୁ ଓ ମାଧବଚରଣ ବେହେରା

Digitized by srujanika@gmail.com

ସୁସ୍ମିତ ହୋଇ କହିଲି । ଆପଣଙ୍କ କାମ ବାକି ରହିଲା କଣ ? ମୁଁ ଯେତେଦୂର ଜାଣେ ଆପଣ ପ୍ରତ୍ୟେକର କାମ ସୁସ୍ଥ ସମ୍ପୂର୍ଣ୍ଣ । ସମାଜର ନିମ୍ନତମ ସ୍ତରରୁ ଉଠି ଯାହା ସବୁ କଲେଣି ତାହା କଣ ସାଧାରଣ ପକ୍ଷେ ସମ୍ଭବ ? ହୁଏତ ଦେଉଳର ପାହାଚରେ ଚୂନ ଦିଆ ସରି ନ ଥିବ ବା କୌଣସି ଗ୍ରନ୍ଥ ଅଧା ଛପା ହୋଇ ରହିଥିବ । ସେଥିପାଇଁ ବ୍ୟଥିତ ହେବେ କାହିଁକି ? କିଏବା କେବେ ଏ ସଂସାର ର କର୍ମ କ୍ଷେତ୍ରରେ ପୋଡ଼ା ପୂର୍ଣ୍ଣଚ୍ଛେଦ ପକାଇ ଯାଇ ପାରିଛି ? ଜୀବନ ଛବ ହତରେ ଅନ୍ୟ ଲୋକ ପୁଣି ସେ ଦାୟିତ୍ୱ ବହନ କରିନେବେ । ଆପଣ ଶାନ୍ତି ଓ ଆତ୍ମତୃପ୍ତି ପାଇବା ଲାଗି ଚେଷ୍ଟା କରନ୍ତୁ । ଏହି କେତେ ପଦ ଆଶ୍ୱାସନା ଦେବା ଛଡ଼ା ଆଉ କିଛି ଉପାୟ ନ ଥିଲା ।

ତାଙ୍କର ସ୍ୱାସ୍ଥ୍ୟ ଏବଂ ଆଧୁନିକ ସାହିତ୍ୟ ଓ ସମାଜ ସମ୍ବନ୍ଧେ କେତେକ ବିଷୟରେ ସାମାନ୍ୟ ଆଲୋଚନା ପରେ ସେ ଟିକିଏ ପ୍ରଫୁଲ୍ଲ ବୋଧ କଲେ ଏବଂ ତାଙ୍କୁ ଆଉ ଅଧିକ ସମୟ କଥାବାର୍ତ୍ତା କରିବାକୁ ବାରଣ କରି ମୁଁ ବିଦାୟ ନେଇଆସିଲି । ଭାବିଥିଲି ପୁଣି ଥରେ ଯାଇ କଥାବାର୍ତ୍ତା ହେବ । କିନ୍ତୁ ଆଉ ସମ୍ଭବ ହେଲା ନାହିଁ । ସେପ୍ଟେମ୍ବର ୬ ତାରିଖ ଦିନ ସେ ହଠାତ୍ ଚାଲିଗଲେ ନିଜର କାର୍ଯ୍ୟକ୍ରମରେ ଶେଷରେ ଗୋଟିଏ ବିରାଟ ବିସ୍ମୟ ଚିହ୍ନ ଯୋଡ଼ି ଦେଇ ।

ମୋହନ ବାବୁଙ୍କ ଜୀବନୀ ଆଲୋଚନା କଲେ ଏହି ବିସ୍ମୟ ଚିହ୍ନଟି ହିଁ ସବୁବେଳେ ଆଖି ଆଗରେ ଦେଖାଦିଏ । ମାସକୁ ଟଙ୍କାଟିଏ ଦରମାରେ କର୍ମ ଜୀବନ ଆରମ୍ଭ କରି ସେ କଟକର ଗୋଟିଏ ବିଶାଳ ସାହିତ୍ୟାନୁଷ୍ଠାନ ପ୍ରତିଷ୍ଠା କରି ପାରିଲେ । ଶିକ୍ଷା ନାହିଁ, — ଧନ ନାହିଁ, — ବୈଭବ ମଧ୍ୟ ନାହିଁ । ତଥାପି ସେ ତାଙ୍କ ଜୀବନରେ ୮୧ ଖଣ୍ଡି ଉପନ୍ୟାସ ୫୦୦ ଖଣ୍ଡି ଜନ ସାହିତ୍ୟ ୧୦୦

Digitized by srujanika@gmail.com

ପୁରାଣ ତା'ଛଡ଼ା ଗୀତା, ବିବିଧ ରତ୍ନ ସଂଗ୍ରହ, ଗୀତଗୋବିନ୍ଦ, କାମ ବିଜ୍ଞାନ ଭଳି ବ୍ୟୟ ସାପେକ୍ଷ ଉପାଦେୟ ଗ୍ରନ୍ଥ ପ୍ରକାଶ କରି ପାରିଲେ । ଏ ଯୁଗର ଶ୍ରେଷ୍ଠ ଔପନ୍ୟାସିକ କାହ୍ନୁ ବାବୁଙ୍କ ସମସ୍ତ ଉପନ୍ୟାସର ସେ ପ୍ରକାଶକ, ତା ଛଡ଼ା କଲିକତା ଓଡ଼ିଆ ସମାଜ ଓ ପ୍ରବାସୀ ଉତ୍କଳ ସମ୍ମିଳନୀରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

ସେ ୧୯୧୮ରେ କଲିକତାରେ ଗୋଟିଏ ପ୍ରେସରେ ସାମାନ୍ୟ କମ୍ପୋଜିଟରର ଭାବେ କାମ ଆରମ୍ଭ କଲେ । ସେତେବେଳେ କଲିକତାରେ ଓଡ଼ିଆଙ୍କ ଦୁରବସ୍ଥା ଆଲୋଚନା ନ କରିବା ଭଲ । ସେହିମାନଙ୍କ ଭିତରେ ମୋହନ ବାବୁ ହେଲେ ଜଣେ ମୁଖ୍ୟ । ତାଙ୍କୁ କେନ୍ଦ୍ର କରି ସେଠାରେ ଓଡ଼ିଆ ଜାତୀୟ ଜୀବନ ଗଠିତ ହେଲା ।

୧୯୨୦ ବେଳକୁ ମୋହନ ବାବୁ ପ୍ରଥମେ କଲିକତାରେ ଗୋଟିଏ ବହି ଦୋକାନ ପ୍ରତିଷ୍ଠା କଲେ । ଯେ କୌଣସି ବୃତ୍ତି ସେ. ସ୍ୱାର୍ଥ ବିଜଡ଼ିତ ଏଥିରେ ଦ୍ୱିରୁକ୍ତି ନାହିଁ । କିନ୍ତୁ ତା ଭିତର ଦେଇ ଦେଶ ବା ଦଶଙ୍କ ଉପକାର ବା ଅପକାର ସାଧିତ ହେଉଛି ତାହାହିଁ ଦେଖିବାର କଥା ।

ମୋହନ ବାବୁ ବହି ଦୋକାନଟିଏ କରି ପ୍ରଥମେ ସଙ୍ଗୀତ 'ପାଚିଲା କଦଳୀ', 'ସଂଗୀତ ଚମ୍ପକହାର', 'ସଂଗୀତ ମନମୋହନ' ଆଦି ଚଟି ବହି ଛାପି ନିଜ କାନ୍ଧରେ ବହି ବୁଜୁଲା ଲଦି କାରଖାନା କୁଲି ଗହଳରେ ବୁଲି ସେ ସବୁ ବିକ୍ରୀ କଲେ ଏବଂ ଯଥେଷ୍ଟ ଲାଭ କଲେ ମଧ୍ୟ । କିନ୍ତୁ ପ୍ରତ୍ୟକ୍ଷରେ ସେ ଯେଉଁ ଜନ ସାହିତ୍ୟର ସୃଷ୍ଟି ଓ ପ୍ରଚାର କଲେ ତଦ୍ୱାରା ନିରକ୍ଷର କୁଲି ଘରେ ବା ନୈଶବିଦ୍ୟାଳୟରେ ଅ ଆ, କ ଖ ଶିଖିବାକୁ ଆଗ୍ରହୀ ହେଲା ଏବଂ ସଙ୍ଗୀତ ପାଚିଲା କଦଳୀଟିଏ କିଣି ପକେଟରେ ଧରି ଗାଁକୁ ଆସିଲା ।

Digitized by srujanika@gmail.com

ମୋହନ ବାବୁଙ୍କ ଦ୍ୱାରା ଏହି ଯେଉଁ ଗ୍ରନ୍ଥପ୍ରୟାସରେ ପ୍ରୌଢ଼ଶିକ୍ଷା ଆରମ୍ଭ ହେଲା ତାହା ବର୍ତ୍ତମାନ ସୁଦ୍ଧା ଅଧିକ ଉତ୍ସାହର ସହିତ ସେଠାରେ ଚାଲିଛି । ମାତ୍ର ସେତେବେଳର ସେ ପାଠକ ଆଜି "ସଂଗୀତ ଚମତ୍କାର"ରେ କେବଳ ସନ୍ତୁଷ୍ଟ ନୁହେଁ ବା ରାମାୟଣ ମହାଭାରତ ପଢ଼ି ତନ୍ମୟ ନୁହେଁ । ସେ ଆଜି କାହ୍ନୁଚରଣ ମହାନ୍ତିଙ୍କ "ଶବରୀ" ବହି ଧରିଲାଣି ବା "କା" ବହି ଖୋଜିଲାଣି । ଫଳରେ ଏହି ପ୍ରଚେଷ୍ଟା ଦ୍ୱାରା ଯେ କୌଣସି ଓଡ଼ିଆ ଉପନ୍ୟାସର କାଟତି କଟକ ବଜାର ଅପେକ୍ଷା କଲିକତା ବଜାରରେ ଅଧିକ ହୋଇ-ପଡ଼ୁଛି ।

ଓଡ଼ିଶାରେ ବ୍ୟବସାୟ ସୂତ୍ରରେ ପ୍ରକାଶନ ସଂସ୍ଥାର ଆରମ୍ଭ ମାତ୍ର ପଚିଶ ବର୍ଷ ତଳର କଥା । ସୁତରାଂ କହିବା ବାହୁଲ୍ୟ ଯେ ଏହି ସଂସ୍ଥାର ମୂଳ ପତ୍ତନରେ ମୋହନ ବାବୁଙ୍କ ହାତ ଯଥେଷ୍ଟ କାମ କରିଛି ଏବଂ ଏହାର ଇତିହାସ ଲେଖାଗଲେ ସେଥିରେ ମୋହନ ବାବୁଙ୍କ ଭୂମିକା ସର୍ବାଗ୍ରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବ ।

Digitized by srujanika@gmail.com

ଦୁର୍ଗା ସପ୍ତଶତୀ ସଂଶୋଧକଙ୍କ ଦୃଷ୍ଟିରେ ୰ ମୋହନ ଚରଣ ଦାସ

•

ଶ୍ରୀ ଇନ୍ଦ୍ରମଣି ମିଶ୍ର
(ପୋଷ୍ଟମାଷ୍ଟର, ଡାନପୁର, କଟକ)

ଓଡ଼ିଶାର ଜଣେ ଉଚ୍ଚକୋଟୀର ବୁଦ୍ଧିମାନ ବ୍ୟକ୍ତି ଶ୍ରୀ ମୋହନ ଚରଣ ଦାସ ଗତ ତା ୭·୯-୭୩ ଶୁଖ ସକାଳ ୭ଟା ବେଳେ ପରଲୋକ ହୋଇ ଯାଇଥିବା ସମ୍ବାଦ ଖବର କାଗଜମାନଙ୍କରୁ ଦେଖିଲି, ଏହା ମୋ ହୃଦୟରେ ଗମ୍ଭୀର ଶୋକର ଗ୍ରନ୍ଥୀ ଖେଳାଇ ଦେଲା । ଗତ ୭-୫-୭୩ରେ ମୋର ଜଣେ ପୁତ୍ର ଶରତ କୁମାର ମିଶ୍ର କଟକ ମେଡ଼ିକାଲରେ ଅମ୍ଭମାନଙ୍କୁ ଶୋକ ସାଗରରେ ଭସାଇ ଦେଇ ଶେଷ ନିଶ୍ୱାସ ତ୍ୟାଗ କରିଥିବାରୁ ମୋହନବାବୁ ଶୁଣି କେତେଥର ମୋତେ ସାକ୍ଷାତ ପ୍ରାର୍ଥୀ ପତ୍ରେ ଚିଠି ଲେଖିଥିଲେ । ମାତ୍ର ପୁତ୍ରହରା ପିତା ଶୋକାଭିଭୂତରେ ଥାଇ ତାଙ୍କ ଶେଷ ଜୀବନ କାଳ ଭିତରେ ଦେଖା କରି ନ ପାରିବାର ଅବଶୋଷ ଚିରଦିନ ପାଇଁ ରହିଗଲା । ଯେଉଁ ୭ ତାରିଖରେ ମୋହନବାବୁଙ୍କର ମହାପ୍ରସ୍ଥାଣ ତାହା ପୂର୍ବଦିନ ତାଙ୍କ ମନମୋହନ ପ୍ରେସର ଜଣେ ବିଶ୍ୱସ୍ତ କର୍ମଚାରୀ ଶ୍ରୀ ବୃନ୍ଦାବନ ସାହୁ ମୋତେ ଚିଠି ଲେଖିଥିଲେ "ପ୍ରୋପ୍ରାଇଟର ମହାଶୟ ରୋଗ ଶଯ୍ୟାରେ—ଭଲ ମନ୍ଦ ପ୍ରଭୁଙ୍କ ହାତରେ", ପ୍ରବଳ ଇଚ୍ଛା କଲି କଟକ ଯାଇ ଥରେ ଦେଖା କରିବି । ମାତ୍ର ମୁଁ ଜଣେ ଡାକ ବିଭାଗୀୟ ଏକସ୍ଥା ଡିପାର୍ଟମେଣ୍ଟ କର୍ମଚାରୀ । ନିଜ ଦାୟିତ୍ୱରେ ଛୁଟି ନେବାର ଅଧିକାର ଅଛି । ତଥାପି ଯାହାଙ୍କୁ ଚାର୍ଜ ଦେବି ତାଙ୍କୁ ଡାକ ଛୁଟି ଦରଖାସ୍ତରେ ତାଙ୍କ ଠାରୁ ଦସ୍ତଖତ ଆଣି ବିଭାଗୀୟ ଇନସପେକ୍ଟରଙ୍କୁ ଜଣାଇବା ସଙ୍ଗେ ସଙ୍ଗେ ଖବର କାଗଜରୁ ଏହି ଦାରୁଣ ସମ୍ବାଦରେ ଅଭିଭୂତ ହୋଇ ପଡ଼ିଲି । ତଥାପି ତାଙ୍କ ପରିବାର ବର୍ଗଙ୍କ ସଙ୍ଗରେ ଦେଖା କରି ସାନ୍ତ୍ୱନା ଦେବା କର୍ତ୍ତବ୍ୟରେ କଟକ ଆସିଲି । ବଡ଼ପୁଅ ପ୍ରଫୁଲ୍ଲ ବାବୁଙ୍କୁ ଦେଖାକଲି ।

Digitized by srujanika@gmail.com

ଭାରତର ରାଷ୍ଟ୍ରପତି ଶ୍ରୀ ରାଧାକୃଷ୍ଣନ ଲେଖିଥିବା ଚିଠି ଦେଖିଲି ଲେଖା । ଅଛି “ଧନ ଜୀବନ କ୍ଷଣସ୍ଥାୟୀ । ଏହାକୁ ଦୃଷ୍ଟି ଦେଇ ସତ୍‌ମାର୍ଗରେ ଚଳିବାକୁ ପଡ଼ିବ । ତୁମ ପିତା ନିଶ୍ଚୟ ଜାଣିଥିବେ ଯେ, ଆମେ ସଂସାରକୁ ଆସିଥାଉଁ ପରକୁ ସାହାଯ୍ୟ ଓ ପରର ସେବା କରିବା ଲାଗି ।” ତାହାପରେ ସ୍ୱାମୀ ଶିବାନନ୍ଦ ସରସ୍ୱତୀ ପ୍ରଫୁଲ୍ଲ ବାବୁଙ୍କୁ ଲେଖିଥିଲେ “ଆସନ୍ତା ସେପ୍ଟେମ୍ବର ମାସର ପ୍ରଥମରେ ତୁମର କିଛି ନା କିଛି ପରିବର୍ତ୍ତନ ହେବ ।” ସ୍ୱାମୀ ଶିବାନନ୍ଦ ଆଉ ଇହ ଜଗତରେ ନାହାନ୍ତି ମାତ୍ର ଲେଖାଟି ଅଛି ଓ ଚିରଦିନ ରହିଥିବ । ଏହି ପରିବର୍ତ୍ତନରେ ଜୀବନରେ ଯେ ଭୟଙ୍କର ଦାୟିତ୍ୱ ଗ୍ରହଣ ଏହା ପ୍ରଫୁଲ୍ଲ ବାବୁ ବୁଝି ପାରି ନ ଥିଲେ । ବର୍ତ୍ତମାନ ସଂସାରର ସମସ୍ତ ଦାୟିତ୍ୱ ଗ୍ରହଣ ତାଙ୍କ ଉପରେ ପଡ଼ିଲା । ସେ ଅବିବାହିତ, ତାଙ୍କର ମାତା ସୁଭଦ୍ରା ଦେବୀ ଜୀବିତ । ଆଉ ଗୋଟିଏ କନିଷ୍ଠ ଭାଇ ଅଛନ୍ତି, ତାଙ୍କ ନାମ ଅଜିତ । ତାହାପରେ ସ୍ୱ ମା କ୍ଷେତ୍ରମଣୀଙ୍କର କମଳା ଓ କାଶୀନାଥ ନାମରେ ୨ଟି ପୁଅ । କମଳା ଏକମାତ୍ର ବିବାହିତ । ତେଣୁ ସେ ପିତାଙ୍କର ଅନ୍ତ୍ୟେଷ୍ଟି କାର୍ଯ୍ୟାବଳୀ ଭାର ନେଇଛନ୍ତି ।

ମୋହନ ଚରଣ ବାବୁଙ୍କ ସଙ୍ଗରେ ମୋର ପରିଚୟ ପ୍ରାୟ ଗତ ୨୦ ବର୍ଷରୁ ଊର୍ଦ୍ଧ୍ୱ ହେବ । ତାଙ୍କ ସ୍ଥାପିତ ମନମୋହନ ପ୍ରେସ ଓ ପୁସ୍ତକାଳୟର ଖଣ୍ଡିଏ ଚଣ୍ଡୀ ମୋର ହସ୍ତଗତ ହେଲା । ତାହା ପଢ଼ି ଦେଖିଲି ଅନେକ ଅଶୁଦ୍ଧତା ରହିଅଛି । ତେଣୁ ପ୍ରଥମେ ଚିଠିଟିଏ ଲେଖିଲି “ଅଶୁଦ୍ଧ ଚଣ୍ଡୀ ପାଠେନ ଗ୍ରହଣସ୍ୟ କୁଲକ୍ଷୟଃ” । ତେଣୁ ଆମୂଳଚୂଳ ପରିବର୍ତ୍ତନ ଦରକାର । ତାପରେ ଉତ୍ତର ମିଳିଲା “ପାଣ୍ଡୁଲିପି ସଂଶୋଧନ କରି ପଠାଇ ଦିଅନ୍ତୁ । କିଛିଦିନ ପରେ ଗୋଟିଏ ଲେଖା ପଠାଇଦେଲି । ତାହାର ନିର୍ଭର ରହିଲା “ତତ୍‌କାଳୀନ ପ୍ରେସ ମ୍ୟାନେଜର ଶ୍ରୀ ବାସୁଦେବ ନାୟକ ଓ ବନ୍ଧୁ ଓକିଲ ଶ୍ରୀ ଲଲିତ ନଗେନ୍ଦ୍ର କୁମାର ରାୟଙ୍କ ଠାରେ ।” ସେମାନେ କଣ ଦେଖିଲେ କେଜାଣି ପଣ୍ଡିତ ପରୀକ୍ଷିତ ଦାଶ ଶର୍ମାଙ୍କ ନିକଟ ପ୍ରଥମ ରଘୁନାଥ ମିଶ୍ରଙ୍କ ଦ୍ୱାରା ଛପା ଚଣ୍ଡୀ ବହିଟି ସହିତ ମୋର ପାଣ୍ଡୁଲିପିଟି ପଠାଇ ଦେଲେ । ଉତ୍ତର ଆସିଲା କୁଆଡ଼େ ଉଭୟ ଠିକ ।” ତାପରେ ମୋର

Digitized by srujanika@gmail.com

ନିର୍ଦ୍ଦେଶମତେ ସମ୍ପୂର୍ଣ୍ଣ ଯୋଗ ନ କରି କେତେକ ବିଷୟ ରଖି ପ୍ରକାଶ କରି ଦେଲେ । ପ୍ରଫୁଲ୍ଲ ବାବୁ ସେ ସମୟରେ ପ୍ରେସର କେତେକ ଭାର ଗ୍ରହଣ କରିଥିଲେହେଁ ପିତାଙ୍କର ପ୍ରିୟ ମ୍ୟାନେଜର ଶ୍ରୀ ବାସୁଦେବ ନାୟକ ଓ ଲଲକଙ୍କ ମନ୍ତ୍ରରେ ବାଧା ଦେବାଭଳି ଶକ୍ତି ବା ସାହସ ତାଙ୍କର ନଥିଲା । ବେଶ୍ ଯେଉଁପରି ଚଣ୍ଡୀଟି ବାହାରିଲା । ସେଥିରେ ପଣ୍ଡିତ ଦେବନାଥ ମିଶ୍ର, ପଣ୍ଡିତ ପରୀକ୍ଷିତ ଦାଶ ଶର୍ମାଙ୍କ ସହିତ ମୋର ନାମ ଇନ୍ଦ୍ରମଣି ମିଶ୍ରଙ୍କ ଦ୍ୱାରା ସଂଗୃହୀତ ଓ ସଂଶୋଧିତ ବୋଲି ଲେଖା ରହିଲା । ମାତ୍ର ତାହା 'ଯଥାପୂର୍ବଂ ତଥାପରଂ ଭଳି ଅଶୁଦ୍ଧତା ରହିଗଲା । କିଛିଦିନ ପରେ କଲିକତା ଯାଇଁ ମୋହନ ବାବୁଙ୍କୁ ଦେଖା କରିଥିଲି । ତାହା ଭିତରେ ଅରୁଣୋଦୟ ପ୍ରେସର ଗୋଟିଏ କେବଳ ମୂଳ ସଂସ୍କୃତ ଶ୍ରେଷ୍ଠ ଚଣ୍ଡୀ ବହିଟି ଦେଖିଲି, ସେଥିରେ ଲେଖାଥିଲା ସମ୍ପୂର୍ଣ୍ଣ ୬୭ ଆଖ୍ୟାନ ଚଣ୍ଡୀ ।" ୬୭ ଆଖ୍ୟାନ ଚଣ୍ଡୀ କଣ ବୋଲି ଅନୁସନ୍ଧାନ କରିବାକୁ ଲାଗିଲି । ୧୯୪୮ ମସିହାରେ ପୋଷ୍ଟାଲ୍ ଏକାଷ୍ଟ୍ରା ଡିପାର୍ଟମେଣ୍ଟ କର୍ମଚାରୀ ସଂଘର ସଭାରେ ଡେଲିଗେଟ ହିସାବରେ ଗୋରଖ-ପୁରକୁ ଯାଇଁ ସେଠାରେ ଗୀତା ପ୍ରେସରୁ ଦୁର୍ଗାସପ୍ତଶତୀ ବହିଟି ଆଣି ଏହି ୬୭ ଆଖ୍ୟାନ ଚଣ୍ଡୀ କଥା ଉତ୍ଥାପନ କଲି । ମାତ୍ର ସେମାନଙ୍କୁ ଜଣାନାହିଁ ବୋଲି ଉତ୍ତର ମିଳିଲା । ତାହାପରେ କାଶୀ ପିଠରେ ଅନ୍ନପୂର୍ଣ୍ଣା ମନ୍ଦିର ପଣ୍ଡିତ ମଣ୍ଡଳୀ ଓ ଚଣ୍ଡୀ ପାଠକଙ୍କ ନିକଟରୁ ମଧ୍ୟ ତଦ୍ରୂପ ଉତ୍ତର ପାଇ ଫେରିଲି । ଅନନ୍ତର କଳାହାଣ୍ଡିର ରାଜଧାନୀ ଭବାନୀ ପାଟଣା ହାଇସ୍କୁଲର ସହକାରୀ ଶିକ୍ଷକ ପଣ୍ଡିତ ଶ୍ରୀ ଗଣେଶ୍ୱର ରଥ (ଯେ କି ଚଣ୍ଡୀ ବିଧାନ ପଦ୍ଧତି) ଲେଖିଛନ୍ତି, ତାଙ୍କୁ ସାକ୍ଷାତ କଲି । ସେ ମହାଶୟ ସେହିଭଳି ଉତ୍ତର ଦେଲେ । ସେଠାରୁ ସମ୍ବଲପୁର ସମଲେଇ ପିଠ, କାକଟପୁରର ମଙ୍ଗଳା ପିଠ, ଝଙ୍କଡ଼ ଶାରଳା ପିଠ, ପୁରୀ ବିମଳା ପିଠ ଓ ଭୁବନେଶ୍ୱର ଗୌରୀ ପିଠ ପ୍ରଭୃତିରୁ କିଛି ସନ୍ଧାନ ନପାଇ କଲିକତାର କାଳୀ ମନ୍ଦିରରୁ ମଧ୍ୟ କିଛି ପାଇଲି ନାହିଁ । ଶେଷରେ କଟକ ଜିଲ୍ଲା ମହାଙ୍ଗା ଗ୍ରାମ ବିଦ୍ୟାଧର ଷଡ଼ଙ୍ଗୀଙ୍କ ଘରୁ ସିଂହଭୂମର ଖଣ୍ଡିଏ ତାଳପତ୍ର ପୋଥି ପାଇ ତହିଁରୁ ମୁକ୍ତ ଶାପୋ-ଦ୍ଧାର ସ୍ତୋତ୍ରରେ ଦେଖିଲି—

Digitized by srujanika@gmail.com

"ଅର୍ଗଳ କୀଳକ ଚୈବ ତନ୍ତ୍ରପ୍ରାନ୍ତେ କବଚଂ ପଠେତ୍
ପଠେତ୍ ସପ୍ତଶତୀ ପଶ୍ଚାତ୍ ପଞ୍ଚସୂକ୍ତ ତଦନନ୍ତରଂ
ଦୁର୍ଗା ପଞ୍ଚାଙ୍ଗ ପ୍ରାନ୍ତେ ହାସ୍ୟ ରହସ୍ୟ ତ୍ରୟଂ ଚ
ତତ୍ପ୍ରାନ୍ତେଚ ପଠେତ୍ ସ୍ତୋତ୍ର ସପ୍ତୋକ୍ତ ଶାପ ମୋଚନଂ
ତତ୍ ପ୍ରାନ୍ତେଚ ଜପଂ କୁର୍ଯାତ୍ ମନ୍ତ୍ର କାର୍ଯାଣି ସାଧଯେତ ।"

ଏଥିରୁ ମହାକାଳୀ ସୂକ୍ତ, ମହାଲକ୍ଷ୍ମୀ ସୂକ୍ତ, ମହାସରସ୍ୱତୀ ସୂକ୍ତ ସହିତ ଶ୍ରୀକୃଷ୍ଣ ଷୋଡ଼ଶାକ୍ଷରସ୍ତୋତ୍ର ନକଲ କରି ଆଣି ପୁରୀ ମୁକ୍ତିମଣ୍ଡପ ସଭାର ସଭାପତି ପଣ୍ଡିତ ଆନନ୍ଦ ଚନ୍ଦ୍ର ମିଶ୍ରଙ୍କ ନିକଟ ଯାଇ ସଂଶୋଧନ କରିବାକୁ ଅନୁରୋଧ କରନ୍ତେ ଉତ୍ତର ପାଇଲି "ସୂକ୍ତଗୁଡ଼ିକ ବେଦର । ଅନ୍ୟତ୍ର କୁତ୍ରୁ ବେଦବିଦ୍ୟାଳୟସ୍ଥ ପଣ୍ଡିତଙ୍କୁ ଦେଖାନ୍ତୁ । ତାଙ୍କ ଉକ୍ତିରୁ ପୁରୀ ବେଦ-ବିଦ୍ୟାଳୟସ୍ଥ ପଣ୍ଡିତ ଶ୍ରୀ କାଶୀନାଥ କର ଶର୍ମାଙ୍କ ସହିତ କଥୋପକଥନ କରି ସୂକ୍ତଗୁଡ଼ିକ ଲେଖି ସଂଶୋଧନ କରିଦେବାକୁ ବାରମ୍ବାର ଚିଠି ଲେଖି ଏବଂ ଦେଖା କରି ମଧ୍ୟ ଅଦ୍ୟ ପର୍ଯ୍ୟନ୍ତ ଫେରି ପାଇଲି ନାହିଁ ।

ଗତ କେତେ ଦିନ ତଳେ ପ୍ରାୟ ୧୯୭୨ ମସିହାରେ ପ୍ରୋକ୍ତ ମନମୋହନ ମୁଦ୍ରାକାଳୟର କର୍ମଚାରୀ ଶ୍ରୀ ବୃନ୍ଦାବନ ବାବୁଙ୍କଠାରୁ ଏହି ଏ ଚିଠି ପାଇଲି । "ମହାଶୟ ! ଆମ ପ୍ରେସର ଚଣ୍ଡୀ ଶେଷ ହୋଇ ଯାଇଛି । ଆପଣଙ୍କ ନିର୍ଦ୍ଦେଶ-ମତେ ପ୍ରୋପ୍ରାଇଟର ମୋହନ ଚରଣ ବାବୁଙ୍କର ବହି ଛାପିବାକୁ ଖାରି ଇଚ୍ଛା, ଶୀଘ୍ର ପାଣ୍ଡୁଲିପି ପଠାନ୍ତୁ ଏବଂ କଟକରେ ତାଙ୍କୁ ଦେଖା କରନ୍ତୁ ।" ତାହା ପରେ କଟକ ଆସି ଯେଉଁଠାରେ ମୋହନ ଚରଣ ବାବୁ ପ୍ରଥମେ ୨ଟଙ୍କାରେ କମ୍ପୋଜିଟର ରହି କାମ କରିଥିଲେ ସେହି ସ୍ଥାନଟି 'ମୋହନ ନିକେତନ' ନାମରେ ତାଙ୍କର ସମ୍ପତ୍ତି ଅଧିକାରରେ ଅଛି ସେଠାରେ ମା' କନକ ଦୁର୍ଗା ଓ ବିଷ୍ଣୁ ମନ୍ଦିର ପ୍ରଭୃତି ସ୍ଥାପନ ହୋଇଅଛି ଅଧିକନ୍ତୁ ମଧ୍ୟ ସେଠାରେ ଟାଇପ ଫାଉଣ୍ଡ୍ରୀ ସହ ପ୍ରେସ କାମମାନ ଚାଲୁଅଛି । ଏହିଠାରେ ମୋହନ ବାବୁଙ୍କର ଦେଖାହେଲା । ସମ୍ପୂର୍ଣ୍ଣ ୨୭ ଅଧ୍ୟାୟ ଚଣ୍ଡୀ ପ୍ରକାଶ କରିବାକୁ ମା ଭଗବତୀଙ୍କ କୃପାରୁ ତାଙ୍କର ନିର୍ଦ୍ଦେଶ ରହିଲା । ଅଧିକା କୁହାଗଲା "ଅର୍ଗଳକୀଳକ କବଚ ଓ ସପ୍ତଶତୀ ରହସ୍ୟ ତ୍ରୟ ଚଣ୍ଡୀର ଷଡ଼ଙ୍ଗ ସହିତ ଯାବତୀୟ ମୂଳ ସଂସ୍କୃତ

ସୂତ୍ରକୁ ସରଳ ଓଡ଼ିଆ ଭାଷାରେ ଅନୁବାଦ ହୋଇ ରହୁ । ତହିଁ ଉତ୍ତାରୁ ଚଣ୍ଡୀ ସପ୍ତଶତୀର ଉତ୍ପତ୍ତି କେଉଁଠୁ ଅନୁସନ୍ଧାନ କରିବାକୁ ଉଦ୍ୟତ ହେଲି । ଘରେ ଥିବା ମାର୍କଣ୍ଡେୟ ପୁରାଣ ଅନ୍ତର୍ଗତ ୮୧ ଅଧ୍ୟାୟଠାରୁ ୯୩ ଅଧ୍ୟାୟ ପର୍ଯ୍ୟନ୍ତ ଦେବୀ ମାହାତ୍ମ୍ୟ ଦେଖି ତାହା କିପରି କେଉଁଠୁ ଆରମ୍ଭ ହୋଇଛି ଲେଖିବାକୁ ଆରମ୍ଭ କଲି । କାତ୍ୟାୟନୀ ତନ୍ତ୍ର ଅନୁସାରେ ୫୭୮ ଶ୍ଲୋକ କିପରି ୭୦୦ ମନ୍ତ୍ରରେ ପରିଣତ ହୋଇଛି ଇତ୍ୟାଦି ବିଷୟ ସଂଗ୍ରହ କରି ସରଳ ଅନୁବାଦ କରିବାକୁ ସାହାଯ୍ୟକାରୀରୂପେ ମୋର କନିଷ୍ଠ ପୁତ୍ର ଶରତକୁମାର ମିଶ୍ର ବି. ଏ. ଏବଂ ପୁତ୍ରବଧୂ ଶ୍ରୀମତୀ ଉଷାରାଣୀ ମିଶ୍ର ବି.ଏ.ଙ୍କ ସହାୟତାରେ ପାଣ୍ଡୁଲିପିଟି ଆଣି ତାଙ୍କୁ ଦେଲି । ୨୪ ଫର୍ମା ଦେଖିଛି କି ନାହିଁ ଏହି ଶରତକୁମାରର ପେଟରୋଗ ଆରମ୍ଭ ହେଲା । ତାକୁ କଟକ ମେଡ଼ିକାଲରେ ରଖାଇ ଶେଷରେ ଗତ ୭-୫-୭୩ରେ ହରାଇ ଆଉ କୌଣସି କାମରେ ମନ ଲାଗିଲା ନାହିଁ । ଏହା ଭିତରେ ଶୀଘ୍ର ଶୀଘ୍ର ଦୁର୍ଗା ସପ୍ତଶତୀ ଚଣ୍ଡୀ ଛାପିବାକୁ ମୋହନବାବୁଙ୍କର ନିର୍ଦ୍ଦେଶ ରହିଲା । ଗତ ଜୁନ୍ ମାସରୁ ତାଙ୍କର ରୋଗ ଆରମ୍ଭ ହେଲେ ମଧ୍ୟ ସେ ବିଶେଷ ଆଗ୍ରହୀ ହେଲେ କିପରି ବହିଟି ଶୀଘ୍ର ଛପା ଶେଷହେବ । ମା’ କୃପାମୟୀର ଇଚ୍ଛା ଥିଲା ବୋଧହୁଏ ମୋହନବାବୁଙ୍କ ଦ୍ୱାରା ତାଙ୍କ ମାହାତ୍ମ୍ୟ ଶୀଘ୍ର ପ୍ରକାଶ ହେଉ । ତେଣୁ ଖୁବ୍ କମ୍ ସମୟ ଭିତରେ ଶେଷ କରିବାକୁ ଶ୍ରୀ ବିଶ୍ୱନାଥ ତ୍ରିପାଠୀ ଓ ଉପସ୍ଥିତ ପ୍ରେସ ମ୍ୟାନେଜର ମକରଧ୍ୱଜ ପଣ୍ଡା ଯତ୍ପରୋନାସ୍ତି ଚେଷ୍ଟା କଲେ । ଶେଷରେ ଗହ୍ମା ପୂର୍ଣ୍ଣିମୀ ଦିନରେ ପ୍ରକାଶ ପାଇ ବିକ୍ରି ଆରମ୍ଭ ହେଲା । ତାହାପରେ ନିଜେ ମୋହନବାବୁ ବହିର ଲେଖାମତେ ୫ ଦିନ କାଳ ଚଣ୍ଡୀ ଆବୃତ୍ତି କରାଇ ଶୁଣିଛନ୍ତି ବୋଲି ଶୁଣିଲି ।

ମୋହନବାବୁ ବେଶି ପାଠପଢ଼ି ନ ଥିଲେ । ସାମାନ୍ୟ ପ୍ରାଇମେରି ଜ୍ଞାନରୁ କମ୍ପୋଜିଟରରୁ ଟ ୨୲ଙ୍କାରେ ଚାକିରି କରି ଚଳି ନ ପାରି, କଲିକତାକୁ ଗଲେ । ସେଠାରେ ପ୍ରଥମେ ଟ ୫୲ଙ୍କା ତାହାପରେ ଟ ୧୦୲ଙ୍କା ଓ ପରେ ଟ ୧୫୲ଙ୍କାରେ ଚାକିରି କରିଥିଲେହେଁ ଘରସଂସାର ଚଳାଇବାକୁ ସେତେବେଳେ ସେ ସକ୍ଷମ ହୋଇ ପାରି ନ ଥିଲେ । ତାହାପରେ

Digitized by srujanika@gmail.com

ଭଗବତୀଙ୍କ ପ୍ରେରଣାରେ କଲିକତାରେ ବହିଦୋକାନଟି ସାଙ୍ଗକୁ ନିଜଘରେ ପ୍ରେସ ଓ ପୁସ୍ତକାଳୟ ମାନଙ୍କର ପୈତୃକ କବିରାଜ ବ୍ୟବସାୟର ଅନେକ ଔଷଧମାନ ନିଜେ ପ୍ରସ୍ତୁତକରି ବ୍ୟବସାୟ କରିପାରୁ ଥିଲେ । ନିଜର ପାଣ୍ଡିତ୍ୟତା ବଢ଼ାଇ ଅନେକ ପୁସ୍ତକ ଲେଖି ପ୍ରକାଶ ମଧ୍ୟ କରିଛନ୍ତି । ଏଭଳି ଜଣେ ସାମାନ୍ୟ ଶିକ୍ଷିତ ଲୋକ ପକ୍ଷରେ କାହିଁ ଏତେ ବଡ଼କଥା ସମ୍ଭବ ତାହା ସେହି ଭଗବତୀଙ୍କ କୃପାରୁ ମୋହନଚରଣ ବାବୁଙ୍କ ଠାରେ ପରିଲକ୍ଷିତ ହୋଇଅଛି । ମା' କନକ ଦୁର୍ଗାଙ୍କର ଶରତକାଳୀନ ଓ ବସନ୍ତ-କାଳୀନ ଉଭୟ ପୂଜା ଅନୁଷ୍ଠାନ ସହିତ ଅନ୍ୟ କେତେ ଧର୍ମ ଅନୁଷ୍ଠାନ ଦରିଦ୍ର ଭୋଜନ ସହ କେତେ ଓଡ଼ିଆ ଅନୁଷ୍ଠାନକୁ ତାଙ୍କର ମହତ ଦାନ ଦେବା ଓଡ଼ିଆ ଜାତି ଭିତରେ ଖୁବ୍ ବିରଳ । "ଧନ ଅର୍ଜନେ ଧର୍ମକରି ଧର୍ମେ ବ୍ୟୟିତ କରହରି" ଏହା ତାଙ୍କଠାରେହିଁ ଦେଖିବାକୁ ମିଳୁଥିଲା । ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ ଭଳି ତାଙ୍କର ଚାରିଗୋଟି ପୁଅଙ୍କ ମଧ୍ୟରେ ପରସ୍ପର ସହଯୋଗ ରହି ଉତ୍ତରୋତ୍ତର ବଂଶର ଗୌରବ ଓ ମର୍ଯ୍ୟାଦା ବୃଦ୍ଧି ପ୍ରାପ୍ତ ହେଉ ପ୍ରେସ କାମ ସହିତ ପୁସ୍ତକ ଦୋକାନ ଏବଂ କବିରାଜ ଔଷଧ ପ୍ରସ୍ତୁତ ଇତ୍ୟାଦି କରିବାକୁ ଭଗବାନ୍ ସେମାନଙ୍କୁ ପ୍ରେରଣା ଓ ଉତ୍ସାହ ଦିଅନ୍ତୁ । ଏହାହିଁ ମୋର କାମନା । ଶେଷରେ ପ୍ରଫୁଲ୍ଲବାବୁଙ୍କ ରଚନାବଳି ଉପନ୍ୟାସ ଓ ଅନ୍ୟାନ୍ୟ ପୁସ୍ତକ ଏବଂ କ୍ଷେତ୍ରମଣି ଦେବୀଙ୍କ ନାମର ବୃହତ୍ତର ଗୀତା ସଙ୍ଗକୁ ଅନ୍ୟାନ୍ୟ ପୁସ୍ତକଗୁଡ଼ିକ ଓଡ଼ିଆ ଜାତି ଭିତରେ ଆଦର ଗ୍ରହଣ କରୁ ଏହାହିଁ ଶେଷରେ ମୋର କନକ ଦୁର୍ଗା, ଭଗବତୀ ଏବଂ ଭଗବାନଙ୍କ ନିକଟରେ ପ୍ରାର୍ଥନା ।

Digitized by srujanika@gmail.com

ଔପନ୍ୟାସିକ କମଳାକାନ୍ତ

ପ୍ରିୟ ପ୍ରଫୁଲ୍ଲ ବାବୁ :

ଆପଣଙ୍କ ପତ୍ରଖଣ୍ଡିକ ପାଇବା ପୂର୍ବରୁ ଖବରକାଗଜରେ ମୋହନବାବୁଙ୍କ ତିରୋଧାନ ବିଷୟ ପାଠକରି ଅତ୍ୟନ୍ତ ବ୍ୟଥିତ ହୋଇଥିଲି । ମୋହନବାବୁ ଜଣେ କର୍ମଯୋଗୀ ଥିଲେ ଏବଂ ତାଙ୍କର ମନୋବଳ ପ୍ରଚୁର ଥିଲା । ସେ ଥିଲେ ପ୍ରକାଶକ ଏବଂ ମୁଁ ଲେଖକ । ଏ ସମ୍ପର୍କ ତାଙ୍କ ମୋ ଭିତରେ ଅନେକ ବର୍ଷ ତଳେ ସ୍ଥାପିତ ହୋଇଥିଲା । ମୋର 'ବୋଉ' ବହିର ୨ୟ ସଂସ୍କରଣର-ସ୍ୱତ୍ୱ ଛାଡ଼ିଦେବା ପରେ କାହ୍ନୁବାବୁ ଓ ଗୋପିବାବୁଙ୍କ ସହିତ ମୋହନବାବୁ ସମ୍ପର୍କ ସ୍ଥାପନ କରିଥିଲେ ଏବଂ ଅଧୁନିକ ସାହିତ୍ୟ ପ୍ରକାଶ କରିବା ଦିଗରେ କର୍ମଯୋଜନା ପ୍ରସ୍ତୁତ କରିଥିଲେ । ତାଙ୍କର ସୁପୁତ୍ର ହିସାବରେ ଆପଣ ତାଙ୍କୁ ଯଥେଷ୍ଟ ସାହାଯ୍ୟ କରିଛନ୍ତି ଏବଂ ସୁସାହିତ୍ୟ ପ୍ରଚାରଦିଗରେ ତାଙ୍କର ଯୋଜନାକୁ ବହୁଦୂରପର୍ଯ୍ୟନ୍ତ ସଫଳ କରାଇ ପାରିଛନ୍ତି । 'Good Earth' ଇତ୍ୟାଦି ପୃଥିବୀର ବହୁ ଖ୍ୟାତ ଗ୍ରନ୍ଥାବଳୀର ଓଡ଼ିଆ ଅନୁବାଦ କରାଇ ଆପଣ ଓଡ଼ିଆ ଲେଖକ ଓ ପାଠକ-ମଣ୍ଡଳୀଙ୍କୁ ଯଥେଷ୍ଟ ଦାନ ଦେଇ ପାରିଛନ୍ତି । ସେଥିପାଇଁ ଆମ୍ଭେମାନେ ଆପଣ ଏବଂ ଆପଣଙ୍କ ପିତାଙ୍କ ନିକଟରେ ଋଣୀ ।

ଯେଉଁଦିନ ପ୍ରଥମେ ମନମୋହନ ପ୍ରେସ୍‌ଠାରେ ଆପଣଙ୍କ ପିତାଙ୍କ ସହିତ ମୋର ପ୍ରଥମ ସାକ୍ଷାତ ହେଲା, ସେହିଦିନ ଆମ ଉଭୟଙ୍କ ମଧ୍ୟରେ ଲେଖକ-ପ୍ରକାଶକ ଭାବେ ସମ୍ବନ୍ଧ ସ୍ଥାପିତ ହେଲା । ତତ୍‌ପରେ ଥରେ ମୁଁ କଲିକତା ଯାଇ ତାଙ୍କ ବାସଭବନରେ ରହି ତାଙ୍କଠାରୁ ଯେଉଁ ଆତିଥ୍ୟ ଲାଭକରିଥିଲି, ତାହା ଭୁଲି ହୁଏନାହିଁ । ଜଣେ କର୍ମବୀର ଓଡ଼ିଆ ହିସାବରେ କଲିକତାର ଜନବହୁଳ କର୍ମକ୍ଷେତ୍ରରେ ସେ ଯେଉଁ ବିସ୍ତୃତ କର୍ମକେନ୍ଦ୍ର

Digitized by srujanika@gmail.com

ସ୍ଥାପନ କରିପାରିଥିଲେ, ତାହାର ପର୍ଯ୍ୟାପ୍ତ ଅଭିଜ୍ଞ ମୁଁ ହେବାପରେ ପାଇ-ଅଛିଥିଲି । ତତ୍ପରେ ହଜି ମୁସଲମାନ ଗଣ୍ଡଗୋଳର କେତେବର୍ଷ ପରେ ତାଙ୍କ ସହିତ ସାକ୍ଷାତ ହେଲା । ପଚାରିଲି, ଗଣ୍ଡଗୋଳବେଳେ ଆପଣ କେଉଁଠାରେ ଥିଲେ ଏବଂ ଆପଣଙ୍କ ବ୍ୟବସାୟ କପରି ଚାଲିଥିଲା । ଉତ୍ତରରେ ସେ କହିଲେ, "ମୁଁ ସେହି ବନ୍ଧୁବଜାରର ଦୋମହଲା ଘରେ ଥିଲି ଏବଂ ମୋର ବ୍ୟବସାୟ ଦୁଃଖେସୁଖେ ଚାଲିଥିଲା । ଉପରୁ ଝରକାବାଟେ ମୁହିଁ ଥରେ ଦୁଇଥର ଦେଖିଛି, ମୋର ସାମନାରେ, ବଡ଼ ରାସ୍ତା ଉପରେ ଦୁଇ-ଚାରିଜଣ ନୃଶଂସ ଗୁଣ୍ଡା ଜଣେ ଦୁଇଜଣ ବାଟୋଇଙ୍କ ଗଳାରେ ଛୁରିଭୁଷି ମାରି ଫିଙ୍ଗିଦେଇ ଯାଉଛନ୍ତି । ସେ ଦୃଶ୍ୟ ଦେଖି ଅନେକ ମନେ ମନେ ମୁଁ ଶଙ୍କିତ ହୋଇଛି ମାତ୍ର କଲିକତା ଛାଡ଼ି ପଳାଇ ଆସିଲି ନାହିଁ କାରଣ ବ୍ୟବସାୟ କ୍ଷେତ୍ର ହେଉ ବା ଯେ କୌଣସି କର୍ମକ୍ଷେତ୍ର ହେଉ, ମନୁଷ୍ୟକୁ ସମସ୍ତ ପ୍ରକାର ବାଧାବିଘ୍ନ ଓ ବିପଦଆପଦର ଚେଉ ମଧ୍ୟରେ ଦୃଢ଼ଭାବେ ଛିଡ଼ାହୋଇ ରହିବାକୁ ହେବ ।" ଏଇଥିରୁ ମୁଁ ଜାଣିଛି, ସେ ଥିଲେ ଜଣେ ସାହସୀ ଓ ଦମ୍ଭିଲା ଲୋକ ।

ଥରେ ମୋର ସୋନପୁରକୁ ବଦଳି ହୋଇଥିଲା । ମୋହନବାବୁଙ୍କୁ ଖଣ୍ଡେ ଚିଠି ଲେଖିଲି । ସଙ୍ଗେ ସଙ୍ଗେ ସେ କଛି ଟଙ୍କା ଇନ୍ସିଓର୍ଡ଼ ଦ୍ୱାରା ମୋ ପାଖକୁ ପଠାଇ ଦେଇଥିଲେ । ଆଉଥରେ ମୁଁ ଗୋଟିଏ ପିଲାକୁ ଯେତେ କୋରାପୁଟ-ଜୟପୁରରୁ କଟକ ଡାକ୍ତରଖାନାକୁ ଆସି ଅପରେଶନ୍ ନିମିତ୍ତ ଆଡ୍‌ମିଶନ କରାଇଥିଲି । କୌଣସି ପ୍ରକାରେ ଏ ଖବରପାଇ ମୋହନବାବୁ କଲିକତାରୁ ଲୋକ ପଠାଇ ମୋର ତତ୍ତ୍ୱ ନେଇଥିଲେ ଏବଂ ସ୍ୱତଃପ୍ରବୃତ୍ତ ହୋଇ ମୋତେ କଛି ଟଙ୍କା ପଠାଇ ଦେଇଥିଲେ । ସେଥିକରୁ ବ୍ୟବସାୟରେ ତାଙ୍କର ସାଧୁତା କେତେ ଏବଂ ଜଣେ ଲୋକେକଙ୍କ ସହିତ ସେ କଭଳି ଆନ୍ତରିକ ସମ୍ପର୍କ ସ୍ଥାପନ କରୁଥିଲେ, ତାହାର ପ୍ରମାଣ ମୁଁ ପାଇଥିଲି ।

ମହମ୍ମଦଆବଜାରରେ ଗୋଟିଏ 'ପ୍ୟାକିଂ ଅଟ ପ୍ରେସ'ଥିଲା, ତହିଁରେ ସେ ମାତ୍ର ମାସିକ ଦୁଇଟଙ୍କା ବେତନରେ କମ୍ପୋଜିଟର କାମରେ ଜୀବନର ପ୍ରାରମ୍ଭରେ ଯୋଗ ଦେଇଥିଲେ, ଏକଥା ଶୁଣିଲାବେଳକୁ

Digitized by srujanika@gmail.com

ସ୍ୱପ୍ନପରି ଲାଗେ । ମୋହନ ନିକେତନକୁ ଯେତେବେଳେ ସେ କିଣିଲେ, ସେତେବେଳେ ମୁଁ ଆଶ୍ଚର୍ଯ୍ୟ ହେଲି । କଟକରେ ତାଙ୍କର ଏକେତେଗୁଡ଼ିଏ ଘର ଏବଂ କଲିକତାରେ ଘର ଥାଉଥାଉ, ଏତେବଡ ବିରାଟ ଖାନାବାଡ଼ି ଓ କୋଠାଘର କାହିଁକି କିଣୁଛନ୍ତି ଏବଂ ତା'ଉପରେ ଗୋଟିଏ ମନ୍ଦିର ସ୍ଥାପନ କରୁଛନ୍ତି, ସେକଥା ଶୁଣିଲାବେଳକୁ ମୁଁ ଭାବୁଥିଲି, ଏସବୁ ଅଦ୍ଭୁତ ପରିକଳ୍ପନା କାହିଁକି ମୋହନବାବୁଙ୍କ ମନରେ ଜାତ ହେଲା । କିନ୍ତୁ ବର୍ତ୍ତମାନ ମୁଁ ତାହାର କାରଣ ଜାଣିପାରୁଛି, ଏହିଠାରେ ଥିଲା 'ପ୍ୟାଟ୍ରି ଅଟ୍ ପ୍ରେସ', ଯେଉଁଠାରେ ସେ ପ୍ରଥମେ ମାସ ଦୁଇଟଙ୍କାର ଜଣେ କର୍ମଚାରୀରୂପେ ଯୋଗ ଦେଇଥିଲେ, ନିଜର ଅଧ୍ୟବସାୟର ଅଙ୍କୁର ଏବଂ ବଡ଼ମଣିଷ ହେବାର ପ୍ରେରଣା ତାଙ୍କୁ ଯୋଗାଇ ଦେଇଥିଲା ସେହି 'ପ୍ୟାଟ୍ରି ଅଟ ପ୍ରେସ'ଟି । ସେହି ପ୍ରେରଣା ସେହିଠାରୁ ପାଇଥିବା ଉଦ୍ଦୀପନା ତାଙ୍କୁ ଜଣେ ନିସ୍ୱାପର କର୍ମଯୋଗୀ ଏବଂ ଜୀବନବ୍ୟାପୀ ଅଧ୍ୟବସାୟରତ ବୀରପୁରୁଷରୂପେ ଛିଡ଼ାକରାଇ ପାରିଥିଲା । ସେଉଁ ମନସ୍ତତ୍ତ୍ୱର ବୀଜବପନ କାର୍ଯ୍ୟ ସେହି 'ପ୍ୟାଟ୍ରି ଅଟ୍ ପ୍ରେସ'ଠାରେ ତାଙ୍କ ମନମଧ୍ୟରେ ଆରମ୍ଭ ହୋଇଥିଲା, ତାହାହିଁ ଶେଷରେ ବିରାଟକାୟା ବିସ୍ତାରକରି ତାଙ୍କରି ଦ୍ୱାରା ଏହି ବିରାଟ ବାସଭବନଟିକୁ କିଣାଇ ପାରିଥିଲା । ସେ ଆଜି ନାହାନ୍ତି । କିନ୍ତୁ ତାଙ୍କ ଅଧ୍ୟବସାୟର ଏବଂ ବୀର ଜୀବନର ସ୍ମୃତିସ୍ତମ୍ଭରୂପେ ଏହି ମୋହନ ନିକେତନର ମନ୍ଦିରଟି ଆଜି ବିଦ୍ୟମାନ । ମୋର ଆଶା, ତାଙ୍କର ସୁଯୋଗ୍ୟ ସନ୍ତାନମାନେ ତାଙ୍କ କର୍ମଜୀବନର ଏହି ସ୍ମୃତିପୀଠରେ ଗୋଟିଏ କୌଣସି ସଫଳ ଧାରଣ ଅନୁଷ୍ଠାନ ବା ଶିକ୍ଷାକେନ୍ଦ୍ର ସ୍ଥାପନକରି ଓଡ଼ିଶାର ଜନସାଧାରଣଙ୍କୁ ଆଦର୍ଶ ଦେଖାନ୍ତୁ ।

ଜଣେ ମାସିକ—ଦୁଇଟଙ୍କା ବେତନର କମ୍ପୋଜିଟର ହିସାବରେ ଜୀବନ ଆରମ୍ଭ କରି ସେ କଟକର ସୁଖ୍ୟାତ 'ମନମୋହନ ପ୍ରେସ' ଓ 'ଟାଇପ୍ ଫାଉଣ୍ଡ୍ରୀ' ଏବଂ କଲିକତାର 'ଔଷଧ ଭଣ୍ଡାର' ଓ 'ପୁସ୍ତକ ଭଣ୍ଡାର' ସ୍ଥାପନ କରିଯାଇ ଅଛନ୍ତି ।

ଶିକ୍ଷାକ୍ଷେତ୍ରରେ ଅତି ଅଳ୍ପ ଜ୍ଞାନ ଥିଲେହେଁ ପରିଚାଳନା ଢଙ୍ଗରେ ଏବଂ ହିସାବ କିତାବରେ ସେ ଥିଲେ ଜଣେ ସୁଦକ୍ଷ ବ୍ୟକ୍ତି । ତାଙ୍କର ରୁଚି ଅତି

Digitized by srujanika@gmail.com

ମାର୍ଜିତ ଥିଲା ଏବଂ ତାଙ୍କର ବ୍ୟବହାର ଅତି ଭଦ୍ରଥିଲା । ତାଙ୍କର ସାହାଯ୍ୟରେ ଆପଣ, ପ୍ରଫୁଲ୍ଲବାବୁ, ଓଡ଼ିଶାରେ ପୃଥିବୀର ଶ୍ରେଷ୍ଠ ସାହିତ୍ୟ ଅନୁବାଦ କରି ପରିବେଷଣ କରିବାର ଯୋଜନା କରିଥିଲ ପରିମାଣରେ ଆରମ୍ଭକରି, ଲୋକପ୍ରିୟତା ଅର୍ଜନ କରିଥିଲେ ଏବଂ ଶାରୀରିକ ଅସୁସ୍ଥତା ବଶତଃ ହେଉ ବା ଅନ୍ୟ ଯେ କୌଣସି କାରଣରୁ ହେଉ, ଆପଣ କିଛିଦିନ ହେଲା ଅନୁଷ୍ଠାନଠାରୁ ଦୂରେଇ ରହିଛନ୍ତି ଏବଂ ତାହାହିଁ ପାଠକସମାଜରେ ଆନ୍ତର୍ଜାତିକ ସାହିତ୍ୟର ଅଭାବ ସୃଷ୍ଟିକରି ଅଛି । ପୁଣିଥରେ ଆପଣ ଛାପାଖାନାରେ ଯୋଗ ଦିଅନ୍ତୁ ଏବଂ ପୂର୍ବ ଯୋଜନା ପଥରେ ଅଗ୍ରସର ହୁଅନ୍ତୁ ।

ମୋହନବାବୁଙ୍କ ଅନୁଷ୍ଠାନଗୁଡ଼ିକର ମେରୁଦଣ୍ଡ ହେଲା, ସୁସାହିତ୍ୟର ପ୍ରକାଶନ । ତେଣୁ ଆପଣ ଅନୁଷ୍ଠାନଗୁଡ଼ିକୁ ସୁନ୍ଦର ଭାବରେ ନିୟୋଜିତ କରି ଓଡ଼ିଶା ତଥା କଲିକତାରେ ଲୋକପ୍ରିୟତା ଅର୍ଜନ କରନ୍ତୁ । ଆଧୁନିକ ଦୁନିଆକୁ ଲକ୍ଷରଖି ତାଙ୍କ ଜୀବନର ଲକ୍ଷ କେନ୍ଦ୍ର ମୋହନ ନିକେତନଠାରେ ଗୋଟିଏ କୌଣସି ଲୋକପ୍ରିୟ ସାଧାରଣ ଅନୁଷ୍ଠାନ ଛିଡ଼ା କରନ୍ତୁ ।

ଶେଷରେ ସ୍ୱର୍ଗତଃ ଆତ୍ମାର ସଦ୍‌ଗତି ଏବଂ ଶୋକସନ୍ତପ୍ତ ପରିବାର-ବର୍ଗଙ୍କୁ ସାନ୍ତ୍ୱନା ଦେବାପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରି ବିଦାୟ ନେଉଛି । ତାଙ୍କ ଶେଷ ଜୀବନରେ ସେ ଅନେକ ଦିନ ପର୍ଯ୍ୟନ୍ତ ରୋଗ ରୋଗକରି ଅଜ୍ଞାନ ହୋଇ ପଡ଼ିଥିବା ଅବସ୍ଥାରେ ଶେଷ ନିଶ୍ୱାସ ଛାଡ଼ିଥିଲେ । ଏହି କଥାଟିହିଁ ତାଙ୍କର ବନ୍ଧୁମାନଙ୍କୁ ବହୁପରିମାଣରେ ବ୍ୟଥା ଦେଇଅଛି ।

Digitized by srujanika@gmail.com

ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତି

୧୯୫୮ ।

ଘୋଡ଼ାଏ କ ଫଡ଼ ଫଡ଼ ଶବ୍ଦରେ ମୋର ଧ୍ୟାନ ଭାଙ୍ଗିଗଲା । ବହି ଉପରୁ ଆଖି ଉଠାଇ ନେଇ, ଝରକାରେ ଅନନ୍ତ ଆକାଶକୁ ଅନାଇଲି— କାହିଁକିଏ କଦଳୀ ଗଛରେ ବସିପଡ଼ି ଭୁଆଇ ଭୁହ ଇ ସବବାକୁ ଲାଗିଲା ।

ସେହିଦିନ ଖବର ମିଳିଲା—କାହ୍ନୁଚରଣ 'କା' ଉପନ୍ୟାସ ପାଇଁ 'ସାହିତ୍ୟ ଏକାଡେମୀ ପୁରସ୍କାର' ପାଇଛନ୍ତି । ମୋର ଆନନ୍ଦ କହିଲେ ନ ସରେ । କାରଣ, ତାଙ୍କର ଅନୁଜ ଗୋପୀନାଥଙ୍କ ପରେ, ଯାହା ହେଉ ଦୁଇବର୍ଷ ବାଦେ, ପୁଣି ଜଣେ ଓଡ଼ିଆର କପାଳ ଖୋଲିଲା । ତତ୍‌କ୍ଷଣାତ୍ ଲେଖକଙ୍କୁ ଖଣ୍ଡିଏ ଅଭିବାଦନଜ୍ଞାପକ ପତ୍ର ଦେଇଦେଲି ଏବଂ ସ୍ଥିରକଲି, ପ୍ରକାଶକ ମହୋଦୟଙ୍କୁ ଭେଟି ମୋର କୃତଜ୍ଞତା ଜଣାଇବି ।

ଅଫିସ ଫେରନ୍ତା, 'ମୋହନ ନିକେତନ'ରେ ପହଞ୍ଚିଲା ବେଳକୁ, ମୁଁହସଞ୍ଜ ହୋଇ ଯାଇଥିଲା । ସମୁଦାୟ ହତାଟା ଓ ପ୍ରେସ ଶୂନ୍ ଶାନ୍, କେହି କୁଆଡ଼େ ନ ଥାଆନ୍ତି । ଦପ୍ତରୀ-ଖାନାର ଦୁଆର ମୁହଁରେ ବୁଢ଼ା କିଏ ବସି ଅଳିଆ କାଗଜପତ୍ର ଗଦାରୁ କ'ଣ ସବୁ ବାଛି ବାଛି ରଖୁଥାଏ । ଝାଡ଼ୁଟିଏ କଡ଼ରେ ପଡ଼ିଥାଏ ।

କାହାକୁ କିଛି ନ କହି, ଫେରି ଆସିଲି ।

ସେହି ବୁଢ଼ାଟି ନିଜ କାମରେ ଲାଗିଥାଏ । ସେ ବି ମୋତେ କିଛି ପଚାରିଲା ନାହିଁ ।

ପରଦିନ ସକାଳେ ପୁଣି ଗଲି । ଖବର ପଠାଇଲି । ଦୁଆରମୁହଁରେ ଠିଆହୋଇ ଥାଏଁ । ତୁରନ୍ତ ଜଣେ ଲୋକ ଭିତରୁ ଧାଇଁଆସି ମୋତେ ଡାକି ନେଇଗଲା । ଦେଖିଲି—ବୁଢ଼ାଟିଏ ତଳେ ବସି ଜଳଖିଆ କରୁଛି । ଓଡ଼ିଆ ଖବରକାଗଜ ଖଣ୍ଡିଏ ପାଖରେ ମେଲାହୋଇ ପଡ଼ିଛି । ଧୋତି, ଗଞ୍ଜି, ଶ୍ୟାମ

Digitized by srujanika@gmail.com

ତନୁ, ଶୁକଚଞ୍ଚୁ-ନାସିକା ତଳେ ସରୁ ଲମ୍ବା ନିଶ, ଆଖିରେ ଚଶମା ଭିତରେ ଉଜ୍ଜ୍ୱଳ ଦୃଷ୍ଟି, ଅଧର-କୋଣରେ ହସ, ଖାଲି ଦେହ, ପରିଧାନ ମାତ୍ର ଖଣ୍ଡିଏ ଧୋତି ।

ମୁଁ କିଛି କହିବା ପୂର୍ବରୁ, ସେହି ବୃଦ୍ଧ ଭଦ୍ରଲୋକ କହିପକାଇଲେ— ପରିଚୟ ଦେବା ଦରକାର ନାହିଁ । ଜାଣେ ଆପଣଙ୍କୁ । ଆସେ ବସନ୍ତୁ ।

ସେବକର ଆଉ ଖଣ୍ଡିଏ ଆସନ ପାରିଦେଇ ଯାଇଥିଲା । ନମସ୍କାର କରି, ବସିପଡ଼ିଲି । ଅଳ୍ପ ସମୟ ଭିତରେ ମୋ ଆଗରେ ବି ପାଣି ଗିଲାସେ ଓ ଗୋଟିଏ ଜଳଖିଆ ଥାଳିଅ ଥୁଆହେଲା ।

ବୃଦ୍ଧ ଅନୁରୋଧ କଲେ ସସ୍ନେହ କଣ୍ଠରେ—ଆଉ ଡେରି କରନ୍ତୁ ନାହିଁ । ସାରି ଦିଅନ୍ତୁ ।

ଇତି ମଧ୍ୟରେ ମୁଁ ଯେମିତି ସେଠାରେ ଗୋଟାଏ ସନ୍ଧିହୋଇ ଯାଇଥିଲି । ମୋର କିଛି ନିଜତ୍ୱ ନ ଥିଲା । ପାଟି ଫିଟାଇ ପାରିଲି ନାହିଁ ।

ବୃଦ୍ଧ ଆସନରେ ବସି, ହରଷ ଚିତ୍ତରେ ସରୁ ଚକୁଲି ଓ ପରିବା ସିଝାରୁ ଟିକିଏ ଟିକିଏ ଆଣି, ପାଟିରେ ଦେଇ ଥାଆନ୍ତି ।

ପ୍ରତିବାଦ କରିବାର ଜୋ ନଥିଲା । ଅଗତ୍ୟା ହାତ ଚଳାଇଲି ।

ସେବକଟି ରସଗୋଲା ଆଣି, ତାଙ୍କୁ ଯାଚିଲା ।

ସେ ମନାକରି, କହିଲେ—ଏହି ବାବୁଙ୍କୁ ଦେ । ଏ ଯୁବକଝିଅଲୋକ, ରସଗୋଲା ଖାଇଲେ ଦେଶର କିଛି ଭଲ କାମ କରିବେ । ମୁଁ ତ ମୂଲିଆଟାଏ, ଝିଟି ଖଟି ଜୀବନ ଗଲା । ତେବେ ବି ଆଶା ପୂରଣ ହେଲା ନାହିଁ । ଯାହା ବି ଦେଶର କିଛି ସମ୍ପତ୍ତି କରିଛ, ରସଗୋଲାରେ କ'ଣ ତାକୁ ଉଜାଡ଼ି ଦେବ ?

ମୁଁ ନିରୁତ୍ତର ରହିଲି । ମୋର ଅନ୍ତରରେ ତାଙ୍କପ୍ରତି ଭକ୍ତି ଜାତ ହେଉଥାଏ ।

ଜଳଖିଆ ଓ ସ୍ୱ ପର୍ବ ସରିଲା ।

ଗାମ୍ଭୀର୍ଯ୍ୟର ହସରେ ବୃଦ୍ଧ ଆରମ୍ଭ କଲେ— ଜାଣେ, କାଲି ଆପଣ ଆସିଥିଲେ ।

Digitized by srujanika@gmail.com

କାହିଁ ମୁଁ ତ ଆପଣଙ୍କୁ କେଉଁଠି ପାଇଲି ନାହିଁ ?

ଆପଣ ମୋତେ ଦେଖିନାହାନ୍ତି । ମାତ୍ର ଆପଣଙ୍କର ନଜର ବଡ଼, ତେଣୁ ମୋତେ ଦେଖିପାରିଲେ ନାହିଁ ।

ମୋତେ ବଡ଼ ଅଭୁତ ବୋଧହେଲା । ପଚାରିଲି—କାଲି ସନ୍ଧ୍ୟାବେଳେ ଆପଣ ଏଠି ଥିଲେ ?

ହିଁ । ମୁଁ ସବୁବେଳେ ପ୍ରାୟ ଥାଏ । କ୍ୱଚିତ୍ କୁଆଡ଼େ ଯାଏ । ସେ'ଇଠି ହେଲା ଆସି, ଆଉ କେତେଦିନ ପାରିବା ତାଳ ଝୁଣ୍ଡିବାକୁ ?

ଏଁ, ଆପଣ ତାହାହେଲେ !

ମୋ ତୁଣ୍ଡରୁ କଥା ଛଡ଼ାଇନେଇ ସେ କହିସିବାକୁ ଲାଗିଲେ— ପରିଶ୍ରମ ! ନିଜର କାମ ନିଜେ ନ କଲେ, କ'ଣ କେବେ ଲୋକ-ସେବା କରି ହେବ ? ପରଉପରେ ନିର୍ଭର କଲେ, ଏ ଜାତି କ'ଣ ଉଠିପାରିବ ? କଠିନ ଶ୍ରମ ଦରକାର ।

ଆମ ଭିତରେ ଅନେକ ବେଳଯାଏ ନାନାପ୍ରକାର ଆଲୋଚନା ହେଲା । ମୁଖ୍ୟତଃ ସାହିତ୍ୟ ଓ ସମ୍ବାଦ । ଚୁମ୍ବକରେ ତାଙ୍କର ଜୀବନ-ସଂଗ୍ରାମର କାହାଣୀ ମଧ୍ୟ ସେ ଶୁଣାଇଲେ ।

ତାଙ୍କର ପ୍ରଧାନ ଉଦ୍ଦେଶ୍ୟ ହେଉଛି—ଓଡ଼ିଆଙ୍କ ଭିତରେ ଶିକ୍ଷାର ପ୍ରସାର କରି ପ୍ରକୃତ ଜାତୀୟତା ଆଣିବା । ସେଥିପାଇଁ ସେ ସାହିତ୍ୟକୁ ଶ୍ରେଷ୍ଠ ମାଧ୍ୟମରୂପେ ଧରି ନେଇଥିଲେ । ସେ ଦିଗରେ କାୟମନବାକ୍ୟରେ ସେ ଅନବରତ କାର୍ଯ୍ୟ କରୁଥିଲେ । ଯାହା ଫଳରେ, ତାଙ୍କ ସାହିତ୍ୟ-କାରଖାନାର ଦୁଇଜଣ କୁଶଳୀ କାରିଗର ଆକାଡେମୀ ପୁରସ୍କାର ଲାଭ କରିଥିଲେ ।

ମୋର ସାହିତ୍ୟିକ-ସାଧନାର ଉଚ୍ଛ୍ୱସିତ ପ୍ରଶଂସା କରି, ସେ ପରାମର୍ଶ ଦେଲେ—ଆପଣଙ୍କର ଅନୁବାଦ ମୋତେ ଭଲଲାଗେ । ବିଶେଷତଃ 'ମା ଓ ପୁଅ' ପଢ଼ି ମୁଁ ମୁଗ୍ଧ ହୋଇଛି । ତଥାପି, ମୋ ମତରେ, ଭାଷାକୁ ସରଳ ଓ ତରଳ କରନ୍ତୁ । ତାହା ନ ହେଲେ, ଦର-ପାଠୁଆ ଓଡ଼ିଆ ପାଠକ-ମହଲରେ ବିଶେଷ ଆଦର ପାଇବେ ନାହିଁ ।

ମୁଁ ନିବିଷ୍ଟ ଚିତ୍ତରେ ଶୁଣୁଥିଲି ।

Digitized by srujanika@gmail.com

ଶେଷରେ ଗମ୍ଭୀର ଦୀର୍ଘଶ୍ୱାସ ଛାଡ଼ି, ସେ ବ୍ୟକ୍ତି କହିଲେ—ଯେଉଁ ବିଶାଳ ଅନୁଷ୍ଠାନଟି ନିଜର ଲହୂ ଲହୁ ଦେଇ ଆଜି ଠିଆ କରାଇଛୁ, ତାକୁ ଆପଣମାନଙ୍କ ହାତରେ ଛାଡ଼ିଦେଇ ଯିବି । ଆପଣମାନେ ରଖିଲେ ରହିବ ନ ହେଲେ ନାହିଁ । ମୋତେ ପଛରେ ଦୋଷଦେବେ ନାହିଁ । ମୋ କାମ-ତକ ମୁଁ କରିଗଲି । ଏଣିକି ଏ ଜାତି ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ବୁଝିନେଉ ।

ଘରକୁ ଫେରିଆସି, ରାତିରେ ମୁଁ ଆଖି ବନ୍ଦ କରି ପାରିଲି ନାହିଁ । ମୋହନ ଚରଣଙ୍କର ଅକ୍ଳାନ୍ତ ଜୀବନ-ସଂଗ୍ରାମର ଜ୍ୱଳନ୍ତ ଛବି ମୋ ଆଖି ଆଗରେ ଭାସି ଯିବାକୁ ଲାଗିଲା ।

ଜୀବନ-ନଦୀର ଦୁଇ ତୀର—ଜନ୍ମ, ଆଉ ମୃତ୍ୟୁ !

"ମଣିଷର ଜନ୍ମ କର୍ମ ପାଇଁ । ଯେଉଁ କର୍ମ ସୁନିୟନ୍ତ୍ରିତ, ଉପଯାଚିତ ଓ ନରନାରାୟଣ-ସେବାରେ ଯଥାଯଥ ଉତ୍ସୃଷ୍ଟ ହେଲେ, ମଣିଷ ପରମ ସୁଖ-ଶାନ୍ତି ଲାଭ କରେ ।"

ପିତୃହରା ବାଳକଟିର ଅନ୍ତରରେ ଏହି ଭାବନା ଉଦ୍ରେକ ହେଲା । ବାରବର୍ଷର ବାଳକ । ଘରେ ମା ଓ ଭାଇମାନେ ଅନାହାରରେ ଛଟପଟ ହେଉଛନ୍ତି । ସେପରି ସ୍ଥଳେ ତାହାର କର୍ତ୍ତବ୍ୟ ?

ତାହାର ଯୋଗ୍ୟରେ ଡୋରି ବନ୍ଧାହେଲା । କଟକ ସହରଯାକ ବୁଲି ବୁଲି ତାହାର ଗୋଡ ଥକି ଗଲାଣି । କାହାରିଠାରୁ ପଦେ ମିଠା ବଚନ କି ଆଶ୍ୱାସନା-ବାଣୀ ସେ ଶୁଣିବାକୁ ପାଇଲା ନାହିଁ ।

ଶେଷରେ ଉତୁଉତିଆ ଦ୍ୱିପହରରେ ସେ ମହମ୍ମଦିଆ ବଜାରକୁ ଆସି, 'ପେଟ୍ରିୟଟ ପ୍ରେସ'ର ଦାଣ୍ଡ-ପିଣ୍ଡାରେ ପକ୍କା ପାହାଚ ଉପରେ ବସିପଡ଼ିଲା । ଏଣେ ପେଟ ଭୋକରେ ଜଳୁଥାଏ, ମନ କୁହୁଳୁଥାଏ । କିଛିକ୍ଷଣ ପରେ ସେ ଅକୁଳ ନୟନରେ ଭିତରକୁ ଟିକିଏ ଅନାଇଲା ।

ଜଣେ ସୁକାନ୍ତ ଶିକ୍ଷିତ କର୍ମଠ ସ୍ୱଳ୍ପଭାଷୀ ବ୍ୟକ୍ତି ଟେବୁଲରେ କାମ କରୁଥିଲେ । ଚଶମା ଟେକି ଅନାଇଲେ ଏବଂ ପଚାରିଲେ—କ'ଣ କରେ ?

ଖାଇନାହିଁ ଦି ଦିନ ହେଲା, ପେଟ ଜଳୁଛି, ପଇସାଟିଏ ବାବୁ !

ପଇସା କ'ଣ ଏଠି ପୋତା ହୋଇଛି କିରେ ? କାମ କରିବୁ ?

Digitized by srujanika@gmail.com

ମିଳୁଛି କାହିଁ ? କିଏ ଦଉଛି ?

କଣରୁ କାମ ?

କାହିଁକି ନ କରିବ ? ମିଳିଲେ, ନିଶ୍ଚୟ କରିବ ।

ଏହି ପ୍ରେସରେ ରହିବୁ ?

ସେମାନଙ୍କ ଦୟା ହେଲେ, କେତୋଟି ଅସହାୟ ପ୍ରାଣୀ ବଞ୍ଚିଯିବେ, ଆଜ୍ଞା ।

ଯାହା ହେଉ, ପ୍ରେସରେ ଠିକ୍ ହେଲା ଚାକିରି । ବେତନ ମାସିକ ଏକଟଙ୍କା ।

ଶୋଚନା ନାହିଁ !

ତା'ପରେ କାମ ଚାଲିଲା । ବୁଦ୍ଧି ଓ ବାହୁ ବଳରେ, ବାଳକଟି କ୍ରମେ କ୍ରମେ ପ୍ରେସରେ ଅକ୍ଷର ଯୋଡ଼ି ଶିଖିଲା । ଦିନକୁ ଦିନ ତାହାର କାମରେ ଉନ୍ନତି ଦେଖାଦେଲା । ନିଷ୍ଠା ଓ ଦକ୍ଷତା ଯୋଗୁଁ, ତାହାର ବେତନ ଛଅମାସ ପରେ ଦୁଇଟଙ୍କାକୁ ବଢ଼ିଲା । ସେତେବେଳେ ସେ ଦିନରେ ପ୍ରେସରେ କାମ କରୁଥାଏ, ଆଉ ରାତିରେ ସମସ୍ତେ ଶୋଇପଡ଼ିଲେ ଡିବଣଟିଏ ଜାଳି ବହିପତ୍ର ପଢ଼ିବାକୁ ଲାଗେ ।

ଠିକ୍ ବର୍ଷକ ପରେ, କଲିକତାରୁ ତାହାକୁ ଡାକରା ଆସିଲା—'ଆଙ୍ଗ୍ଲୋ ସଂସ୍କୃତ ପ୍ରେସ'ରେ ମାସିକ ପାଞ୍ଚ ଟଙ୍କା ବେତନରେ ନିଯୁକ୍ତି ।

ନିଜର କର୍ମପଟୁତା, ସାଧୁତା ଓ ମଧୁର ସ୍ୱଭାବ ବଳରେ ଅଚିରେ ସେ ପ୍ରେସର ପରିଚାଳକବର୍ଗ ତଥା ସହକର୍ମୀଙ୍କର ମନ ଜିଣିନେଲା । ଆଖି ମିଟିକାକେ ପାଞ୍ଚେଟି ବର୍ଷ ଗଡ଼ି ଯାଉ ନ ଯାଉଣୁ, ତାହାର ବେତନ ପଚିଶ ଟଙ୍କା ହୋଇଗଲା ।

କିନ୍ତୁ ଏତିକି ବେଳେ, ଦଇବ ତାହା ସାଙ୍ଗରେ ବାଦସାଧିଲା । ହଠାତ୍ ପ୍ରେସ୍‌ଟି ଭାଙ୍ଗିଗଲା । ମୋହନକୁ ଚଉଦିଗ ଅନ୍ଧାର ଦିଶିଲା ।

ତାହାର ବେକରେ ତ କେତୋଟି ପ୍ରାଣୀ ବନ୍ଧା । ବସି ରହିଲେ କ'ଣ ସଂସାର ଚଳିବ ? ତାଙ୍କ ତୁଣ୍ଡରେ ଆହାର ଦେବାପାଇଁ, ତାହାକୁ କିଛି ନା କିଛି କାମ କରିବାକୁ ହେବ ।

Digitized by srujanika@gmail.com

କର୍ମଯୋଗହିଁ ସାଧନାର ଶ୍ରେଷ୍ଠମାର୍ଗ । ତାର ସାହାଯ୍ୟରେ ନିଜର ଲକ୍ଷ୍ୟସ୍ଥଳରେ ତାହାକୁ ପହଞ୍ଚିବାକୁ ହେବ । ହଠାତ୍ ତାହାର ମନ ଭିତରେ ଗୋଟାଏ ବୁଦ୍ଧି ପଶିଲା । ଅଣ୍ଟା ଲମ୍ବ ଖଦଟିଏ ପିନ୍ଧି ଓ ମୁଣ୍ଡରେ ଗାମୁଛାଟିଏ ଗୁଡ଼ାଇ, ଉଚ୍ଚାଭିଳାଷୀ ଯୁବକ ମୋହନ କଲିକତାର ଗଳି-କନ୍ଦିରେ ଫେରିଆଳି ଭାବରେ ବୁଲିବାକୁ ଲାଗିଲା । ହାତରେ ବଡ଼ ବୁଜୁଲାଟାଏ । ସେଥିରେ ଥାଏ ନାନା ରକମର ଓଡ଼ିଆ ବହି—ପୁରାଣ, ପାଞ୍ଜି, ସୁଆଙ୍ଗ, ଗୀତା, ଭାଗବତ, ଅକ୍ଷର ପରିଚୟ, ଇତ୍ୟାଦି ।

ସ୍ଥାନୀୟ ଓଡ଼ିଆମାନେ ଏହି ବୁଲାବିକାଳିକୁ ସନ୍ତୁଷ୍ଟରେ ଚାହିଁ ବସି ରହି ଥାଆନ୍ତି କ୍ରମେ କ୍ରମେ ସେମାନଙ୍କ ଭିତରେ ପଠନର ଆଗ୍ରହ ବଢ଼ୁଥାଏ ।

ଦିନସାରା ବୁଲି ବୁଲି ତାହାର ଗୋଡ଼ ଥକିଗଲେ, ମୋହନ ବଡ଼ବଜାରରେ ଗୋଟିଏ ଦୋକାନ-ପିଣ୍ଡାରେ ବସିପଡ଼ି, ଝକ୍କାମାରେ, ଆଉ ହିସାବ ମିଳାଏ । ଅଳ୍ପେ ଅଳ୍ପେ ତାହାର ବେଉସା ବଢ଼ିଲା । ସେ ଆଉ ବହିପତ୍ର ଫେରିକରି ପାରିଲାନାହିଁ ।

ନିଜର ପସରା ମେଲାଇ, ସେ ସେହି ପିଣ୍ଡାରେ କିଛିଦିନ ବସିଲା । ଗରାଖଙ୍କ ସୁବିଧାପାଇଁ, ବହି ସାଙ୍ଗକୁ ଲୁଗାଟା, ପ୍ରଭୃତି କେତେକ ନିତ୍ୟ-ବ୍ୟବହାର୍ଯ୍ୟ ଜିନିଷ ମଧ୍ୟ ରଖିଲା ।

ଅକସ୍ମାତ୍ ଦିନେ ଦେଖାଗଲା—ଝିଣ୍ଡିଏ ସାଇନ୍‌ବୋର୍ଡ଼ରେ "ମନମୋହନ ପୁସ୍ତକାଳୟ" ଲେଖାଯାଇ ସେଠାରେ ଟଙ୍ଗାଯାଇଛି । ଦୋକାନ ବୋଲି ଗୋଟିଏ କୋଠରି ସେଠାରେ ବି ଜାଗାନାହିଁ । ବହିପତ୍ର ସୁବାସିତ ତେଲ, ଦନ୍ତକାଠି ଔଷଧ ଓ ଗୁଡ଼ାଖୁରେ ସାନ ବଖରାଟି ପୂରିଯାଇଛି । ଦିନରାତି ଫୁରସତ ନାହିଁ । ମୋହନ ବସି ରହିଥାଏ । ବିକିବଟା ଚାଲିଥାଏ । ଲୋକେ ଯାତାୟାତ କରୁଥାଆନ୍ତି । ବ୍ୟବସାୟ ଭିତରେ ବି ସୁଖ-ଦୁଃଖ, ହାନି-ଲାଭ, ଭଲ-ମନ୍ଦ ହାଲହକିକତ ଚାଲେ—ଗାଁ କଥା, ଦେଶକଥା, ବାହାର ଦୁନିଆକଥା ।

କ୍ରମେ କ୍ରମେ କଟକରୁ ବହିପତ୍ର ମଗାଇ ଗରାଖଙ୍କ ଚାହିଦା ଆଉ ମେଣ୍ଟାଇ ହେଲାନାହିଁ । ଚାରେଟିବର୍ଷ ପରେ, ମନ ଭିତରେ ବିରାଟ ଆଶା

Digitized by srujanika@gmail.com

ବାନ୍ଧି, ମୋହନ କଲିକତାରେ ନିଜର ଛୋଟ ପ୍ରେସ୍‌ଟିଏ ବସାଇଲା । ପ୍ରଥମେ ଓଡ଼ିଆ ବର୍ଣ୍ଣବୋଧ, ଚଟି ଚଟି ଗୀତବନ୍ଧ ଛପାହେଲା । ଓଡ଼ିଆ ପାଠକବର୍ଗ ଶସ୍ତାରେ ବହି ପଢ଼ିବାର ସୁଯୋଗପାଇଲେ । ତାପରେ ବଡ ବଡ଼ ପୁରାଣ ମଧ୍ୟ ଏଠାରେ ଛପାହେଲା । ସାନ ସାନ ନେପାଳୀଏ ଏଠୁ ବହିପତ୍ର ନେଇ ମଫସଲରେ ବୁଲାଇ ବିକଲେ । ସୁତରାଂ ମୋହନର ବ୍ୟବସାୟ ଆଶାତୀତ ଭାବରେ ପ୍ରସାର ଲଭିଲା ।

କାଳ ଯୁଗ ବଦଳିଲା । ପାଠକଙ୍କ ରୁଚିକୁ ନ ଅନାଇଲେ, ଆଗକୁ ଯାଇହେବ ନାହିଁ । ତେଣୁ ପ୍ରୌଢ଼ ମୋହନର ଦୃଷ୍ଟି ଯାଇ ଜନ୍ମଭୂମି ଉପରେ ପଡ଼ିଲା ।

ଦିନେ ସେ ଫେରିଆସିଲା କଟକକୁ ହାତରେ ପ୍ରଚୁର ଅର୍ଥଧରି । ବୃନ୍ଦାବନଚୌକରେ ସ୍ଥାପିତ ହେଲା "ମନମୋହନ ପ୍ରେସ୍ ଓ ପୁସ୍ତକାଳୟ" ଗୋଟିଏ ଦିତାଲିକୋଠାରେ । ବର୍ତ୍ତମାନ ଏହାହିଁ ହେଲା ମୋହନର ମୁଖ୍ୟ କାର୍ଯ୍ୟାଳୟ । କଲିକତାର ଅନୁଷ୍ଠାନଟି ରହିଲା ଏହାର ଶାଖାହୋଇ ।

କଟକରେ ନାନା ପ୍ରକାରର ପ୍ରାଚୀନ ଓ ଅାଧୁନିକ ବହି ଛପାହୋଇ, ଗ୍ରାହକଙ୍କୁ ଯୋଗାଇ ଦିଆଗଲା । କାମର ପରିସର ଦିନକୁ ଦିନ ଏମିତି ଭାବରେ ବଢ଼ିବାକୁ ଲାଗିଲା ଯେ ବୃନ୍ଦାବନଚୌକରେ ମଧ୍ୟ ସ୍ଥାନ କୁଳାଇଲା ନାହିଁ ।

ତେଣୁ ୧୯୫୪ ସାଲରେ ସେ ଷାଠିଏ ହଜାର ଟଙ୍କା ମୂଲ୍ୟରେ ଜମିଦାର ଶିବେନ୍ଦ୍ର ବାନାର୍ଜିଙ୍କଠାରୁ, ଯାହାଙ୍କ ପାଖରେ ୪୫ ବର୍ଷ ତଳେ ସେ ମାସିକ ମାତ୍ର ଏକଟଙ୍କା ଦରମାରେ ଚାକରି କରିଥିଲା, ମଦ୍ରାସୀ ଅବଜାରର ସେହି ଜାଗାଟି ଓ କୋଠା, ଯେଉଁଠାରେ ସେତେବେଳେ ପ୍ରେସ୍ ହୋଇଥିଲା, ଖରିଦକଲା ।

ଏଠାରେ ସେ ଗୋଟିଏ ବଡ ପ୍ରେସ୍ ବସାଇଲା । ଅାଧୁନିକ ଧରଣର ଯନ୍ତ୍ରପାତି ଖଞ୍ଜାଗଲା । ହତାଭିତରେ ଇଷ୍ଟଦେବ ଓ କନକଦୁର୍ଗାଙ୍କ ମନ୍ଦିର ନିର୍ମିତ ହେଲା । ଫାଟକର ଦୁଇପଟରେ ଫଳକ ଲଗିଲା—"ମୋହନ-ନିକେତନ ।"

Digitized by srujanika@gmail.com

ମୋହନର ଗୋଟାଏ ବଡ଼ ଅଭିଳାଷ ପୂରଣହେଲା ।

କେତେଥର ସେହି ସ୍ନେହୀ କରଲସ ନିର୍ଭୀକ ନିରଭିମାନୀ ସାଧକ ମୋହନଚରଣଙ୍କୁ ଦେଖିବାକୁ ଯାଇଛୁ 'ମୋହନ ନିକେତନ'କୁ । କିନ୍ତୁ ଅଳ୍ପ ଥରେ ହେଲେ ଦେଖା ମିଳନାହିଁ । କାରଣ ସେ ବର୍ତ୍ତବର କଟକ-କଲିକତା ଧାଁଦଉଡ଼ କରୁଥାଆନ୍ତି । ଦୁଇଟି ସ୍ଥାନରେ ତାଙ୍କୁ ବ୍ୟବସାୟ ଦେଖାଶୁଣା କରିବାକୁ ହେଉଥାଏ ।

ସେ ନିଜକୁ ଏକା ବୋଧ କରୁଥାଆନ୍ତି । ନିଜର ପତ୍ନୀମାନେ ଅଛନ୍ତି, ପୁଅ ଓ ଝିଅମାନେ ରହିଛନ୍ତି, ବ୍ୟବସାୟ-କ୍ଷେତ୍ରରେ କର୍ମଚାରୀମାନେ ଅଛନ୍ତି । ତଥାପି, ଦେଖାଯାଇଛି, ସେ କାହାରି ଉପରେ ନିର୍ଭର କରୁ ନ ଥିଲେ । ସେ ଯଦି କହୁଥିଲେ—ସମସ୍ତଙ୍କର ତାଙ୍କ ଉପରେ ପୂରାପୂରି ଅଧିକାର ଅଛି, ମାତ୍ର ତାଙ୍କର ଦୁନିଆରେ କାହାରି ଉପରେ ତଳେହେଲେ ଅଧିକାର ନାହିଁ । ସେଥିପାଇଁ ତାଙ୍କର ମନଭିତରେ କୌଣସି ଖେଦ କି ଶୋଚନା ନ ଥିଲା । ସେ ଆଗକୁ ଆଗକୁ ମାଡ଼ିଚାଲିଥିଲେ ।

ଦିନେ ଶୁଣିଲି—ନିଜର ଉତ୍ତରାଧିକାରୀମାନଙ୍କର ଦକ୍ଷତା ସମ୍ବନ୍ଧରେ ସନ୍ଦିହାନ ହୋଇ, ସେ ୧୯୬୦ ସାଲରୁ ସମସ୍ତ ସମ୍ପତ୍ତି ଦେବୀ କନକଦୁର୍ଗାଙ୍କ ଠାରେ ଅର୍ପଣ କରି ତାଙ୍କର ଜଣେ ସେବକଭାବରେ ଦିନାତିପାତ କରୁଛନ୍ତି । 'ମୋହନ ନିକେତନ'ରେ ଏକା ପଡ଼ିଥାଆନ୍ତି ଏବଂ ବ୍ୟବସାୟ ବୁଝାସୁଝା କରୁଥାଆନ୍ତି ।

ଅଗଷ୍ଟମାସ, ଶେଷ ସପ୍ତାହରେ ହଠାତ୍ ଖବର ପାଇଲି—ବୃଦ୍ଧ ମୋହନ ଚରଣଙ୍କ ଅବସ୍ଥା ସଙ୍କଟାପନ୍ନ । କର୍କଟରୋଗାକ୍ରାନ୍ତ । ଡାକ୍ତର-ଖାନାରୁ ପଳାଇଆସିଲେ । 'ମୋହନ ନିକେତନ'ରେ ରହି ଚିକିତ୍ସିତ ହେଉଛନ୍ତି । ମାତ୍ର ଇହଜଗତରେ ରହିବାକୁ ତାଙ୍କର ଆଉ ମନନାହିଁ ।

ସ୍ଥିର କରିଥିଲି—ସକାଳେ ଯାଇ ତାଙ୍କୁ ଶେଷଥରପାଇଁ ଦେଖି ଆସିବି । କିନ୍ତୁ ତାହା ହୋଇପାରିଲା ନାହିଁ । ଜରୁରୀ କାମରେ କଟକରୁ ହଠାତ୍ ବାହାରିକୁ ଚାଲିଗଲି ।

Digitized by srujanika@gmail.com

ଗସ୍ତଭିତରେ ଖବରପାଇଲି—ମୋହନଚରଣ ଆଉ ଇହଧାମରେ ନାହାନ୍ତି ।

ଦୁଃଖହେଲା ମନରେ, ଆଉଥରେ ତାଙ୍କୁ ଦେଖି ନ ପାରିବାରୁ । କଟକକୁ ଫେରିଆସି ଜାଣିଲି—ମୃତ୍ୟୁର ଅବ୍ୟବହିତ ପୂର୍ବରୁ, ପରିଜନଙ୍କ ଉପରେ ଆସ୍ଥା ହରାଇ, ସକଳ ସମ୍ପତ୍ତିର ରକ୍ଷଣାବେକ୍ଷଣ ଭାର ଗୋଟିଏ ଟ୍ରଷ୍ଟ ହାତରେ ଅର୍ପଣ କରିଦେଇ ଯାଇଛନ୍ତି ।

ଯୋଗଜନ୍ମା ମୋହନ ଚରଣଙ୍କର ଦୃଢ଼ ସଙ୍କଳ୍ପ ବିଷୟ ସ୍ମରଣ କରି, ନିଜକୁ ପଚାରିଲି—ତାଙ୍କର ପ୍ରକୃତ ଦାୟାଦ କିଏ ? ଏହି ମହାନ୍ କୀର୍ତ୍ତି ଅକ୍ଷୟ ରହିବ ବା କିପରି ?

Digitized by srujanika@gmail.com

ସରଳା ଦେବୀ

ଯେଉଁ ଦିନ ମୋହନ ନିକେତନରେ ପଶିଲେ ମୋହନବାବୁଙ୍କ ସହିତ ପରିଚୟ ପାଇଲି ସେଦିନ ବହୁକ୍ଷଣ ସେ ନିଜର ଜୀବନ ଇତିହାସ କହିଥିଲେ । ମୁଁ ଆଶ୍ଚର୍ଯ୍ୟ ହୋଇ ତାଙ୍କର ଅଧ୍ୟବସାୟ ଓ ଅବ୍ୟଭିଚ୍ଛିର କର୍ମ ସାଧନାରେ ଅତ୍ୟନ୍ତ ଏକାଗ୍ରତାର କାହାଣୀ ଶୁଣି ନିଜର କାନକୁ ବିଶ୍ୱାସ ଗଲିନାହିଁ । ଯେଉଁ ଓଡ଼ିଆଙ୍କୁ କଲିକତା ଲୋକେ ଅଲସୁଆ ମୂର୍ଖ ନିର୍ବୋଧ କହି ଥଟ୍ଟା କରନ୍ତି ନାକଟେକନ୍ତି ସେହି ଓଡ଼ିଆଙ୍କ ଭିତରୁ ଏହି ବ୍ୟକ୍ତି ଶତପ୍ରକାର ବାଧା ଲଙ୍ଘିନା ଏଡ଼ି ନିଜକୁ ସମାଜର ଆଭିଜାତ୍ୟ ଅବସ୍ଥାରେ ପହଞ୍ଚାଇ ଦେଲେ । ଏହା ଗୋଟିଏ ଆଶ୍ଚର୍ଯ୍ୟ କଥା ।

ଅତି ସାଧାରଣ ଅବସ୍ଥାରୁ ସେ ନିଜର ଆତ୍ମପ୍ରତିଷ୍ଠା କରିବାର ପ୍ରେରଣା ନିଜ ଅଗ୍ରପୁରୁଷଙ୍କଠାରୁ ପାଇ ନଥିଲେ ସ୍ୱାବଲମ୍ବୀ ହୋଇ ଆଜି ପ୍ରେସ୍ ଘରଦ୍ୱାର ଏବଂ ବିଶ୍ୱବିଖ୍ୟାତ ସାହିତ୍ୟଗୁଡ଼ିକ ଓଡ଼ିଆଭାଷାରେ ପ୍ରକାଶ କରିବାର ଗୌରବ ପାଇଥାନ୍ତେ କି ? ଆଗେ କଟକରେ ରଙ୍ଗିନ ପ୍ରଚ୍ଛଦପଟ ଓ ଛବି ଛପିବାକୁ ଲେଖକ ମୁଦ୍ରାକର କଲିକତା ପ୍ରେସର ଶରଣ ନେଉଥିଲେ । କିନ୍ତୁ ମୋହନବାବୁଙ୍କ ଉଚ୍ଚାଭିଳାଷ ହେତୁ ସେ କଟକରେ ମନମୋହନ ପ୍ରେସ୍‌ରେ ତାହା ପ୍ରଥମେ ସମ୍ଭବ କଲେ । ଏ କୃତି ସାମାନ୍ୟ ନୁହେଁ ଏ ଦୁଃସାହସ ମଧ୍ୟ ଅନୁକରଣୀୟ ।

ଓଡ଼ିଆ ସାହିତ୍ୟକୁ ବିଦଗ୍ଧ ଢଙ୍ଗରେ ପରିବେଷଣ କରିବାକୁ ତାଙ୍କର ପ୍ରେରଣାରେ ସୁଯୋଗ୍ୟପୁତ୍ର ପ୍ରଫୁଲ୍ଲ ଚନ୍ଦ୍ର ବିଶ୍ୱବିଖ୍ୟାତ ନୋବେଲ ପ୍ରାଇଜ ପ୍ରାପ୍ତ ବହିଗୁଡ଼ିକ ତର୍ଜମା କରାଇ ପ୍ରକାଶ କରିଥିଲେ । ଓଡ଼ିଆ ସାହିତ୍ୟ ଓ ଭାଷାକୁ ସେ ଯେଉଁ ସମ୍ପଦ ଦାନ କରିଗଲେ ତାହା ଓଡ଼ିଆଜାତିର ଅବିସ୍ମରଣୀୟ । ଏହାଦ୍ୱାରା ସେ କେବଳ ତାଙ୍କର ପଇସା ହେବବୋଲି

Digitized by srujanika@gmail.com

କାର୍ଯ୍ୟ କରି ନ ଥିଲେ । ସେ ଓଡ଼ିଆ ସାହିତ୍ୟର ଉନ୍ନତ ସ୍ରଷ୍ଟା ଥିଲେ । ନିଜେ କିଛି ପାଠ ନ ପଢ଼ି ସେ ଯେପରି ସାରସ୍ୱତ ସେବା କରି ନିଜର ମୁଦ୍ରଣାଳୟକୁ ଓ ନିଜର ବ୍ୟକ୍ତିତ୍ୱକୁ ମର୍ଯ୍ୟାଦା ଦେଇଛନ୍ତି ତାହା ଅତୁଳ ।

ସେ ଏକ ନିଷ୍ଠାପର କର୍ମିଷ୍ଠବରେ କଲିକତାରେ ଅତୀତକାଳରେ ଓଡ଼ିଆଙ୍କ ପାଇଁ ବନ୍ଧୁ, ଔଷଧ, ଗୁଣ୍ଡି, ଗୁଡ଼ାଖୁ ଦୋକାନ କରି ଶତଶତ ଓଡ଼ିଆଙ୍କୁ ସୁଖୀ କରୁଥିଲେ । କଲିକତା ବଜାରରେ ପ୍ରଥମ ପ୍ରଚେଷ୍ଟାରେ ସେ ଆତ୍ମପ୍ରତିଷ୍ଠା କରିଥିଲେ । ଏହା ଏକ କେନ୍ଦ୍ରିକ ଚେଷ୍ଟା ଓ ମନୋବୃତ୍ତିର ପୁରସ୍କାର । ଗରିବଲୋକଙ୍କୁ ପୋଷିବାର ଦାକ୍ଷିଣ୍ୟବୃତ୍ତି ତାଙ୍କର ଥିଲା । ନିଜେ ଗରିବଲୋକ ଥିଲେବୋଲି ଗରିବଙ୍କ ଦୁଃଖ ବୁଝି ଥିଲେ । ହୃଦୟବତ୍ତା ତାଙ୍କର ଏକ ସଦଗୁଣ ଥିଲା । ଏହି ଦୃଢ଼ ସଙ୍କଳ୍ପିତ ବ୍ୟକ୍ତିଙ୍କର ସ୍ମୃତିକୁ ମୋହନ ନିକେତନରେ ତାଙ୍କର ପୁତ୍ରମାନେ ବଞ୍ଚାଇ ରଖିଲେ ପ୍ରକୃତରେ ସେମାନେ ପିତୃତର୍ପଣର ଯୋଗ୍ୟ ଦାୟାଦରୂପେ ପରିଚିତ ହେବେ । ତା' ନହେଲେ କାଳର କରାଳ ଗ୍ରାସରେ ତାଙ୍କର ସୁକୀର୍ତ୍ତି ଓ ଉଚ୍ଚାଭିଳାଷ ଲିଭିଯିବ । ମୋହନବାବୁଙ୍କ ବିୟୋଗରେ ଆଜି ଆମ୍ଭେମାନେ ବଡ଼ ଦୁଃଖିତ । ମାତ୍ର ତାଙ୍କର ଆଦର୍ଶ ଆଜି ଉତ୍କଳର ସବୁ ପ୍ରେସ ମାଲିକମାନଙ୍କୁ ସତ୍‌ସାହସ ଓ ଜାତୀୟ ପୀଠରେ ନିଷ୍କାମ ନିରଳସ ସେବା କରିବାର ପ୍ରେରଣା ଦେଉ ଏହା ମୁଁ ଆଶା କରେ ।

ସେ ପ୍ରଥମ ଥର ଦେଖି ଘରେ ଆତିଥ୍ୟ ସତ୍କାର କରିଥିବା କଥା ମୁଁ ଭୁଲି ପାରିବି ନାହିଁ । ତାଙ୍କର ବ୍ୟବହାରରେ ସୌଜନ୍ୟ ପ୍ରକାଶ ଏବଂ ବିନମ୍ରଭାବ ମୃଦୁତା ଥିଲା । ସେ ବହୁସମ୍ପତ୍ତି କରିଥିଲେ ମଧ୍ୟ ନିଜକୁ ଦୀନହୀନ ଅକିଞ୍ଚନ ବୋଲି ମନେ କରୁଥିଲେ । ଏହି ଦୈନ୍ୟଭାବହିଁ ତାଙ୍କର ବ୍ୟକ୍ତିତ୍ୱର ମହତ୍ତ୍ୱକୁ ମହିମାନ୍ୱିତ କରିଥିଲା । ତାଙ୍କର ଆତ୍ମାର ସଦ୍‌ଗତି କାମନା କରୁଅଛି ।

Digitized by srujanika@gmail.com

ଓଡ଼ିଆ ପୁସ୍ତକ ବ୍ୟବସାୟର ବର୍ତ୍ତମାନ ଏବଂ ଭବିଷ୍ୟତ

ଶ୍ରୀ ଅରକ୍ଷିତ ଦାସ, ଏମ୍.ଏ.

ମହାମୁନି ଚାଣକ୍ୟ ଲେଖିଛନ୍ତି—'ନ ଚ ବିଦ୍ୟା ସମୋ ବନ୍ଧୁ'; ଅର୍ଥାତ୍ ବିଦ୍ୟାସମାନ ବନ୍ଧୁ ଜଗତରେ ଦୁର୍ଲ୍ଲଭ । ବିଦ୍ୟାଶିକ୍ଷା ପୁସ୍ତକକୁ ଆଶ୍ରୟକରି ମିଳିଥାଏ । ତେଣୁ ବିଦ୍ୟାଶିକ୍ଷା ଓ ପୁସ୍ତକ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ।

ଦିନଥିଲା, ଯେତେବେଳେ ଲୋକେ କାଗଜରେ ବ୍ୟବହାର କରି ଶିଖି ନଥିଲେ । କଥାଟା ନିତାନ୍ତ ଅବାନ୍ତର ନୁହେଁ । କାରଣ ଏବେ ମଧ୍ୟ ଆମେ ତାଳ ପତ୍ରରେ ଲିଖିତ ଅନେକ ଗୁଡ଼ିଏ ପୋଥି ଦେଖିବାକୁ ପାଉଁ । ସେତେବେଳେ ତାଳପତ୍ର ଉପରେ ଲେଖନୀ ସାହାଯ୍ୟରେ କବିମାନେ ତାଙ୍କର କର୍ମମୟ ଜୀବନର ସାଧନାର ଉତ୍କର୍ଷ, ଚିନ୍ତାର ଅଧ୍ୟବସାୟ ବଳରେ ଲିପିବଦ୍ଧ କରିଯାଇଥିଲେ । କି କଠୋର ସେ ସାଧନା ! ସିଦ୍ଧି ମଧ୍ୟ କି ମହନୀୟ ନ ! ସାରଳାଯୁଗରୁ ଆରମ୍ଭ କରି ମଧ୍ୟଯୁଗୀୟ ଭଞ୍ଜ ସାହିତ୍ୟ ପର୍ଯ୍ୟନ୍ତ ଯେତେ ଯେତେ ବିରାଟ କାବ୍ୟ ସାହିତ୍ୟ ଏ ପର୍ଯ୍ୟନ୍ତ ଦୃଷ୍ଟି ପଥାରୂଢ଼ ହୋଇଛି, ସବୁ ସେହି ପୁରାତନ ପଦ୍ଧତି ତାଳପତ୍ରରେ ଲେଖାଯାଇଥିଲା । ତାଳପତ୍ରରେ ସିଧା ସଳଖ ରେଖା ଟାଣି ଲେଖିବାକୁ ଗଲେ ଲେଖନୀ ମୁନରେ ତାଳପତ୍ର ଚିରି ଖଣ୍ଡ ବିଖଣ୍ଡିତ ହୋଇଯିବା ଆଶଙ୍କାରେ ତତ୍କାଳୀନ କବିମାନେ ଆମର ଲିପିକୁ ଗୋଲକାର ଆକୃତି ଦେବାକୁ ଚେଷ୍ଟା କରିଥିଲେ, ଯାହା କି ଏବେ ବି ଅନୁସୃତ ହୋଇ ଆସୁଛି । ତେଣୁ ଓଡ଼ିଆ ଭାଷା, ବଙ୍ଗ ଭାଷା ଓ ଆସାମୀ ଭାଷା ସଦୃଶ ଏକ ମାତୃଭାଷା

Digitized by srujanika@gmail.com

ସଂସ୍କୃତରୁ ଉଦ୍ଭୂତ ହୋଇଲେ ମଧ୍ୟ ଆକୃତିରେ ଏହା ଦକ୍ଷିଣ ଭାରତୀୟ ଲିପିର ଗଠନ ପ୍ରଣାଳୀ ସହ ଅଧିକ ସାମ୍ୟତା ରକ୍ଷା କରି ପାରିଛି ।

କ୍ରମେ ବିଜ୍ଞାନର ଉନ୍ନତି ଫଳରେ ଲୋକେ କାଗଜର ବ୍ୟବହାର କରି ଶିଖିଲେ ଓ ଲେଖନୀ ଛାଡ଼ି କଲମ ଧରି ଜାଣିଲେ । ତାଳପତ୍ରରେ ଲେଖିବା ଯେତିକ ଆୟାସସାଧ୍ୟ, କାଗଜରେ ଲେଖିବା ତତୋଧିକ ସହଜ । ତେଣୁ ତାଳପତ୍ରର ବ୍ୟବହାର ଦିନକୁ ଦିନ କମିବାକୁ ଲାଗିଲା ଓ କାଗଜର ଆଦର ଓ ଲୋକପ୍ରିୟତା ବୃଦ୍ଧି ପାଇବାରୁ ବହୁଳ ବ୍ୟବହାର ମଧ୍ୟ ହେଲା । ପ୍ରଥମେ ହାତରେ ଲୋକେ କାଗଜ ତିଆରି କରି ବ୍ୟବହାର କରୁଥିଲେ । କ୍ରମେ ମେସିନ୍ ଦ୍ୱାରା ଏହା ଉତ୍ପନ୍ନ ହେଲା । ଏହାର ଆବଶ୍ୟକତା ଏତେ ଗଭୀର ଭାବରେ ଅନୁଭୂତ ହେଲା ଯେ ଲୋକେ କାଗଜ ବିନା ସଭ୍ୟ ଜଗତରେ ରହିବା ଅସମ୍ଭବ ମନେ କଲେ ।

ବେଦର ଅନ୍ୟ ନାମ ଶ୍ରୁତି । ଲୋକେ ଗୁରୁଙ୍କ ମୁଖରୁ ଯାହା ଶୁଣୁଥିଲେ ତାହା ପରସ୍ପର ଭିତରେ ଆଲୋଚନା, ସମାଲୋଚନା ଆବୃତ୍ତି କରି ମୁଖସ୍ଥ କରୁଥିଲେ । ତେଣୁ ଗୁରୁକୁଳ ସମାଜରେ ଶ୍ରେଷ୍ଠ ସମ୍ମାନାସ୍ପଦ ବ୍ୟକ୍ତି ଥିଲେ ।

ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା

ଗୁରୁ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈ ଶ୍ରୀ ଗୁରବେ ନମଃ । ଗୁରୁ ଜ୍ଞାନର ପ୍ରତୀକ । ଏ ଯୁଗଭଳି ବାଧ୍ୟତା ମୂଳକ ଶିକ୍ଷାର ପ୍ରସାର କରିବା ସେ ସମୟର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନଥିଲା । ତେଣୁ ଯେଉଁମାନେ ଶିକ୍ଷାପାଇବାର ଯୋଗ୍ୟ ବିବେଚିତ ହେଉଥିଲେ ସେଇମାନଙ୍କୁ କେବଳ ଗୁରୁ ବାଛି ନେଇ ଶିକ୍ଷା ଦେଉଥିଲେ । ତେଣୁ ଶିକ୍ଷାର ମାନ ଯଥେଷ୍ଟ ଉନ୍ନତ ଧରଣର ହେଉଥିଲା । ଅଧୁନା ଲୋକପ୍ରିୟ କଂଗ୍ରେସ ସରକାର ଗୁରୁକୁଳାଶ୍ରମର ମହତ୍ତ୍ୱ ଉପଲବ୍ଧି କରି ପୁନା

Digitized by srujanika@gmail.com

ଠାରେ ଗୋଟିଏ ଆଶ୍ରମ ଖୋଲିଛନ୍ତି ଓ ଦେଶର ଅନ୍ୟାନ୍ୟ ପ୍ରାନ୍ତରେ ଆଉ କେତେକ ଆଶ୍ରମ ଖୋଲିବାପାଇଁ ସ୍ଥିର କରିଛନ୍ତି । କାୟିକ ପରିଶ୍ରମ କରି ଅଙ୍ଗର ସୌଷ୍ଠବ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଗୁରୁଙ୍କର ପଦସେବା କରି ବିଦ୍ୟା ଅଧ୍ୟୟନ ପୂର୍ବକ ଜ୍ଞାନ ବିକାଶ କରିବା ତତ୍କାଳୀନ ଶିକ୍ଷାର ମୂଳଲକ୍ଷ୍ୟ ଥିଲା ।

ଆଜିର ଶିକ୍ଷା ବହୁମୁଖୀ । ବିଜ୍ଞାନର ପ୍ରସାର ସଙ୍ଗେ ସଙ୍ଗେ ମୁଦ୍ରା ଯନ୍ତ୍ରର ଆବିଷ୍କାର ହେଲା ଓ ନାନା ପ୍ରକାର ପୁସ୍ତକ ମୁଦ୍ରିତ ହୋଇ ମାନବର ପଠନେଚ୍ଛା ପୂରଣ କରିବାରେ ଯଥେଷ୍ଟ ସାହାଯ୍ୟ କଲା । ତଥାପି ଆଧୁନିକ ସଭ୍ୟମାନବର ଅଭାବ ବହୁ ପରିମାଣରେ ବଢ଼ି-ଯାଇଛି । ତା ସଙ୍ଗେ ସଙ୍ଗେ ମଣିଷ ଅଧିକରୁ ଅଧିକ ବିଳାସୀ ଏବଂ ଅଳସୁଆ ହୋଇ ପଡ଼ୁଛି । ପୂର୍ବର ସେ କର୍ମତତ୍ପରତା ନାହିଁ । ପୁସ୍ତକ ମୁଦ୍ରଣ ପାଇଁ ବିଭିନ୍ନ ପ୍ରକାରର ମୁଦ୍ରାଯନ୍ତ୍ର, ଦେଶ ବିଦେଶର ସମ୍ବାଦ ଶୁଣିବା, ଜାଣିବା ପାଇଁ ରେଡ଼ିଓ, ଗୁଡ଼ାଏ ଲେଖିବା ଦ୍ୱାରା ଅଙ୍ଗପୀଡ଼ାରୁ ଅବ୍ୟାହତି ପାଇବା ପାଇଁ ଟାଇପ୍ ମେସିନ୍, ସମ୍ବାଦ ପରିବେଷଣ ପାଇଁ ଟେଲିଭିଜନ, ଟେଲିପ୍ରିଣ୍ଟର ତଥା ଅନେକାନେକ ଯାନ୍ତ୍ରିକ ଉଦ୍ଭାବନ ମନୁଷ୍ୟ ଜଗତର ଅଭାବ କେତେକାଂଶରେ ପୂରଣ କରି ପାରିଥିଲେ ମଧ୍ୟ ପୂର୍ଣ୍ଣତା ଆଣିବା ପାଇଁ ସକ୍ଷମ ହୋଇ ପାରି-ନାହିଁ । କାରଣ ମାନବର ଜିଗୀଷା ବର୍ତ୍ତମାନ କ୍ରମବର୍ଦ୍ଧିଷ୍ଣୁ ସ୍ତରରେ ଅଛି । ଦେଶରେ ସର୍ବତ୍ର ଅନେକ ସ୍କୁଲ୍, କଲେଜ ଖୋଲିବା ଦ୍ୱାରା ଶିକ୍ଷାର ପ୍ରସାର ଘଟିଛି । ଲୋକଙ୍କ ମଧ୍ୟରେ ପୁସ୍ତକ ପାଠ କରିବା ପାଇଁ ପ୍ରବୃତ୍ତି ମଧ୍ୟ ବଢ଼ିଛି । ତେଣୁ ଗ୍ରାମେ ଗ୍ରାମେ ସରକାରୀ ସାହାଯ୍ୟରେ ହେଉ ବା ବ୍ୟକ୍ତି ବିଶେଷଙ୍କ ଦାନର ଫଳ ସ୍ୱରୂପ ହେଉ ପାଠାଗାର-ମାନ ସ୍ଥାପିତ ହୋଇ ଲୋକଙ୍କ ଜ୍ଞାନ ପିପାସା ମେଣ୍ଟାଇବାରେ ସାହାଯ୍ୟ କରୁଛି ।

Digitized by srujanika@gmail.com

ପୂର୍ବକାଳରେ ରାଜନ୍ୟବର୍ଗ ଶିକ୍ଷାର ପ୍ରଧାନ ପୃଷ୍ଠପୋଷକ ଥିଲେ । ତାଙ୍କର ଅକାତର ବଦାନ୍ୟତା ଫଳରେ ବଡ ପଣ୍ଡିତମାନେ ସେତେବେଳେ ସର୍ବଦା ସାହିତ୍ୟ ସାଧନାରେ ନିଜକୁ ନିୟୋଜିତ କରି ରଖୁଥିଲେ । ଖାନାପିନା ପାଇଁ ତାଙ୍କୁ ମୁଣ୍ଡ ଖେଳାଇବାକୁ ପଡ଼ୁ ନଥିଲା । ରାଜାଙ୍କଠାରୁ, ବୃତ୍ତି ନିଷ୍କର ଜମି ପାଇ ନିଶ୍ଚିନ୍ତରେ କାଳାତିପାତ କରୁଥିଲେ । ସେତେବେଳେ ସାହିତ୍ୟଥିଲା ସୌଖୀନ ସାଧନାର କ୍ଷେତ୍ର । କିନ୍ତୁ କାଳକ୍ରମେ ବସ୍ତୁବାଦ ଯୁଗରେ ସାହିତ୍ୟ ସାଧନା ଅର୍ଥକରୀ ବୃତ୍ତିରେ ପରିଣତ ହେଲା ।

'ବିନାଶ୍ରୟେ ନ ବର୍ତ୍ତନ୍ତେ କବିତା ବନିତା ଲତା' ନ୍ୟାୟରେ ଏବେ ମଧ୍ୟ ସାହିତ୍ୟର ଉନ୍ନତି ପାଇଁ ଶାସକ ବର୍ଗ ନାନା ଉପାୟରେ ପୃଷ୍ଠ ପୋଷକତା ଦେଖାଇ ଆସୁଛନ୍ତି । ସାହିତ୍ୟ ଏକାଡ଼େମୀ ଗଠିତ ହୋଇ ତାହାର ମାଧ୍ୟମରେ ପ୍ରତିବର୍ଷ ବିଭିନ୍ନ ଶ୍ରେଣୀର ଲେଖକମାନଙ୍କୁ ତାଙ୍କର ବିଭିନ୍ନ ବିଭାଗର କୃତି ପାଇଁ ସାର୍ଟିଫିକେଟମାନ ପ୍ରଦାନ ପୂର୍ବକ ତାଙ୍କର ସୃଜନ୍ତ୍ମକ ସୃଜନୀ ପ୍ରତିଭାକୁ ସମ୍ମାନ ଦେଖାଇବା ସଙ୍ଗେ ସଙ୍ଗେ ତାଙ୍କୁ ପ୍ରଚୁର ଅର୍ଥ ସାହାଯ୍ୟ ଦେଇ ସମଧିକ ଉନ୍ନତତର ସାହିତ୍ୟ ସୃଷ୍ଟି କରିବା ପାଇଁ ଉତ୍ସାହିତ କରୁଛନ୍ତି । ଉନ୍ନତ ଧରଣର ଲେଖାମାନ ଥାଇଲେ ତାହା ଯୋଗ୍ୟ ସମୀକ୍ଷକମାନଙ୍କ ଦ୍ୱାରା ପରୀକ୍ଷା କରାଇ ତାହାର ସାରବତ୍ତା ଉପଲବ୍ଧି କରି ପାରିଲେ ତାହା ସରକାରଙ୍କଦ୍ୱାରା ପ୍ରକାଶ ଲାଭ କରୁଛି । ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ବିଭିନ୍ନ ବିଷୟରେ ଉତ୍କୃଷ୍ଟ ସାହିତ୍ୟ ପୁସ୍ତକମାନ ସରକାରଙ୍କ ଦ୍ୱାରା କ୍ରୟ କରାଯାଇ ଗ୍ରାମାଞ୍ଚଳରେ ଥିବା ପାଠାଗାରମାନଙ୍କୁ ଯୋଗାଇ ଦିଆ ଯାଉଛି ।

ସମାଜର ଦଳିତ, ପତିତ, ଅବହେଳିତ ଲୋକଙ୍କୁ ଉଠାଇବା ପାଇଁ ଆଧୁନିକ ଲେଖକଙ୍କ ଲେଖାର ଅଭିମୁଖ୍ୟ ବଦଳିବା

Digitized by srujanika@gmail.com

ଉଚିତ୍ । ସମାଜରେ ଯେପରି ସୁସ୍ଥ ବାତାବରଣ ସୃଷ୍ଟି ହୋଇ ବଳିଷ୍ଠ ନାଗରିକ ଗଠିତ ହୋଇ ପାରିବେ ସେଥିପାଇଁ ଲେଖକମାନେ ତାଙ୍କର ଶୈଳୀ ପରିମାର୍ଜିତ କରିବା ଉଚିତ୍ । ପ୍ରକାଶକମାନେ ମଧ୍ୟ ସେହିଭଳି ଲେଖାମାନ ପ୍ରକାଶ କରିବା ପାଇଁ ଆଗ୍ରହ ଓ ନିଷ୍ଠା ପ୍ରକାଶ କରିବା ସମୟୋପଯୋଗୀ । ହୋଇପାରେ ଉନ୍ନତଧରଣର ଲେଖା ପ୍ରକାଶ କରିବା ଦ୍ୱାରା ସେମାନେ ଅଧିକ ଲାଭବାନ ହୋଇ ନ ପାରନ୍ତି, ତଥାପି ସେମାନେ ଉଚ୍ଚମାନର ସାହିତ୍ୟ ଗ୍ରନ୍ଥ ପ୍ରକାଶ କରିବାକୁ ସତତ ଚେଷ୍ଟିତ ହେବା ଉଚିତ । ପୂର୍ବର ଶିକ୍ଷିତ ସଂଖ୍ୟା ଅନୁପାତରେ ଏବର ଶିକ୍ଷିତଙ୍କ ସଂଖ୍ୟା ଯଥେଷ୍ଟ ଅଧିକ । କିନ୍ତୁ ଆଧୁନିକ ଶିକ୍ଷାର ବ୍ୟବସ୍ଥା କ୍ରମବର୍ଦ୍ଧିଷ୍ଣୁ ଜନ ସମାଜ ପ୍ରତି ପର୍ଯ୍ୟାପ୍ତ ନୁହେଁ । ଯୁଗୋପଯୋଗୀ ଲେଖାମାନ ପ୍ରକାଶ କରିବା ଦ୍ୱାରା ଅର୍ବାଚୀନ ଲେଖକମାନେ ଉତ୍ସାହ ଓ ପ୍ରେରଣା ଲାଭ କରି ପ୍ରତିଭାର ବିକାଶ କରିବାକୁ ସୁଯୋଗ ପାଇବା ସଙ୍ଗେ ସଙ୍ଗେ ପ୍ରାକ୍ତନ ଲେଖକମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କ ସମକକ୍ଷ ହେବାକୁ ଯତ୍-ପରୋନାସ୍ତି ଚେଷ୍ଟା କରିବେ ।

ପୁସ୍ତକ ଶିକ୍ଷା ବିସ୍ତାରର ଏକ ଅବଲମ୍ବନ ମାତ୍ର । ଆଜିକାଲି ଶିକ୍ଷାର ପ୍ରସାର ଘଟିବା ଫଳରେ ବିଭିନ୍ନ ବିଷୟବସ୍ତୁକୁ ଆଶ୍ରୟ କରି ପୁସ୍ତକମାନ ବିରଚିତ ହୋଇ, ମୁଦ୍ରିତ ହୋଇ ଜ୍ଞାନର ପ୍ରସାର କରିବାରେ ସହାୟ କରୁଅଛି । ପୂର୍ବେ ଲେଖକର ଲକ୍ଷ୍ୟ ଥିଲା, ତାହାର ଲେଖା ପ୍ରକାଶ ପାଇଁ ଜନସାଧାରଣଙ୍କ ହାତକୁ ଆସୁ । ପୁସ୍ତକ ବିକ୍ରୟଲବ୍ଧ ଧନରେ ଲେଖକର ପରିବାର ପ୍ରତିପୋଷିତ ହେବେ ଏହା ବିଡମ୍ବନାର ବସ୍ତୁ ଥିଲା । କିନ୍ତୁ ବର୍ତ୍ତମାନର ଲେଖକ ଯାହା କିଛି ଲେଖୁଛି, ତାହା ଯେପରି ଅର୍ଥକରୀ ହେବ ସେଥିପ୍ରତି ଅଧିକ ଧ୍ୟାନ ଦେଉଛି । କେତେବେଳେ ପ୍ରକାଶକର ବରାଦ ମୁତାବକ ସେ

Digitized by srujanika@gmail.com

ଲେଖୁଛୁ ତ କେତେବେଳେ ପାଠକର ରୁଚି ପ୍ରତି ଧ୍ୟାନ ଦେଇ ଲେଖୁଛୁ । 'Style is the Man' ଅର୍ଥାତ୍ ଲେଖାର ଶୈଳୀରୁ ଲେଖକର ମନୋବୃତ୍ତି ସହଜରେ ଧରିହେବ । କିନ୍ତୁ ଆଜିର ସାହିତ୍ୟ ଏତେ ପ୍ରତାରଣାମୂଳକ ଯେ ଏହା ମରୀଚିକା ସଦୃଶ ଦୂରରୁ ସତ୍ୟର ଧାରଣା ଆଣି ଦେଉଥିଲେ ମଧ୍ୟ ମିଥ୍ୟା ପ୍ରମାଣିତ ହେଉଛି ।

ଅବୈତନିକ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଚାଲୁ ହେବା ପରଠାରୁ ଅଧିକ ସଂଖ୍ୟାରେ ପିଲାମାନେ ଶିକ୍ଷାର ସୁବିଧା ଗ୍ରହଣ କରିବାକୁ ସୁଯୋଗ ପାଇଛନ୍ତି । ଆମ ଲୋକପ୍ରିୟ କଂଗ୍ରେସ ସରକାର ଅବୈତନିକ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ବାଧ୍ୟତାମୂଳକ ଶିକ୍ଷା ବ୍ୟବସ୍ଥା ରୂପେ ଚାଲୁ କରିବାକୁ ସ୍ଥିର କରିଛନ୍ତି । ଏ ବ୍ୟବସ୍ଥା ପ୍ରଚଳନ କଲେ ଦେଶରେ ଶିକ୍ଷିତଙ୍କ ସଂଖ୍ୟା ନିଶ୍ଚୟ ବଢ଼ିବ ଏଥିରେ ସନ୍ଦେହର ଅବକାଶ ନାହିଁ ନିରକ୍ଷରତା ଦୂରୀକରଣ ସଙ୍ଗେ ସଙ୍ଗେ ସ୍ୱାକ୍ଷରଙ୍କ ସଂଖ୍ୟାବୃଦ୍ଧି କରିବା ସରକାର ମହୋଦୟଙ୍କ ଲକ୍ଷ୍ୟ ।

କିନ୍ତୁ ଏହାର ପ୍ରତିବନ୍ଧକ ଅନେକ । ପ୍ରଥମତଃ ଅର୍ଥର ଘୋର ଅନାଟନ , ଦ୍ୱିତୀୟତଃ ଉପଯୁକ୍ତ ଶିକ୍ଷକଙ୍କ ଅଭାବ, ତୃତୀୟତଃ ସ୍ଥାନାଭାବ ତଥା ଆନୁଷଙ୍ଗିକ ଉପକରଣ ଇତ୍ୟାଦିର ଅଭାବ । ତେଣୁ ବାଧ୍ୟତାମୂଳକ ଶିକ୍ଷା ବ୍ୟବସ୍ଥା ଶୀଘ୍ର ଚାଲୁ କରି ଯାଇପାରୁ ନାହିଁ । ଆଜି ସଂଖ୍ୟାବାଚକ ଶିକ୍ଷିତଙ୍କ ସଂଖ୍ୟା ବଢ଼ିଥିଲେ ମଧ୍ୟ ଗୁଣବାଚକ ଶିକ୍ଷିତଙ୍କ ସଂଖ୍ୟା ଆଦୌ ବଢ଼ି ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ତଥାକଥିତ ଶିକ୍ଷିତଙ୍କ ଚତୁଃପାର୍ଶ୍ୱସ୍ଥ ପରିବେଷ୍ଟନୀ ବିଷୟରେ ସାଧାରଣ ଜ୍ଞାନ ଏତେ ସୀମିତ ଯେ ତାହା ଶୁଣିଲେ ହାସ୍ୟ ସମ୍ବରଣ କରି ରହି ହେବ ନାହିଁ । ତେଣୁ ଶିକ୍ଷିତ ବ୍ୟକ୍ତିଙ୍କର ବଳ.ସିତା ସହସ୍ରଗୁଣ ବୃଦ୍ଧି ପାଇଥିଲେହେଁ ଆଧ୍ୟାତ୍ମିକ ଭାବର ବିକାଶ ତଦନୁରୂପ ହୋଇ ପାରି ନାହିଁ ।

Digitized by srujanika@gmail.com

ବିଜ୍ଞାନ ଜଡ଼ ଜଗତ ବିଷୟରେ ଠିକଣାଟି ଧାରଣା ଆଣିଦେଇଥିଲେ ମଧ୍ୟ ମଣିଷର ମନରୁ ତାହାର ଧର୍ମଭାବ ଲୋପ କରିଦେଉଛି । ଦିନକୁଦିନ ଅଧିକରୁ ଅଧିକ ମାନବ ସ୍ୱାର୍ଥପର ହୋଇ ଯାଉଛି । ପର ପାଇଁ ଯେ ନଜର କରିବା କର୍ତ୍ତବ୍ୟ ଅଛି ତାହା କାହାର ମନକୁ ସ୍ପର୍ଶ କରୁ ନାହିଁ ।

ଓଡ଼ିଆ ସାହିତ୍ୟରେ ବିଜ୍ଞାନର ବିଷୟବସ୍ତୁକୁ ନେଇ ୮।୧୦ ବୈଜ୍ଞାନିକ ସାହିତ୍ୟ ପୁସ୍ତକ ଯାହା ଛପା ଯାଇଛି ତାହା ପର୍ଯ୍ୟାପ୍ତ ନୁହେଁ । ତେଣୁ ସେ ବିଷୟରେ ଯେପରି ଅଧିକରୁ ଅଧିକ ଗବେଷଣା ମୂଳକ ତଥ୍ୟ ସମ୍ବଳିତ ଲେଖାମାନ ପ୍ରକାଶ ପାଏ ସେଥିପ୍ରତି ଉଭୟ ଲେଖକ ଓ ପ୍ରକାଶକ ଚେଷ୍ଟା କରିବା ବିଧେୟ ।

ବର୍ବର, ବିଶ୍ୱାସଘାତକ ଚୀନର ଅତର୍କିତ ଆକ୍ରମଣରେ ଆମ ଦେଶର ଯବାନମାନେ ଯେଉଁ ଅଭୂତପୂର୍ବ ଧୈର୍ଯ୍ୟ, ସାହସ ଓ ସ୍ୱଦେଶପ୍ରୀତି ଦେଖାଇ ଆତ୍ମବଳି ଦେଲେ ତାହାର ଦୃଷ୍ଟାନ୍ତ ଇତିହାସରେ ବିରଳ । ପୁରାତନ ସାହିତ୍ୟରେ ଯେଉଁ ଗୃହଣ କବିମାନେ ସମର କବିତା ଲେଖିଥିଲେ, ତାହା ଆଧୁନିକ ପରିସ୍ଥିତିକୁ ଠିକ୍‌ଭାବେ ଖାପ ଖାଉନାହିଁ । ତେଣୁ ଏପରି ସଙ୍କଟସନ୍ଧି ବେଳେ ଦେଶର ଯୁବ ସମାଜ କିପରି ସଂଘବଦ୍ଧ ହୋଇ ଦେଶ ମାତୃକାର ରକ୍ଷାପାଇଁ ସ୍ୱତଃପ୍ରବୃତ୍ତ ହୋଇ ଯୁଦ୍ଧର ଡାକରା ପାଇବା ସଙ୍ଗେ ସଙ୍ଗେ ଜୀବନ ପ୍ରଦାନ କରିବେ, ସେଥିପାଇଁ ନୂତନ ଧରଣର ଗୃହଣ କବିତା (ବା ସମର କବିତା) ମାନ ଲେଖାଯାଇ ବହୁଳ ଭାବେ ପ୍ରଚାରିତ ହେବା ଦରକାର ।

ପୁସ୍ତକ ବ୍ୟବସାୟର ଅତୀତ ଯାହା ଥିଲା, ଏବେ ତାହା ଦେଖିଲେ ଉତ୍ସାହପ୍ରଦ ନୁହେଁ । କାରଣ ଏହା ବର୍ତ୍ତମାନ ପକ୍ଷାଘାତ ରୋଗୀ ସଦୃଶ ଯନ୍ତ୍ରଣାମୁଖର । ପାଠ୍ୟ ପୁସ୍ତକର ଜାତୀୟକରଣ, ପୁସ୍ତକ

Digitized by srujanika@gmail.com

ବ୍ୟବସାୟରେ ଗୋଟିଏ ବିସ୍ମୟକର ଶୂନ୍ୟମଣ୍ଡଳ ସୃଷ୍ଟି କରିଛି । ତେଣୁ ଏହାର ଭବିଷ୍ୟତ ଯେ ଉଜ୍ଜ୍ୱଳମୟ, ଏହା କେତେକ ମତ ପୋଷଣ କରୁଥିଲେ ମଧ୍ୟ ଅଧିକାଂଶ ଏହାର ଭବିଷ୍ୟତ ବିଷୟରେ ଆଶାହୀନ ।

(କ) ପ୍ରଥମ ଶ୍ରେଣୀଭୁକ୍ତ ବ୍ୟକ୍ତି ବିଶେଷ କହନ୍ତି ଯେ, ଆଜି-କାଲି ବଡ଼ ବଡ଼ ଜନପଦରୁ ଆରମ୍ଭ କରି ଅପନ୍ତରା ଗାଁ ଗଣ୍ଡାରେ ମଧ୍ୟ ଲାଇବ୍ରେରୀମାନ ଖୋଲାଯାଉଛି । ସରକାର ସେ ଲାଇବ୍ରେରୀ-ଗୁଡ଼ିକୁ ପ୍ରତିବର୍ଷ ଅର୍ଥ ସାହାଯ୍ୟ ଦେଉଅଛନ୍ତି, ଯଦ୍ଦ୍ୱାରେ କି ଉଦ୍ୟୋକ୍ତା-ମାନେ କିଛି କିଛି ପୁସ୍ତକ କ୍ରୟକରି ତାହାର କଳେବର ବୃଦ୍ଧି କରିବା ସଙ୍ଗେ ସଙ୍ଗେ ସର୍ବସାଧାରଣଙ୍କୁ ଶିକ୍ଷାପ୍ରତି ଆକୃଷ୍ଟ କରିବାର ଲକ୍ଷ୍ୟ ପୂରଣ ନିମିତ୍ତ ଚେଷ୍ଟା କରୁଛନ୍ତି । କିନ୍ତୁ ଦୁଃଖର କଥା ଦେଖା ଯାଉଛି ଯେ, ସେମାନେ ଉପାଦେୟ ଗ୍ରନ୍ଥମାନ ଯେତିକି କିଣୁ ନାହାନ୍ତି, ବିଭତ୍ସ ନଗ୍ନ ସାହିତ୍ୟରୁ ବହୁଳ ପରିମାଣ ପୁସ୍ତକ ନେଇ ଲାଇବ୍ରେରୀର ଅଙ୍ଗ ମଣ୍ଡନ କରୁଛନ୍ତି ।

(ଖ) ପ୍ରତି ସହରମାନଙ୍କରେ ଏକାଧିକ କଲେଜ ସ୍ଥାପନ ପାଇଁ ଦାବିମାନ ପ୍ରତି ପ୍ରାନ୍ତରୁ ଆସୁଛି । ଶିକ୍ଷାପ୍ରତି ଲୋକଙ୍କ ମଧ୍ୟରେ ଆଗ୍ରହ ଅଛି । ଅର୍ଥ ସଂଗ୍ରହ, ସ୍ଥାନାଭାବ ଏହାର ପ୍ରତିବନ୍ଧକ ହୋଇ ପାରୁନି । ଏପରିକି ନାରୀମାନେ ଉଚ୍ଚଶିକ୍ଷା ପାଇବାପାଇଁ ସହପାଠ ଉଦ୍ୟମକୁ ସର୍ବାନ୍ତକରଣରେ ସ୍ୱାଗତ କରୁଛନ୍ତି । ଶିକ୍ଷାପାଇବା, ପୁସ୍ତକ ପାଠ କରିବା, ଜ୍ଞାନ ଆହରଣ କରିବା ପାଇଁ ଯେଉଁ ପ୍ରବଳ ଆକାଙ୍କ୍ଷା ଜାଗ୍ରତ ହୋଇଛି, ଏହା ଦେଶ, ଜାତି ଓ ସମାଜ ପକ୍ଷରେ ଅତ୍ୟନ୍ତ ମଙ୍ଗଳଦାୟକ । ଶିକ୍ଷାର ବିସ୍ତାର ଅର୍ଥ ଅଧିକ ପୁସ୍ତକର କ୍ରୟ ବିକ୍ରୟ, ତଥା ପଠନ । ତେଣୁ ପୁସ୍ତକ ବ୍ୟବସାୟର ଭବିଷ୍ୟତ ସମୁଜ୍ଜ୍ୱଳ । ଅବଶ୍ୟ ଲୋକଙ୍କ ରୁଚି ଅନୁଯାୟୀ ଭଲ ଛାପା,

Digitized by srujanika@gmail.com

ଉତ୍କୃଷ୍ଟ କାଗଜ, ଉପାଦେୟ ଲେଖା, ଉତ୍ତମ ବନ୍ଧାଇ ଥାଇ ପୁସ୍ତକ ପ୍ରକାଶ ପାଇଲେ ତାହା ଅଚିରେ ଲୋକଙ୍କଦ୍ୱାରା ଆଦୃତ ହେବ ଏଥିରେ ସନ୍ଦେହ ନାହିଁ । ସମୟ ଥିଲା, ଯେତେବେଳେ ଲୋକଙ୍କ ସ୍ୱଳ୍ପ ମୂଲ୍ୟର ବହି କିଣିବାକୁ ପଶ୍ଚାଦ୍ ପଦ ହେଉଥିଲେ; କିନ୍ତୁ ଏବେ ଯେତେ ମୂଲ୍ୟପଡ଼ୁ ପଛେ, ଯଦି ନୟନ ତୃପ୍ତିକର ଓ ମନୋଲୋଭା ଆକର୍ଷଣୀୟ ପରିପାଟୀ ନେଇ ପୁସ୍ତକ ପ୍ରକାଶ ପାଏ, ତେବେ ତାହା ନିଶ୍ଚୟ ସାଗ୍ରହେ କ୍ରୟ କରାଯିବ ।

ଦ୍ୱିତୀୟ ଶ୍ରେଣୀର ଲୋକମାନଙ୍କ ମତ :

(କ) ଆମର ଦେଶରେ ପାଠକଙ୍କ ସଂଖ୍ୟା ଖୁବ୍ କମ୍ । ଅଧିକାଂଶ ଲୋକେ ଗୃହାରେ ମାଗିନେଇ ବହି ଟିକେ ପଢ଼ିଦେବାକୁ ଇଚ୍ଛା କରନ୍ତି । ନିଜ ପକେଟରୁ ନିଜ ହାଡ଼ଭଙ୍ଗା ରୋଜଗାରରୁ ପଇସା ଖର୍ଚ୍ଚ କରି ବହି ଖଣ୍ଡିଏ କିଣି ପଢ଼ିବାକୁ ସେମାନେ ପ୍ରସ୍ତୁତ ନୁହନ୍ତି । ସିନେମାଦେଖାରେ ପଛେ ମାସକୁ ୧୫।୨୦ ଟଙ୍କା ଉଡ଼ିଯାଉ ଘରକୁ ମାସକୁ ଖଣ୍ଡିଏ ହେଲେ ଭଲ ବହି କିଣା ନ ଯାଉ ।

(ଖ) ତଦୁପରି କେତେକ ଲୋକ ଲାଇବ୍ରେରୀରେ ବସି ବହି ପଢ଼ିଦେବାକୁ ଅଧିକ ପସନ୍ଦ କରନ୍ତି । କିନ୍ତୁ ନିଜ ପାଖରେ ଖଣ୍ଡିଏ କିଣିକରି ରଖିବାକୁ ଭଲ ପାଆନ୍ତି ନାହିଁ କାରଣ ଅର୍ଥାଭାବ ତାଙ୍କର ଇଚ୍ଛାର ପଥ ରୋଧ କରିଦିଏ ।

(ଗ) କାଳ ମହରଗ ସମୟରେ ଯାହାକିଛି ରୋଜଗାର କଲେ ସବୁ ତ ଗଲା ପେଟକୁ ଆଉ କ'ଣ ବା ବଳିଲା ଯେ, ସେଥିରେ, ଗୃହସ୍ୱାମୀ ବହିଟିଏ କିଣି ତାର ସାହିତ୍ୟପ୍ରୀତି ଅନୁରାଗ ପ୍ରକାଶ କରିବ ? ତେଣୁ ବିଦ୍ୟାଚର୍ଚ୍ଚାର ସ୍ଥାନ ଖାଦ୍ୟ ସମସ୍ୟାର ବହୁ ତଳରେ ।

Digitized by srujanika@gmail.com

(ଘ) ଅଳ୍ପ ବିଦ୍ୟା ଭୟଙ୍କରୀ, ଯିଏ ଦୁଇଧାଡ଼ି ପଢିଲା, ଟିକିଏ ଲେଖି ଶିଖିଲା ସେ ଆଜିକାଲି ଲେଖକ କବି ବୋଲାଉଛନ୍ତି । ବ୍ୟାକରଣ ଜ୍ଞାନ, ସାହିତ୍ୟ ଜ୍ଞାନ ମୋଟେରୁ ନଥାଉ ପଛେ କଥିତ ଭାଷାର ଅନୁକରଣରେ ଦୁଇ ଚାରି ଧାଡ଼ି ଲେଖିଦେଲେ ବାସ୍ତବ-ବାଦୀ ସାହିତ୍ୟିକ ଆଖ୍ୟାଟା ଶୀଘ୍ର ମିଳିଯିବ । ତେଣୁ ସମସ୍ତେ ବାଞ୍ଛିତ, ଅବାଞ୍ଛିତ ବିଷୟକୁ ନେଇ ଲିଖିତ ଲେଖାମାନ ଧରି ପ୍ରକାଶକମାନଙ୍କ ଦ୍ୱାରସ୍ଥ ହୋଇ ତାହା ଅତିଶୀଘ୍ର ପ୍ରକାଶ କରି ପ୍ରଚାର କରିବା ପାଇଁ ଅନୁନୟ ବିନୟ କରୁଛନ୍ତି । ଯଦି ଏଭଳି ଲେଖକମାନଙ୍କୁ ରୟଲଟି ଦେବାକୁ ଅବ୍ୟାହତି ମିଳିବା ଅଭିପ୍ରାୟରେ ପ୍ରକାଶକମାନେ ସାହାଯ୍ୟ କରନ୍ତି ,ତେବେ ସେ ବହିଗୁଡ଼ିକ ତ ବିକି ହେବ ନାହିଁ ଅଥଚ ପ୍ରକାଶକ ବଦନାମ ଅର୍ଜନ କରନ୍ତି । ଯେଉଁମାନେ ପ୍ରକୃତରେ ଜ୍ଞାନର ସାଗର ସେଇମାନେ କେବଳ ଲେଖନୀ ଧରି ପୁସ୍ତକ ପ୍ରଣୟନ କରିବା ଉଚିତ୍ ଏବଂ ପୁସ୍ତକ ଜରିଆରେ ଜ୍ଞାନ ବିତରଣ କରିବା ଉଚିତ । ନଚେତ୍ ସୀମିତ ଜ୍ଞାନ ସ୍ୱଳ୍ପବିଦ୍ୟା ବୁଦ୍ଧିରେ ଲେଖକ ନିଜେ ତ ଅଜ୍ଞାନାନ୍ଧ କୂପରେ ନିପତିତ , ସେ ବା ଅନ୍ୟକୁ କୁଆଡ଼ୁ ଆଲୋକର ପଥ ଦେଖାଇବ ?

(ଙ) କେତେକ ଲେଖକ ଅନ୍ୟାନ୍ୟ ପଡ଼ୋଶୀ ସାହିତ୍ୟର ଆକ୍ଷରିକ ଅନୁବାଦ କରି ପ୍ରକାଶକଙ୍କ ଆଗରେ ଥୋଇଦେଇ ଏହା ଖାଣ୍ଟି ମୌଳିକ ଲେଖା ଭାବେ ପ୍ରମାଣିତ କରି ସେଥିପାଇଁ ଅମାପ ରୟଲଟି ଦାବୀ କରି ବସନ୍ତି । ଏଭଳି ଅବିମୃଷ୍ୟକାରୀ ଲେଖକମାନଙ୍କୁ ସର୍ବଦା ନିରୁତ୍ସାହିତ କରିବା ଉଚିତ । ପ୍ରତିବେଶୀ ସାହିତ୍ୟର ଅନ୍ଧ ଅନୁକରଣ ନ କରି ମୌଳିକ ଲେଖାମାନ ପ୍ରକାଶ କରିବାରେ ପ୍ରକାଶ ସତତଃ ସଜାଗ ରହିବା ବାଞ୍ଛନୀୟ ।

Digitized by srujanika@gmail.com

(ଚ) ସୁଦୃଶ୍ୟ ପୁସ୍ତକମାନ ପ୍ରକାଶନ ନ ପାଇବାର କାରଣ, ଆମ ଲିପିର ଦୋଷ । ଯେ ପର୍ଯ୍ୟନ୍ତ ଲିପିର ସଂସ୍କାର ନ ହୋଇଛି, ଯାନ୍ତ୍ରିକ ପ୍ରଣାଳୀରେ ଓଡ଼ିଆ ଭାଷାରେ କମ୍ପୋଜ ନ ହୋଇ ପାରୁଛି, ଭଲ ମୁଦ୍ରଣ ଯନ୍ତ୍ର ସ୍ଥାପନ ନ ହୋଇ ପାରୁଛି, ଭଲ କାରଗରୀ ଶିକ୍ଷାପ୍ରାପ୍ତ ମେସିନ-ଚାଳକ ମୁଦ୍ରଣ ଯନ୍ତ୍ରର ଦାୟିତ୍ୱ ନ ନେଇଛନ୍ତି, ଭଲ କାଳି ତଥା ଅନ୍ୟାନ୍ୟ ଉପକରଣ ଗୁଡ଼ିକର ବହୁଳ ପ୍ରୟୋଗ ସମ୍ବନ୍ଧରେ ସମ୍ୟକ୍ ଧାରଣା ଅର୍ଜନ ନ କରି-ପାରିଛନ୍ତି ସେତେ ଦିନ ପର୍ଯ୍ୟନ୍ତ ଆମ ମୁଦ୍ରଣ ଶିଳ୍ପ ତଥା ପୁସ୍ତକର ଛପାଇ ପ୍ରଣାଳୀ ଉନ୍ନତ ଧରଣର ହୋଇ ପାରିବ ନାହିଁ । ଫଳରେ ପଡ଼ୋଶୀ ରାଜ୍ୟରେ ଇଂରେଜୀ ପୁସ୍ତକର ସମକକ୍ଷ ପୁସ୍ତକମାନ ମୁଦ୍ରିତ ହୋଇ ଆତ୍ମ ପ୍ରକାଶ ଲାଭ କରୁଥିବା ବେଳେ ଓଡ଼ିଆ ଭାଷାରେ ପ୍ରକାଶିତ ପୁସ୍ତକଗୁଡ଼ିକ ଯଦି ଏ ଭଳି ଶ୍ରୀହୀନ କଳେବର ଧାରଣ କରି ପ୍ରକାଶ ପାଏ ତେବେ ତାହାର ଗ୍ରହଣୀୟତା ଆଦୌ ରହିବ ନାହିଁ ।

ବେସରକାରୀ ବ୍ୟବସାୟୀମାନେ ଓଡ଼ିଶାକୁ ଭଲ ଭଲ ଛପା ମେସିନମାନ ନ ଆସିବାର କାରଣ ହେଉଛି, ବର୍ତ୍ତମାନ୍ ସମାନ ଭାବେ କାର୍ଯ୍ୟର ଅଭାବ । ତେଣୁ ସେମାନେ ଏ ଦିଗରେ ବିଶେଷ ଧ୍ୟାନ ଦେଉ ନାହାନ୍ତି । ଫଳରେ ଭଲ ଭଲ ପୁସ୍ତକମାନ ସୁନ୍ଦର କଳେବର ନେଇ ପ୍ରକାଶ ପାଇ ପାରୁନାହିଁ କି ଲୋକଙ୍କ ଦ୍ୱାରା ସମାଦୃତ ହୋଇ ପାରୁନାହିଁ ।

ତେଣୁ ସରକାରୀ ତଥା ବେସରକାରୀ ଉଭୟ ଗୋଷ୍ଠୀ ମଧ୍ୟରେ ଯଦି ସୁସମ୍ପର୍କ ସ୍ଥାପିତ ହୁଏ ଏବଂ ପରସ୍ପର ପରସ୍ପରର ପରିପୂରକ ଭାବରେ କାର୍ଯ୍ୟକରନ୍ତି, ତେବେ ମୋର ବିଶ୍ୱାସ ପୁସ୍ତକ ବ୍ୟବସାୟ

Digitized by srujanika@gmail.com

ଭବିଷ୍ୟତରେ କ୍ଷତି କାରକ ନ ହୋଇ ଲାଭଜନକ ହେବ, ଏଥିରେ ଦ୍ୱିଧାର ଅବକାଶ ନାହିଁ ।

ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗକୁ ଉଦାର ହୃଦୟ ମିଶନାରୀମାନଙ୍କ ଯୋଗୁ ଆମ ଓଡ଼ିଶାରେ ପ୍ରଥମେ ଧର୍ମ ପୁସ୍ତକ ମୁଦ୍ରଣ କରି ପ୍ରକାଶ କରିବା ପାଇଁ ମିଶନ ପ୍ରେସର ଭିତ୍ତି ସ୍ଥାପନ କରିଥିଲେ । ମିଶନ ପ୍ରେସ ପରେ ପରେ ପ୍ରିଣ୍ଟିଂ କମ୍ପାନୀ, ପ୍ୟାଟ୍ରିଅଟ ପ୍ରେସ, ଏଡ଼ୱାର୍ଡ଼ ପ୍ରେସ, ୟୁନିଅନ ପ୍ରେସ, ଗୋବିନ୍ଦ ରଥ, ଚନ୍ଦ୍ରୋଦୟ ପୁସ୍ତକାଳୟ, ଅରୁଣୋଦୟ ପୁସ୍ତକାଳୟ ପ୍ରଭୃତି ଗୋଟିଏ ଗୋଟିଏ ଉଜ୍ଜ୍ୱଳ ଜ୍ୟୋତିଷ୍କ ଭଳି ଉତ୍କଳାକାଶରେ ସମୁଦ୍ଭବ ନିଜ ନିଜ ପ୍ରକାଶିତ ପୁସ୍ତକାଲୋକରେ ଉଦ୍ଭାସିତ କରିଦେଲେ । ଉପରୋକ୍ତ ପ୍ରେସ ଓ ପୁସ୍ତକାଳୟମାନଙ୍କ ମଧ୍ୟରୁ ଗୋଟିକର ହେଲେ ସତ୍ତା ନାହିଁ । ତଥାପି ସେମାନଙ୍କ ନାମ ଅମରାକ୍ଷରରେ ଲିପିବଦ୍ଧ ହୋଇ ରହିବ ।

ମନୋମୋହନ ପ୍ରେସ ଓ ପୁସ୍ତକାଳୟର ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗୀୟ ମୋହନ ଚରଣ ଦାସ ପ୍ରଥମେ କଟକର ଉପରୋକ୍ତ ପୁସ୍ତକ ବ୍ୟବସାୟୀ ଅନୁଷ୍ଠାନମାନଙ୍କରୁ ବହୁ ଆୟାସ ସହକାରେ ଓଡ଼ିଆ ବହିପତ୍ର ସଂଗ୍ରହ କରି କଲିକତାର ବିଭିନ୍ନ ଚଟକଲର ଶ୍ରମିକମାନଙ୍କୁ ବିକ୍ରୟ କରି ପ୍ରଚୁର ଲାଭବାନ ହେଲେ । ତାଙ୍କ ପୂର୍ବରୁ କୌଣସି ଓଡ଼ିଆ ଏପରି ଧରଣର ବ୍ୟବସାୟ କରିବାକୁ କେବେ ହେଲେ ଚେଷ୍ଟା କରି ନ ଥିଲେ ବା ଏହା ଏତେ ଲାଭଜନକ ବ୍ୟବସାୟ ଜାଣି ନ ଥିଲେ । ପ୍ରତିଦ୍ୱନ୍ଦ୍ୱିତାର ଅଭାବରୁ ତାଙ୍କର ଉତ୍ତରୋତ୍ତର ଉନ୍ନତି ହେବାକୁ ଲାଗିଲା । କାଳକ୍ରମେ ସେ ଜଣେ କୋଟିପତିର ଆସନ ଅଳଙ୍କୃତ କରି ଶାନ୍ତିରେ ଶେଷ ନିଃଶ୍ୱାସ ତ୍ୟାଗକରି ପାରିଲେ ।

Digitized by srujanika@gmail.com

ତାଙ୍କର ବଶିଷ୍ଟ ଅବଦାନ ଭିତରେ ମନମୋହନ ପ୍ରେସ ଓ ପୁସ୍ତକାଳୟ ତଥା ମନମୋହନ ଔଷଧ ଭଣ୍ଡାର, ମନମୋହନ ଟ୍ରଷ୍ଟ୍ ଫାଉଣ୍ଡେସନ୍ ର ନାମ ଉଲ୍ଲେଖ ଯୋଗ୍ୟ । ସେ ନିଜ ପ୍ରଗାଢ଼ ଅଧ୍ୟବସାୟ ବଳରେ ମାସିକ ଦରମା ୨ଟଙ୍କାରେ ସାମାନ୍ୟ କମ୍ପୋଜିଟର ଚାକିରିରୁ ଉନ୍ନତି କରି କରି ଶେଷରେ ବିଶାଳ ସମ୍ପତ୍ତିର ଅଧିକାରୀ ହୋଇ ପାରିଲେ । ଏପରି ସୌଭାଗ୍ୟ ଖୁବ୍ କମ୍ ଲୋକଙ୍କ ଭାଗ୍ୟରେ ଘଟିଥାଏ ।

ବିଦେଶୀ ବିଭିନ୍ନ ଭାଷାରେ ଲିଖିତ ଅମୂଲ୍ୟ ଗ୍ରନ୍ଥ ସମୂହ ଓଡ଼ିଆ ଭାଷାରେ ଅନୁବାଦ କରି ପ୍ରକାଶ କଲେ ତାହା କେତେ ଦୂର ଆଦୃତ ହେଉଛି । ଏହି ଲକ୍ଷ୍ୟରେ ମନମୋହନ ପୁସ୍ତକାଳୟ ଓଡ଼ିଶାରେ ପ୍ରଥମେ ନୋବେଲ ପୁରସ୍କାର ପ୍ରାପ୍ତ ବିଭିନ୍ନ ସାହିତ୍ୟିକ-ମାନଙ୍କ ଅମର ଲେଖାମାନ ଅନୁବାଦପୂର୍ବକ ପ୍ରକାଶ କରି ଖୁବ୍ ସାହସିକ ପଦକ୍ଷେପ ନେଇଛନ୍ତି । ଏହା ଖୁବ୍ ସାହସ ଓ ଧୈର୍ଯ୍ୟର ସୂଚନା ଦିଏ । ଅନୁବାଦ ସାହିତ୍ୟ ପ୍ରକାଶକଙ୍କ ମଧ୍ୟରେ ମନମୋହନ ପୁସ୍ତକାଳୟ ସର୍ବାଗ୍ରଣୀ । ଓଡ଼ିଶାର ବଶିଷ୍ଟ ଔପନ୍ୟାସିକ ସ୍ୱନାମଧନ୍ୟ ଶ୍ରୀଯୁକ୍ତ କାହ୍ନୁଚରଣ ମହାନ୍ତିଙ୍କ ପ୍ରାୟ ସମସ୍ତ ଲେଖା ପ୍ରକାଶ କରି ସ୍ୱର୍ଗୀୟ ମୋହନ ଚରଣ ଦାସ ଓଡ଼ିଆ ସାରସ୍ୱତ ଭଣ୍ଡାରର ଶ୍ରୀବୃଦ୍ଧି କରିଯାଇଛନ୍ତି ।

ସାମାଜିକ କ୍ଷେତ୍ରରେ ସେ ଜଣେ ଅମାୟିକ ସ୍ୱଭାବର ବ୍ୟକ୍ତି ଥିଲେ । ସମସ୍ତଙ୍କ ସହ ହସ ଖୁସି କରି ଆତ୍ମୀୟତା ସ୍ଥାପନ କରିବା ତାଙ୍କ ଗୁଣର ଏକ ବୈଶିଷ୍ଟ୍ୟ ଥିଲା, ସେ ଜଣେ ଧାର୍ମିକ ଓ ଦୁର୍ଗା ଉପାସକ ଥିଲେ । ନିଜର ବାସଭବନର ପ୍ରାଙ୍ଗଣରେ ଗୋଟିଏ ମନ୍ଦିର ସ୍ଥାପନ କରି ସେଥିରେ ଶ୍ରୀଶ୍ରୀ ଦୁର୍ଗାଦେବୀ ତଥା ଶ୍ରୀ ରାଧାକୃଷ୍ଣଙ୍କ ମୋହନୀୟ ମୂର୍ତ୍ତି ପ୍ରତିଷ୍ଠା କରି ଅମର କୀର୍ତ୍ତି ରଖି ଯାଇଛନ୍ତି ।

Digitized by srujanika@gmail.com

ଯେତେ ଦିନ ପର୍ଯ୍ୟନ୍ତ ଉପରୋକ୍ତ ଅନୁଷ୍ଠାନମାନ ବଞ୍ଚି-ରହିଥିବ, ସେତେ ଦିନ ପର୍ଯ୍ୟନ୍ତ ତାଙ୍କ ନାମ ଅମରାକ୍ଷରରେ ଲିପିବଦ୍ଧ ହୋଇ ରହିଥିବ । ଭଗବାନ ତାଙ୍କର ଉତ୍ତରାଧିକାରୀମାନଙ୍କୁ ଶକ୍ତି ଓ ପ୍ରେରଣା ଦେଉନ୍ତୁ ଯେପରି ସେମାନେ ପ୍ରତିଷ୍ଠାତାଙ୍କ ଲକ୍ଷ୍ୟ ପୂରଣ କରିବା ଦିଗରେ ବ୍ରତୀ ହେବେ ଏବଂ ଅନୁଷ୍ଠାନର ରକ୍ଷଣାବେକ୍ଷଣ କରିବା ସଙ୍ଗେ ସଙ୍ଗେ ଉତ୍ତରୋତ୍ତର ଉନ୍ନତି କରିବେ, ଏହାହିଁ ଦୟାମୟଙ୍କ ନିକଟରେ ପ୍ରାର୍ଥନା ଓ କାମନା ।

Digitized by srujanika@gmail.com

ସ୍ୱର୍ଗତଃ ମୋହନ ଚରଣ ଦାସଙ୍କ ଜୀବନୀ ବିଷୟରେ ପଦେ

ସାରଦାପ୍ରସନ୍ନ ନାଏକ, ଏମ. ଏ.

ଓଡ଼ିଶାରେ ନିଜ ହାତରେ ଯେଉଁମାନେ ନିଜକୁ ଗଢ଼ି ତୋଳି ନିଜ ଗୋଡ଼ରେ ନିଜେ ଠିଆ ହୋଇ ପାରିଥିଲେ ମୋହନ ଚରଣ ସେମାନଙ୍କ ମଧ୍ୟରେ ଅନ୍ୟତମ । ନିଜର ପ୍ରଗାଢ଼ ଅଧ୍ୟବସାୟ, ଧୈର୍ଯ୍ୟ ଓ କର୍ମ ପ୍ରବଣତା ଦ୍ୱାରା ସେ ସମାଜରେ ଖୁବ୍ ଉଚ୍ଚ ଆସନ ଓ ପ୍ରତିଷ୍ଠା ଲାଭ କରିଥିଲେ ।

ସ୍ୱର୍ଗତଃ ମୋହନ ଚରଣ ଦାସ ୧୮୯୧ ଖ୍ରୀଷ୍ଟାବ୍ଦରେ ଜନ୍ମ ଗ୍ରହଣ କରିଥିଲେ । କିନ୍ତୁ ତାଙ୍କର ପୂର୍ବ ପୁରୁଷ ବଙ୍ଗଦେଶରୁ ଆସି ଓଡ଼ିଶାରେ ବସ ବାସ ସ୍ଥାପନ କରି ରହିଥିବାରୁ ତାଙ୍କର ବେଶ ରୀତି, ନୀତି, ଆଚାର, ବ୍ୟବହାର, ଏପରିକି କଥାବାର୍ତ୍ତାରେ ମଧ୍ୟ ପୁରାପୁରି ଓଡ଼ିଆ ହୋଇ ଯାଇଥିଲେ । ତାଙ୍କର ପିତା ଶମ୍ଭୁନାଥ ଦାସ ବୈଦ୍ୟଶାସ୍ତ୍ରୀ ଜଣେ ପ୍ରସିଦ୍ଧ କବିରାଜ ଥିଲେ । ତାଙ୍କର ସବା ବଡ଼ ଭାଇ କବିରାଜ କାହ୍ନୁଚରଣ ଦାସ ବୈଦ୍ୟଶାସ୍ତ୍ରୀ ମଧ୍ୟ ଜଣେ ପ୍ରସିଦ୍ଧ କବିରାଜ ଓ ହୋମିଓପ୍ୟାଥିକ୍ ଥିଲେ । ସ୍ୱର୍ଗତଃ ମୋହନ ବାବୁ ଶୈଶବ କାଳରେ ସାମାନ୍ୟ ବିଦ୍ୟାଶିକ୍ଷା କରି ଅର୍ଥ ଉପାର୍ଜନରେ ମନ ବଳାଇ ଥିଲେ ।

ଅଧିକ ରୋଜଗାରର ଆଶାକରି ସେ କଲିକତା ଯାତ୍ରା କଲେ । ସେଠାରେ ଆଙ୍ଗ୍ଲୋ ସଂସ୍କୃତ ପ୍ରେସ୍‌ରେ କମ୍ପୋଜିଟର କାମ କରି ମାସକୁ ପାଞ୍ଚରୁ ଶହେ ପଚିଶ ଟଙ୍କା ପର୍ଯ୍ୟନ୍ତ ଉପାର୍ଜନ କଲେ । ତାହାପରେ ସେ ବ୍ୟବସାୟ କରିବାକୁ ମନ ବଳାଇଲେ ।

Digitized by srujanika@gmail.com

୧୯୧୨ ମସିହାରେ ତତ୍କାଳୀନ ୪୮, ମସ୍ଜିଦ କେଲବୁକଲ, ବର୍ତ୍ତମାନର ଶଶୀଭୂଷଣ ଦେ ଷ୍ଟ୍ରିଟ୍ ଠାରେ ଗୋଟିଏ ବସ୍ତ୍ରଦୋକାନ ସ୍ଥାପନ କଲେ ଓ ଧୀରେ ଧୀରେ କେତେକ ବହି ପ୍ରକାଶ କରିବାକୁ ଲାଗିଲେ। ଉଦ୍ୟୋଗୀ ପୁରୁଷକୁ ଲକ୍ଷ୍ମୀ ସଦା ସର୍ବଦା ପ୍ରସନ୍ନ ହୁଅନ୍ତି । ୧୯୨୧ ମସିହାରେ ସେ କଟକରେ ମନମୋହନ ପ୍ରେସ ସ୍ଥାପନ କଲେ ଓ ସେହି ଦିନଠାରୁ ତାଙ୍କର ପ୍ରଥମ ମ୍ୟାନେଜର ରୂପେ ଶ୍ରୀ ବାସୁଦେବ ନାୟକ ତାଙ୍କର ସମସ୍ତ ସୁଖ ଦୁଃଖରେ ମୃତ୍ୟୁ ପର୍ଯ୍ୟନ୍ତ ସଙ୍ଗ ହୋଇଥିଲେ। କଲିକତାଠାରେ ଓଡ଼ିଆ ସମାଜ ସ୍ଥାପନରେ ମୋହନବାବୁ ଅଗ୍ରଣୀ ଥିଲେ ଓ ତାଙ୍କର ସମାଜ ପାଇଁ କାର୍ଯ୍ୟ ସମସ୍ତଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ଓଡ଼ିଶାରେ ଯେତେଗୋଟି ଛାପାଖାନା ଅଛି ତନ୍ମଧ୍ୟରେ ମନମୋହନ ପ୍ରେସ୍ ସମସ୍ତ ପ୍ରକାର ଛାପାକାର୍ଯ୍ୟ ଓ ପୁରାଣ ଠାରୁ ଆରମ୍ଭ କରି ଉପନ୍ୟାସ ପର୍ଯ୍ୟନ୍ତ ସମସ୍ତ ପ୍ରକାର ପ୍ରକାଶନରେ ଉଚ୍ଚ ସ୍ଥାନ ଅଧିକାର କରିଆସୁ ଅଛି। ସେ ଲକ୍ଷ ଲକ୍ଷ ଟଙ୍କାର ସଂପତ୍ତି ଅର୍ଜନ କରି ଥିଲେ ସୁଦ୍ଧା ମୃତ୍ୟୁ ପର୍ଯ୍ୟନ୍ତ ସରଳ ଓ ନିରଳସ ଜୀବନ ଯାପନ କରୁଥିଲେ। ଦେବ ଦେବୀଙ୍କ ପ୍ରତି ତାଙ୍କର ଭକ୍ତି ଅଟଳ ଥିଲା। ସେଥିପାଇଁ ସେ ମୃତ୍ୟୁ ପୂର୍ବରୁ ତାଙ୍କର ସମସ୍ତ ବ୍ୟବସାୟ ତାଙ୍କ ଅଧିଷ୍ଠାତ୍ରୀ ଦେବୀ ଓ ଦେବ ମା' କନକ ଦୁର୍ଗା ଓ ରାଧାମୋହନଙ୍କ ନାମରେ କରିଦେଇ ଯାଇଛନ୍ତି। ଭାରତ ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ଦୁଇଟିଯାକ ଓଡ଼ିଆ ବହି ଯଥା ଔପନ୍ୟାସିକ ଗୋପୀନାଥଙ୍କର 'ପରଜା' ଓ ତାଙ୍କର ଅଗ୍ରଜ କାହ୍ନୁ ଚରଣଙ୍କର 'କା' ତାଙ୍କର ଦ୍ୱାରା ପ୍ରକାଶିତ। ପ୍ରସିଦ୍ଧ ଔପନ୍ୟାସିକ କାହ୍ନୁ ଚରଣଙ୍କର ଅଧିକାଂଶ ବହିର ସେ ପ୍ରକାଶକ। ଏହା ଛଡ଼ା ପୁରାଣ ସାହିତ୍ୟର ପ୍ରକାଶରେ ତାଙ୍କର ସ୍ଥାନ ଅତି ଉଚ୍ଚରେ।

Digitized by srujanika@gmail.com

ତାଙ୍କର ଦୁଇଗୋଟି ସ୍ତ୍ରୀ । ତାଙ୍କର ସନ୍ତାନ ସନ୍ତତି ନଅଟି । ସାତ ପୁଅ ଓ ଦୁଇ ଝିଅ । ତାଙ୍କର ବଡ଼ ପୁଅ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଦାସ ବିଖ୍ୟାତ ବଙ୍ଗ-ସାହିତ୍ୟ ସବୁ ଓଡ଼ିଆ ଭାଷାରେ ଅନୁବାଦ କରି ପ୍ରକାଶ କରାଇବାରେ ଅତ୍ୟନ୍ତ କୃତିତ୍ୱ ଅର୍ଜନ କରିଛନ୍ତି । ଅତ୍ୟନ୍ତ ଦୁଃସ୍ଥ ଅବସ୍ଥାରୁ ସମୋନ୍ନତ କରିଥିବାରୁ ଦୁଃସ୍ଥ ତଥା ସମ୍ବଳହୀନ ଲୋକମାନଙ୍କ ପ୍ରତି ତାଙ୍କର ଅତ୍ୟନ୍ତ ସ୍ନେହ ଓ ସହାନୁଭୂତି ଥିଲା । କେତେକ ଦରିଦ୍ର ଛାତ୍ରମାନଙ୍କୁ ମଧ୍ୟ ସେ ନିୟମିତ ରୂପେ ସାହାଯ୍ୟ କରୁଥିଲେ ।

ମୃତ୍ୟୁର କିଛି ଦିନ ପୂର୍ବରୁ ପ୍ରଫୁଲ୍ଲ ବାବୁ ଭାରତର ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ପାଖକୁ ତାଙ୍କର ଅସୁସ୍ଥତା ସମ୍ବାଦ ଜଣାଇ ପତ୍ର ଦେଇ ଥିଲେ ଓ ପ୍ରତି ବଦଳରେ ରାଷ୍ଟ୍ରପତି ଅତ୍ୟନ୍ତ ସାନ୍ତ୍ୱନା ମୂଳକ ଓ ଦର୍ଶନ ଭାବାପନ୍ନ ଉତ୍ତର ଦେଇଥିଲେ ।

ତାଙ୍କର ମୃତ୍ୟୁରେ ପ୍ରବାସୀ ଉତ୍କଳୀୟମାନେ ଏକ ଟାଣୁଆ କର୍ମୀ ହରାଇଲେ ଓ ସମସ୍ତ ଓଡ଼ିଶା ଯେ ଏକ କୃତୀ ପୁତ୍ରକୁ ହରାଇଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ସନ୍ତାନ ସନ୍ତତିଙ୍କର ଭବିଷ୍ୟତ ପାଇଁ ସେ ବହୁତ ସଂପତ୍ତି ରଖି ଦେଇ ଯାଇଛନ୍ତି । ତାଙ୍କର ସନ୍ତାନ-ମାନେ ପରସ୍ପର ମଧ୍ୟେ ଉତ୍ତମ ସ୍ନେହ, ଶ୍ରଦ୍ଧା ଓ ସହଯୋଗ ସ୍ଥାପନ କରି ତାଙ୍କର ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକୁ ଉତ୍ତମ ରୂପେ ପରିଚାଳନା କରିବା ଦ୍ୱାରାହିଁ ତାଙ୍କର ସର୍ବଶ୍ରେଷ୍ଠ ସ୍ମୃତି ରକ୍ଷା କରା-ଯାଇ ପାରିବ ।

ଭଗବାନ ତାଙ୍କର ଆତ୍ମାର ସଦ୍‌ଗତି କରନ୍ତୁ"—

Digitized by srujanika@gmail.com

ମୋର ଅନୁଭୂତିରୁ କେତୋଟି କଥା

ଶ୍ରୀ ଲକ୍ଷ୍ମୀଧର ଗରାବଡ଼୍

ମୋହନ ବାବୁ ସଂସାରରୁ ବିଦାୟ ନେଇ ଚାଲିଗଲେ । ଏକ ସାଧାରଣ ପରିବାରରେ ଜନ୍ମ ଗ୍ରହଣ କରି ସେ ମାସିକ ମାତ୍ର ଦୁଇ-ଟଙ୍କା ବେତନରେ ପ୍ରେସ କମ୍ପୋଜିଟର ଭାବରେ ଜୀବନ-ଯାତ୍ରା ଆରମ୍ଭ କରିଥିଲେ, କିନ୍ତୁ ଗଲାବେଳକୁ ବହୁଲକ୍ଷ ଟଙ୍କା ମୂଲ୍ୟର ସମ୍ପତ୍ତିର ଅଧିକାରୀ ହୋଇ ପାରିଥିଲେ ।

ଏହା ହିଁ ତେବେ କ'ଣ ମୋହନ ବାବୁଙ୍କ ଜୀବନର ବିଶେଷତ୍ୱ ? ଅବଶ୍ୟ ଧନର ଖେଳଚଉଆ ଏ ଦୁନିଆରେ ଏହା ନିଶ୍ଚୟ ଗୋଟିଏ ବଡ଼ କଥା । କିନ୍ତୁ ଏତିକି ଛଡ଼ା ମୋହନବାବୁଙ୍କ ଠାରେ ଆହୁରି ଅନେକ କିଛି ବିଶେଷତ୍ୱ ଥିଲା, ଯେଉଁଥି ଲାଗି କି ତାଙ୍କ ମୃତ୍ୟୁ ପରେ ତାଙ୍କର ସ୍ଥାନ ଖାଲି ରହିଲା ବୋଲି ଅନୁଭବ କରି ଯାଉଛି ।

ମୋହନ ବାବୁ ଜଣେ ବିଦ୍ୱାନ ବ୍ୟକ୍ତି ନ ଥିଲେ ତ ନିଶ୍ଚୟ ; ସ୍କୁଲ କଲେଜର ସାଧାରଣ ପାଠପଢ଼ା ମଧ୍ୟ ତାଙ୍କର ବେଶି କିଛି ନ ଥିଲା । ହେଲେ, ବିଦ୍ୟାର ଜଣେ ଶ୍ରେଷ୍ଠ ବାହକରୂପେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ତାଙ୍କର ସାଧନା ଅତୁଳନୀୟ ।

ଓଡ଼ିଶା ବାହାରେ, ବିଶେଷତଃ ଲକ୍ଷ ଲକ୍ଷ ପ୍ରବାସୀ ଓଡ଼ିଆଙ୍କ ମଧ୍ୟରେ ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରସାର ଓ ପ୍ରଚାର କରିବାରେ ମୋହନବାବୁ ଅଗ୍ରଗାମୀ ନେତା, କଲିକତାର ୪୮ ନଂ ଶଶୀଭୂଷଣ ଦେ ଷ୍ଟ୍ରୀଟରେ ତାଙ୍କ ପ୍ରତିଷ୍ଠିତ ଓଡ଼ିଆ ବହି ଦୋକାନ 'ମନମୋହନ

Digitized by srujanika@gmail.com

ପୁସ୍ତକାଳୟ’ ତାଙ୍କର ସମୁଜ୍ଜ୍ୱଳ କୀର୍ତ୍ତିସ୍ତମ୍ଭ ରୂପେ ବିଦ୍ୟମାନ। ଖାଲି ଓଡ଼ିଆ ବହି ନୁହେଁ, ବଟୁଆ, ଗୁଆକାତି, ଚୂନଖାଇ ଭଦ୍ରା-ତେଲ (ଚୂଆ) ଗାମୁଛା, ନିର୍ମାଲ୍ୟ କୋଥଳି, ଚନ୍ଦନ ଖଣ୍ଡି, ଦାନ୍ତଘଷା ଗୁଡ଼ାଖୁ ଆଦି ଯାହା କିଛି ଓଡ଼ିଆଙ୍କର ଅତି ପ୍ରିୟ, ପଦାର୍ଥ ସେ ସମସ୍ତର ଏକ ବିରାଟ ସଂଗ୍ରହାଳୟ ଏହି ଦୋକାନ ଖଣ୍ଡି କଲିକତାଠାରୁ ଆରମ୍ଭ କରି କଲିକତାର ସହରତଳି ଶିଳ୍ପାଞ୍ଚଳ ତଥା ସୁଦୂର ଆସାମ, ବର୍ମା, ନାଗପୁରରେ ବାସ କରୁଥିବା ଓଡ଼ିଆଙ୍କ ମଧ୍ୟରେ ବିଶେଷ ପ୍ରତିଷ୍ଠା ଅର୍ଜ୍ଜନ କରିଥିଲା। ସଂକ୍ଷେପରେ କହିଲେ ଏହା ଥିଲା—ଯାବତୀୟ ଓଡ଼ିଆ ଶିକ୍ଷା ସଂସ୍କୃତିର ଏକ ମହାନ ପୀଠ।

ଆଜକୁ ପ୍ରାୟ ପଚାଶବର୍ଷ ତଳେ ଜଣେ ଅର୍ଦ୍ଧଶିକ୍ଷିତ ଦରିଦ୍ର ଓଡ଼ିଆ ସନ୍ତାନ ପ୍ରବାସରେ ଏତିକି ପ୍ରତିଷ୍ଠା ଅର୍ଜ୍ଜନ କରିବା କେତେ କଷ୍ଟସାଧ୍ୟ ତାହା ସହଜରେ ଅନୁମାନ କରିଯାଇ ପାରେ। ବିଶେଷତଃ ‘କୁଲି ମଲିଆ’ର ଜାତି ଓଡ଼ିଆଙ୍କ ପ୍ରତି ସେକାଳେ ଯେଉଁ ବ୍ୟବହାର କଲିକତା ପ୍ରଭୃତି ଅଞ୍ଚଳରେ ହେଉଥିଲା, ସେଥିରୁ ସହିତ ତା’ର ସମ୍ମୁଖୀନ ହୋଇ ଅନ୍ୟ ଓଡ଼ିଆଙ୍କ ମଧ୍ୟରେ ମୋହନ-ବାବୁ ଦେଖାଇ ଦେଇ ଥିଲେ ଓଡ଼ିଆ ଜାତିର ଅତୀତ ସଭ୍ୟତା, ସଂସ୍କୃତି ଓ ସଂସ୍କୃତି କେତେ ମହାନ। ହତାଶ ପ୍ରବାସୀ ଓଡ଼ିଆଙ୍କ ପ୍ରାଣରେ ସେ ସଞ୍ଚାର କରିଥିଲେ ଆଶା ଓ ଆଶ୍ୱାସନା; ଉତ୍ସାହ ଓ ଆନନ୍ଦର ବିମଳ ଆଲୋକ।

ନିତ୍ୟ ନୂତନ ଉଦ୍ୟମ ଓ ପ୍ରଚାଣ୍ଡ ଅଧ୍ୟବସାୟ ମୋହନ ବାବୁଙ୍କ ଜୀବନର ମୂଳମନ୍ତ୍ର ଥିଲା। ଓଡ଼ିଆରେ ନିଜ ନିଆ ତିଆର ପୁସ୍ତକ ପ୍ରକାଶ କରିବା, ଓଡ଼ିଆ ଛାପା ଶିଳ୍ପରେ ପ୍ରଭୂତ ଉନ୍ନତି ସାଧନ କରିବା ସଙ୍ଗେ ସଙ୍ଗେ ସେ ନାନାବିଧ ଉପାଦେୟ ଔଷଧ

Digitized by srujanika@gmail.com

ତୈଳ ଓ ପ୍ରସାଧନ ସାମଗ୍ରୀମାନ ପ୍ରସ୍ତୁତ କରାଇ ଥିଲେ । ଏହି କାରଣରୁ ମା' ଲକ୍ଷ୍ମୀ ତାଙ୍କ ଉପରେ ଚିର ସୁପ୍ରସନ୍ନା ଥିଲେ ।

'ଧନ ଅର୍ଜ୍ଜିଲେ ଧର୍ମ କର'—ଏହି ଋଷିବାକ୍ୟ ସେ ତାଙ୍କ ଜୀବନରେ ବେଶ୍ ପାଳନ କରୁଥିଲେ । ଅବଶ୍ୟ ମୋହନବାବୁ କେଉଁଠି ଧର୍ମଶାଳା ତୋଳିଛନ୍ତି କି ନା ମୁଁ ଜାଣି ନାହିଁ । କିନ୍ତୁ ମୁଁ ଜାଣେ ବହୁ ଦୁଃସ୍ଥ ଓଡ଼ିଆ ଯୁବକ ତାଙ୍କର ଆଶ୍ରୟରେ ରହି କଲିକତାରେ ଥଇ ଥାନ ହୋଇଛନ୍ତି । କେତେକଙ୍କୁ ନିଜ ହାତରୁ ମୂଳଧନ ଦେଇ ବ୍ୟବସାୟ କ୍ଷେତ୍ରରେ ସେ ସୁପ୍ରତିଷ୍ଠିତ କରାଇଛନ୍ତି । ନେତା, କର୍ମୀ, ଛାତ୍ର, ଭ୍ରମଣକାରୀ ପ୍ରଭୃତିଙ୍କ ଠାରୁ ବେକାର ମଜୁରିଆଙ୍କ ପର୍ଯ୍ୟନ୍ତ କଲିକତା ପ୍ରବାସୀ ଓଡ଼ିଆ-ମାନେ ସେ କାଳରେ ମୋହନବାବୁଙ୍କ ନିକଟରେ ବରାବର ଆଦୃତ ହେଉ ଥିଲେ । ସେ ଥିଲେ ପ୍ରବାସରେ ସମସ୍ତଙ୍କର ପରମ ସହାୟକ ଓ ଆଶା ଭରସାର ସ୍ଥଳ—ସତେ ଯେପରି କି କଲିକତାରେ ଓଡ଼ିଆଙ୍କ ଯୋଗସୂତ୍ର ଅଫିସ ।

ଉପକାରର ପ୍ରତ୍ୟାଶା କାହାରିଠାରୁ କେବେ ସେ ରଖିଥିବାର ମୋର ମନ ହୁଏ ନାହିଁ । ବରଂ ଉପକୃତ ଲୋକଙ୍କଠାରୁ ସେ ପରବର୍ତ୍ତୀ କାଳରେ ଶତ୍ରୁ ବ୍ୟବହାର ପାଇଛନ୍ତି । ହେଲେ ସେଥି ପାଇଁ ସେ ଟିକେ ଚିନ୍ତିତ ହୋଇ ନାହାନ୍ତି । କିମ୍ବା କାହାରି ପ୍ରତି ପ୍ରତିଶୋଧର ପିପାସା କେବେ ତାଙ୍କଠାରେ ଦେଖା ଯାଇ ନାହିଁ । ଏ ପ୍ରକାର ଉଦାରତା ଖୁବ୍ କମ ଲୋକଙ୍କଠାରେ ଦେଖା ଯାଇଥାଏ ।

ମୋହନବାବୁଙ୍କ ବହି ବ୍ୟବସାୟ ସହିତ କିଛି କାଳ ଆଗରୁ ସମ୍ପୃକ୍ତ ଥିଲେ ମଧ୍ୟ ତାଙ୍କ ସହିତ ମୋ ପ୍ରତ୍ୟକ୍ଷ ପରିଚୟ ହେଲା ୧୯୬୪ ମସିହାରେ । କଲିକତାର ଶଶୀ ଭୂଷଣ ଦେ' ଷ୍ଟ୍ରୀଟରେ,

Digitized by srujanika@gmail.com

ତାଙ୍କ ବସାରେ ମୁଁ କିଛି ଦିନ-ଅତିଥି ହୋଇଥିଲି । ତାଙ୍କର ଶ୍ରଦ୍ଧାପୂର୍ଣ୍ଣ ଅମାୟିକ ବ୍ୟବହାର ତାଙ୍କ ସହିତ ମୋତେ ଚିର ବନ୍ଧୁତା ସୂତ୍ରରେ ଆବଦ୍ଧ ରଖିଲା ।

ଗୋଟିଏ ଘଟଣା ମନେ ପଡୁଛି—ଥରେ ଖଣ୍ଡିଏ ଛପା ମେସିନ କିଣିବା ପାଇଁ କଲିକତା ଯାଇ ମୁଁ ତାଙ୍କ ପାଖେ ପହଞ୍ଚିଲି । ତାଙ୍କୁ ସାଙ୍ଗରେ ଧରି ବଜାରରେ ୨।୩ଦିନ ବୁଲିବା ପରେ ମେସିନ୍ ସ୍ଥିର ହେଲା । କିନ୍ତୁ ମୋ ପାଖେ କିଛି ଟଙ୍କା ନିଅଣ୍ଟ ହେଲା । ତାଙ୍କୁ କିଛି ନ କହି ମୁଁ ଯେତେବେଳେ କଟକ ଫେରିବାକୁ ବାହାରେ ସେ ମୋତେ ପଚାରିଲେ, "କଅଣ ମେସିନ କିଣିବା କଥା ହେଲା ନାହିଁ କି ?" ମୁଁ ଯାଉଛି, ଦୁଇଦିନ ମଧ୍ୟରେ ଟଙ୍କା ଧରି ଫେରିବି"। ସେ ବିସ୍ମିତ ହେଲା ପରି କହିଲେ, "କାହିଁକି, କଲିକତାରେ କ'ଣ ଟଙ୍କାର ଅଭାବ ଅଛି ?" ତହିଁ ଆରଦିନ ମେସିନ କିଣାହେଲା । ଆବଶ୍ୟକ ଦୁଇହଜାର ଟଙ୍କା ସେ ପୂରଣ କଲେ, ଖାଲି ସେତିକ ନୁହେଁ, ମେସିନଟିକୁ ଯଥାବିଧି ନିରାପଦ ଅବସ୍ଥାରେ କଟକକୁ ବୁକ୍ କରିବା ପାଇଁ ସେ ଦୁଇ ଦିନ କାଳ ଯେଉଁ ଅକ୍ଳାନ୍ତ ପରିଶ୍ରମ କରିଛନ୍ତି, ମୁଁ ଦେଖି ବିସ୍ମିତ ହୋଇଯାଇଛି । ମୋ ନିଜ କାମ ପାଇଁ ମଧ୍ୟ ମୁଁ ଏତିକ ଶ୍ରମ ସ୍ୱୀକାର କରିବାକୁ ମନ ମଧ୍ୟରେ ପ୍ରସ୍ତୁତ ଥିଲି କି ନା ସନ୍ଦେହ । କଠୋର କର୍ମ ପ୍ରବଣତା ଯେ ସେ ଲୋକଟାର ଦେହରେ ରକ୍ତ ପାଲଟି ଯାଇଥିଲା ତାହା ମୁଁ ସେଇଦିନ ପ୍ରତ୍ୟକ୍ଷ ଅନୁଭବ କଲି ।

ତାଙ୍କ ସହିତ ଦୀର୍ଘ ସୁଳଣ ବର୍ଷର ବନ୍ଧୁତା ମୋ ଜୀବନର ଏକ ପରମ ସମ୍ପଦ । ପାରିବାରିକ ବା ବ୍ୟବସାୟଗତ କୌଣସି କାରଣରୁ ମନରେ କେବେ ଦୁଃଖ କଷ୍ଟ ହେଲେ ମୁଁ ଭୁବନେଶ୍ୱରୁ ତାଙ୍କ ପାଖକୁ ଧାଇଁ ଯାଏଁ । ତାଙ୍କର ସାନ୍ତ୍ୱନାବାଣୀ ଓ ସଦୁପଦେଶ

ଫଳରେ ମୋ’ ହୃଦୟର କଷ୍ଟ ବହୁ ପରିମାଣରେ ଉପଶମ ହୋଇ-
ଥାଏ ।

ସଂସାର ଚକ୍ରର ଆବର୍ତ୍ତନ ଭିତରେ ସାଧାରଣତଃ ଯାହା ଘଟିଥାଏ ମୋହନବାବୁଙ୍କ ଜୀବନ ଚକ୍ରରୁ ବ୍ୟତିକ୍ରମ ନ ଥିଲା । ସେ ବହୁବିତ୍ତଶାଳୀ ତଥା ବହୁକୁଟୁମ୍ବୀ ଥିଲେ । ଫଳରେ ତାଙ୍କର ଅନ୍ତିମକାଳ ଅଶାନ୍ତିପୂର୍ଣ୍ଣ ହୋଇ ଉଠିଲା । ହେଲେ ସେ ସତେ ଯେପରି କି ସେଥିପ୍ରତି ଆଦୌ ଭ୍ରୂକ୍ଷେପ କରୁ ନ ଥିଲେ । ସଂସାର ସଂଗ୍ରାମରେ ବିଜୟୀ ହେଲା ପରି ସେ ସବୁକୁ ବରଦାସ୍ତ କରି ଯେପରି କି ଆମ୍ଭମାନଙ୍କୁ ନୀରବ ନିର୍ଦ୍ଦେଶ ଦେଇ ଗଲେ—‘ମା ଭୈ’ ।

ତାଙ୍କର ସ୍ୱର୍ଗତ ଆତ୍ମା ଚିରଶାନ୍ତି ଲାଭ କରୁ, ଏଇ ମାତ୍ର କାମନା ।

Digitized by srujanika@gmail.com

ମୀମାଂସା

ଆଜିକାର ପରମାଣୁ ଯୁଗରେ
ଅଣୁ ଠୁ ବି ଆହୁରି କ୍ଷୁଦ୍ରତର ସେ—
ହେଲେ ବି ତାର ସ୍ଥାନ ଅଛି ଏ ଦୁନିଆଁରେ
ଅସ୍ତିତ୍ୱ ତାର ସ୍ୱୀକାର ନକରୁ କେହି
କରିବ ନିଷ୍ପତ୍ତି ଧନେ ଏ ମଣିଷ
ତେଣୁ ସେ ଅଙ୍କ ତାର ଖୋଜନ୍ତି ନିଜର ପ୍ରସଙ୍ଗରେ
ଉତ୍କର୍ଷ ବା ଅପକର୍ଷର ସଂଘର୍ଷେ
ଯେତେବେଳେ ପ୍ରଲୁବ୍ଧ ବାସନାରେ
ଖୋଜିବୁଲେ ନିଜର ଉତ୍ସଗ—
ସେତେବେଳେ ବିକ୍ଷୁବ୍ଧ ପ୍ରାଣ ତାର
ଆଲୋଡ଼ନ ଖୋଜେ—
କିନ୍ତୁ ପାଏ କି ?
ଏ ପ୍ରଶ୍ନରେ ମମତାର ମୋହରେ
ବିଜଡ଼ିତ ଚେତନାରେ
ସେ ଯେପରି ହରାଏ ନ ତାର ନିଜତ୍ୱ
ତଥାପି ସେ ଆତ୍ମକେନ୍ଦ୍ରିକ ହୋଇ
ଘୂରି ବୁଲେ ତାର ଅସ୍ତିତ୍ୱର ପାଇଁ
ଚହାନ୍ତର ଚକର ଭିତରେ
ସେ ଅସ୍ତିତ୍ୱ ବୋଧ କରେ

Digitized by srujanika@gmail.com

ଉଲ୍ଲସିତ ହୋଇ ଦେଖେ
ତାର ପ୍ରଜ୍ଞାର ସଜ୍ଞାକୁ—
ହେଲେ ସେ କିଛି ବୁଝେନା
ବୁଝିଲେ ବି ବ୍ୟକ୍ତ କରିବାର ଆସ୍ଥା ତାର ନାହିଁ
କାରଣ ସେ ଆବର୍ତ୍ତନରେ ଆବର୍ତ୍ତିତ
ତାକୁ କେନ୍ଦ୍ର ନ ମାନିଥ ପାରେ—
ହେଲେ ବିବର୍ତ୍ତନର ରୂପ ସେ ଦେଖେନା—
ସେମିତି ସେ ହଜି ଯାଏ—
ଆଉ ଖୋଜିଲେ ବି ମିଳେନା—

Digitized by srujanika@gmail.com